୫୯ତମ ବର୍ଷ ୧୫ ଅଗଷ୍ଟ ୨୦୧୬ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପରମ ନିଶ୍ଚୟତା | ... | ଶ୍ରୀଅରବିନ୍ଦ | ... | ୭ |
| ଭଗବାନଙ୍କ ସମ୍ବନ୍ଧରେ ଏକ ପୂର୍ଣ୍ଣାଙ୍ଗ ଧାରଣା | ... | ଶ୍ରୀଅରବିନ୍ଦ | ... | ୮ |
| ଭଗବାନ୍ ନିଜକୁ ଦେଇ ଦିଅନ୍ତି | ... | ଶ୍ରୀମା | ... | ୧୦ |
| ଆଧ୍ୟାତ୍ମିକ ସାମର୍ଥ୍ୟ | ... | ଶ୍ରୀମା | ... | ୧୧ |
| ଆତ୍ମନିବେଦନ ଓ ଆନନ୍ଦ | ... | ଶ୍ରୀମା | ... | ୧୩ |
| ଆତ୍ମାର ଆବିଷ୍କାର | ... | ଶ୍ରୀମା | ... | ୧୫ |
| ଭାରତହିଁ ଭଗବାନଙ୍କ ନିର୍ବାଚିତ ଦେଶ | ... | ଶ୍ରୀଅରବିନ୍ଦ | ... | ୧୭ |
| ଶ୍ରୀଅରବିନ୍ଦଙ୍କ ଆବିର୍ଭାବତିଥି | ... | ଅନିର୍ବାଣ | ... | ୨୦ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ସମାନ ଆସ୍ପୃହା ଯେଉଁମାନଙ୍କର | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୭ |
| ଅଗ୍ନି : ତେଜୋମୟ କ୍ରତୁ (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୭୭) | ... | ଶ୍ରୀଅରବିନ୍ଦ | ... | ୩୦ |
| 'ସିଦ୍ଧି'ର ବିଡ଼ମ୍ବନା (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୩୫ |
| ଭାରତ ସମ୍ବନ୍ଧରେ : ଶ୍ରୀମା | ... | ମମତା ଦାଶ | ... | ୪୦ |
| ମାନବସମାଜର ବିଭିନ୍ନ ଧର୍ମ ହିନ୍ଦୁ ଧର୍ମ (୪) | ... | ଶ୍ରୀପତି ଦାସ | ... | ୪୪ |
| ସେ ଚିର ଚିନ୍ମୟ... | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୬ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ନିତ୍ୟ ବୃନ୍ଦାବନ (୨) | ... | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ | ... | ... | ... | ୫୪ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ଆତ୍ମାର ସ୍ୱରୂପ | ... | ... | ... | ୫୭ |


❖

Turn your eyes more to the coming light and less to any immediate darkness.
(SABCL, Vol. 24, Letters On Yoga, Page : 1687)

*

Stride swiftly, for the goal is far; rest not unduly, for thy Master is waiting for thee at the end of thy journey.
(SABCL, Volume-17, The Hour Of God, Page : 116)

– Sri Aurobindo

ବର୍ତ୍ତମାନର କୌଣସି ଅନ୍ଧକାର ଅପେକ୍ଷା ଆସନ୍ନ ଆଲୋକ ଦିଗରେ ଅଧିକ ଦୃଷ୍ଟି ଫେରାଅ ।

*

ତ୍ୱରିତ ପଦକ୍ଷେପ ନେଇ ଦ୍ରୁତ ଆଗେଇ ଯାଅ, କାରଣ ଲକ୍ଷ୍ୟ ଦୂରସ୍ଥ, ଅକାରଣରେ ବିଶ୍ରାମ ନିଅ ନାହିଁ, ଯାତ୍ରାର ଶେଷରେ ତୁମ ପାଇଁ ତୁମର ପ୍ରଭୁ ଅପେକ୍ଷା କରି ରହିଛନ୍ତି ।

– ଶ୍ରୀଅରବିନ୍ଦ



There must be a group forming a strong body of cohesive will with the spiritual knowledge to save India and the world. It is India that can bring Truth in the world. By manifestation of the Divine Will and Power alone, India can preach her message to the world and not by imitating the materialism of the West. By following the Divine Will India shall shine at the top of the spiritual mountain and show the way of Truth and organise world unity.

(CWM, Vol. 13. p. 353) – The Mother

ଭାରତ ଓ ପୃଥିବୀର ସୁରକ୍ଷା ନିମନ୍ତେ ଆଧାତ୍ମିକ ଜ୍ଞାନ ସହ ସୁସଂହତ ସଂକଳ୍ପର ଏକ ସମର୍ଥ ଓ ଶକ୍ତିଶାଳୀ ସଙ୍ଗଠନ ଗଢ଼ି ଉଠିବା ଦରକାର । ଭାରତହିଁ ସେହି ଦେଶ ଯେ ପୃଥିବୀ ପାଇଁ ଦିବ୍ୟସତ୍ୟ ଆଣିଦେଇପାରେ । ପୃଥିବୀ ଆଗରେ ଭାରତ ନିଜର ବାର୍ତ୍ତା ପହଞ୍ଚାଇ ଦେଇପାରେ କେବଳ ଭାଗବତ ସଂକଳ୍ପ ଓ ଶକ୍ତିକୁ ପ୍ରକଟ କରିବା ଦ୍ୱାରା, ପାଶ୍ଚାତ୍ୟର ବସ୍ତୁବାଦକୁ ଅନୁକରଣ କରିବା ଦ୍ୱାରା ନୁହେଁ । ଭଗବାନଙ୍କ ସଂକଳ୍ପକୁ ଅନୁସରଣ କରି ଭାରତ ଆଧାତ୍ମିକ ଶୈଳରାଜିର ଶିଖରରେ ଶୋଭା ପାଇବ ଜାଜ୍ୱଲ୍ୟମାନ ମୁକୁଟ ପରି ଏବଂ ପୃଥିବୀକୁ ଦିବ୍ୟସତ୍ୟର ବାଟ ଦେଖାଇବ ଓ ବିଶ୍ୱ ଏକତାକୁ ସଙ୍ଗଠିତ କରିବ ।

— ଶ୍ରୀମା



# ପରମ ନିଶ୍ଚୟତା

## ଶ୍ରୀଅରବିନ୍ଦ

ଗଭୀରତା ଭିତରେ ଆହୁରି ଗଭୀରତା ରହିଛି, ଉଚ୍ଚତା ଭିତରେ ଆହୁରି ଏକ ମହତ୍ତର ଉଚ୍ଚତା ରହିଛି । ନିଜ ସତ୍ତାର ପୂର୍ଣ୍ଣତା ଅପେକ୍ଷା ଅଧିକ ଶୀଘ୍ର ମଣିଷ ପହଞ୍ଚିବ ଅସୀମର ସୀମାନ୍ତରେ । କାରଣ ସେହି ସତ୍ତା ହେଉଛନ୍ତି ଅନନ୍ତ, ସେ ହେଉଛନ୍ତି ଭଗବାନ୍ ।

ମୁଁ ଅଭୀପ୍ସା କରୁଛି, ଅସୀମ ଶକ୍ତି, ଅନନ୍ତ ଜ୍ଞାନ ଓ ଅସୀମ ଆନନ୍ଦ ପାଇଁ । ମୁଁ ଏହା ପାଇ ପାରିବି କି ?

ହଁ, କିନ୍ତୁ ଅନନ୍ତର ସ୍ୱଭାବ ହେଉଛି ଏହାର କୌଣସି ଅନ୍ତ ନାହିଁ । ତେଣୁ ତୁମେ କହି ପାରିବ ନାହିଁ ଯେ, ମୁଁ ଏହା ପାଇ ପାରିବି । ମୁଁ ଏହା ହୋଇ ଉଠିବି । ଏହି ଭାବରେ କେବଳ ମଣିଷ ଭଗବାନ୍ ହୋଇ ଉଠିଲେହିଁ ଭଗବାନଙ୍କୁ ପାଇ ପାରିବ ।

କିନ୍ତୁ ତାଙ୍କୁ ପାଇବା ପୂର୍ବରୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିହେବ । ଭଗବାନଙ୍କ ସହିତ ସମ୍ପର୍କହିଁ ଯୋଗ, ସର୍ବୋତ୍ତମ ଉଲ୍ଲାସ ଏବଂ ମହତ୍ତମ ଉପଯୋଗିତା । ଏହିପରି ସମ୍ପର୍କମାନ ମନୁଷ୍ୟତ୍ୱର ପରିମିତି ଭିତରେ ବିକାଶ ଲାଭ କରିଛି । ଏସବୁକୁ ପ୍ରାର୍ଥନା, ପୂଜା, ଆରାଧନା, ଯଜ୍ଞ, ମନନ, ବିଶ୍ୱାସ, ବିଜ୍ଞାନ, ଦର୍ଶନ ବୋଲି ନାମିତ କରାଯାଇଛି । ଆମର ବିକଶିତ ହୋଇସାରିଥିବା ସାମର୍ଥ୍ୟର ବାହାରେ କିନ୍ତୁ ମଣିଷତ୍ୱର ପରିମିତି ଭିତରେ ଏପରି ସମ୍ପର୍କମାନ ମଧ୍ୟ ରହିଛି ଯାହାକୁ ଆମକୁ ବିକଶିତ କରାଇବାକୁ ହେବ । ଏହି ସମ୍ପର୍କଗୁଡ଼ିକର ବିକାଶ ପାଇଁ ଆମେ ସାମର୍ଥ୍ୟ ଲାଭ କରିଥାଉ ବିଭିନ୍ନ ଅଭ୍ୟାସ ଦ୍ୱାରା – ଯାହାକୁ ଆମେ ସାଧାରଣତଃ ଯୋଗ ବୋଲି କହିଥାଉ ।

ଆମେ ତାହାଙ୍କୁ ଭଗବାନ୍ ବୋଲି ଜାଣି ନ ପାରୁ । ତାଙ୍କୁ ଆମେ ବିଶ୍ୱ-ପ୍ରକୃତି, ଆମର ମହତ୍ତର ଆତ୍ମା, ଅନନ୍ତ କିଂବା କିଛି ଅନିର୍ବଚନୀୟ ଲକ୍ଷ୍ୟ ବୋଲି ଜାଣିପାରୁ । ଏହି ଭାବରେହିଁ ବୁଦ୍ଧ ତାଙ୍କର ଉପଲବ୍ଧି ଦିଗରେ ଆଗେଇ ଯାଇଥିଲେ ଓ ଏହିପରିହିଁ ଥିଲା କଠୋର ଅଦ୍ୱୈତବାଦୀମାନଙ୍କର ମାର୍ଗ । ଏପରିକି ନାସ୍ତିକମାନଙ୍କ ପାଇଁ ମଧ୍ୟ ସେ ଅଧିଗମ୍ୟ । ଜଡ଼ବାଦୀମାନଙ୍କ ପାଇଁ ସେ ଜଡ଼ର ଛଦ୍ମବେଶ ଧାରଣ କରିଥା'ନ୍ତି । ଶୂନ୍ୟବାଦୀମାନଙ୍କ ପାଇଁ ସେ ଅନସ୍ତିର କ୍ରୋଡ଼ରେ ଛପି ରହି ଅପେକ୍ଷା କରିଥା'ନ୍ତି ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।

ମୋତେ ଯିଏ ଯେଉଁଭଳି ପାଇବାକୁ ଚାହିଁଥା'ନ୍ତି ମୋ ପ୍ରେମରେ ମୁଁ ସେମାନଙ୍କୁ ସେହିଭାବରେହିଁ ଗ୍ରହଣ କରେ । ✤

(Bulletin, Feb. 2001, p.49)

# ଭଗବାନଙ୍କ ସମ୍ବନ୍ଧରେ ଏକ ପୂର୍ଣ୍ଣାଙ୍ଗ ଧାରଣା

## ଶ୍ରୀଅରବିନ୍ଦ

ଯଦି ଆମେ ପୂର୍ଣ୍ଣଯୋଗର ସାଧନା ପାଇଁ ପ୍ରୟାସ କରୁ, ତେବେ ଭଗବାନଙ୍କ ସମ୍ବନ୍ଧରେ ଏପରି ଏକ ଧାରଣା ନେଇ ତାହା ଆରମ୍ଭ ହେବା ଉଚିତ ଯାହା ସ୍ୱୟଂ ପୂର୍ଣ୍ଣାଙ୍ଗ । ହୃଦୟରେ ବିସ୍ତୃତ ଅଭୀପ୍ସା ନେଇ ଆମେ ଯେଉଁ ଉପଲବ୍ଧିଟି ଚାହିଁବୁ ତାହା ଯେପରି କୌଣସି ସଂକୀର୍ଣ୍ଣ ସୀମା ଦ୍ୱାରା ଆବଦ୍ଧ ନ ହୁଏ । ଆମକୁ ଯେ କେବଳ ଏକ ସାଂପ୍ରଦାୟିକ ଧର୍ମଗତ ଦୃଷ୍ଟିକୋଣଠାରୁ ଦୂରେଇ ରହିବାକୁ ହେବ, ଖାଲି ସେତିକି ନୁହେଁ, ଆମକୁ ମଧ୍ୟ ସେହିସବୁ ଏକଦିଗଦର୍ଶୀ ଦାର୍ଶନିକ ଧାରଣାଗୁଡ଼ିକୁ ପରିହାର କରିବାକୁ ପଡ଼ିବ, ଯେଉଁ ଧାରଣାଗୁଡ଼ିକ ଦିବ୍ୟ ଅନିର୍ବଚନୀୟଙ୍କୁ ଏକ ସୀମାବଦ୍ଧକାରୀ ମାନସିକ ସୂତ୍ର ଭିତରେ ଆବଦ୍ଧ କରି ରଖିବାକୁ ଚାହାନ୍ତି ।

ଭଗବାନଙ୍କ ସମ୍ପର୍କରେ ଯେଉଁ ଗତିଶୀଳ ଧାରଣା ବା ପ୍ରେରକ ଭାବ ନେଇ ଆମ ଯୋଗ ସବୁଠୁ ପ୍ରକୃଷ୍ଟ ଭାବରେ ଆରମ୍ଭ ହୋଇପାରେ, ତାହା ହେଉଛି ସ୍ୱଭାବତଃ ସବୁକିଛିକୁ ଆଲିଙ୍ଗନ କରୁଥିବା ଅଥଚ ସବୁକିଛିକୁ ଅତିକ୍ରମ କରୁଥିବା ଦିବ୍ୟ ଅନନ୍ତଙ୍କର ଏକ ଧାରଣା ବା ବୋଧ । ଆମର ଊର୍ଦ୍ଧ୍ୱଦୃଷ୍ଟି ନିବଦ୍ଧ ହେବା ଉଚିତ ଚିରମୁକ୍ତ, ସର୍ବସମର୍ଥ, ପୂର୍ଣ୍ଣ ଓ ଆନନ୍ଦମୟ ସେହି ପରମ ଏକ ଓ ଏକତ୍ୱର ଉପରେ, ଯାହା ମଧ୍ୟରେ ସମସ୍ତ ସତ୍ତା ବିଚରଣ କରନ୍ତି ଓ ଜୀବନ ଧାରଣ କରନ୍ତି ଏବଂ ଯାହାଙ୍କ ମଧ୍ୟ ଦେଇ ସମସ୍ତେ ପରସ୍ପରକୁ ଭେଟନ୍ତି ଓ ମିଳିତ ହୋଇ ଏକ ହୋଇ ଯାଆନ୍ତି । ଏହି ପରମ ଶାଶ୍ୱତ ନିଜର ଆତ୍ମ-ପ୍ରକାଶରେ ଓ ଆତ୍ମାକୁ ତାଙ୍କର ସ୍ପର୍ଶରେ ଏକ ସଙ୍ଗରେ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ । ସେ ବ୍ୟକ୍ତିକ, କାରଣ ସେ ହେଉଛନ୍ତି ସଚେତ ଭଗବାନ୍, ଅନନ୍ତ ଦିବ୍ୟବ୍ୟକ୍ତି ଯେକି ବିଶ୍ୱର ଅଗଣିତ ଦିବ୍ୟ ଓ ଅଦିବ୍ୟ ବ୍ୟକ୍ତିରୂପ ଉପରେ ନିଜର କିଛି ଖଣ୍ଡିତ ପ୍ରତିଫଳନକୁ ନିପତିତ କରି ରଖିଛନ୍ତି । ସେ ନୈର୍ବ୍ୟକ୍ତିକ, କାରଣ ଆମ ଆଗରେ ସେ ପ୍ରତିଭାତ ହୁଅନ୍ତି ଏକ ଅନନ୍ତ ଅସ୍ତିତ୍ୱ, ଚେତନା ଓ ଆନନ୍ଦ ରୂପରେ, ଏବଂ ସେ ମଧ୍ୟ ହେଉଛନ୍ତି ଆମ ସମଗ୍ର ଅସ୍ତିତ୍ୱ ଓ ସମଗ୍ର ଶକ୍ତିର ଉତ୍ସ, ଭିତ୍ତି ଓ ଉପାଦାନ – ଆମ ସତ୍ତାର, ଆମ ମନ, ଜୀବନ ଓ ଶରୀରର,ଆମ ଆତ୍ମାର ଓ ଆମ ଜଡ଼ବସ୍ତୁର ମୂଳ ଉପାଦାନ ଓ ସାରତତ୍ତ୍ୱ ।

ଯେତେବେଳେ ଆମର ଭାବନାକୁ ତାଙ୍କ ଉପରେ ଏକାଗ୍ର କରାଯାଏ, ସେତେବେଳେ କେବଳ ବୁଦ୍ଧିଗତ ଭାବରେ ଏତିକି ବୁଝିଗଲେ ଯଥେଷ୍ଟ ହେବ ନାହିଁ ଯେ ସେ ବିରାଜିତ ହୋଇ ରହିଛନ୍ତି କିଂବା ତାଙ୍କ ସମ୍ପର୍କରେ ଏତିକି ଧାରଣା କଲେ ଯଥେଷ୍ଟ ହେବ ନାହିଁ ଯେ ସେ ଏକ ନିର୍ବିଶେଷ ସତ୍ୟ ବା ଏକ ତର୍କସିଦ୍ଧ ଅନିବାର୍ଯ୍ୟତା । ଏହି ଭାବନାକୁ ଏକ ଦର୍ଶନସମର୍ଥ ଭାବନାରେ ପରିଣତ ହେବାକୁ ହେବ, ଯାହା ତାଙ୍କୁ ସକଳଙ୍କ ମଧ୍ୟରେ ପରମ ଅଧିବାସୀ ରୂପେ ପ୍ରତ୍ୟକ୍ଷ କରିବ ଓ ଆମ ନିଜ ଭିତରେ ତାଙ୍କୁ ଉପଲବ୍ଧି କରିବ, ଏବଂ ତହିଁ ସଙ୍ଗେ ସଙ୍ଗେ ତାଙ୍କ ଶକ୍ତିରାଜିର ଖେଳା ଓ ଗତିସ୍ପନ୍ଦନଗୁଡ଼ିକୁ ଦେଖି ପାରୁଥିବ ଓ ନିଜେ ନିଜ ଅଧିକାର ଭିତରେ ଗ୍ରହଣ କରି ନେଇ ପାରୁଥିବ । ସେ ହେଉଛନ୍ତି ଏକକ ପରମ ଅସ୍ତିତ୍ୱ, ସେ ହେଉଛନ୍ତି ସେହି ସର୍ବମୂଳ ବିଶ୍ୱମୟ ଆନନ୍ଦ ଯାହା ସକଳ ବସ୍ତୁରେ ବିରାଜିତ ହୋଇ ରହିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ମଧ୍ୟ ଅତିକ୍ରମ କରି ରହିଛି । ସେ ହେଉଛନ୍ତି ସେହି ଏକକ ଅନନ୍ତ ଚେତନା ଯାହା ସମସ୍ତ ଚେତନାକୁ ରୂପ ଦେଇଥାଏ ଏବଂ ସେଗୁଡ଼ିକର ସମସ୍ତ ଗତିବୃତ୍ତିକୁ ଅନୁପ୍ରାଣିତ କରିଥାଏ; ସେ ହେଉଛନ୍ତି ସେହି ଏକକ ଅସୀମ ଦିବ୍ୟସତ୍ତା ଯେ ସମସ୍ତ କର୍ମ ଓ ଅନୁଭୂତିକୁ ଧାରଣ କରି ରହିଛନ୍ତି । ତାଙ୍କରି ସଂକଳ୍ପହିଁ ବସ୍ତୁସକଳର ବିବର୍ତ୍ତନକୁ ଏପର୍ଯ୍ୟନ୍ତ ଅନୁପଲବ୍ଧ ଅଥଚ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ହୋଇ ରହିଥିବା ସେମାନଙ୍କ ଲକ୍ଷ୍ୟ ଓ ପରିପୂର୍ଣ୍ଣତା ଦିଗରେ ବାଟ କଢ଼ାଇ ନିଏ । ଆମର ହୃଦୟ ତାଙ୍କ ପାଖରେ ନିଜକୁ ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇ ପାରିବ, ତାଙ୍କୁ ପରମ ପ୍ରେମାସ୍ପଦ ବୋଲି ଜାଣି ତାଙ୍କର ସାନ୍ନିଧ୍ୟ ଲାଭ କରିପାରିବ, ଦିବ୍ୟପ୍ରେମର ଏକ ବିଶ୍ୱମୟ ମାଧୁର୍ଯ୍ୟ ଓ ଦିବ୍ୟ-ଆନନ୍ଦର ଏକ ଜୀବନ୍ତ ସମୁଦ୍ର ମଧ୍ୟରେ ତାଙ୍କରି ଭିତରେ ସ୍ପନ୍ଦିତ ଓ ସଚଳ ହୋଇ ରହିବ । କାରଣ ତାଙ୍କରି ଗୋପନ ଆନନ୍ଦହିଁ ଆତ୍ମାର ନାନା ଅନୁଭୂତି କ୍ଷେତ୍ରରେ ତାହାର ଅବଲମ୍ବନ ସ୍ୱରୂପ ହୋଇ ରହିଥାଏ, ଏପରିକି ସେହି ଆନନ୍ଦହିଁ ସମସ୍ତ ଦୁଃଖ ଓ ଦୁର୍ଭୋଗର ପରିସମାପ୍ତି ଘଟିବା ପର୍ଯ୍ୟନ୍ତ ଆମର ଅହଂକୁ ତା'ର ନାନା ସଂଗ୍ରାମ ଓ ଅଗ୍ନିପରୀକ୍ଷା ମଧ୍ୟରେ ଧାରଣ କରି ରହିଥାଏ । ତାଙ୍କରି ପ୍ରେମ ଓ ଆନନ୍ଦ ହେଉଛି ସେହି ଅନନ୍ତ ଦିବ୍ୟ-ପ୍ରେମିକଙ୍କର ପ୍ରେମ ଓ ଆନନ୍ଦ, ଯେକି ତାଙ୍କ ନିଜ ସଙ୍ଗରେ

ସୁଖପ୍ରଦ ଏକତ୍ୱରେ ମିଳିତ ହେବା ପାଇଁ ବସ୍ତୁସକଳଙ୍କୁ ସେମାନଙ୍କ ନିଜ ନିଜ ପଥରେ ଆକର୍ଷଣ କରୁଛନ୍ତି ।

ତାଙ୍କରି ଉପରେହିଁ ଆମର ଇଚ୍ଛାଶକ୍ତି ନିଜକୁ ଦୃଢ଼ ଓ ଅଟଳ ଭାବରେ ଅଭିନିବିଷ୍ଟ କରି ରଖିବ, ତାହାଙ୍କୁହିଁ ସେହି ଅଦୃଶ୍ୟ ଦିବ୍ୟଶକ୍ତିରୂପେ ଗ୍ରହଣ କରି ନେବ, ଯେକି ତାହାକୁ ପଥଦର୍ଶନ କରି ଆଗେଇ ନେଉଛନ୍ତି, ତାହାକୁ ପରିପୂର୍ଣ୍ଣ କରୁଛନ୍ତି ଓ ତାହାର ସାମର୍ଥ୍ୟର ଉତ୍ସ ହୋଇ ରହିଛନ୍ତି । ନୈର୍ବ୍ୟକ୍ତିକ ବିଭାବରେ ଏହି ପ୍ରେରଣାଦାୟୀ ପରମଶକ୍ତି ହେଉଛି ଏକ ଆତ୍ମଭାସ୍ୱରମୟ ଦିବ୍ୟସାମର୍ଥ୍ୟ ଯାହା ସମସ୍ତ ପରିଣତିକୁ ନିଜ ଭିତରେ ଧାରଣ କରି ରଖିଛି ଏବଂ ସେଗୁଡ଼ିକୁ ସିଦ୍ଧ ଓ ସମ୍ପନ୍ନ କରିବା ପର୍ଯ୍ୟନ୍ତ ସ୍ଥିର ଭାବରେ କାମ କରି ଚାଲିଛି । ବ୍ୟକ୍ତିକ ବିଭାବରେ ସେ ହେଉଛନ୍ତି ସର୍ବପ୍ରଜ୍ଞାମୟ ଓ ସର୍ବଶକ୍ତିମାନ୍ ଯୋଗେଶ୍ୱର ଓ ଯୋଗକୁ ତା'ର ଅଭୀଷ୍ଟ ଲକ୍ଷ୍ୟରେ ପହଞ୍ଚାଇ ଦେବା ପଥରେ ତାଙ୍କୁ କେହି ହେଲେ କଦାପି ରୋକି ଅଟକାଇ ଦେଇ ପାରିବ ନାହିଁ । ଏହି ଦୃଢ଼ ବିଶ୍ୱାସ ନେଇହିଁ ସାଧକକୁ ତା'ର ଅନ୍ୱେଷଣ ଓ ପ୍ରଚେଷ୍ଟା ଆରମ୍ଭ କରିବାକୁ ହେବ; କାରଣ ଏଠାରେ ତା'ର ସମସ୍ତ ପ୍ରଚେଷ୍ଟାରେ ଏବଂ ସର୍ବୋପରି ପରମ ଅଦୃଶ୍ୟଙ୍କ ଦିଗରେ ଆଗେଇ ଯିବା ପାଇଁ ତା'ର ସମସ୍ତ ପ୍ରୟାସରେ ମନୋପ୍ରଧାନ ମଣିଷକୁ କେବଳ ବିଶ୍ୱାସ ଓ ଶ୍ରଦ୍ଧାକୁହିଁ ଅବଲମ୍ବନ କରି ଅଗ୍ରସର ହେବାକୁ ହେବ । ଯେତେବେଳେ ସିଦ୍ଧି ଆସିବ ସେତେବେଳେ ଦିବ୍ୟଭାବରେ ସାର୍ଥକ ଓ ସଂସିଦ୍ଧ ହୋଇଥିବା ତା'ର ବିଶ୍ୱାସ ରୂପାନ୍ତରିତ ହେବ ଜ୍ଞାନର ଏକ ପ୍ରୋଜ୍ଜ୍ୱଳ ଶାଶ୍ୱତ ଶିଖାରେ । ❖

## ଶ୍ରୀମାଙ୍କର ଏକ ବାର୍ତ୍ତା

ଅଧିକାଂଶ ସାଧକ ଧ୍ୟାନ, ଏକାଗ୍ରତା ଓ ସ୍ଥୂଳ ଜୀବନରୁ ପ୍ରତ୍ୟାହାର ଓ ସ୍ଥୂଳ ଜୀବନର କର୍ମର ପରିତ୍ୟାଗକୁ ନିଜର ମାର୍ଗରୂପେ ଗ୍ରହଣ କରିଥାଆନ୍ତି । କର୍ମର ମାର୍ଗ ଅପେକ୍ଷା ଏହା ନିଶ୍ଚୟ ଅଧିକ ସହଜ । କିନ୍ତୁ ସେମାନେ ସ୍ଥୂଳ ଚେତନାକୁ ସେହିପରି ରହିବାକୁ ଛାଡ଼ିଦେଇ ଥାଆନ୍ତି, କେବେହେଲେ ଏହାର ପରିବର୍ତ୍ତନ କରିପାରନ୍ତି ନାହିଁ । କିନ୍ତୁ ଜଣେ ସାଧୁ ବା ବୈରାଗୀ ନ ହେଲେ ଯେକି ସମସ୍ତ ସକ୍ରିୟ ଜୀବନକୁ ପଛରେ ଛାଡ଼ି ଆସିଥାଏ ଏବଂ ସବୁ ସମୟରେ ଧ୍ୟାନ ଓ ଏକାଗ୍ରତାରେ ରୁହେ, ସେ ଆଦୌ କିଛି କୃତିତ୍ୱ ଅର୍ଜନ କରିପାରେ ନାହିଁ ।

ଆମେ ଯାହା ଚାହୁଁ ତାହା ଦୈହିକ ଚେତନାର ରୂପାନ୍ତର, ବର୍ଜନ ନୁହେଁ ।

ତେଣୁ ଏ କ୍ଷେତ୍ରରେ ଶ୍ରୀଅରବିନ୍ଦ ସବୁଠୁ ସିଧାସଳଖ ଓ ସାମଗ୍ରିକ ମାର୍ଗରୂପେ ଯାହା ଉପସ୍ଥାପିତ କରିଛନ୍ତି ତାହା ହେଉଛି ଭଗବାନଙ୍କ ପାଖରେ ସମର୍ପଣ – ଏପରି ଏକ ସମର୍ପଣ ଯାହା ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ, ପ୍ରଗତିଧର୍ମୀ ହୋଇଥିବ ଓ ନିଜ ଭିତରେ ସ୍ଥୂଳ ଦୈହିକ ଚେତନା ଓ ଦୈହିକ କର୍ମକୁ ଅନ୍ତର୍ଭୁକ୍ତ କରୁଥିବ । ଏବଂ ଜଣେ ଯଦି ଏଥିରେ କୃତକାର୍ଯ୍ୟ ହୁଏ ତା'ହେଲେ ସ୍ଥୂଳ-ଦୈହିକ ଜୀବନ ଏକ ପ୍ରତିବନ୍ଧକ ହେବା ପରିବର୍ତ୍ତେ ଏକ ସହାୟକ ହୋଇ ଉଠିବ ।

*୧୯ ସେପ୍ଟେମ୍ବର ୧୯୫୬*

# ଭଗବାନ୍ ନିଜକୁ ଦେଇ ଦିଅନ୍ତି

## ଶ୍ରୀମା

*ଶିଷ୍ୟ : ମା, ''ଭଗବାନ୍ ନିଜକୁ ଦେଇ ଦିଅନ୍ତି''ର ଅର୍ଥ କ'ଣ ?*

ଶ୍ରୀମା : ଏହାର ଅର୍ଥ ଠିକ୍ ଏହାହିଁ, ତୁମେ ନିଜକୁ ଯେତେ ଅଧିକ ଦେଇଦେବ, ସେତେ ଅଧିକ ତୁମର ଏହି ଅନୁଭୂତି ଆସିବ – ଏହା କେବଳ ଅନୁଭବ, ଧାରଣା ବା ସଂବେଦନ ନୁହେଁ । ଏହା ଏକ ସାମଗ୍ରିକ ଅନୁଭୂତି – ତୁମେ ନିଜକୁ ଭଗବାନଙ୍କ ପାଖରେ ଯେତିକି ଦେଇଦେବ ସେ ସେତେ ଅଧିକ ତୁମ ସଙ୍ଗରେ ରହିବେ; ସାମଗ୍ରିକ ଭାବରେ, ସଦାସର୍ବଦା, ପ୍ରତ୍ୟେକ ମୁହୂର୍ତ୍ତରେ, ତୁମର ସମସ୍ତ ଚିନ୍ତାରେ, ତୁମର ସମସ୍ତ ଆବଶ୍ୟକତାରେ ଏବଂ ସେତେବେଳେ ଏପରି କିଛି ଅଭୀପ୍ସା ନଥାଏ ଯାହାକି ତତ୍କ୍ଷଣାତ୍ ଏକ ଉତ୍ତର ନପାଏ ଏବଂ ତୁମର ପୂର୍ଣ୍ଣ ଓ ନିରନ୍ତର ଏକ ଅନ୍ତରଙ୍ଗତାର, ଏକ ସାମଗ୍ରିକ ସାନ୍ନିଧ୍ୟର ବୋଧ ଆସେ । ଯେପରିକି ତୁମେ ବହନ କରିଚାଲିଛ... ଯେପରିକି ସବୁ ସମୟରେ ଭଗବାନ୍ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି, ତୁମେ ଚାଲ, ସେ ତୁମ ସଙ୍ଗେ ଚାଲନ୍ତି, ତୁମେ ନିଦ୍ରା ଯାଅ, ସେ ତୁମ ସଙ୍ଗେ ନିଦ୍ରା ଯାଆନ୍ତି, ତୁମେ ଆହାର ଗ୍ରହଣ କର ଓ ସେ ତୁମ ସଙ୍ଗେ ଆହାର ଗ୍ରହଣ କରନ୍ତି; ତୁମେ ଚିନ୍ତା କର ଏବଂ ସେ ତୁମ ସଙ୍ଗେ ଚିନ୍ତା କରନ୍ତି, ତୁମେ ପ୍ରେମ କର ଏବଂ ସେହିଁ ହୋଇ ଉଠନ୍ତି ତୁମର ପ୍ରେମ । କିନ୍ତୁ ଏଥିପାଇଁ ତୁମ ନିଜକୁ ଦେଇ ଦେବାକୁ ହେବ, ପୂର୍ଣ୍ଣଭାବରେ, ସମଗ୍ର ଭାବରେ, ଅନନ୍ୟ ଭାବରେ, କିଛି ବି ସଂରକ୍ଷିତ ରଖିବ ନାହିଁ, ତାଙ୍କଠାରୁ କିଛି ରଖିବ ନାହିଁ, କିଛି ବି ରଖିବ ନାହିଁ, ଆଉ ମଧ୍ୟ କିଛି ବି ଏଣେ ତେଣେ ଫୋପାଡ଼ି ଦେବ ନାହିଁ । ଭଗବାନଙ୍କୁ ନ ଦେଇ ତୁମ ସତ୍ତାରେ ଅଲଗା ସାମାନ୍ୟଟିକେ ରହିଲେହିଁ ତାହା ଏକ ଅପଚୟ, ତାହା ତୁମ ଆନନ୍ଦର ଅପବ୍ୟୟ, ଯାହା ସେହି ଅନୁପାତରେ ତୁମ ଆନନ୍ଦକୁ କମାଇ ଦେବ, ଏବଂ ଯାହା ତୁମେ ଭଗବାନଙ୍କୁ ଦେବ ନାହିଁ, ତାହା ଯେପରିକି ଭଗବାନ୍ ତାଙ୍କ ନିଜକୁ ତୁମକୁ ଦେଇଦେବାର ସମ୍ଭାବନା ପଥରେ ଏକ ବାଧା ସ୍ୱରୂପ କରି ରଖୁଛ । ତୁମେ ତାଙ୍କୁ ନିଜର ଘନିଷ୍ଠ ବୋଲି ଭାବ ନାହିଁ । ସେ ତୁମ ସଙ୍ଗେ ନିରନ୍ତର ଅଛନ୍ତି ବୋଲି ଭାବ ନାହିଁ, କାରଣ ତୁମେ ତାଙ୍କର ହୋଇ ରହି ନାହଁ, କାରଣ ତୁମେ ଶହଶହ ଅନ୍ୟାନ୍ୟ ଜିନିଷର ଓ ଲୋକମାନଙ୍କର ହୋଇ ରହିଛ । ତୁମ ଚିନ୍ତାରେ, ତୁମ କର୍ମରେ, ତୁମ ଅନୁଭବରେ, ପ୍ରବୃତ୍ତିରେ ଲକ୍ଷ ଲକ୍ଷ ଜିନିଷ ରହିଛି, ଯାହା ତୁମେ ତାଙ୍କୁ ଦେଇ ନାହଁ ଏବଂ ସେଇଥିପାଇଁ ସେ ତୁମ ସଙ୍ଗରେ ସଦା ସର୍ବଦା ରହିଥିବାର ଅନୁଭବ କର ନାହିଁ । ଏହି ସମସ୍ତ ଜିନିଷ ତୁମ ଭିତରେ ଓ ତାଙ୍କ ଭିତରେ ଏକ କାନ୍ଥବାଡ଼ ପରି, ଏକ ପରଦା ପରି ହୋଇଥାଏ । କିନ୍ତୁ ଯଦି ତୁମେ ସବୁ କିଛି ଦେଇଦିଅ, ଯଦି ବି ନିଜ ପାଇଁ କିଛି ବି ନ ରଖ, ତା'ହେଲେ ସେ ତୁମ ସଙ୍ଗେ ସଦାସର୍ବଦା ରହିବେ, ସଦାସର୍ବଦା ଓ ସମଗ୍ର ଭାବରେ, ତୁମେ ଯାହା ବି କର, ଯାହା ବି ଭାବ, ଯାହା ବି ଅନୁଭବ କର, ସେ ସବୁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ସଙ୍ଗରେ ରହିବେ । କିନ୍ତୁ ଏଥିପାଇଁ ତୁମକୁ ପୂର୍ଣ୍ଣ ଓ ଅଖଣ୍ଡ ଭାବରେ ତାଙ୍କ ପାଖରେ ନିଜକୁ ଦେଇଦେବାକୁ ହେବ । ପ୍ରତ୍ୟେକଟି ଛୋଟ ଛୋଟ ଜିନିଷ ଯାହା ତୁମେ ନିଜ ପାଇଁ ରଖ ତାହା ହେଉଛି ଗୋଟିଏ ଗୋଟିଏ ପ୍ରସ୍ତର ଖଣ୍ଡ ଯାହାକି ଭଗବାନଙ୍କ ଭିତରେ ଓ ତୁମ ଭିତରେ ବ୍ୟବଧାନର ଏକ କାନ୍ଥର ନିର୍ମାଣ ପାଇଁ ତୁମେ ରଖି ଦେଇଛ । ଏବଂ ପରେ ତୁମେ ଅଭିଯୋଗ କର, ''ଓଃ, ମୁଁ ତାଙ୍କୁ ଅନୁଭବ କରୁ ନାହିଁ ।'' ପ୍ରକୃତରେ ଆଶ୍ଚର୍ଯ୍ୟର କଥା ହେଉଛି, ତୁମେ ତାଙ୍କୁ ଅନୁଭବ କରି ପାରି ଥାଆନ୍ତ ।

ବାସ୍ ।

(CWM, Vol. 7, 247 - 248) ✣

# ଆଧ୍ୟାତ୍ମିକ ସାମର୍ଥ୍ୟ

## ଶ୍ରୀମା

*ଶିଷ୍ୟ : ମା', ଯାହା ଭିତରେ ବିଶେଷ କିଛି ଆଧ୍ୟାତ୍ମିକ ସାମର୍ଥ୍ୟ ନାହିଁ, ସେପରି ବ୍ୟକ୍ତି ଏହି କାମଟିରେ କିପରି ସର୍ବୋତ୍ତମ ସହଯୋଗ କରିପାରେ ?*

ଶ୍ରୀମା : ମୁଁ ଜାଣେ ନା, କାହା ସଂପର୍କରେ ଏପରି କୁହାଯାଇପାରେ ଯେ ତା'ର ଅଧିକ ବା କମ୍ ଆଧ୍ୟାତ୍ମିକ ସାମର୍ଥ୍ୟ ଅଛି ବୋଲି । କଥାଟି ଏପରି ନୁହେଁ ।

ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ହେଲେ ଆବଶ୍ୟକ ହେଲା ଚେତନାର ଓଲଟିଯିବା । ମାନସିକ କ୍ଷେତ୍ରରେ କାହାର କ'ଣ ସାମର୍ଥ୍ୟ ବା ସମ୍ଭାବନା ଅଛି ତାହା ସହିତ କୌଣସି ଭାବରେ ବି ଏହି ଜିନିଷଟିର ତୁଳନା କରାଯାଇ ପାରିବ ନାହିଁ । କୌଣସି ଲୋକ ସଂପର୍କରେ କୁହାଯାଇପାରେ ଯେ ତା'ର ବିଶେଷ କିଛି ମାନସିକ, ପ୍ରାଣିକ ବା ଦୈହିକ ସାମର୍ଥ୍ୟ ନାହିଁ, ତା'ର ସମ୍ଭାବନା ଖୁବ୍ ସୀମିତ; ଏବଂ ଏପରି କ୍ଷେତ୍ରରେ ପଚରା ଯାଇପାରେ ଏହି ସାମର୍ଥ୍ୟଗୁଡ଼ିକୁ କିପରି ବିକଶିତ କରାଯାଇ ପାରେ, ଅର୍ଥାତ୍ କିପରି ନୂତନ ସାମର୍ଥ୍ୟସବୁ ଅର୍ଜନ କରାଯାଇ ପାରେ, ଯାହାକି ବରଂ କଷ୍ଟସାଧ୍ୟ । କିନ୍ତୁ ଆଧ୍ୟାତ୍ମିକ ଜୀବନ ଯାପନର ଅର୍ଥ ହେଉଛି ନିଜ ଭିତରେ ଅନ୍ୟ ଏକ ଜଗତ୍ ପ୍ରତି ନିଜକୁ ଖୋଲିଦେବା । ଏହା ହେଉଛି ନିଜର ଚେତନାକୁ ପୂରା ଓଲଟାଇ ଦେବା । ସାଧାରଣ ମାନୁଷୀ ଚେତନା, ଏପରିକି ଖୁବ୍ ଉନ୍ନତ ଲୋକମାନଙ୍କ ଭିତରେ, ଏପରିକି ବିରାଟ ପ୍ରତିଭା ଓ ବିପୁଳ ଉପଲବ୍ଧି ଥିବା ଲୋକମାନଙ୍କ ଭିତରେ ମଧ୍ୟ ଚେତନାର ଗତିବୃତ୍ତିଟି ହୋଇଥାଏ ବହିର୍ମୁଖୀ – ସମସ୍ତ ଶକ୍ତି ଚାଳିତ ହୋଇଥାଏ ବାହାର ଆଡ଼କୁ, ସମଗ୍ର ଚେତନା ପ୍ରସାରିତ ହୋଇଥାଏ ବାହାର ଆଡ଼େ, ଏବଂ ଯଦି ବି ତହିଁରୁ କିଛି ଅନ୍ତର୍ମୁଖୀ ହୋଇଥାଏ, ତାହା ହୋଇଥାଏ ଖୁବ୍ ସାମାନ୍ୟ, ଖୁବ୍ ବିରଳ ଖୁବ୍ ଆଂଶିକ ଏବଂ ତାହା ମଧ୍ୟ ବିଶେଷ କୌଣସି ପରିସ୍ଥିତି ବା ଉଗ୍ର କୌଣସି ଆଘାତର ଚାପରେହିଁ ଘଟିଥାଏ । ଜୀବନ ଏହିସବୁ ଆଘାତ ଦେଇଥାଏ ଠିକ୍ ଏହି ଉଦ୍ଦେଶ୍ୟ ରଖି ଯେ ଚେତନାର ବହିର୍ମୁଖୀ ଗତିବୃତ୍ତି ଯେପରି ଟିକେ ଓଲଟିଯାଇ ଅନ୍ତର୍ମୁଖୀ ହେଉ ।

କିନ୍ତୁ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଯାପନ କରିଥାଆନ୍ତି, ସେମାନଙ୍କର ସମସ୍ତଙ୍କର ସେହି ଗୋଟିଏ ସମାନ ଅନୁଭୂତି ହୋଇଥାଏ ଯେ, ସେମାନଙ୍କର ସତ୍ତା ଭିତରେ କିଛି ହଠାତ୍ ଓଲଟି ଗଲା, କୁହାଯାଇପାରେ ଅଚାନକ ଭାବରେ କିଛିର ପୂରା ଓଲଟ ପାଲଟ ହୋଇଗଲା; କେତେକ ସମୟରେ ଏହା ପୂରା ଭିତର ଆଡ଼କୁ ଏବଂ ତହିଁ ସଙ୍ଗରେ ମଧ୍ୟ ଉପର ଆଡ଼କୁ, ଭିତରୁ ଉପର ଆଡ଼କୁ ଓଲଟିଗଲା,– କିନ୍ତୁ ଏହା ବାହ୍ୟସ୍ଥ 'ଉପର' ନୁହେଁ, ଏହା ଭିତରର ଗଭୀରରେହିଁ, ସ୍ଥୂଳଭାବରେ ଉଚ୍ଚତା ସଂପର୍କରେ ଆମର ଯାହା ଧାରଣା, ଏହା ତାହାଠାରୁ ଭିନ୍ନ କିଛି । ଆକ୍ଷରିକ ଭାବରେହିଁ କିଛି ଓଲଟି ଯାଏ । ଏକ ନିଷ୍ପତ୍ତିମୂଳକ ଅନୁଭୂତି ଆସିଥାଏ, ଜୀବନ ସଂପର୍କରେ ଦୃଷ୍ଟିକୋଣ, ଜୀବନକୁ ଦେଖିବାର ରୀତି, ଏହା ସଂପର୍କରେ ରହିଥିବା ଆମର ସମସ୍ତ ମନୋଭାବ ହଠାତ୍ ବଦଳିଯାଏ, ଏବଂ କେତେକ କ୍ଷେତ୍ରରେ ପୂରା ନିର୍ଦ୍ଦିଷ୍ଟ ଓ ନିଷ୍ପତ୍ତିମୂଳକ ଭାବରେ, ପୂରା ଅପରିବର୍ତ୍ତନୀୟ ଭାବରେ ବଦଳି ଯାଏ ।

ଏବଂ ଯେତେବେଳେ ଜଣେ ଆଧ୍ୟାତ୍ମିକ ଜୀବନ ଓ ସତ୍ୟ ଦିଗରେ ନିଜର ମୋଡ଼ ଫେରାଏ, ସେ ଦିବ୍ୟ ଅନନ୍ତ ଓ ଶାଶ୍ୱତକୁ ସ୍ପର୍ଶ କରେ ଏବଂ ସେତେବେଳେ ଆଉ ଅଧିକତର ବା ନ୍ୟୂନତର ସାମର୍ଥ୍ୟ ଓ ସମ୍ଭାବନାର କୌଣସି ପ୍ରଶ୍ନ ଉଠି ନପାରେ । ଆଧ୍ୟାତ୍ମିକ ଜୀବନ ସଂପର୍କରେ କେବଳ ଏକ ମାନସିକ ଧାରଣାହିଁ ଏପରି କହିପାରେ ଯେ ଆଧ୍ୟାତ୍ମିକ ଭାବରେ ଜୀବନଯାପନ ପାଇଁ ଜଣକର ଅଧିକ ବା କମ୍ ସାମର୍ଥ୍ୟ ଅଛି; କିନ୍ତୁ ଏହା ଆଦୌ ଏକ ଯଥାଯଥ ଉକ୍ତି ନୁହେଁ । କେବଳ ଏତିକି କୁହାଯାଇପାରେ ଯେ ଚେତନାର ସେହି ଚୂଡ଼ାନ୍ତ ଓ ସାମଗ୍ରିକ ଓଲଟି ଯିବା ପାଇଁ କିଏ କେତେ ଅଧିକ ବା କମ୍ ପ୍ରସ୍ତୁତ ଅଛନ୍ତି । ବାସ୍ତବରେ ସାଧାରଣ କାର୍ଯ୍ୟକଳାପରୁ ନିଜକୁ ପ୍ରତ୍ୟାହାର କରିନେଇ ଆଧ୍ୟାତ୍ମିକ ଜୀବନର ସନ୍ଧାନରେ ବାହାରି ପଡ଼ିବା ପାଇଁ କାହାର କେତେ ମାନସିକ ସାମର୍ଥ୍ୟ ଅଛି, କେବଳ ତାହାରହିଁ ପରିମାପ କରାଯାଇପାରେ ।

କିନ୍ତୁ ଯେପର୍ଯ୍ୟନ୍ତ ଜଣେ କେବଳ ମାନସିକ କ୍ଷେତ୍ରରେ ରହିଥାଏ ତଥା ସେହି ଅବସ୍ଥାରେହିଁ, ଚେତନାର ସେହି ସ୍ତରରେ ସେହିପରି ରହିଥାଏ, ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କ ପାଇଁ ବିଶେଷ କିଛି କରିପାରିବ ନାହିଁ, ସାଧାରଣ ଭାବରେ ଜୀବନ ପାଇଁ ନୁହେଁ ବା ବିଶେଷ କୌଣସି ବ୍ୟକ୍ତି ପାଇଁ ନୁହେଁ; କାରଣ ତା' ନିଜ ଭିତରେ କୌଣସି ନିଶ୍ଚିତତା ନାହିଁ, ତାହାର ନିଜର

କୌଣସି ନିଷ୍ପତ୍ତିମୂଳକ ଅନୁଭୂତି ନାହିଁ, ତାହାର ଚେତନା ଆଧ୍ୟାତ୍ମିକ ଜଗତରେ ପ୍ରତିଷ୍ଠିତ ହୋଇ ନାହିଁ; କେବଳ ଏତିକି କୁହାଯାଇ ପାରେ ଯେ ତା'ର କାମଗୁଡ଼ିକ କେବଳ ମାନସିକ କ୍ରିୟାକଳାପ, ଯାହାର ଭଲ ଦିଗ ବି ରହିଛି ଓ ମନ୍ଦ ଦିଗ ବି ରହିଛି, କିନ୍ତୁ ତହିଁରେ ବିଶେଷ କିଛି ଶକ୍ତି ନାହିଁ, ଅନ୍ତତଃ ଆଧ୍ୟାତ୍ମିକ ଭାବରେ ସଂକ୍ରାମିତ କରାଇବାର ସେହି ଶକ୍ତି ନାହିଁ, ଯାହାକି ଏକମାତ୍ର ଯଥାର୍ଥ ଫଳପ୍ରଦ ଶକ୍ତି ।

ଏକମାତ୍ର ଯେଉଁ ଜିନିଷଟି ଯଥାର୍ଥ ଭାବରେ ଫଳପ୍ରଦ ତା' ହେଉଛି ଜଣେ ସ୍ୱୟଂ ଯେଉଁ ଚେତନାରେ ବାସ କରୁଥାଏ, ଚେତନାର ସେହି ଅବସ୍ଥାକୁ ଅନ୍ୟମାନଙ୍କ ଭିତରେ ସଂଚାରିତ କରିବାର ସମ୍ଭାବନା ଓ କ୍ଷମତା । କିନ୍ତୁ ସେହି ଶକ୍ତି ବା କ୍ଷମତାକୁ କେହି ଉଦ୍ଭାବନ କରିପାରିବ ନାହିଁ । ଏହାକୁ କେହି ଅନୁକରଣ କରିପାରିବ ନାହିଁ, ବା ଏହା ରହିଛି ବୋଲି ଖାଲି ମନେହେବା ଭଳିଆ ଜିନିଷ ଏହା ନୁହେଁ । ଏହା କେବଳ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଥାଏ ଯେତେବେଳେ ଜଣେ ନିଜେ ଚେତନାର ସେହି ଅବସ୍ଥାରେ ପ୍ରତିଷ୍ଠିତ ହୁଏ, ଯେତେବେଳେ ଜଣେ ସେହି ଚେତନା ଭିତରେହିଁ ବାସ କରେ, ତହିଁରେ ବାସ କରିବା ପାଇଁ ଖାଲି ଚେଷ୍ଟା କରୁ ନଥାଏ, – ଯେତେବେଳେ ଜଣେ ସେହିଠାରେ ପହଞ୍ଚି ଯାଇଥାଏ । ଏବଂ ସେହି କାରଣରୁହିଁ ଯେଉଁମାନେ ଯଥାର୍ଥରେ ଆଧ୍ୟାତ୍ମିକ ଜୀବନରେ ବାସ କରୁଥାଆନ୍ତି, ସେମାନଙ୍କୁ କୌଣସି ଛଳନା ଦ୍ୱାରା ଠକାଇ ଦେଇ ହେବ ନାହିଁ । ଆଧ୍ୟାତ୍ମିକ ଜୀବନର ଅନୁକରଣ କରି ସେହିସବୁ ଲୋକମାନଙ୍କ ଭିତରେ ଭ୍ରମ ସୃଷ୍ଟି କରାଯାଇପାରେ, ଯେଉଁମାନେ ତଥାପି କେବଳ ମନରେ ବାସ କରୁଥାଆନ୍ତି, କିନ୍ତୁ ଯେଉଁମାନେ ନିଜ ଭିତରେ ଚେତନାର ଏହି ଓଲଟିଯିବାର ଉପଲବ୍ଧି ଲାଭ କରିଛନ୍ତି, ବାହ୍ୟସତ୍ତା ସହିତ ଯେଉଁମାନଙ୍କ ସଂପର୍କ ସଂପୂର୍ଣ୍ଣ ଭିନ୍ନ ଧରଣର, ସେମାନଙ୍କୁ କେବେହେଲେ ଭ୍ରମରେ ପକାଇ ଠକି ଦେଇ ହେବ ନାହିଁ ଏବଂ ସେମାନେ କେବେହେଲେ କୌଣସି ଭୁଲ୍ କରିପାରିବେ ନାହିଁ ।

ଏହି ଲୋକମାନଙ୍କୁ ମାନସିକ ସତ୍ତାରେ ବାସ କରୁଥିବା ଲୋକମାନେ ଠିକ୍ ବୁଝିପାରନ୍ତି ନାହିଁ । ଯେପର୍ଯ୍ୟନ୍ତ ଜଣେ ମାନସିକ ଚେତନାରେ ରହିଥିବ, ଏପରିକି ତାହା ସର୍ବୋଚ୍ଚ ପର୍ଯ୍ୟାୟର ହେଲେ ମଧ୍ୟ, ଏବଂ ଯଦି ସେ ଆଧ୍ୟାତ୍ମିକ ଜୀବନକୁ କେବଳ ବାହାରୁ ଦେଖୁଥିବ ତା'ହେଲେ ସେ ତା'ର ମାନସିକ କ୍ଷମତା ଦ୍ୱାରାହିଁ ତାହାର ବିଚାର କରୁଥିବ, ଏବଂ ସେହିସବୁ ମାନସିକ ଅଭ୍ୟାସର ବଶବର୍ତ୍ତୀ ହୋଇ ରହିଥିବ ଯାହା ଖୋଜୁଥାଏ, ଭୁଲ୍ କରୁଥାଏ, ସଂଶୋଧନ କରୁଥାଏ, ଅଗ୍ରଗତି କରୁଥାଏ ଏବଂ ପୁଣି ଥରେ ଭୁଲ୍ କରୁଥାଏ; ଏବଂ ସେ ଭାବି ବସେ ଯେ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଯାପନ କରୁଛନ୍ତି ସେମାନେ ମଧ୍ୟ ସେହିଭଳି ଅସାମର୍ଥ୍ୟ ଭୋଗୁଥାଆନ୍ତି, କିନ୍ତୁ ଏହା ଏକ ବିରାଟ ଭୁଲ୍ ।

ଯେତେବେଳେ ସତ୍ତା ଓଲଟି ଯାଏ, ସେତେବେଳେ ଏସବୁର ସମାପ୍ତି ଘଟେ । ସେତେବେଳେ ଜଣେ ଆଉ ଖୋଜେ ନାହିଁ, ସେ ଦେଖେ, ବିଚାର ଅନୁମାନ ଦ୍ୱାରା କିଛି ନିର୍ଣ୍ଣୟ କରେ ନାହିଁ, ସେ ସତ୍ୟଟି ପୂରା ଜାଣେ । ସେ ଆଉ ଅଣ୍ଡାଳି ହୁଏ ନାହିଁ, ଲକ୍ଷ୍ୟ ପଥରେ ସିଧା ଆଗେଇ ଯାଏ ଏବଂ ଯେତେବେଳେ ଜଣେ ଆହୁରି ଆଗକୁ ଯାଇଥାଏ; ଆଉ ଟିକେ ଆଗକୁ ଯାଇଥାଏ, ସେତେବେଳେ ସେ ସେହି ପରମ ସତ୍ୟକୁ ଜାଣେ, ଅନୁଭବ କରେ ଓ ତହିଁରେ ବାସ କରେ ସେ ଏହା ଉପଲବ୍ଧି କରେ ଯେ କେବଳ ପରମ ଦିବ୍ୟ ସତ୍ୟହିଁ କ୍ରିୟା କରୁଛି ଓ ମାନବ ସତ୍ତାମାନଙ୍କ ମାଧ୍ୟମରେ ଏକମାତ୍ର ପରମ ଈଶ୍ୱରହିଁ ସଂକଳ୍ପ କରୁଛନ୍ତି, ଜାଣୁଛନ୍ତି ଓ କାର୍ଯ୍ୟ-ସଂପନ୍ନ କରୁଛନ୍ତି । ତେଣୁ ସେଠାରେ ଭୁଲ୍‌ର କୌଣସି ସମ୍ଭାବନା ମଧ୍ୟ କିପରି ରହିବ ? ଭଗବାନ୍ ଯାହା କରନ୍ତି, ତାହା ସେ କରନ୍ତି କାରଣ ସେ ତାହା କରିବା ପାଇଁ ଇଚ୍ଛା କରନ୍ତି ।

ଆମର ଭ୍ରମପୂର୍ଣ୍ଣ ଦୃଷ୍ଟିରେ ସେଗୁଡ଼ିକ ହୁଏତ ଅଗମ୍ୟ ବା ଅବୋଧ୍ୟ କ୍ରିୟା ହୋଇ ପାରିଥାଏ, କିନ୍ତୁ ସେଗୁଡ଼ିକର ଏକ ଅର୍ଥ ଓ ଲକ୍ଷ୍ୟ ରହିଥାଏ ଏବଂ ଯେଉଁ ଦିଗରେ ତାହା ଆଗେଇ ନେବା ଉଚିତ, ସେହି ଦିଗରେହିଁ ତାହା ଆଗେଇ ନେଇଥାଏ ।

(ନିରବତା)

ଯଦି କେହି ଆନ୍ତରିକ ଭାବରେ ଅନ୍ୟମାନଙ୍କୁ ଓ ଜଗତକୁ ସାହାଯ୍ୟ କରିବାକୁ ଚାହେଁ, ତା' ହେଲେ ସେ ସର୍ବୋତ୍ତମ ଯେଉଁ କାମ କରିପାରିବ, ତା' ହେଉଛି ସେ ଅନ୍ୟମାନଙ୍କୁ ଯାହା ହେବା ପାଇଁ ଚାହେଁ ସେ ନିଜେ ତାହାହିଁ ହୋଇଉଠିବା – କେବଳ ଏକ ଦୃଷ୍ଟାନ୍ତ ରୂପେ ନୁହେଁ, ବରଂ ସେତେବେଳେ ସେ ହୋଇଉଠେ ଶକ୍ତି ବିକିରଣର ଏକ କେନ୍ଦ୍ର ଏବଂ ସେ ସ୍ୱୟଂ ସେହିପରି ହୋଇ ରହିଥିବା ଫଳରେ ତା'ର ସେହି ଅସ୍ତିତ୍ୱହିଁ ବାକି ସମସ୍ତ ଦୁନିଆକୁ ବାଧ୍ୟକରେ ରୂପାନ୍ତରର ପଥରେ ଆଗେଇଯିବା ପାଇଁ ।

(Bulletin, Aug. 2006, p. 43 - 47)

# ଆତ୍ମନିବେଦନ ଓ ଆନନ୍ଦ

## ଶ୍ରୀମା

ମା 'ଯୋଗ ସମନ୍ୱୟ'ରୁ ଆତ୍ମନିବେଦନ ଅଧ୍ୟାୟର କିଛି ଅଂଶ ପଢ଼ିଲେ ।

*ଶିଷ୍ୟ : ମା, ଜଣେ ଆତ୍ମନିବେଦନ କରିପାରେ କେବଳ ଯେତେବେଳେ ସେ ଏକ ଉଚ୍ଚ ସ୍ତରରେ ପହଞ୍ଚିଥାଏ, କିନ୍ତୁ ଯେତେବେଳେ ଜଣେ ଊଣା-ଅଧିକେ ଏକ ଅଚେତନ ଜୀବନ ନିର୍ବାହ କରୁଛି, ସେତେବେଳେ ଆତ୍ମନିବେଦନ ମଧ୍ୟ ଊଣା-ଅଧିକେ କେବଳ ମାନସିକହିଁ ହୋଇଥାଏ, ନୁହେଁ କି ? ଏବଂ ଏହା ମଧ୍ୟ ଫଳପ୍ରଦ ହୁଏ ନାହିଁ । ଜଣେ କ'ଣ କରିବା ଉଚିତ ? ଜଣେ କ'ଣ ଏକେବାରେ ମୂଳରୁ ଆତ୍ମନିବେଦନ ଦ୍ୱାରା ସାଧନା ଆରମ୍ଭ କରିପାରେ କି ?*

ଶ୍ରୀମା : ଏହା ନିର୍ଭର କରେ ସେହି ଲୋକ ଉପରେ ।

ଏପରି ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ ଚୈତ୍ୟ ଗତିବୃତ୍ତି, ଭାବଗତ ପ୍ରବୃତ୍ତି, ବୁଦ୍ଧିଗତ ବିଚାର ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଥାଏ । ସେମାନେ ନିଜେ ନଜାଣି, ଏହା କ'ଣ ସେସମ୍ପର୍କରେ ସାମାନ୍ୟତମ ଧାରଣା ନଥାଇ, ଏହା କିପରି ହୋଇପାରେ, ଏହା କ'ଣ ପ୍ରତିନିଧିତ୍ୱ କରେ, କିଛି ବି ନଜାଣି, ଏସମ୍ପର୍କରେ କୌଣସି ବୁଦ୍ଧିଗତ ଧାରଣା ନଥାଇ, ଏଥିପ୍ରତି ସେମାନଙ୍କ ଭିତରେ ଏକ ଆକର୍ଷଣ ଥାଏ, ଏକ ପ୍ରବୃତ୍ତି, ଏକ ପ୍ରୟୋଜନୀୟତା ଥାଏ, ଏକ ଅନିବାର୍ଯ୍ୟ ପ୍ରୟୋଜନୀୟତା ଥାଏ ।

ଏବଂ ଏହି ଲୋକମାନେ, ମୁଁ କହିପାରେ ଭଗବତ୍ କୃପା ଫଳରୁ ଏପରି ଏକ ମନର ଅଧିକାରୀ ହୋଇଥାଆନ୍ତି ଯାହା ସେମାନଙ୍କୁ ହଇରାଣ କରେ ନାହିଁ, କିଛି ପ୍ରଶ୍ନକରେ ନାହିଁ, କିଛି ଆଲୋଚନା କରେ ନାହିଁ, ଏମାନେ ଖୁବ୍ ଦ୍ରୁତଗତିରେ ଆଗେଇ ଯାଆନ୍ତି ।

ଏବଂ ତା'ପରେ ଯାହା ସାଧାରଣ ଧାରଣା ଅନୁସାରେ ଖୁବ୍ ଅଲୌକିକ ତା' ହେଉଛି ଯେତେବେଳେ ସେମାନେ ଆତ୍ମ-ନିବେଦନର ସେହି ସ୍ତରରେ ପହଞ୍ଚନ୍ତି ଯାହାକି ସେମାନଙ୍କ ଚୈତ୍ୟସତ୍ତା ଜରିଆରେ ସେମାନଙ୍କୁ ଦିବ୍ୟ-ଉପସ୍ଥିତି ସହ ଏକାତ୍ମ କରାଏ, ହଠାତ୍ ସେମାନଙ୍କ ଭିତରେ ଏପରି ପ୍ରକାଶସବୁ ଦେଖାଯାଏ ଯାହାକି ସେମାନଙ୍କ ସ୍ୱଭାବ ପାଇଁ ପୂରା ଅପରିଚିତ ଥିଲା ।

ବହୁଦିନ ପୂର୍ବେ ଫ୍ରାନ୍ସରେ ମୁଁ ଏହିପରି ଏକ ଘଟଣା ପ୍ରତ୍ୟକ୍ଷ କରିଥିଲି, ଏକ ଅଳ୍ପ ବୟସର ଛୋଟ ବାଳିକା, ଅତି ଛୋଟ ବାଳିକା, ଯାହାରକି କହିବାକୁ ଗଲେ ବିଶେଷ କିଛି ଶିକ୍ଷା ନଥିଲା, ଯେକି କେବଳ ଏକ ଅପେରା ଦଳର ଭଲ ନୃତ୍ୟ ଶିଳ୍ପୀ ଥିଲା, ଆଠ ବର୍ଷ ବୟସରେ ସେ ପଢ଼ାପଢ଼ି ଆରମ୍ଭ କରିଥିଲା, ଯାହା ସେଭଳି ପିଲାଙ୍କ କ୍ଷେତ୍ରରେ ହୁଏ, ଏବଂ ଇତିହାସ, ଗଣିତ, ଭୂଗୋଳ ଆଦି ପଢ଼ିବା ପରିବର୍ତ୍ତେ ସେ କେବଳ ନାଚ ଶିଖୁଥିଲା । ନିଜକୁ କିପରି ପ୍ରକାଶ କରିବାକୁ ହୁଏ, ତାହା ସେ ପ୍ରାୟ ଜାଣି ନ ଥିଲା ଏବଂ ସ୍ପଷ୍ଟତଃ ବୁଦ୍ଧିମତୀ ହେଲେ ମଧ୍ୟ ସେସମ୍ପର୍କରେ ତାହାର କିଛି ତାଲିମ ନଥିଲା । ସେହିପରି ଭାବରେ ସେ ଭଗବାନଙ୍କ ପ୍ରତି ଆକର୍ଷିତ ହେଲା ଏବଂ ଭଗବାନଙ୍କ ଅନ୍ୱେଷଣ ପାଇଁ, ତାଙ୍କ ପାଖରେ ନିଜକୁ ନିବେଦିତ କରିବା ପାଇଁ ସେ ଏକ ତୀବ୍ର ପ୍ରୟୋଜନୀୟତା ଅନୁଭବ କଲା । ପ୍ରଥମେ ତାଙ୍କରି ଉଦ୍ଦେଶ୍ୟରେ ସେ ନାଚିବାକୁ ଆରମ୍ଭ କଲା ଏବଂ ନୋତ୍ର ଦାମ୍‌ର ହସ୍ତକୌଶଳ ପ୍ରଦର୍ଶକ (Juggler of Notre Dame) ଶିଳ୍ପୀଙ୍କ ପରି ସେ ଉଲ୍ଲେଖନୀୟ ନୃତ୍ୟ ପ୍ରଦର୍ଶନ କରିଥିଲା । ତା'ପରେ ହଠାତ୍ ସେ ନିଜେ ଯାହା ଅନୁଭବ କରୁଥିଲା ସେଗୁଡ଼ିକୁ ପ୍ରକାଶ କରିବା ପାଇଁ ଚିଠି ଲେଖିବାକୁ ବସିଲା, ଯେଉଁଗୁଡ଼ିକ ଆଶ୍ଚର୍ଯ୍ୟଜନକ ଭାବେ କବିତା ସୁଲଭ ଥିଲା । ସେ ଅନେକ ବିସ୍ମୟକର ଭାବ ଓ ଶୈଳୀରେ ସମୃଦ୍ଧ କଥାସବୁ କହିଲା ଏବଂ ଆହୁରି ଅସାଧାରଣ କୃତିତ୍ୱ ନେଇ ପୃଷ୍ଠା ପରେ ପୃଷ୍ଠା ଲେଖିଚାଲିଲା ।

ଏହାପରେ ଏପରି ଘଟିଲା ଯେ କେତେକ ପରିସ୍ଥିତି ଯୋଗୁଁ ତା' ଭିତରେ କେତେକ ଅସୁବିଧା ଦେଖାଦେଲା ଏବଂ ତା' ସ୍ୱଭାବରେ କେତେକ ଜିନିଷ ତାକୁ ତା'ର ସେଇ ପୁରୁଣା ପ୍ରକୃତି ଦିଗରେ ଆକର୍ଷିତ କରି ପୁଣି ପଛକୁ ଫେରାଇ ଆଣିଲା, ଯାହାକୁ ସେ ଆଗରୁ ପରିତ୍ୟାଗ କରିଥିଲା, ଯାହାଫଳରେ ସେ ବାସ୍ତବବାଦୀ ଓ ବସ୍ତୁନିଷ୍ଠ ହୋଇପଡ଼ିଲା ଏବଂ ବିଷୟସବୁକୁ କେବଳ ଏକ ବାହ୍ୟ ଦୃଷ୍ଟି ନେଇ ଦେଖିଲା । ଏବଂ ସଙ୍ଗେ ସଙ୍ଗେ ସେ ଆଉ ଗୋଟିଏ ଧାଡ଼ି ମଧ୍ୟ ଲେଖିବାକୁ ଏବଂ ଦୁଇଟି

ଶବ୍ଦକୁ ଏକତ୍ରିତ କରି ଧରି ରଖିବାକୁ ଅସମର୍ଥ ହେଲା ଏବଂ ଅସଂଖ୍ୟ ବର୍ଣ୍ଣାଶୁଦ୍ଧି ମଧ୍ୟ ରହିଲା ।

ସେ ଯେତେବେଳେ ଏକ ପ୍ରେରଣାଦୀପ୍ତ ଅବସ୍ଥାରେ ଥିଲା, କୌଣସି ଭୁଲ୍ ନ କରି ବଡ଼ ଲେଖକଙ୍କ ପରି ଅନେକ କିଛି ଲେଖୁଥିଲା, କିନ୍ତୁ ସେହି ଅବସ୍ଥାରୁ ବାହାରି ଆସି ଦୈନନ୍ଦିନ ଜୀବନର ନାନା ପ୍ରୟୋଜନୀୟତା ଭିତରେ ପଡୁଥିଲା, ସେତେବେଳେ ତା'ର ଆଉ ସେସବୁ ସାମର୍ଥ୍ୟ ଉଭାଇଗଲା ଏବଂ ବିନା ଭୁଲ୍‌ରେ ଗୋଟିଏ ଧାଡ଼ି ମଧ୍ୟ ଲେଖିପାରିଲା ନାହିଁ ଏବଂ ଲେଖାଗୁଡ଼ିକ ମଧ୍ୟ ଖୁବ୍ ଅମାର୍ଜିତ ଉପାଦାନବିଶିଷ୍ଟ ହେଲା ।

ତେଣୁ, ତୁମେ ଦେଖ, ଏହା ପ୍ରମାଣ କରେ ଯେ ଯଦି ଜଣେ ଠିକ୍ ଚେତନାରେ ପହୁଞ୍ଚେ ତା'ହେଲେ ସମାଧାନ ପାଇଁ ଆଉ କୌଣସି ସମସ୍ୟା ରହିବ ନାହିଁ । ତୁମର ଯାହା ହେବା କଥା ତାହାହିଁ ହେବ । ତୁମର ଯାହା ଜାଣିବା କଥା ତାହା ଜାଣିବ, ତୁମର ଯାହା କରିବା କଥା ତାହା କରିବାର କ୍ଷମତା ପାଇବ । ଏବଂ ସ୍ୱାଭାବିକ ଭାବରେ ତଥାକଥିତ ସମସ୍ତ ବାଧାବିଘ୍ନ ତତ୍‌କ୍ଷଣାତ୍ ଦୂର ହୋଇଯିବ ।

ମୁଁ ଯେଉଁ ଘଟଣାଟି କଥା କହିଲି, ଯାହା ତାକୁ ପଛକୁ ଟାଣି ଆଣିଲା, ତାହା ତା'ର ନିଜ ଭିତରର କିଛି ଜିନିଷ ନଥିଲା, ଏହା ଥିଲା ଅନ୍ୟ ଏକ ଲୋକ ଭିତରେ । ଏବଂ ଦୁର୍ଭାଗ୍ୟବଶତଃ ଅଧିକାଂଶ କ୍ଷେତ୍ରରେ ଏହାହିଁ ଘଟେ । ନିଜ ଭିତରେ ଜଣେ ଅନ୍ୟର ଦାୟିତ୍ୱ ଓ ତା'ର ଗୁରୁଭାର ବହନ କରେ ଏବଂ ତାହା ତା'ର ଅଗ୍ରଗତିରେ ବାଧା ଦିଏ ।

ଏହାହିଁ ହେଲା ମୋର କାହାଣୀ ।

ଅନେକେ ଅଛନ୍ତି ଯେଉଁମାନେ ପ୍ରଥମେ ବୁଝିପାରନ୍ତି, ଯେଉଁମାନେ ଖୁବ୍ ବୁଦ୍ଧିଜୀବୀ, ଯେଉଁମାନେ ଅଧ୍ୟୟନ କରିଛନ୍ତି, ଶବ୍ଦ ଓ ଚିନ୍ତାଧାରା ବା ଧାରଣା ନେଇ ଖେଳିପାରନ୍ତି, ସମସ୍ତ ଧର୍ମ ଓ ଦର୍ଶନ ଉପରେ ସୁନ୍ଦର ବକ୍ତୃତାମାନ ଦେଇପାରନ୍ତି, ସମସ୍ତ ଧର୍ମ ଓ ମାନବୀୟ ଧାରଣା ଉପରେ ବୁଝାଇ ପାରନ୍ତି, ଓ ସମ୍ଭବତଃ ଏମାନଙ୍କ ପାଇଁ ପାଦେ ଆଗକୁ ଯିବାକୁ ବର୍ଷ ବର୍ଷ ଲାଗିଯାଇପାରେ, କାରଣ ସବୁକିଛି ହୁଏ କେବଳ ମସ୍ତିଷ୍କରେ ।

ଅନେକ କଥା ମସ୍ତିଷ୍କରେ ହୁଏ । ମୁଁ ତୁମକୁ ଏହା ବହୁବାର କହିଛି ଯେ ମସ୍ତିଷ୍କଟି ଗୋଟିଏ ହାଟ, ବଜାର ପରି । ସବୁକିଛି ତାହା ଭିତରେ ଢୁକିପାରେ, ବିଚରଣ କରିପାରେ, ବାହାରକୁ ବାହାରି ଯାଇପାରେ ଏବଂ ଅନେକ ବିଶୃଙ୍ଖଳା ସୃଷ୍ଟି କରିପାରେ । ଏବଂ ଯେଉଁମାନେ କେବଳ ଧାରଣା ଓ ଚିନ୍ତାଧାରା ନେଇ ଖେଳିବାରେ ଅଭ୍ୟସ୍ତ ସେମାନେ ଅଧିକ ଦୂର ଯାଇପାରନ୍ତି ନାହିଁ । ଏହା ବେଶ୍ ଆମୋଦଦାୟକ, ଆକର୍ଷଣୀୟ ଖେଳ, ଏହା ତୁମକୁ ଏପରି ଧାରଣା ଦିଏ ଯେ ତୁମେ କେବଳ ଏକ ସାମାନ୍ୟ ସାଧାରଣ ଲୋକ ନୁହଁ, କେବଳ ସାଧାରଣ ସ୍ତରରେ ରହି ନାହଁ, କିନ୍ତୁ ଏହା ତୁମ ଉଡ଼ିବାର ଡେଣାକୁ କାଟିଦିଏ ।

ମସ୍ତିଷ୍କର ଉଡ଼ିବା ପାଇଁ ଡେଣା ନାହିଁ, ଏହା ହେଉଛି ହୃଦୟର ଅଧିକାର । ହୃଦୟହିଁ ବୁଝେ ଏହାହିଁ ହେଉଛି ଅନିବାର୍ଯ୍ୟ ପ୍ରୟୋଜନୀୟତା । ଆଉ କିଛିର କିଛି ଅର୍ଥ ନାହିଁ । ଏହାହିଁ ସବୁକିଛି । କେବଳ ଏହାହିଁ ।

ଏବଂ ସର୍ବୋପରି ବାଧାବିଘ୍ନ ପ୍ରତି କୌଣସି ଖାତିର ରହିବ ନାହିଁ । ସେଗୁଡ଼ିକ ତୁମର କ'ଣ କରିପାରିବେ ?... ସେଗୁଡ଼ିକର କିଛି ମୂଲ୍ୟ ନାହିଁ । ବେଳେବେଳେ ସମୟ ମଧ୍ୟ ହାସ୍ୟାସ୍ପଦ ଲାଗେ । ଯଦି ଏଥିପାଇଁ ଦୀର୍ଘ ସମୟ ଲାଗେ ତା'ହେଲେ ତହିଁରେ ଯାଏ ଆସେ କ'ଣ ? କାରଣ ବହୁ ଦୀର୍ଘକାଳ ପାଇଁ ତୁମେ ଆସ୍ପୃହା, ଉତ୍ସର୍ଗ ଓ ଆତ୍ମଦାନର ଆନନ୍ଦ ପାଇବ ।

କାରଣ ଏହାହିଁ ହେଉଛି ଏକମାତ୍ର ଯଥାର୍ଥ ଆନନ୍ଦ । ଏବଂ ଏହି ଆନନ୍ଦ ମ୍ଳାନ ହୋଇଯାଏ ଯେତେବେଳେ ଅହଂଗତ କିଛିର ଆବିର୍ଭାବ ହୁଏ କାରଣ ସେତେବେଳେ ଆସିଯାଏ ଏକ ଦାବି – ଯାହାକୁ ଆମେ କହୁ ପ୍ରୟୋଜନୀୟତା – ଯାହାକି ଆତ୍ମନିବେଦନ ସଙ୍ଗେ ମିଶିଯାଏ । ତା' ନହେଲେ ସେ ଆନନ୍ଦ କେବେ ବି ଚାଲିଯାଆନ୍ତା ନାହିଁ ।

ଏହାହିଁ ପ୍ରଥମ ଜିନିଷ ଯାହା ଜଣେ ଲାଭ କରେ ଏବଂ ଶେଷ ଜିନିଷ ଯାହା ଜଣେ ଉପଲବ୍ଧି କରେ । ଏବଂ ଏହାହିଁ ହେଉଛି ବିଜୟର ଲକ୍ଷଣ ।

ଯେପର୍ଯ୍ୟନ୍ତ ତୁମେ ଏକ ଆନନ୍ଦରେ ରହି ନାହଁ, ଏପରି ଏକ ଆନନ୍ଦ ଯାହାକି ନିରନ୍ତର, ନିରବ, ପ୍ରଶାନ୍ତ ଓ ଜ୍ୟୋତିର୍ମୟ, ଅପରିବର୍ତ୍ତନୀୟ ଆନନ୍ଦ, ତା'ହେଲେ ତୁମକୁ ନିଜକୁ ଶୁଦ୍ଧ କରିବା ପାଇଁ ଆହୁରି କାମ କରିବାକୁ ହେବ, ଏବଂ ବେଳେବେଳେ କଠିନ କାମ କରିବାକୁ ହେବ । କିନ୍ତୁ ଏହାହିଁ ହେଉଛି ଲକ୍ଷଣ ।

ବିଚ୍ଛେଦର ଭାବରୁହିଁ ଯନ୍ତ୍ରଣା, ଦୁର୍ଭୋଗ, ମ୍ରିୟମାଣତା, ଅଜ୍ଞାନତା ଓ ଅନ୍ୟାନ୍ୟ ଅସାମର୍ଥ୍ୟର ଭାବ ଆସେ । ପୂର୍ଣ୍ଣ ଉତ୍ସର୍ଗ ଭିତରେ ଏକ ଅଖଣ୍ଡ ଆତ୍ମଦାନ, ଆତ୍ମବିସ୍ମରଣରେହିଁ ଦୁର୍ଭୋଗ ଓ ଯାତନା ଦୂର ହୋଇଥାଏ ଓ ତା'ର ସ୍ଥାନ ନିଏ ଏପରି ଏକ ଆନନ୍ଦ ଯାହାକୁ କୌଣସି କିଛି ଆବୃତ କରିପାରିବ ନାହିଁ ।

*(ଅବଶିଷ୍ଟାଂଶ ପୃଷ୍ଠା ୩୪ରେ ଦେଖନ୍ତୁ)*

# ଆମ୍ଭାର ଆବିଷ୍କାର

## ଶ୍ରୀମା

ଲୋକେ ବାହ୍ୟ ପଦାର୍ଥଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥା'ନ୍ତି । ତାହାର ଅର୍ଥ ହେଉଛି ଯେ, ସେମାନଙ୍କର ଚେତନା ବହିଃସ୍ଥ ବସ୍ତୁଗୁଡ଼ିକ ଆଡ଼କୁ ଧାବିତ ହୋଇ ରହିଥାଏ,— ଅର୍ଥାତ୍, ଜଣେ ମଣିଷ ଯାହାକିଛି ଦେଖୁଥାଏ, ଜାଣୁଥାଏ ବା କରୁଥାଏ, ଗଭୀରତର ସତ୍ୟଟିକୁ ବା ଦିବ୍ୟ ପରମସତ୍ତାଙ୍କୁ ଲାଭ କରିବା ସକାଶେ ଭିତର ଆଡ଼କୁ ମୁହଁ କରି ରହିବା ପରିବର୍ତ୍ତେ ସେସବୁ ବାହାର ମୁହାଁ ହୋଇ ରହିଥାଏ । ଏଇଟି ହେଉଛି ସର୍ବ ପ୍ରଥମ ଗତିସ୍ପନ୍ଦନ । ତୁମେ ଯାହାକିଛି କରୁଥାଅ, ତୁମ ଚାରିପାଖରେ ଯେଉଁ ଲୋକମାନେ ଥା'ନ୍ତି ଓ ତୁମେ ଯେଉଁ ବସ୍ତୁଗୁଡ଼ିକୁ ବ୍ୟବହାର କରୁଥାଅ,— ସେଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥାଅ । ଏବଂ ତା'ପରେ ତୁମ ଜୀବନର ନାନା କାର୍ଯ୍ୟ : ଶୋଇବା, ଖାଇବା, କଥା କହିବା, କିଛି କାର୍ଯ୍ୟ କରିବା, କିଞ୍ଚିତ୍ ଆନନ୍ଦ ବି ଲାଭ କରିବା,— ଏହିସବୁଥିରେ ବ୍ୟସ୍ତ ହୋଇ ରହିଥାଅ । ତା'ପରେ ସେଗୁଡ଼ିକୁ ପୁନର୍ବାର ଆରମ୍ଭ କରିବାକୁ ହୁଏ : ସେଇ ଶୋଇବା, ଖାଇବା, ଇତ୍ୟାଦି, ଇତ୍ୟାଦି ପୁଣି ଆରମ୍ଭ ହେଉଥାଏ,— ପୁଣି ସରେ, ପୁଣି ଆରମ୍ଭ ହୁଏ । ଏବଂ ତା'ପରେ, ଅମୁକ ଲୋକ କ'ଣ କହିଲା, ସମୁକ ଲୋକ କ'ଣ କଲା, ତୁମର କ'ଣ କରିବା ଉଚିତ, ଜୀବନରୁ କି ଶିକ୍ଷା ପାଇବା ଉଚିତ, ଯେଉଁ କାର୍ଯ୍ୟଟିକୁ ପ୍ରସ୍ତୁତ କରି ରଖିବା ଉଚିତ;— ଏବଂ ତା'ପରେ, ତୁମ ଦେହ ଭଲ ଅଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ,— ଏହିପରି ଯାବତୀୟ କଥା । ତୁମେ ସାଧାରଣତଃ ଏହିସବୁ କଥା ଭାବି ବ୍ୟସ୍ତ ହୋଇ ରହିଥାଅ ।

ତେଣୁ, ସର୍ବପ୍ରଥମ କାର୍ଯ୍ୟଟି ହେଉଛି — ଏବଂ ଏହା ଆଦୌ ଏକ ସହଜ କାର୍ଯ୍ୟ ନୁହେଁ,— ଏହି ସବୁକିଛିକୁ ପୃଷ୍ଠଭୂମିକୁ ନେଇଯିବା ଏବଂ କେବଳ ଗୋଟିଏ ବସ୍ତୁକୁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବସ୍ତୁ ଭାବରେ ତୁମ ଭିତରକୁ ଏବଂ ତୁମ ଚେତନାର ପୁରୋଭାଗକୁ ଆସିବା ଲାଗି ବାଟ ଛାଡ଼ିଦେବା : ତୁମ ଅସ୍ତିତ୍ୱ ତଥା ଜୀବନର ଯଥାର୍ଥ ଉଦ୍ଦେଶ୍ୟଟିର ଆବିଷ୍କାର;— ତୁମେ ପ୍ରକୃତରେ କ'ଣ, ତୁମେ କାହିଁକି ଜୀବନଧାରଣ କରିରହିଛ ଏବଂ ଏହି ଯାବତୀୟ ସବୁକିଛିର ପଶ୍ଚାତରେ ପ୍ରକୃତରେ କ'ଣ ଅବସ୍ଥିତ ରହିଛି, ସେହି କଥାଟିକୁ ଅନୁସନ୍ଧାନ କରି ଜାଣିବା । ଏତିକି ହେଉଛି ସର୍ବପ୍ରଥମ ପଦକ୍ଷେପ : ବାହ୍ୟ ପ୍ରକାଶଟି ଅପେକ୍ଷା କାରଣ ଏବଂ ଉଦ୍ଦେଶ୍ୟ ଆଡ଼କୁ ଆପଣାକୁ ଅଧିକ ଆଗ୍ରହାନ୍ୱିତ କରି ରଖିବା । ଅର୍ଥାତ୍, ସର୍ବପ୍ରଥମ କାର୍ଯ୍ୟଟି ହେଉଛି, ବହିଃସ୍ଥ ତଥା ପ୍ରାତିଭାସିକ ସକଳ ବସ୍ତୁ ମଧ୍ୟରେ ନିଜକୁ ଏହିପରି ଭାବରେ ଏକାତ୍ମକ କରି ରଖିବାର ସ୍ଥିତିରୁ ଚେତନାକୁ ପ୍ରତ୍ୟାହୃତ କରି ନେଇ ଆସିବା । ଏବଂ, ତୁମେ ପ୍ରକୃତରେ ଯାହାର ସନ୍ଧାନ ଲାଭ କରିବାକୁ ଇଚ୍ଛା କରୁଛ, ଯେଉଁ ପରମସତ୍ୟର ଆବିଷ୍କାର କରିବାକୁ ଚାହୁଁଛ, ତାହାରି ଉପରେହିଁ ଆପଣାକୁ ଏକପ୍ରକାର ଅଭିନିବେଶିତ କରି ରଖିବା । ଏଇଟି ହେଉଛି ସର୍ବପ୍ରଥମ କାର୍ଯ୍ୟ ।

ଏଠାରେ ଥିବା ଅନେକ ବ୍ୟକ୍ତି ଗୋଟିଏ କଥାକୁ ଭାରି ଭୁଲିଯା'ନ୍ତି । ସେମାନେ ଶେଷରୁ ଆରମ୍ଭ କରିବାକୁ ଇଚ୍ଛା କରନ୍ତି । ସେମାନେ ଭାବନ୍ତି ଯେ ଯାହାକୁ ସେମାନେ ଅତିମାନସ ପରମଶକ୍ତି ବା ପରମଚେତନା ବୋଲି କହୁଛନ୍ତି, ନିଜ ଜୀବନରେ ତାହାକୁ ପ୍ରକାଶିତ କରିବାକୁ ସେମାନେ ପ୍ରସ୍ତୁତ ହୋଇଗଲେଣି ଏବଂ ତେଣୁ ସେମାନେ ତାହାକୁହିଁ ନିଜର କାର୍ଯ୍ୟ, ନିଜର ସକଳ ଗତିସ୍ପନ୍ଦନ ଏବଂ ଦୈନନ୍ଦିନ ଜୀବନରେ ଅନୁପ୍ରବିଷ୍ଟ କରି ରଖିବାକୁ ଇଚ୍ଛା କରୁଥା'ନ୍ତି । ମାତ୍ର ଅସୁବିଧାଟି ହେଉଛି ଯେ, ଏହି ଅତିମାନସ ପରମଶକ୍ତି ଓ ପରମଚେତନା ଯେ ପ୍ରକୃତରେ କ'ଣ ସେକଥା ସେମାନେ ଆଦୌ ଜାଣି ନ ଥା'ନ୍ତି; ସର୍ବପ୍ରଥମେ ଯେ ଏହି କ୍ଷେତ୍ରରେ ଏକ ଉତ୍କ୍ରମଣର ଆବଶ୍ୟକତା ରହିଛି, ଅନ୍ତଃପ୍ରବିଷ୍ଟ ହେବାର ଏବଂ ବାହ୍ୟ ଜୀବନରୁ ପ୍ରତ୍ୟାହୃତ ହୋଇ ରହିବାର ଆବଶ୍ୟକତା ରହିଛି, ନିଜ ଭିତରେହିଁ ଯେପରି ଅଭିବ୍ୟକ୍ତ ହେବାକୁ ରହିଥିବା ପରମ ସତ୍ୟଟିକୁ ଲାଭ କରାଯାଇ ପାରିବ, ସେମାନେ ତାହା ଜାଣି ନଥା'ନ୍ତି ।

କାରଣ, ତାହାର ସନ୍ଧାନ ଲାଭ ନ କରିଥିବା ପର୍ଯ୍ୟନ୍ତ ଅଭିବ୍ୟକ୍ତ କରିବା ଲାଗି ମଧ୍ୟ ତୁମ ପାଖରେ ଆଦୌ କିଛି ନ ଥିବ । ଏବଂ, ମୁଁ ଏକ ଅସାଧାରଣ ଜୀବନ ଯାପନ କରୁଛି ବୋଲି କଳ୍ପନା କରିବା ଦ୍ୱାରା ଜଣେ ବ୍ୟକ୍ତି କେବଳ ଆପଣାର ସେହି ଅସାଧାରଣ ସ୍ଥିତିର ଭୂମିଟିକୁ ନେଇ ବାସ କରିବାହିଁ ସାର ହୁଏ । ତେଣୁ, ଆମକୁ ସର୍ବପ୍ରଥମେ ଯେ କେବଳ ଆମର ଆତ୍ମା ଏବଂ ତାହାକୁ ଧରି ରଖିଥିବା ଦିବ୍ୟ-ପରମସତ୍ତାଙ୍କୁ

ଆବିଷ୍କାର କରିବାକୁ ହେବ ତା' ନୁହେଁ, ଆମକୁ ତାହା ସହିତ ଏକ ତଦାତ୍ମକତା ବି ଅର୍ଜନ କରିବାକୁ ପଡ଼ିବ । ଏବଂ ତା'ପରେ ପରେ ହୁଏତ ତୁମେ ବାହ୍ୟ କାର୍ଯ୍ୟକଳାପର କ୍ଷେତ୍ରକୁ ଫେରିଆସି ପାରିବ ଏବଂ ତା'ପରେ ଯାଇ ସେଗୁଡ଼ିକର ରୂପାନ୍ତର ଘଟାଇବ; କାରଣ ସେଗୁଡ଼ିକୁ ପ୍ରକୃତରେ କେଉଁ ଦିଗରେ ଧାବିତ କରିବାକୁ ହେବ ଓ କେଉଁଥିକୁ ରୂପାନ୍ତରିତ କରିବାକୁ ହେବ, ସେତେବେଳେ ତୁମେ ସେହି କଥାଟିକୁ ଜାଣିପାରିଥିବ ।

ଆମେ କଦାପି ଏହି ସୋପାନଟିକୁ ଡେଇଁ ଯାଇପାରିବା ନାହିଁ । ପ୍ରଥମେ ଆପଣାର ଆତ୍ମାକୁ ଆବିଷ୍କାର କରିବାକୁ ପଡ଼ିବ, ଏହା ଏକାନ୍ତ ଅପରିହାର୍ଯ୍ୟ; ଏବଂ, ସେହି ଆତ୍ମା ସହିତ ଏକାତ୍ମକତା ଅର୍ଜନ କରିବାକୁ ହେବ । ତା'ପରେ ଯାଇ ରୂପାନ୍ତର ସୋପାନଟିକୁ ଆସିପାରିବ । ଶ୍ରୀଅରବିନ୍ଦ କୌଣସି ଏକ ସ୍ଥାନରେ କହିଛନ୍ତି, ''ଅନ୍ୟସବୁ ଯୋଗର ଶେଷ ଯେଉଁଠି, ଆମ ଯୋଗର ଆରମ୍ଭ ସେହିଠାରୁ'' । ସାଧାରଣତଃ ଯୋଗ ଆମକୁ ପ୍ରକୃତରେ ଏହି ତଦାତ୍ମକତାର, ଦିବ୍ୟ ପରମ ସତ୍ତାଙ୍କ ସହିତ ସଂଯୁକ୍ତ ହେବାର ଏହି ସୋପାନଟିକୁ ପରିଚାଳିତ କରି ନେଇଯାଏ;– ସେଥିଲାଗି ତାହାକୁ ''ଯୋଗ'' ବୋଲି କୁହାଯାଇଛି । ଏବଂ, ଲୋକମାନେ ଯେତେବେଳେ ଏହି ସୋପାନରେ ଆସି ପହଞ୍ଚିଯା'ନ୍ତି, ସେତେବେଳେ ସେମାନେ ସେହି ମାର୍ଗର ଶେଷରେ ଆସି ପହଞ୍ଚିଥା'ନ୍ତି ଏବଂ ସେହିଠାରେ ପହଞ୍ଚି ସନ୍ତୋଷ ଲାଭ କରନ୍ତି । ମାତ୍ର ଶ୍ରୀଅରବିନ୍ଦ ଲେଖିଛନ୍ତି : ସେମାନେ ଶେଷ ଯେଉଁଠି କରନ୍ତି, ଆମର ଠିକ୍ ସେହିଠାରୁ ଆରମ୍ଭ ହୁଏ । ତୁମେ ଦିବ୍ୟ ପରମ-ସତ୍ତାଙ୍କୁ ଉପଲବ୍ଧି କରିଥାଅ, ମାତ୍ର ଧ୍ୟାନ ଓ ମନନାଦିରେ ବସି, ଦିବ୍ୟ ପରମ ସତ୍ତା ଅନୁପଯୋଗୀ ହୋଇଯାଇଥିବା ତୁମର ଶରୀର ମଧ୍ୟରୁ ତୁମକୁ ଯେପରି ବାହାର କରି ନେଇଯିବେ, ସେଥିଲାଗି ଅପେକ୍ଷା କରି ରହିବା ପରିବର୍ତ୍ତେ, ତୁମେ ଉପଲବ୍ଧ ସେହି ଚେତନାଟି ସହିତ ଶରୀର ଏବଂ ଜୀବନ ମଧ୍ୟକୁ ଫେରିଆସ ଏବଂ ରୂପାନ୍ତରର କାର୍ଯ୍ୟଟିକୁ ଆରମ୍ଭ କରିଦିଅ । ଏଥିପାଇଁ ଅତ୍ୟନ୍ତ କଠୋର ସାଧନା ଦରକାର ହୁଏ । ଏହିଠାରେହିଁ ସେ ଏହାକୁ ଏକ ଅନାକ୍ରାନ୍ତ ଅରଣ୍ୟ ମଧ୍ୟରେ ନିଜର ପଥଟିକୁ ନିର୍ମାଣ କରି ଅଗ୍ରସର ହେବା ସହିତ ତୁଳନା କରିଛନ୍ତି । କାରଣ, ଆଗରୁ କେହି ହେଲେ ସେହି ମାର୍ଗରେ ଯାଇ ନଥିବା ହେତୁ, ତୁମକୁ ନୂଆ କରି ସେଠାରେ ଏକ ପଥ ନିର୍ମାଣ କରିବାକୁ ପଡ଼ିବ । ମାତ୍ର, ଅନ୍ତରସ୍ଥ ଦିବ୍ୟ ପରମସତ୍ତାଙ୍କ ସହିତ ଅର୍ଥାତ୍ ଆପଣାର ଆତ୍ମା ସହିତ ଯୁକ୍ତ ହେବାର ସେହି ଅପରିହାର୍ଯ୍ୟ ଅନୁଜ୍ଞାଟିକୁ ଲାଭ ନ କରିଥିବା ପର୍ଯ୍ୟନ୍ତ ଏକଥା କରିବା ଲାଗି ଚେଷ୍ଟା କରିବା ପ୍ରକୃତରେ ପିଲାଖେଳ ପରିହିଁ ହେବ । – ନୁହେଁ ?

ଏଠାରେ ମୁଁ ଯୋଗ ସାଧନାର କଥା କହୁଛି । ତୁମ୍ଭମାନଙ୍କର, ଏଠାରେ ଥିବା ପିଲାମାନଙ୍କର ଜୀବନ ବିଷୟରେ କିଛି କହୁ ନାହିଁ । ତାହା ହେଉଛି ଏକ ଭିନ୍ନ କଥା । ତୁମେମାନେ ଆପଣାର ବିକାଶ ସାଧନ ପାଇଁ ଏଠାରେ ରହିଛ । ଏବଂ ଯେତେବେଳେ ତୁମେମାନେ ବିକାଶପ୍ରାପ୍ତ ହେବ ଏବଂ ଆପଣାର ଭାବନା ବୋଲି ତୁମର ସ୍ୱତନ୍ତ୍ର ହୋଇ କିଛି ରହିବ, ନିଜର ଦୃଷ୍ଟି ବୋଲି ସ୍ୱତନ୍ତ୍ର ଭାବରେ କିଛି ଉପଲବ୍ଧ ହେବ, ତୁମେ କିଭଳି ଜୀବନ ବଞ୍ଚିବାକୁ ଇଚ୍ଛା କରୁଛ, ମୁକ୍ତ ଭାବରେ ତାହା ବାଛି ପାରିବାକୁ ଯେତେବେଳେ ତୁମେ ଯଥେଷ୍ଟ ଜ୍ଞାନ ହାସଲ କରିବ ସେତେବେଳେ ଯାଇ ତୁମେମାନେ ମଧ୍ୟ ଏକ ନିଷ୍ପତ୍ତି ଗ୍ରହଣ କରିବ ।

ମାତ୍ର, ଯେଉଁମାନେ ନିଷ୍ପତ୍ତି ଗ୍ରହଣ କରି ସାରିଛନ୍ତି, ସେମାନଙ୍କ ଲାଗି ସର୍ବପ୍ରଥମ ଅପରିହାର୍ଯ୍ୟ କଥାଟି ହେଉଛି ଯେ, ସେମାନେ ନିଜର ଆତ୍ମାକୁ ଜାଣିବେ, ନିଜ ଚୈତ୍ୟସତ୍ତା ସହିତ ଯୁକ୍ତ ହେବେ ଏବଂ ଅନ୍ତରସ୍ଥ ଦିବ୍ୟ-ପରମସତ୍ତାଙ୍କ ସହିତ ମଧ୍ୟ ସଂଯୋଗ ସ୍ଥାପନ କରିବେ । ଏକାନ୍ତ ଅପରିହାର୍ଯ୍ୟ ଭାବରେ ସେମାନେ ଏହିଠାରୁହିଁ ଆରମ୍ଭ କରିବେ । ଆମେ କଦାପି ସେତୁଟିକୁ ଡେଇଁ ପଡ଼ି ସେପାଖକୁ ଯାଇ ପାରିବା ନାହିଁ, ଏହା କଦାପି ସମ୍ଭବ ନୁହେଁ । ତୁମକୁ ଯେଉଁ ସହାୟତା ମିଳୁଛି, ତାହାକୁ ଯଥାର୍ଥରେ ବ୍ୟବହାର କରିଜାଣିଲେ ଏହି କାର୍ଯ୍ୟଟି ଅତ୍ୟନ୍ତ ତ୍ୱରାନ୍ୱିତ ଭାବରେ ସାଧିତ ହୋଇପାରିବ । ମାତ୍ର, କାର୍ଯ୍ୟଟିକୁ କରିବାକୁହିଁ ପଡ଼ିବ ।

... କାହାରି କିଛି ପଚାରିବାକୁ ଅଛି ? ପବିତ୍ର ବର୍ତ୍ତମାନ ତାଙ୍କ ଆତ୍ମାର ସନ୍ଧାନ କରୁଛନ୍ତି !

*ପ୍ରଶ୍ନ : ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : ''ଏକ ନୂତନ ଦୃଷ୍ଟିକୋଣରୁ ସେହି ଗୋଟିଏ ସମସ୍ୟାରହିଁ ନିକଟବର୍ତ୍ତୀ ହେବାକୁ ପଡ଼ିବ ।''*

ଶ୍ରୀମା : ହଁ, ମୁଁ ବର୍ତ୍ତମାନ ଠିକ୍ ସେହି କଥାଟିକୁ କହୁଥିଲି । ସମସ୍ୟାଟି ସେହି ଗୋଟିଏ ସମସ୍ୟା... ସମସ୍ୟାଟି ହେଉଛି ନିଜ ଆତ୍ମାକୁ ଆବିଷ୍କାର କରିବା ଏବଂ ଦିବ୍ୟ ଓ ଦିବ୍ୟ-ପରମସତ୍ତାଙ୍କ ସହିତ ଯୁକ୍ତ ହେବା ।

(CWM - Vol. 7, pp. 349 - 351)

# ଭାରତହିଁ ଭଗବାନଙ୍କ ନିର୍ବାଚିତ ଦେଶ

## ଶ୍ରୀଅରବିନ୍ଦ

ସମଗ୍ର ମାନବଜାତିରେ ମନୁଷ୍ୟର ଆତ୍ମା ଆଗରେ ଗୋଟିଏ ମାତ୍ର ଲକ୍ଷ୍ୟ ରହିଛି, କିନ୍ତୁ ବିଭିନ୍ନ ମହାଦେଶ, ବିଭିନ୍ନ ଜାତି, ବିଭିନ୍ନ ଦିଗରୁ ସେହି ଲକ୍ଷ୍ୟ ଅଭିମୁଖରେ ଅଗ୍ରସର ହୁଅନ୍ତି । ସେମାନଙ୍କର କର୍ମପ୍ରେରଣା ଓ ଅନୁସୃତ ପଦ୍ଧତି ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଅନ୍ତର୍ନିହିତ ଚରମ ଭଗବତ୍ ଅଭିପ୍ରାୟଟିକୁ ଚିହ୍ନି ନପାରି ସେମାନେ ପରସ୍ପର ସହିତ ସଂଗ୍ରାମରେ ପ୍ରବୃତ୍ତ ହୁଅନ୍ତି ଏବଂ ପ୍ରତ୍ୟେକେ ଦାବି କରନ୍ତି ଯେ ମାନବଜାତି ପାଇଁ ତାଙ୍କରି ନିର୍ଦ୍ଦିଷ୍ଟ ପଥଟିହିଁ ଏକମାତ୍ର ପଥ । ଘଟନାଚକ୍ରରେ ଯେଉଁ ସଭ୍ୟତା ମଧ୍ୟରେ ସେମାନେ ଜନ୍ମଗ୍ରହଣ କରିଛନ୍ତି ସେମାନଙ୍କର ମତରେ ତାହାହିଁ ବାସ୍ତବରେ ଏକମାତ୍ର ପରିପୂର୍ଣ୍ଣାଙ୍ଗ ସଭ୍ୟତା ଏବଂ ଅନ୍ୟ ସମସ୍ତ ସଭ୍ୟତା ନଷ୍ଟ ବା ଧ୍ୱଂସପ୍ରାପ୍ତ ହେବା ବାଞ୍ଛନୀୟ । କିନ୍ତୁ ଯଥାର୍ଥ ପରିପୂର୍ଣ୍ଣାଙ୍ଗ ମାନବ ସଭ୍ୟତାର ଆବିଷ୍କାର ଏପର୍ଯ୍ୟନ୍ତ ବାକି ରହିଛି, କାରଣ ମାନବଜାତିର ଜୀବନ ଧାରାରେ ବର୍ତ୍ତମାନ ପର୍ଯ୍ୟନ୍ତ ଦଶ ଭାଗରୁ ନଅ ଭାଗ ବର୍ବରତା ଓ ଏକ ଭାଗ ମାତ୍ର ସଂସ୍କୃତି ରହିଛି ।

ଇଉରୋପୀୟ ମନୋବୃତ୍ତି ସଂଗ୍ରାମମୂଳକ ଅଭିବୃଦ୍ଧିର ନୀତିକୁ ପ୍ରଥମ ସ୍ଥାନ ଦେଇଛି ଏବଂ ସଂଗ୍ରାମ ସାହାଯ୍ୟରେ ଏହା କୌଣସି ପ୍ରକାର ଏକ ସଙ୍ଗତି ବିଧାନରେ ପହଞ୍ଚିପାରିଛି । କିନ୍ତୁ ଏହି ପ୍ରକାର ସଙ୍ଗତି ପ୍ରତିଯୋଗିତା, ଆକ୍ରମଣ ଓ ଅଧିକତର ସଂଗ୍ରାମ ଦ୍ୱାରା ଉନ୍ନତିର ଗୋଟିଏ ସଙ୍ଗଠନ ବ୍ୟତୀତ ଅଧିକ କିଛି ନୁହେଁ । ଏହା ଏପରି ଏକ ଶାନ୍ତି ଯାହା ସର୍ବଦା ଭାଙ୍ଗି ପଡ଼େ, ଏପରିକି ଶାନ୍ତି ଭିତରେ ମଧ୍ୟ ଅଶାନ୍ତିର ସୃଷ୍ଟି ହୁଏ, ଏବଂ ତାହା ବିଭିନ୍ନ ନୀତି, ଭାବଧାରା, ସ୍ୱାର୍ଥ, ଜାତି ଓ ଶ୍ରେଣୀ ମଧ୍ୟରେ ନୂତନ ସଂଘର୍ଷର କାରଣ ହୋଇଉଠେ । ଏହା ଏପରି ଏକ ସଙ୍ଗଠନ ଯାହାର ଭିତ୍ତି ଏବଂ କେନ୍ଦ୍ର ଅନିଶ୍ଚିତ ଓ ବିପତ୍‌ସଙ୍କୁଳ, କାରଣ ତାହା ପ୍ରତିଷ୍ଠିତ ହୋଇଥାଏ ଗୁଡ଼ିଏ ଅର୍ଦ୍ଧସତ୍ୟ ଉପରେ ଯାହାକି ଅଧୋଗାମୀ ହୋଇ ଶେଷରେ ସମ୍ପୂର୍ଣ୍ଣ ମିଥ୍ୟାଚାରରେ ପରିଣତ ହୁଏ । କିନ୍ତୁ ତଥାପି ଏହା ନିଜର ନିରନ୍ତର ପ୍ରଚେଷ୍ଟା ଓ କୃତିତ୍ୱରେ ଅଦ୍ୟାବଧି ଶକ୍ତିଶାଳୀ ହୋଇ ରହିଛି ଏବଂ ସାମର୍ଥ୍ୟ ଓ ଶକ୍ତିମତ୍ତା ନେଇ ବୃଦ୍ଧିଲାଭ କରିବା ଦିଗରେ ତଥା ଅପରକୁ ଗ୍ରାସ ଓ ଆତ୍ମସାତ୍ କରିବା ଦିଗରେ ସକ୍ଷମ ହୋଇ ପାରିଛି ।

ଭାରତୀୟ ସଂସ୍କୃତି ସଙ୍ଗତିର ଏପରି ଗୋଟିଏ ମୌଳିକ ନୀତି ଅନୁସରଣ କରି ଅଗ୍ରସର ହୋଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଏକତ୍ୱର ଭିତ୍ତିରେ ସଙ୍ଗତିର ପ୍ରତିଷ୍ଠା କରି ତା'ଠାରୁ ଆହୁରି ବୃହତ୍ତର ଏକତ୍ୱରେ ପହଞ୍ଚି ପାରିବା ପାଇଁ ପ୍ରୟାସ କରିବା । ଏହାର ଲକ୍ଷ୍ୟ ଥିଲା ଏପରି ଏକ ସ୍ଥାୟୀ ବ୍ୟବସ୍ଥାର ସଙ୍ଗଠନ ଯାହା ସଂଘର୍ଷର ନୀତିକୁ ହ୍ରାସ ଓ ଅବଦମିତ କରିବ ବା ଏପରିକି ପୂରାପୂରି ପରିହାର ଓ ଉଚ୍ଛେଦ କରିଦେବ । କିନ୍ତୁ ପରିଣାମରେ ଏହା ଯେଉଁସବୁ ଅବଲମ୍ବନର ଜରିଆରେ ଗୋଟିଏ ଧରଣର ଶାନ୍ତି ଓ ସ୍ଥାୟୀ ବ୍ୟବସ୍ଥାକୁ ରୂପ ଦେଇଥିଲା ସେଗୁଡ଼ିକ ହେଉଛି ସମାଜରେ ନାନା ବିଭାଜନ ଓ ବର୍ଜନର ପ୍ରଚଳନ କରିବା, ଅନେକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରି ରଖିବା, ସମାଜକୁ ଖଣ୍ଡ ଖଣ୍ଡ କରି ତହିଁରେ ନାନା ପୃଥକୀକରଣ ଆଣିଦେବା ଓ ତତ୍‌କାଳୀନ ସାମାଜିକ ପ୍ରତିଷ୍ଠା ଓ ମର୍ଯ୍ୟାଦା ଆଦିକୁ ସେହିପରି ସ୍ଥିତିଶୀଳ କରି ରଖିବା । ଏହା ନିଜର ଚାରି ପାଖରେ ନିରାପତ୍ତାର ଏକ ଐନ୍ଦ୍ରଜାଲିକ ମଣ୍ଡଳ ନିର୍ମାଣ କରି ତନ୍ମଧ୍ୟରେ ନିଜକୁ ସ୍ଥାୟୀ ଭାବରେ ବନ୍ଦୀ କରି ରଖିଲା । ଅବଶେଷରେ ଏହି ସମାଜ ନିଜର ବଳ ପ୍ରୟୋଗର ଶକ୍ତି ହରାଇଲା ଓ ତାହାର ବହିରାଗତ ସଂସ୍କୃତିକୁ ଆତ୍ମସାତ୍ କରିବାର କ୍ଷମତା ଦୁର୍ବଳ ହୋଇ ପଡ଼ିଲା ଏବଂ ନିଜ ଦ୍ୱାରା ନିର୍ମିତ ଘେର ଓ ବେଷ୍ଟନୀ ଭିତରେ କ୍ରମଶଃ କ୍ଷୟପ୍ରାପ୍ତ ହେବାକୁ ଲାଗିଲା ।

ଏକ ସ୍ଥିତିଶୀଳ ଓ ସୀମିତ ସଙ୍ଗତି ଯଦି ସର୍ବଦା ନିଜକୁ ପ୍ରସାରିତ କରି ନପାରେ, ଆବଶ୍ୟକ ପରିବର୍ତ୍ତନ ପାଇଁ ଯଥେଷ୍ଟ ନମନୀୟ ନହୁଏ, ତା'ହେଲେ ମନୁଷ୍ୟର ବର୍ତ୍ତମାନର ଅପୂର୍ଣ୍ଣ, ତ୍ରୁଟିଯୁକ୍ତ ଅବସ୍ଥାରେ ସେହି ଧରଣର ସଙ୍ଗତି ଏକ କାରାଗାର ବା ଶୟନାଗାରରେ ପରିଣତ ହୁଏ । ସେପରି ସଙ୍ଗତି କେବଳ ମାତ୍ର ଗୋଟିଏ ତ୍ରୁଟିପୂର୍ଣ୍ଣ ଓ ସାମୟିକ ବ୍ୟବସ୍ଥା ବ୍ୟତୀତ ଅନ୍ୟ କିଛି ହୁଏ ନାହିଁ; କିନ୍ତୁ ତାହା ଯଦି ସର୍ବଦା ନିଜକୁ ପରିସ୍ଥିତିର ଉପଯୋଗୀ କରିପାରେ, ନିଜକୁ ପ୍ରସାରିତ କରିପାରେ, ନିଜେ ଆଗେଇ ଯାଇପାରେ, ତା'ହେଲେହିଁ କେବଳ ସେପରି ସଙ୍ଗତି ନିଜର ଜୀବନୀଶକ୍ତିକୁ ବଜାୟ ରଖିପାରେ ଓ ନିଜର ଚରମଲକ୍ଷ୍ୟ ସାଧନ ପାଇଁ ସମର୍ଥ ହୋଇପାରେ । ଏହାର କ୍ଷୁଦ୍ରତର ଅଙ୍ଗ ସମାହାରଗୁଡ଼ିକ ଅଧିକତର ବ୍ୟାପକ ଓ ବୋଧଶକ୍ତିସମ୍ପନ୍ନ ହେବା

ଦିଗରେ ଏବଂ ସର୍ବୋପରି ଅଧିକତର ବାସ୍ତବ ଓ ଆଧ୍ୟାତ୍ମିକ ଏକତ୍ୱ ଲାଭ ଦିଗରେ ବିସ୍ତାରିତ ହେବା ଆବଶ୍ୟକ । ଯେଉଁ ବୃହତ୍ତର ସଂସ୍କୃତି ଓ ସଭ୍ୟତା ଆମକୁ ବର୍ତ୍ତମାନ ରୂପ ଦେବାକୁ ହେବ, ତାହାର ବୟାନରେ ନିଶ୍ଚୟ ଆଧ୍ୟାତ୍ମିକ ଓ ମାନସିକ ଏକତ୍ୱର ଏକ ମହତ୍ତର ବାହ୍ୟ ଅଭିବ୍ୟକ୍ତି ଉପରେ ଆମକୁ ପ୍ରଧାନତଃ ଜୋର୍ ଦେବାକୁ ହେବ କିନ୍ତୁ ସେହି ଏକତ୍ୱ ମଧ୍ୟରେ ବୈଚିତ୍ର୍ୟକୁ ମଧ୍ୟ ଉପଯୁକ୍ତ ସ୍ଥାନ ଦେବାକୁ ହେବ ଯାହାକୁ ଇଉରୋପର ଯାନ୍ତ୍ରିକ ପଦ୍ଧତି ଆଦୌ ଅନୁମୋଦନ କରେ ନାହିଁ । ଆମମାନଙ୍କ ପ୍ରୟାସର ଅନ୍ୟ ଏକ ଧାରା ହେବ ମାନବଜାତିର ବାକି ସମସ୍ତଙ୍କ ସହିତ ସଙ୍ଗତି ଓ ଏକତ୍ୱ ସ୍ଥାପନ କରିବା ଯାହା ମଧ୍ୟରେ ଆମେ ଆମର ଆଧ୍ୟାତ୍ମିକ ତଥା ବହିର୍ଜଗତର ସ୍ୱାଧୀନତା ବଜାୟ ରଖିପାରିବୁ । ମାନବଜାତିର ଐକ୍ୟକୁ ରୂପଦେବା ପୂର୍ବରୁ ଆମ ଆଗରେ ଆଜି ଯେଉଁଗୁଡ଼ିକ ସଂଘର୍ଷ ବୋଲି ପ୍ରତୀୟମାନ ହେଉଛି ସେଗୁଡ଼ିକ ପ୍ରକୃତରେ ସେ ଦିଗରେ ଆବଶ୍ୟକ ପ୍ରଥମ ପଦକ୍ଷେପ ହୋଇପାରେ । ମାନବଜାତିର ସେହି ଐକ୍ୟକୁ ପାଶ୍ଚାତ୍ୟ ଜଗତ୍ କେବଳ ଏକ ଧାରଣା ଆକାରରେ ଦେଖିପାରେ କିନ୍ତୁ ତାହାକୁ ବାସ୍ତବରେ ହାସଲ କରିପାରିବ ନାହିଁ, କାରଣ ସେହି ଐକ୍ୟର ଆତ୍ମାକୁ ଏହା ନିଜସ୍ୱ କରିପାରି ନାହିଁ । ତେଣୁ ଇଉରୋପ ପରସ୍ପର ବିବଦମାନ ସ୍ୱାର୍ଥଗୁଡ଼ିକ ମଧ୍ୟରେ ଆପୋସ ମୀମାଂସା ଦ୍ୱାରା ଏବଂ ଯାନ୍ତ୍ରିକ ଅନୁଷ୍ଠାନର ଶକ୍ତି ସାହାଯ୍ୟରେ ସେହି ଐକ୍ୟ ସ୍ଥାପନ ପାଇଁ ଉଦ୍ୟମ କରିଥାଏ, କିନ୍ତୁ ଏପରି ଉଦ୍ୟମ ଦ୍ୱାରା ତାହା ଆଦୌ ସ୍ଥାପିତ ହୋଇପାରିବ ନାହିଁ କିଂବା ତାହାର ଭିତ୍ତି ଆଦୌ ଦୃଢ଼ ବା ନିରାପଦ ହେବ ନାହିଁ । ଇତ୍ୟବସରରେ ଇଉରୋପ ଅନ୍ୟାନ୍ୟ ପ୍ରତ୍ୟେକଟି ସଂସ୍କୃତିର ଲୋପସାଧନ କରିବାକୁ ଚାହୁଁଛି, ସତେଯେପରି ତାହାରି ସତ୍ୟହିଁ ଏକମାତ୍ର ସତ୍ୟ ବା ଜୀବନର ସମଗ୍ର ସତ୍ୟ ଏବଂ ଆତ୍ମାର ସତ୍ୟ ବୋଲି ଆଉ କୌଣସି ସତ୍ୟ ନାହିଁ । ଆବହମାନ କାଳରୁ ଆତ୍ମାର ଶକ୍ତିର ଅଧିକାରୀ ଭାରତବର୍ଷକୁ ଏଇ ଧରଣର ଉଦ୍ଧତ ଦାବି ଓ ଆକ୍ରମଣର ପ୍ରତିରୋଧ କରିବାକୁ ହେବ ଏବଂ ଏ ଦିଗରେ ରହିଥିବା ସମସ୍ତ ପ୍ରତିକୂଳ ଅବସ୍ଥା ଓ ଆସୁଥିବା ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଭାରତକୁ ନିଜର ଗଭୀରତର ସତ୍ୟଗୁଡ଼ିକୁ ଦୃଢ଼ ଭାବରେ ସାବ୍ୟସ୍ତ କରିବାକୁ ହେବ । କାରଣ କେବଳ ଏହି ସତ୍ୟର ସଂରକ୍ଷଣ ଦ୍ୱାରାହିଁ ଆମେ ଆଶା କରିପାରିବୁ ଯେ ମାନବଜାତି ଆଉ ଏକ ନୂତନ ପ୍ରଳୟଙ୍କରୀ ବିପର୍ଯ୍ୟୟ ଭିତରକୁ ଆଗେଇ ନଯାଇ ଏବଂ ପୁନରାୟ ସେଠାରୁ ଯାତ୍ରାରମ୍ଭ କରି ସେଇ ପୁରୁଣା ଅନ୍ଧ ଘଟନାଚକ୍ରର ନିରନ୍ତର ପୁନରାବର୍ତ୍ତନ ମଧ୍ୟ ଦେଇ ଗତି ନକରି ପରିଶେଷରେ ଆଲୋକର ରାଜ୍ୟରେ ଉତ୍ତୀର୍ଣ୍ଣ ହେବ ଏବଂ ଅଗ୍ରଗତିର ସେହି ପ୍ରବେଗକୁ ବାସ୍ତବ ରୂପ ଦେବ ଯାହା ଦ୍ୱାରା ଆତ୍ମାର କ୍ରମବିକାଶମୂଳକ ଅଭିବ୍ୟକ୍ତିରେ ପାର୍ଥିବ ବିବର୍ତ୍ତନ ଅଧିରୂଢ଼ ହେବ ତା'ର ଆରୋହଣର ପରବର୍ତ୍ତୀ ଉଚ୍ଚତର ସୋପାନରେ ।

*

ଭଗବାନ୍ ସର୍ବଦା ନିଜ ପାଇଁ ଗୋଟିଏ ଦେଶକୁ ନିର୍ବାଚିତ କରି ରଖନ୍ତି, ଯେଉଁଥିରେ ଉଚ୍ଚତର ଜ୍ଞାନ ଅଳ୍ପ ବା ବହୁଲୋକଙ୍କ ଦ୍ୱାରା ସର୍ବପ୍ରକାର ବିପଦଆପଦ ମଧ୍ୟ ଦେଇ ସର୍ବଦା ସୁରକ୍ଷିତ ହୋଇ ରହିଥାଏ; ଏବଂ ବର୍ତ୍ତମାନ ପାଇଁ, ଏହି ଚତୁର୍ଯୁଗରେ ସେହି ଦେଶ ହେଉଛି ଭାରତବର୍ଷ । ଯେତେବେଳେ ସେ ଅଜ୍ଞାନ, ଦ୍ୱୈତ ଦ୍ୱନ୍ଦ୍ୱ, ସଂଘର୍ଷ, ପ୍ରଚଣ୍ଡ କ୍ରୋଧ, ବେଦନାଶ୍ରୁ, ଦୁର୍ବଳତା ଓ ସ୍ୱାର୍ଥପରତା, ତାମସିକ ଓ ରାଜସିକ ସୁଖର ସମସ୍ତ ଭୋଗ – ସଂକ୍ଷେପରେ କଳିଯୁଗର ସମସ୍ତ ଲୀଳାର ସୁଖଭୋଗ ପାଇଁ ଇଚ୍ଛା କରନ୍ତି, ସେତେବେଳେ ସେ ଭାରତର ଜ୍ଞାନ ଜ୍ୟୋତିଃକୁ ମ୍ଳାନ କରି ଦିଅନ୍ତି ଏବଂ ସେହି ଦେଶକୁ ଦୁର୍ବଳତା ଓ ଅବନତି ଭିତରେ ବୁଡ଼ାଇ ଦିଅନ୍ତି, ଯେପରିକି ସେହି ଦେଶ ଅବସର ନେଇ ନିଜ ମଧ୍ୟରେ ଆବଦ୍ଧ ହୋଇ ରୁହେ ଏବଂ ତାଙ୍କ ଲୀଳାର ଏହି ଗତିବୃତ୍ତିରେ କୌଣସି ପ୍ରକାର ହସ୍ତକ୍ଷେପ କରେ ନାହିଁ । ଯେତେବେଳେ ଭଗବାନ୍ ନିଜକୁ କର୍ଦ୍ଦମ ଭିତରୁ ଉଠାଇବାକୁ ଚାହାନ୍ତି, ଏବଂ ଯେତେବେଳେ ସେ ଇଚ୍ଛା କରନ୍ତି ମାନବ-ଅନ୍ତରସ୍ଥ ନାରାୟଣ ପୁଣି ଥରେ ଶକ୍ତିମାନ୍, ଜ୍ଞାନବାନ୍ ଓ ଆନନ୍ଦମୟ ହୁଅନ୍ତୁ ସେତେବେଳେ ସେ ପୁନର୍ବାର ଭାରତ ଉପରେ ଜ୍ଞାନର ସ୍ରୋତ ଢାଳି ଦିଅନ୍ତି ଏବଂ ତାହାକୁ ଉର୍ଦ୍ଧ୍ୱକୁ ଉନ୍ନୀତ କରନ୍ତି ଯାହା ଫଳରେ ଭାରତ ସମଗ୍ର ଜଗତରେ ସେହି ଜ୍ଞାନ ଓ ତାହାର ଅନିବାର୍ଯ୍ୟ ପରିଣାମସ୍ୱରୂପ ଶକ୍ତି, ପ୍ରଜ୍ଞା ଓ ଆନନ୍ଦ ବିତରଣ କରେ । ଯେତେବେଳେ ଜ୍ଞାନର ଧାରା କ୍ଷୀଣ ହୁଏ ସେତେବେଳେ ଭାରତର ଯୋଗିଗଣ ନିଜର ମୁକ୍ତି ଓ ଆନନ୍ଦ ନିମନ୍ତେ ବା କେତେଜଣ ଶିଷ୍ୟଙ୍କ ମୁକ୍ତି ନିମନ୍ତେ ସଂସାରତ୍ୟାଗୀ ହୋଇ ଏକାନ୍ତରେ ଯୋଗାଭ୍ୟାସ କରନ୍ତି । କିନ୍ତୁ ଯେତେବେଳେ ଜ୍ଞାନର ଗତିଧାରା ପୁନଃ ସମୃଦ୍ଧ ଓ ବିସ୍ତାରିତ ହୁଏ ଏବଂ ତହିଁ ସଙ୍ଗରେ ଭାରତର ଆତ୍ମାର ବିସ୍ତାର ଲାଭ ହୁଏ

ସେତେବେଳେ ସେହି ଯୋଗୀମାନେ ପୁନର୍ବାର ସଂସାରକୁ ଫେରି ଆସନ୍ତି ଓ ସଂସାରରେ ରହି ସଂସାର ନିମିତ୍ତ କାର୍ଯ୍ୟ କରନ୍ତି । ଜନକ, ଅଜାତଶତ୍ରୁ ଓ କାର୍ତ୍ତବୀର୍ଯ୍ୟଙ୍କ ପରି ଯୋଗୀମାନେ ପୁନର୍ବାର ପୃଥିବୀର ସିଂହାସନରେ ବସି ଜାତି ସମୂହକୁ ଶାସନ କରନ୍ତି ।

ମନୁଷ୍ୟ ଭିତରେ ଭଗବାନଙ୍କର ଲୀଳା ସର୍ବଦା ବୃତ୍ତାକାରରେ ଘୂରେ – ସତ୍ୟ ଯୁଗରୁ କଳି ଯୁଗ, ପୁନରାୟ କଳି ଯୁଗ ଭିତର ଦେଇ ସତ୍ୟ ଯୁଗ, ସୁବର୍ଣ୍ଣ ଯୁଗରୁ ଲୌହ ଯୁଗ ଏବଂ ପୁନରାୟ ଲୌହ ଯୁଗ ଭିତର ଦେଇ ସୁବର୍ଣ୍ଣ ଯୁଗକୁ ପ୍ରତ୍ୟାବର୍ତ୍ତନ । ଆଧୁନିକ ଭାଷାରେ ସତ୍ୟ ଯୁଗ ହେଉଛି ପୃଥିବୀର ସେହି ଯୁଗ ଯେଉଁଥିରେ ସୁଦୃଢ଼ ଓ ପର୍ଯ୍ୟାପ୍ତ ରୂପେ ଏକ ସଙ୍ଗତି ବା ସୌଷମ୍ୟ ସ୍ଥାପିତ ହୁଏ ଏବଂ କିଛିକାଳ ପାଇଁ ମନୁଷ୍ୟ କେତେକ ଅବସ୍ଥା ଓ ସୀମା ଭିତରେ ନିଜ ସତ୍ତାର ପୂର୍ଣ୍ଣତା ଲାଭ କରିପାରେ । ସେହି ସୌଷମ୍ୟ ତା'ର ପ୍ରକୃତିରେ ସ୍ୱାଭାବିକ ରୂପେ ଅବସ୍ଥାନ କରେ ଏକ ସ୍ଥିର ବିଶୁଦ୍ଧିର ଶକ୍ତି ଦ୍ୱାରା; କିନ୍ତୁ ପରବର୍ତ୍ତୀ କାଳରେ ଏହି ସୌଷମ୍ୟ ଭାଙ୍ଗି ପଡ଼ିବାକୁ ଆରମ୍ଭ କରେ ଏବଂ ତ୍ରେତା ଯୁଗରେ ମନୁଷ୍ୟ ବ୍ୟଷ୍ଟିଗତ ଓ ସମଷ୍ଟିଗତ ସଂକଳ୍ପର ଶକ୍ତି ଦ୍ୱାରା ଏହାକୁ ଧରି ରଖେ; ଏହା ଯେତେବେଳେ ପୁନର୍ବାର ଆହୁରି ଭାଙ୍ଗିପଡ଼େ ସେତେବେଳେ ଦ୍ୱାପର ଯୁଗରେ ମନୁଷ୍ୟ ଏହି ସୌଷମ୍ୟ ବା ସଙ୍ଗତିକୁ ବୁଦ୍ଧିଗତ ନୀତିନିୟମ ଓ ସର୍ବସମ୍ମତ ବିଧିବିଧାନ ଦ୍ୱାରା ଧରି ରଖିବାକୁ ଚେଷ୍ଟା କରେ; ପରିଶେଷରେ କଳି ଯୁଗରେ ଏହି ସୌଷମ୍ୟ ପୂରା ବିନଷ୍ଟ ଓ ବିଧ୍ୱସ୍ତ ହୋଇଯାଏ । କଳି ଯୁଗ ଯେ ମନ୍ଦ ଏପରି ନୁହେଁ, ଏହି କଳି ଯୁଗର ଭିତରେହିଁ କ୍ରମବିକଶିତ ଭାବରେ ସେହିସବୁ ଅବସ୍ଥା ଗଠିତ ହୋଇଥାଏ ଯାହା ଏକ ନୂତନ ସତ୍ୟ ଯୁଗ, ଏକ ନବୀନ ସୌଷମ୍ୟ ଓ ଏକ ଉତ୍କୃଷ୍ଟତର ପୂର୍ଣ୍ଣତା ପାଇଁ ଏକାନ୍ତ ଆବଶ୍ୟକ । ସେହି କଳି ଯୁଗ ଶେଷ ହୋଇଥିଲେ ମଧ୍ୟ ତାହାର ପ୍ରଭାବ ତଥାପି ଏପର୍ଯ୍ୟନ୍ତ ରହିଛି, କିନ୍ତୁ ତାହା ଶେଷପ୍ରାୟ; ଅତିବାହିତ ହୋଇ ଯାଇଥିବା କଳି ଯୁଗର ସେହି ସମୟ ମଧ୍ୟରେ ପ୍ରାଚୀନ ଜ୍ଞାନ ଓ ସଂସ୍କୃତି ସାଧାରଣତଃ ବିନଷ୍ଟ ହୋଇଯାଇଛି । ଆମ ପାଇଁ ତାହାର ସାମାନ୍ୟ କିଛି ଖଣ୍ଡିତ ଅଂଶ ପଡ଼ି ରହିଛି । ବେଦ, ଉପନିଷଦ୍ ଓ ଅନ୍ୟାନ୍ୟ ପବିତ୍ର ଧର୍ମଗ୍ରନ୍ଥଗୁଡ଼ିକରେ ଏବଂ ଅସ୍ପଷ୍ଟ ଭାବରେ ପୃଥିବୀର ନାନା ପରମ୍ପରାରେ । କିନ୍ତୁ ବର୍ତ୍ତମାନ ସମୟ ଆସିଛି ପ୍ରଥମ ଊର୍ଦ୍ଧ୍ୱାଭିମୁଖୀ ଗତି ପାଇଁ, ଯେଉଁଥିରେ ଗୋଟିଏ ନୂତନ ସୌଷମ୍ୟ ଓ ନବୀନ ପୂର୍ଣ୍ଣତା ଗଢ଼ି ତୋଳିବା ପାଇଁ ପ୍ରଥମ ଉଦ୍ୟମ ଆରମ୍ଭ ହୋଇପାରେ । ସେହି କାରଣରୁ ମନୁଷ୍ୟର ସମାଜ, ଜ୍ଞାନ, ଧର୍ମ ଓ ନୈତିକତାର ଉତ୍କର୍ଷ ସାଧନ ନିମନ୍ତେ ଏତେ ପ୍ରକାର ବିଚାର ପ୍ରସାର ଲାଭ କରୁଛି । କିନ୍ତୁ ଯଥାର୍ଥ ସୌଷମ୍ୟ ବା ସଙ୍ଗତି ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ।

ଏକମାତ୍ର ଭାରତବର୍ଷ ଏହି ସଙ୍ଗତି ଓ ସୌଷମ୍ୟକୁ ଆବିଷ୍କାର କରିପାରେ, କାରଣ ବର୍ତ୍ତମାନର ମାନବ ପ୍ରକୃତିର ରୂପାନ୍ତର ଦ୍ୱାରାହିଁ କେବଳ ଏହା ସଙ୍ଗଠିତ ହୋଇପାରେ । ଏହି ରୂପାନ୍ତରର ଅର୍ଥ ଯୋଡ଼ାଯୋଡ଼ି କରି ତାଳି ପକାଇବା ନୁହେଁ, ଏକମାତ୍ର ଯୋଗ ସାଧନା ବ୍ୟତୀତ ଅନ୍ୟ କୌଣସି ଉପାୟ ଦ୍ୱାରା ଏହି ସୌଷମ୍ୟ ବା ସଙ୍ଗତି ଆସିପାରିବ ନାହିଁ । ଆଜି ମାନବ ଓ ବସ୍ତୁସକଳର ସ୍ୱଭାବ ହେଉଛି ବିବାଦ ଓ ଅସଙ୍ଗତି ଅର୍ଥାତ୍ ତା'ର ସ୍ୱଭାବରେ ସଙ୍ଗତି ବେସୁରା ହୋଇଯାଇଛି । ମାନବର ସମଗ୍ର ହୃଦୟ, ମନ ଓ କର୍ମକୁ ରୂପାନ୍ତରିତ କରିବାକୁ ହେବ, ବାହାରରୁ ନୁହେଁ ଅନ୍ତରରୁ – ରାଜନୈତିକ ଓ ସାମାଜିକ ପ୍ରତିଷ୍ଠାନ ଦ୍ୱାରା ନୁହେଁ – ଏପରିକି ଧର୍ମମତ ବା ଦାର୍ଶନିକ ତତ୍ତ୍ୱ ଦ୍ୱାରା ମଧ୍ୟ ନୁହେଁ; ଏହା ସମ୍ଭବ ହେବ ଆମ ନିଜ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଈଶ୍ୱରଙ୍କ ଉପଲବ୍ଧି ଦ୍ୱାରା ଏବଂ ସେହି ଉପଲବ୍ଧି ଅନୁସାରେ ଜୀବନର ପୁନର୍ଗଠନ ଦ୍ୱାରା । ଏହା ସାଧିତ ହୋଇପାରେ କେବଳ ପୂର୍ଣ୍ଣଯୋଗ ଦ୍ୱାରା, ଯେଉଁ ଯୋଗର ଲକ୍ଷ୍ୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାମ୍ୟବସ୍ତୁ ବା ଅଭୀଷ୍ଟ ଲାଭ କରିବା ନୁହେଁ – ମୁକ୍ତି ଅଥବା ଆନନ୍ଦ ମଧ୍ୟ ନୁହେଁ – ଯାହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଆମ ନିଜ ମଧ୍ୟରେ ଓ ଅନ୍ୟ ସମସ୍ତଙ୍କ ମଧ୍ୟରେ ଦିବ୍ୟମାନବତାକୁ ପୂର୍ଣ୍ଣ ଓ ସାର୍ଥକ କରି ଗଢ଼ି ତୋଳିବା । ✤

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇ ଉଠିବ ଦିବ୍ୟଜୀବନର ବାର୍ତ୍ତାବହ । – ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଆବିର୍ଭାବତିଥି

## ଅନିର୍ବାଣ

ଆଜିଦିନଟି (ଅଗଷ୍ଟ ୧୫) ଆଉ ଗୋଟିଏ ଦିଗରୁ ବିଶେଷଭାବରେ ସ୍ମରଣୀୟ । ଆଜି ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ତିଥି, ସେହିପରି ଦୀର୍ଘଦିନର ପରାଧୀନତା ପରେ ଭାରତବର୍ଷର ସ୍ୱାଧୀନତାର ମଧ୍ୟ ଜନ୍ମତିଥି । ଦୁଇଟି ତିଥି ଏକ ହୋଇ ଯିବାର ଏକ ଗଭୀର ତାତ୍ପର୍ଯ୍ୟ ରହିଛି । ଏହା ଯେପରି ଭାରତବର୍ଷର ଚିରାଚରିତ ଜୀବନ-ସାଧନାର ସିଦ୍ଧି ପ୍ରତି ତା'ର ଭାଗ୍ୟବିଧାତାଙ୍କର ଏକ ଜ୍ୟୋତିର୍ମୟ ଅଙ୍ଗୁଳି-ସଂକେତ । ଏହି ସିଦ୍ଧିର କ'ଣ ସ୍ୱରୂପ, ତାହା ଆଜି ଆମକୁ ଗଭୀରଭାବେ ବୁଝିବାକୁ ହେବ ।

ଏ ଦେଶର ବେଦରେ, ଉପନିଷଦରେ, ଇତିହାସ-ପୁରାଣରେ ଦୁଇଟି ସାଧନାର କଥା ଘୋଷଣା କରାଯାଇଛି – ଗୋଟିଏ ବ୍ରହ୍ମର ଓ ଅନ୍ୟଟି କ୍ଷତ୍ରର । ବେଦର ସୁପ୍ରାଚୀନ ନିବିଡ଼ ମନ୍ତ୍ରରେ ଆମେ ପାଉ : ପ୍ରେଦଂ ବ୍ରହ୍ମ ପ୍ରେଦଂ କ୍ଷତ୍ରମ୍ ... ଯଜମାନମବତୁ – ଏଇ ବ୍ରହ୍ମ ଏଇ କ୍ଷତ୍ର ସାଧକଙ୍କୁ ଘେରିଥାଉ, ତାହାଙ୍କୁ ଆଗେଇ ନେଇ ଚାଲୁ । କଠୋପନିଷଦ୍‌ରେ କୁହା ଯାଇଛି ''ଯସ୍ୟ ବ୍ରହ୍ମ ଚ କ୍ଷତ୍ରଂ ଚ ଉଭେ ଭବତ ଓଦନଃ, ମୃତ୍ୟୁର୍ୟସ୍ୟୋପସେ ଚଲମ୍' – ବ୍ରହ୍ମ ଓ କ୍ଷତ୍ର ଦୁଇହିଁ ହେଲା ତାଙ୍କର ଅନ୍ନ; ଏବଂ ତାହାକୁ ସେ ସ୍ୱାଦୁ କରୁଛନ୍ତି ମୃତ୍ୟୁର ବ୍ୟଞ୍ଜନ ଦେଇ । ବ୍ରହ୍ମ ବ୍ରହ୍ମଜ୍ୟୋତିଃ ଓ କ୍ଷତ୍ର କ୍ଷାତ୍ର ବୀର୍ଯ୍ୟ । ଉପନିଷଦରେହିଁ ଆଧ୍ୟାତ୍ମ ଦୃଷ୍ଟିରେ ପ୍ରଥମଟିକୁ କୁହାଯାଇଛି ପ୍ରଜ୍ଞା, ଦ୍ୱିତୀୟଟିକୁ ପ୍ରାଣ । ଯୋଗରେ ଗୋଟିଏ ହେଉଛି ଅନ୍ତରରେ ଶ୍ରଦ୍ଧାର ଆଲୋକ, ଅନ୍ୟଟି ସାଧନ ବୀର୍ଯ୍ୟ । ମହାଭାରତରେ ଭୀଷ୍ମଙ୍କ ଅନୁଶାସନରେ ଗୋଟିଏ ହେଉଛି ମୋକ୍ଷ ଧର୍ମ, ଅନ୍ୟଟି ରାଜଧର୍ମ । ପୁରାଣରେ ଗୋଟିଏ ହେଉଛି ଆନ୍ୱୀକ୍ଷିକୀ ଏବଂ ତ୍ରୟୀ – (Philosophy and Mysticism) ଅନ୍ୟଟି ଦଣ୍ଡନୀତି ଏବଂ ବାର୍ତ୍ତା – (Politics and Economics) । ଗୋଟିକର ସାଧନାରେ ନିଃଶ୍ରେୟସ, ଅନ୍ୟଟିର ସାଧନାରେ ଅଭ୍ୟୁଦୟ ଦୁଇଟି ଅଙ୍ଗାଙ୍ଗିଭାବରେ ଜଡ଼ିତ, ଜୀବନରେ ଏହା ଭିତରୁ କୌଣସିଟିକୁ ବାଦ୍ ଦେଇ ଚାଲିବାର ଉପାୟ ନାହିଁ ।

ପ୍ରାଣହୀନ ପ୍ରଜ୍ଞାର ଉପାସନାରେ ଗୋଟିଏ ଜାତି ଦୁର୍ବଳ ହୋଇପଡ଼େ – ଯେପରି ଆମ ଦେଶରେ ଦେଖୁ; ସେହିପରି ପ୍ରଜ୍ଞାହୀନ ପ୍ରାଣର ଉପାସନା ନେଇଆସେ ବହିର୍ଜୀବନରେ ଏକ ଅଶାନ୍ତି ଓ ଆନ୍ତର ଜୀବନରେ ହାହାକାର – ଯେପରି ଦେଖୁ ପାଶ୍ଚାତ୍ୟ ଦେଶସବୁରେ । ବ୍ରହ୍ମ ଓ କ୍ଷତ୍ର ଭିତରେ ସୌଷମ୍ୟ ଆଣି ପାରିଲେହିଁ ଜୀବନର ପୂର୍ଣ୍ଣତା । ଶ୍ରୀଅରବିନ୍ଦଙ୍କ ଭାଷାରେ 'ଧର୍ମ ଓ ଜାତୀୟତା' ଉଭୟର ଉପାସନା ଆବଶ୍ୟକ । ତାଙ୍କ ନିଜ ଜୀବନରେ ଦେଖୁ ଉଭୟର ପୂର୍ଣ୍ଣ ସାମଞ୍ଜସ୍ୟ । ଏହି ଦିଗରୁ ସେ ଯେପରି ଭାରତର ଚିରନ୍ତନ ଜୀବନ-ସାଧନାରହିଁ ଚିଦ୍‌ଘନ ବିଗ୍ରହ ।

ତାଙ୍କ ଜୀବନ ଆରମ୍ଭ ହୋଇଥିଲା କ୍ଷାତ୍ର-ବୀର୍ଯ୍ୟର ଉପାସନା ଦେଇ । ଏହି ଦେଶର ସକ୍ରିୟ ବିପ୍ଳବୀମାନଙ୍କର ସେ ପୁରୋଧା, ଜାତୀୟତାବାଦର ବରେଣ୍ୟ ଋତ୍ୱିକ୍ । କିନ୍ତୁ ସେତେବେଳେ ମଧ୍ୟ ସେ ଧର୍ମଚ୍ୟୁତ ନୁହନ୍ତି, ବ୍ରହ୍ମଜ୍ୟୋତିଃର ଅନୁବର୍ତ୍ତନରୁ ନିବୃତ୍ତ ନୁହନ୍ତି । ତା'ପରେ ଯେତେବେଳେ ଅନ୍ତରରେ ସୁସ୍ପଷ୍ଟ ନିର୍ଦ୍ଦେଶ ପାଇଲେ ବିପ୍ଳବ ଘଟାଇବାକୁ ହେବ ଆହୁରି ଗଭୀରରେ, ତା'ହେଲେହିଁ କେବଳ ଦେଶର ନୁହଁ ବିଶ୍ୱମାନବର ସର୍ବାଙ୍ଗୀଣ ମୁକ୍ତି – ସେତେବେଳେ ସେ ପ୍ରତ୍ୟକ୍ଷ ରାଜନୀତିରୁ ଅପସରି ଗଲେ । ଗୁହାୟିତ ହୋଇ ସେ ଅନ୍ତରରେ ବୁଡ଼ିଲେ କିନ୍ତୁ ବିଶ୍ୱ ସଙ୍ଗରେ ତାଙ୍କ ନାଡ଼ିର ଯୋଗ ମୁହୂର୍ତ୍ତକ ପାଇଁ ମଧ୍ୟ ବିଚ୍ଛିନ୍ନ ହେଲା ନାହିଁ । ଦେଶବିଦେଶରେ ମହାମାନବର ସାଗର ତୀରରେ ଯେତେ ତରଙ୍ଗ ଉଠିଛି, ପ୍ରତ୍ୟେକଟି ତାଙ୍କ ହୃଦୟତଟରେ ପ୍ଳାବିତ ହୋଇଛି । ଲୋକଚକ୍ଷୁର ଅନ୍ତରାଳରେ ହିରଣ୍ୟଗର୍ଭଙ୍କ ପରି ସେ ଏକ ଚିନ୍ମୟ ସ୍ୱପ୍ନ ରଚନା କରି ଯାଇଛନ୍ତି, ଯାହା ବିଶ୍ୱମାନବ ପାଇଁ ଅବଶ୍ୟମ୍ଭାବୀ ମହା ଭବିଷ୍ୟର ପ୍ରଯୋଜକ ।

ସ୍ୱାଧୀନତାର ପ୍ରଥମ ଜନ୍ମତିଥିରେ ସେ କହିଥିଲେ : ''ଯେଉଁସବୁ ଜାଗତିକ ଆନ୍ଦୋଳନର ପୂର୍ଣ୍ଣ ସାଫଲ୍ୟ ମୁଁ ଦେଖିଯିବି ବୋଲି ଆଶା କରିଥିଲି; ଏକ ସମୟରେ ଯାହା ଅସମ୍ଭବ ସ୍ୱପ୍ନ ବୋଲି ମନେ ହେଉଥିଲା, ବର୍ତ୍ତମାନ ଦେଖୁଛି ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବାଲ୍ୟ ଓ ଯୌବନରେ ଯେଉଁସବୁ ଆଶା-ଆକାଙ୍କ୍ଷା ମୋ ମଧ୍ୟରେ

ଅଙ୍କୁରିତ ହୋଇଛି, ଭାରତର ସ୍ୱାଧୀନତା ସଙ୍ଗରେ ସେଗୁଡ଼ିକର ଯୋଗ ଘନିଷ୍ଠ । ଭାରତର ଅଭ୍ୟୁତ୍ଥାନ ତା'ର ନିଜର ସ୍ଥୂଳ ସ୍ୱାର୍ଥସେବା ପାଇଁ ନୁହେଁ – ତାହାର ଜୀବନ-ଧାରଣ ଭଗବାନଙ୍କ ପାଇଁ, ଜଗତ୍ ପାଇଁ ।''

ତେଣୁ ତାଙ୍କର ପ୍ରଥମ ଯୌବନ-ସ୍ୱପ୍ନ ଥିଲା ''ଏପରି ଏକ ବିପ୍ଳବ ଯାହାଫଳରେ ଆସିବ ଭାରତବର୍ଷର ମୁକ୍ତି ଏବଂ ଐକ୍ୟ ।'' ମୁକ୍ତିର ସ୍ୱାଦ ଆମେ ପାଇଛୁ, ଯଦିଓ ଅନ୍ତରରେ ଓ ବାହାରରେ, ଜୀବନର ସକଳ କ୍ଷେତ୍ରରେ ଆମେ ତାହାକୁ ବର୍ତ୍ତମାନ ମଧ୍ୟ ପ୍ରତିଷ୍ଠିତ କରିପାରି ନାହୁଁ । ସର୍ବଭାରତୀୟ ଐକ୍ୟର ଚେତନା ବର୍ତ୍ତମାନ ମଧ୍ୟ ଆମ ଭିତରେ ଅତ୍ୟନ୍ତ ଦୁର୍ବଳ । ''ଅନ୍ତର୍ଦ୍ୱନ୍ଦ୍ୱର ସମ୍ଭାବନା – ଏପରିକି ନୂତନ ଏକ ବିଦେଶୀ ଆକ୍ରମଣ ଓ ଅଧିକାରର ସମ୍ଭାବନା'' ସଂପର୍କରେ ସେ ଆମକୁ ସତର୍କ କରାଇ ଦେଇଥିଲେ । କହିଥିଲେ ଆମମାନଙ୍କ ମୂଢ଼ତା ଯୋଗୁଁ ''ଭାରତର ଭବିତବ୍ୟ ସାଂଘାତିକ ଭାବରେ କ୍ଷୁଣ୍ଣ, ଏପରିକି ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ ।'' ତାହା ସଙ୍ଗେ ସଙ୍ଗେ ଏହି ଆଶ୍ୱାସ ମଧ୍ୟ ଦେଇଥିଲେ : ''କିନ୍ତୁ ତାହା ଘଟିବାକୁ ଦିଆଯିବ ନାହିଁ ।''

ତାଙ୍କର ଦ୍ୱିତୀୟ ସ୍ୱପ୍ନ ଥିଲା, ''ଏସିଆର ପୁନରୁତ୍ଥାନ ଓ ମୁକ୍ତି, ମାନବ ସଭ୍ୟତାର କ୍ରମୋନ୍ନତି କଳ୍ପେ ତାହାର ଯେଉଁ ବିଧିନିର୍ଦ୍ଦିଷ୍ଟ ବ୍ରତଚର୍ଯ୍ୟା, ପୁନରାୟ ସେହି ବ୍ରତ ଗ୍ରହଣ କରିବା ।'' ମନେ ରଖିବାକୁ ହେବ ଯେ, ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଓ ମୁସଲମାନ ଏହି ଚାରିଟି ବିଶ୍ୱଜନୀନ ଧର୍ମର ଉତ୍ସ ହେଉଛି ଏସିଆ । ଧର୍ମ ନିଃଶ୍ରେୟସର ସାଧନା, ଯେପରି ବିଜ୍ଞାନ ଅଭ୍ୟୁଦୟର । ଅଭ୍ୟୁଦୟକୁ ନିଃଶ୍ରେୟସର ଅନୁଗତ କରିବାକୁ ହେବ, ନ ହେଲେ ବିନଷ୍ଟିର ହାତରୁ ମଣିଷକୁ କେହି ବଞ୍ଚାଇ ପାରିବ ନାହିଁ । ଏଇଥିପାଇଁ ଏସିଆର ପୁନରୁତ୍ଥାନ, ଆତ୍ମପ୍ରତିଷ୍ଠା ଏବଂ ଐକ୍ୟ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ଏକାନ୍ତ ପ୍ରୟୋଜନ । ଏହି କାମଟି ମଧ୍ୟ ଆରମ୍ଭ ହୋଇଯାଇଛି ।

ତାଙ୍କର ତୃତୀୟ ସ୍ୱପ୍ନ 'ମାନବଜାତିର ଐକ୍ୟ' । ମଣିଷ ଆଜି ଆଉ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ନାହିଁ । କହିବାକୁ ଗଲେ ସମଗ୍ର ପୃଥିବୀଟା ଯେପରି ଆମ ଗୃହପ୍ରାଙ୍ଗଣରେ ଗୋଟାଇ ହୋଇ ଆସୁଛି । ସଭ୍ୟତା, ସଂସ୍କୃତି ଓ ଧର୍ମରେ ପରସ୍ପର ସଙ୍ଗରେ ଅପରିଚୟର ବ୍ୟବଧାନ କ୍ରମଶଃ ଦୂର ହୋଇ ଯାଉଛି । ଯେଉଁଠି ସମସ୍ତଙ୍କୁ ନେଇହିଁ କାରବାର, ସେଠାରେ ଜୀବନର ବାହାର ଗଢ଼ଣଟି ଦିଗରେହିଁ ନଜର ପଡ଼ିବା ସ୍ୱାଭାବିକ ଏବଂ ପ୍ରୟୋଜନ ମଧ୍ୟ । ତେଣୁ ଆଜି ମଣିଷର ଭାବନାରେ ଅର୍ଥନୀତି ଓ ରାଜନୀତିର ପ୍ରାଧାନ୍ୟ । କିନ୍ତୁ ଏଠାରେ ମଧ୍ୟ ପ୍ରକୃତିର ନିୟମରେହିଁ ପାରସ୍ପରିକ ବିରୋଧର ଧାର ମରିଆସି ଏକ ବିଶ୍ୱଜନୀନ ଐକ୍ୟର ସମ୍ଭାବନା ସ୍ପଷ୍ଟ ହୋଇଉଠିଛି । ଆଜି ଏହାକୁ ନେଇ ଯେଉଁସବୁ ସମସ୍ୟାର ଉଦ୍ଭବ ହୋଇଛି, ତାହାର ଯଥାର୍ଥ ସମାଧାନ ଖୋଜିପାଇବା ନିଶ୍ଚୟ ସମ୍ଭବପର, ମଣିଷ ଯେତେବେଳେ ପୃଥିବୀର ସ୍ୱର୍ଣ୍ଣଯୁଗ ଆଣିବାକୁ ଚାହିଁବ, କେବଳ ପରିବେଶର ଅଦଳବଦଳ ଦ୍ୱାରା ନୁହେଁ, ଚେତନାର ରୂପାନ୍ତର ଦ୍ୱାରାହିଁ ତାହା ସଂପନ୍ନ ହେବ ।

ଏହି କ୍ଷେତ୍ରରେହିଁ ଭାରତବର୍ଷର ଅଧ୍ୟାତ୍ମବିଦ୍ୟା ଜଗତର କାମରେ ଲାଗିବ – ଯେଉଁଥିପାଇଁ ଏତେ ଦୁର୍ଦ୍ଦୈବ ଭିତରେ ମଧ୍ୟ ସେ ଆଜି ତିଷ୍ଠି ରହିଛି । ଏହା ଥିଲା ଶ୍ରୀଅରବିନ୍ଦଙ୍କର ଚତୁର୍ଥ ସ୍ୱପ୍ନ ଯାହାର ସାଫଲ୍ୟର ସୂଚନା କ୍ରମଶଃହିଁ ପରିସ୍ଫୁଟ ହୋଇ ଉଠୁଛି ।

ତାଙ୍କର ସର୍ବଶେଷ ସ୍ୱପ୍ନ ''ଏକ ଉର୍ଦ୍ଧ୍ୱତର ଚେତନାରେ ମନୁଷ୍ୟର ଉତ୍ତରଣ ଏବଂ ତା'ଫଳରେ ପ୍ରକୃତିର ବିବର୍ତ୍ତନରେ ଏକ ନୂତନ ପର୍ଯ୍ୟାୟ'' । ଏହି ଚେତନାକୁ ସେ କହିଛନ୍ତି ଅତିମାନସ ବିଜ୍ଞାନଘନ ଚେତନା । ପୃଥିବୀରେ ଅତିମାନସ ଚେତନାର ଆବେଶରେ ସିଦ୍ଧହେବ ପ୍ରକୃତିର ଅତିମାନସ ରୂପାନ୍ତର । ତା'ର ଚରମ ପର୍ବ ଦୈହ୍ୟ ଅମରତ୍ୱ, ଶ୍ରୀଅରବିନ୍ଦଙ୍କ ବାଣୀରେ ଏହାର ସୂଚନା ରହିଛି । ... ... ... ✤

ଏକାଗ୍ରତା ତଥା ମା'ଙ୍କ ସ୍ମରଣ ଓ ନିଜକୁ ଆମ ସହ ସଂଯୁକ୍ତ କରି ରଖିବା ନିମନ୍ତେ ଚେତନାକୁ ସଜାଗ ରଖିବା ଲାଗି ପ୍ରତିଦିନ ତୁମକୁ କିଛି ସମୟ ପୃଥକ୍ କରି ରଖିବାକୁ ହେବ ।

– ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଭ୍ରାନ୍ତି ଅନେକ

ଯେଉଁ ଦେଶରେ ପରାଧୀନତା ଦୀର୍ଘକାଳଧରି ସର୍ବସାଧାରଣଙ୍କ ମନ ଭିତରେ ଏକ ଅଭ୍ୟାସ ରୂପେ ବସା ବାନ୍ଧି ସାରିଲାଣି ସେଠି ସର୍ବଦା ଗୋଟିଏ ସ୍ୱାଭାବିକ ପ୍ରବୃତ୍ତି ରହିବ ପରିସ୍ଥିତିର ବାସ୍ତବତାଗୁଡ଼ିକ ଭିତରୁ ପଛକୁ ହଟିଆସିବାକୁ, ଜାତୀୟ ପୁନରୁଜ୍ଜୀବନର ନିରାପଦ ଓ ଶାନ୍ତିମୟ ମାର୍ଗର ସନ୍ଧାନରେ ଅଯଥା ଘୂରିଘୂରି ବୁଲିବାକୁ । ଦାସତ୍ୱ ଯେ ଯନ୍ତ୍ରଣାଦାୟକ ଆଉ ଦୁର୍ବିଷହ – ଦାସତ୍ୱ ଏ ଜାତିକୁ ଧ୍ୱଂସ କରୁଛି ତିଳ ତିଳ କରି – ଦାସତ୍ୱ କବଳରୁ ଯେ ନିସ୍ତାର ଲଭିବାକୁ ହେବ ଏକଥା ସତ୍ୟ; କିନ୍ତୁ ଦାସତ୍ୱ ଜନିତ ଯନ୍ତ୍ରଣାବୋଧ ଓ ଅନିଷ୍ଟ ଏମିତି ଅନେକ ଭଲ ଭଲ ଲୋକଙ୍କ ପକ୍ଷରେ ଅଧିକ ସହନୀୟ ହୋଇ ପଡ଼ିଲାଣି ମୁକ୍ତି ପାଇଁ ଏକ ସଂକଳ୍ପବଦ୍ଧ ସଂଗ୍ରାମର ତୀବ୍ର, ଅଭିନନ୍ଦନୀୟ, ବେଦନାର୍ତ୍ତ ଶିହରଣ ଅପେକ୍ଷା । ଏଇ କାରଣରୁ ସ୍ୱର ଭିତରେ ଅସାଧାରଣ କିଛି ନାହିଁ – ‘‘ଅନ୍ୟ ରାଷ୍ଟ୍ରମାନେ ଯେଉଁ ପ୍ରଚଣ୍ଡ ଓ ବାରଂବାର ରୁଧିରସ୍ନାତ ପନ୍ଥାଗୁଡ଼ିକ ଅନୁସରଣ କରି ଚାଲିଥିଲେ ତାହା ଏକ ଶାନ୍ତ ଆଧ୍ୟାତ୍ମିକ ଭାବ ସମ୍ପନ୍ନ ଆଉ ଆଇନ ମାନି ଚଳୁଥିବା ଜନସାଧାରଣଙ୍କୁ ଆଦୌ ଶୋଭାପାଏ ନାହିଁ; ଅଧିକ ଉଦ୍ରେଚିତ ଓ ମାର୍ଜିତ ଭାବେ ପୁନରଭ୍ୟୁଦୟର ନୂତନ ପନ୍ଥାଗୁଡ଼ିକର ଉଦ୍ଭାବନ ଦ୍ୱାରା ଆମେ ଆମର ବୁଦ୍ଧିଗତ ମୌଳିକତା ଆଉ ଆଧ୍ୟାତ୍ମିକ ଶ୍ରେଷ୍ଠତ୍ୱର ସତ୍ୟକୁ ପ୍ରତିପାଦିତ କରିଚାଲିବା’’ । ପରିଣାମରେ ଭ୍ରାନ୍ତି ତା’ର ସହସ୍ର ମଥା ତୋଳି ଜାଗିଉଠିବ, – ଯେଉଁଠି ଗୋଟିଏ ଭ୍ରାନ୍ତି କଟିଗଲେ ଆଉ ଦୁଇଟି ଭ୍ରାନ୍ତିର ହଠାତ୍ ଉଦ୍ଭବ ହୁଏ । ହାରିଗୁହାରି ଦ୍ୱାରା ଯେ ମୁକ୍ତି ମିଳିପାରିବ ଏଇ ପୁରୁଣା ତତ୍ତ୍ୱଟି ତିଷ୍ଠି ରହିଥିଲା ବ୍ରିଟିଶ ଜାତିର ଆଧ୍ୟାତ୍ମିକ ଶ୍ରେଷ୍ଠତା ପ୍ରତି ବିଶ୍ୱାସକୁ ଆଧାର କରି – ତାହା ଯେ ଏକ ଭ୍ରମ ଯାହାକୁ ଅବିଶ୍ୱାସ ଭରା ବିସ୍ମୟ ବିମୂଢ଼ ଦୃଷ୍ଟିରେ ପଛକୁ ଫେରି ଚାହିଁବେ ଭବିଷ୍ୟତର ଦାୟାଦମାନେ । ଭଗବାନ୍ ଯେ ପ୍ରାର୍ଥନାଗୁଡ଼ିକର ଉତ୍ତର ଦିଅନ୍ତି ଆଉ ବ୍ରିଟିଶମାନେ ହେଉଛନ୍ତି ଦେବଦୁର୍ଲଭ ପ୍ରକୃତିର, ତେଣୁ ଆମେ କାହିଁକି ବା ହତାଶ ହେବା ? ବର୍ତ୍ତମାନ ମଧ୍ୟ ଏମିତି ସୁପ୍ରସିଦ୍ଧ ରାଜନୀତିଜ୍ଞ ଅଛନ୍ତି ଯେଉଁମାନେ କହନ୍ତି ଆଉ ବୋଧେ ବିଶ୍ୱାସ କରନ୍ତି, ଯଦିଓ ଆବେଦନ ଓ ନିବେଦନ ଦ୍ୱାରା ଗୋଟିଏ ଜାତି ସ୍ୱାଧୀନ ହୋଇଥିବାର କୌଣସି ଐତିହାସିକ ଦୃଷ୍ଟାନ୍ତ ମିଳିନି, ତଥାପି ଇତିହାସର ପୋଥି ତ ମୁଦି ହୋଇଯାଇନି ଆଉ ତା’ହେଲେ କାହିଁକି ବ୍ରିଟିଶ ପରି ଉଦାର ଓ ମହତ୍ ଜାତି ଏକ ନୂଆ ଅଭୂତପୂର୍ବ ଦୃଷ୍ଟାନ୍ତର ଅଧ୍ୟାୟ ନ ଖୋଲିବ, – ଇଏ ବଡ଼ ଅଦ୍ଭୁତ କଥା, ଯାହା ଆଗରୁ କେବେ ବି ପୃଥିବୀର କେଉଁ ନଥିପତ୍ରରେ କେଉଁଠି ହେଲେ ଦେଖିବାକୁ ମିଳିନି ଆଉ ହୁଏତ ଭାରତର ଅନନ୍ୟ ଓ ବିଶେଷ ମଙ୍ଗଳ ବିଧାନ ପାଇଁ ସତରେ ତାକୁ ସମ୍ପନ୍ନ କରାଯାଇପାରେ । ଆବେଦନଭିତ୍ତିକ ଭ୍ରାନ୍ତି, ଯଦିଓ ଏବେ ବି କଟି ନାହିଁ କିନ୍ତୁ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଯାଇଛି; ଏହାର ଜୀବନ ପାଇଁ ଥିବା ଲିଜ୍‌ର ଅବଧି ଆଉ ବେଶୀ ସମୟ ନୁହଁ ‘ଇଣ୍ଡିଆନ୍ ମିରର୍’ର ବାବୁ ସୁରେନ୍ଦ୍ର ନାଥ ସେନ ଆଉ ମହାତ୍ମାମାନଙ୍କ ଦ୍ୱାରା ନୂତନ ବ୍ରହ୍ମବିଦ୍ୟାବାଦୀ(Theosophist) ଗିର୍ଜାର ମୁଖ୍ୟା ଭାବେ ଅଧିଷ୍ଠିତା ସଂସ୍କୃତି-ସମ୍ପନ୍ନା ବାଗ୍ମିତାଭରା ମହିଳା ଜଣକ, ଏ ଦୁହେଁ ହେଉଛନ୍ତି ପ୍ରବର୍ତ୍ତକ ଆଉ ଏକ ଭ୍ରାନ୍ତିର ଯାହା ଆମକୁ କହୁଛି ଧର୍ମ ଭିତରେ ଆମ ପୁନରୁତ୍ଥାନକୁ ‘ଅନ୍ୱେଷଣ କରିବା ପାଇଁ,’– ରାଜନୈତିକ ଦିଗରୁ ସ୍ୱାଧୀନ ହେବା ନିମିତ୍ତ ଆମେ ଆଶା କରିପାରିବା କେବଳ ଯେତେବେଳେ ଧର୍ମଗତ ଓ ନୈତିକ ଦିଗରୁ ଆମେ ଯୋଗ୍ୟ ହୋଇଉଠିବୁ । ଏହି ସିଦ୍ଧାନ୍ତ ମଧ୍ୟରେ ନିହିତ ଥିବା ନାନା ଭାବଧାରାଗୁଡ଼ିକର ଗୋଳମାଳିଆ ଅବସ୍ଥା ସତ୍ତ୍ୱେ, ଏହା ଏମିତି ଗୋଟିଏ, ଯାହାର ଏକ ସ୍ୱାଭାବିକ ଆକର୍ଷଣ ରହିଛି ଧାର୍ମିକ ମନୋଭାବ ସମ୍ପନ୍ନ ଗୋଟିଏ ଜାତି ପାଇଁ । ତେବେ ବି ଆବେଦନଭିତ୍ତିକ ଭ୍ରମ ପରି ଏହା ମଧ୍ୟ ନିହାତି ଏକ ଆକାଶ କୁସୁମ ସଦୃଶ । ଧର୍ମ କହିଲେ ଯଦି ‘ନିବୃତ୍ତିର ମାର୍ଗକୁ’ ବୁଝାଏ ତା’ହେଲେ ସେଇ ମର୍ମରେ ରାଜନୀତି ଓ ଧର୍ମ ସମ୍ପର୍କରେ ଆଲୋଚନା କରିବା ଏକ ନିର୍ବୋଧତା; କାରଣ ଏଇ ମାର୍ଗଟି ହେଉଛି ମାତ୍ର ଅଳ୍ପ କେତେଜଣଙ୍କର,– ସାଧୁସନ୍ଥ ଓ ବଛାବଛା କେତେଜଣଙ୍କର,– ଯାହାଙ୍କ ପାଇଁ ମୁଁ ମୁଁ ନାହିଁ କି ତୁ ତୁ ନାହିଁ, ମୋର ନାହିଁ କି ତୁମର ନାହିଁ ଆଉ ସେଇଥିପାଇଁ ମୋ ଦେଶ ନୁହେଁ କି ତୋ ଦେଶ ନୁହେଁ । କିନ୍ତୁ ଯଦି ଆମକୁ କୁହାଯାଏ ଆମର ଧାର୍ମିକ ବିକାଶକୁ ‘ପ୍ରବୃତ୍ତି ମାର୍ଗ’ରେ ସିଦ୍ଧ କରିବା ସକାଶେ ତା’ହେଲେ ଏକଥା ସ୍ପଷ୍ଟ ଯେ ରାଜନୀତି ଅନ୍ୟାନ୍ୟ

କାର୍ଯ୍ୟକଳାପ ପରି 'ପ୍ରବୃତ୍ତି ମାର୍ଗ'ର ଏକ ଢେର ବୃହତ୍ତର ଅଂଶ ଆଉ ଆମକୁ ପ୍ରଥମେ ଧର୍ମ ଓ ନୈତିକତାର ଓ ତା'ପରେ ରାଜନୀତିର ଅନୁଶୀଳନ କରିବାପାଇଁ କହିବାରେ ଯୁକ୍ତିଯୁକ୍ତତା କିଛି ନାହିଁ; କାରଣ ରାଜନୀତି ହେଉଛି ସ୍ୱୟଂ ଧର୍ମ ଓ ନୈତିକତାର ଏକ ବିଶାଳ ଅଂଶ; ଆମେ ମାନୁଛୁ ଧର୍ମ ସହିତ ଏକାତ୍ମଲାଭ କରିଥିବା କୌଣସି ବିଷୟ ଭାରତବର୍ଷରେ ସମ୍ଭବତଃ ଏକ ସାର୍ବଜନୀନ ଆଉ ସର୍ବଶ୍ରେଷ୍ଠ ପ୍ରେରଣା ବୋଲି ବିବେଚିତ ହୋଇପାରିବ ନାହିଁ। ପରିଷ୍କାର ପଥଟି ହେଲା ରାଜନୀତିକୁ ଧର୍ମ ବୋଲି ସ୍ୱୀକାର କରିନେବା ଆଉ ତା' ମଧ୍ୟରେ ଧର୍ମ ଭାବକୁ ସଞ୍ଚାର କରିବା; କାରଣ ତାହାହିଁ ପ୍ରକୃତ ଦେଶପ୍ରେମ ଯାହା ଦୃଷ୍ଟିରେ ଭଗବାନ୍ ସ୍ୱୟଂ ହେଉଛନ୍ତି ଜନନୀ ସ୍ୱରୂପୀଣୀ ଆମରି ଦେଶ ଭିତରେ, ଭଗବାନ୍ ଶକ୍ତିସ୍ୱରୂପିଣୀ ସ୍ୱୟଂ ଆମ ଦେଶବାସୀଙ୍କର ସମ୍ମିଳିତ ପିଣ୍ଡ ଭିତରେ ଆଉ ସେଇ ଦେଶାତ୍ମବୋଧହିଁ ନିଷ୍ପାପରଭାବେ ଆପଣାକୁ ଅଜାଡ଼ି ଦିଏ ସେମାନଙ୍କ ପରିଚର୍ଯ୍ୟା ପାଇଁ, ବର୍ତ୍ତମାନର କ୍ଲେଶ ଓ ଦାସତ୍ୱର ବନ୍ଧନରୁ ସେମାନଙ୍କ ମୁକ୍ତି ପାଇଁ। କ୍ରୀତଦାସଗଣଙ୍କର ଏକ ରାଷ୍ଟ୍ର ଯେଉଁଠି କ୍ରୀତଦାସମାନେ ସେମାନଙ୍କର ପରାଧୀନତା ବିରୋଧରେ କୌଣସି ପ୍ରତିବାଦର ସ୍ୱର ନ ତୋଳି ନୀରବ ରହିଯାଆନ୍ତି, ସେ ଜାତି ଯେ ନୈତିକ ଦୃଷ୍ଟିକୋଣରୁ ସ୍ୱାଧୀନତା ପାଇଁ ଯୋଗ୍ୟ ହୋଇପାରନ୍ତି ଏକଥା ଆମେ ସ୍ୱୀକାର କରୁନୁ। ଦିନକର ଗୋଲାମଗିରିରେ ଜଣେ ମଣିଷର ପୌରୁଷତ୍ୱରୁ ଅର୍ଦ୍ଧେକ ଲୁଣ୍ଠିତ ହୋଇଯାଏ ଆଉ ଯେତେବେଳେ ସେ ଗୋଲାମିର ଯୁଆଳିଟି ତା' ଉପରେ ପଡ଼ି ରହେ, ନିଜର ଏକ ପରିପୂର୍ଣ୍ଣ ଓ ସର୍ବାଙ୍ଗୀଣ ନୈତିକ ବିକାଶକୁ ସେ ନିର୍ଣ୍ଣୟ କରିପାରେ ନାହିଁ। ଏକ ହାଲୁକା ଆଉ ନିର୍ଦ୍ଦିଷ୍ଟ ପରାଧୀନତା କବଳରେ ଥାଇ ହୁଏତ କେତେକ ଦିଗରେ ତା'ର ସତରେ ବିକାଶ ସାଧିତ ହୋଇପାରେ; କିନ୍ତୁ କେଉଁ ଦିଗରେ ଆମେ ବିକାଶ କରିବୁ ବୋଲି କୁହାଯାଉଛି ? ସେଇ ଚଣ୍ଡାଳର ନୈତିକତା ଅଭିମୁଖେ ! ଯାହାର ଧର୍ମହେଲା ବିନୟ, ସନ୍ତୋଷ ପରିଚର୍ଯ୍ୟା ଆଉ ଆନୁଗତ୍ୟ ? ବଣିକର ନୈତିକତା ଅଭିମୁଖେ। ଯାହାର ଧର୍ମ ହେଲା ସାଧୁତା ଓ ଉଦାରତା ବଳରେ ସମ୍ପତ୍ତିସବୁ ଠୁଳ କରିବା ଆଉ ଉଦାର ଚିତ୍ତରେ ସେଗୁଡ଼ିକ ଜନହିତକର କାର୍ଯ୍ୟରେ ବ୍ୟୟ କରିବା ? ବ୍ରାହ୍ମଣର ନୈତିକ ଆଚରଣ ଭିତରେ ! ଯାହାର ଧର୍ମ ହେଲା ନିଜକୁ ନିବୃତ୍ତି ମାର୍ଗରେ ପ୍ରସ୍ତୁତ କରି ରଖିବା ନିଜର ପାଣ୍ଡିତ୍ୟ ଦ୍ୱାରା, ପବିତ୍ର କର୍ମକର୍ମାଣି ଦ୍ୱାରା, କେହି ଆଘାତ କଲେ ତା' ପ୍ରତି କ୍ଷମା ପ୍ରଦର୍ଶନ କରିବା, ସମ୍ମାନ ଅବା ଅପମାନ ହେଉ, ଭୁଲ୍ ବା ଅନ୍ୟାୟ ହେଉ, ତାକୁ ସାଦରେ ଗ୍ରହଣ କରିବା ଏକ ଶାନ୍ତ ଅବିଚଳିତ ଚିତ୍ତ ନେଇ ? ଏହା ବେଶ୍ ସୁସ୍ପଷ୍ଟ ଯେ ସ୍ୱାଧୀନତା ପାଇଁ ଆବଶ୍ୟକ ହେଉଥିବା ନୈତିକ ଯୋଗ୍ୟତାର ବିଲକୁଲ ନିକଟବର୍ତ୍ତୀ ନହୋଇ ମଧ୍ୟ ଏସବୁ ଦିଗରେ ଆମ ବିକାଶ ସମ୍ଭବ ହୋଇପାରେ। ରାଜନୀତି ଯେ କ୍ଷତ୍ରିୟର କର୍ତ୍ତବ୍ୟ ଆଉ କ୍ଷତ୍ରିୟମାନଙ୍କର ସଦ୍‌ଗୁଣାବଳୀର ବିକାଶ ଆମେ ସାଧନ କରିବା ଉଚିତ ଯଦି ସ୍ୱାଧୀନତା ସକାଶେ ଆମମାନଙ୍କୁ ନୈତିକ ଦୃଷ୍ଟିରୁ ଯୋଗ୍ୟ ହେବାକୁ ପଡ଼ୁଥାଏ। କିନ୍ତୁ କ୍ଷତ୍ରିୟର ପ୍ରଥମ ସଦ୍‌ଗୁଣଟି ହେଲା ଏକ ଅନ୍ୟାୟର ଯୁଆଳି ପାଖରେ ନିଜ ଗ୍ରୀବାଟିକୁ ଆନତ କରି ନରଖିବା କିନ୍ତୁ ଅତ୍ୟାଚାରୀ ବିରୋଧରେ ତା'ର ଦୁର୍ବଳ ଆଉ ଯନ୍ତ୍ରଣାଜର୍ଜରିତ ଦେଶବାସୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଆଉ ଏକ ନ୍ୟାୟ ଓ ଧର୍ମ ଯୁଦ୍ଧରେ ମୃତ୍ୟୁକୁ ଅଭିନନ୍ଦନ କରିବା ପାଇଁ ପ୍ରସ୍ତୁତ ହୋଇରହିବା।

ଉଦ୍ୟୋଗବାଦ (Industrialism) ଦ୍ୱାରା ମୁକ୍ତି ଆସିବ ବୋଲି ବିଶ୍ୱାସ ରଖିବା ହେଲା ତୃତୀୟ ଭ୍ରମ ଯାହା କବଳରେ ପଡ଼ିଛି ଏଇ ଅତି ବୌଦ୍ଧିକତାସମ୍ପନ୍ନ ମଣିଷ। (Over intellectualised) ସ୍ୱଦେଶୀ ଆନ୍ଦୋଳନରେ ବ୍ୟବସାୟିକ ଦିଗଟି ପାଇଁ ଏକ ମସ୍ତବଡ଼ ସଂକଟ ରହିଛି। ତାହାହେଲା ଆମର ତରୁଣମାନଙ୍କ ଭିତରୁ ଅନେକ ଭ୍ରମରେ ପଡ଼ି ଭାବିପାରନ୍ତି ଯେ ସେମାନଙ୍କର ପ୍ରକୃତ ଲକ୍ଷ୍ୟ ହେଲା ବିଦେଶକୁ ଯିବା, ଶିଳ୍ପ ସଂକ୍ରାନ୍ତରେ ଅଧ୍ୟୟନ କରିବା ଆଉ ତା'ପରେ ପ୍ରତ୍ୟାବର୍ତ୍ତନ କରି ନିଜକୁ ଓ ନିଜ ଦେଶକୁ ସମୃଦ୍ଧ କରି ଗଢ଼ିବା। ଆମେ ସେମାନଙ୍କୁ ସତର୍କ କରିଦେଉଛୁ ଏଇ ଜଘନ୍ୟ ଭୁଲ୍‌ଟିକୁ ନକରିବା ପାଇଁ ଏ କାର୍ଯ୍ୟ ଅବଶ୍ୟ ଏକ ପ୍ରଶଂସନୀୟ କାର୍ଯ୍ୟ ଆଉ ମହାନ୍ ଜାତୀୟ 'ଯଜ୍ଞ'ର ଏକ ଆବଶ୍ୟକୀୟ ଅଂଶ ବିଶେଷ ରୂପେ ଯାହାକୁ ଆମେ ସ୍ଥାପିତ କରିଛୁ। କିନ୍ତୁ ଏହା କେବଳ ଗୋଟିଏ ଅଂଶ ମାତ୍ର ଏପରିକି ପ୍ରମୁଖ ଅଂଶ ମଧ୍ୟ ନୁହେଁ। ଜାପାନର ଇତିହାସକୁ ଯେଉଁମାନେ କେବେ ବି ଅଧ୍ୟୟନ କରି ନାହାନ୍ତି ସେମାନଙ୍କୁ ହୁଏତ କହିବାକୁ ଭଲ ଲାଗିବ ଆମ ଯୁବକମାନଙ୍କୁ ଯେ ଜାପାନର ମହିମା ହେଉଛି ତା'ର ବାଣିଜ୍ୟ ଓ ଶିଳ୍ପର ବିସ୍ତାର ପାଇଁ ଆଉ ସେମାନଙ୍କୁ ସେଠିକି ଯିବାକୁ ଓ ଅନୁରୂପ କାର୍ଯ୍ୟ କରିବାକୁ କହିବେ। ବାଣିଜ୍ୟ ଆଉ ଶିଳ୍ପର ପ୍ରସାର ହେଉଛି ରାଜନୈତିକ ମୁକ୍ତି ଓ ମହିମାର ଆନୁଷଙ୍ଗିକ ତଥା ସନ୍ତୋଷଜନକ

ପରିଣାମ ମାତ୍ର – କିନ୍ତୁ ସେଗୁଡ଼ିକର କାରଣ ନୁହନ୍ତି । ତଥାପି ଅନେକେ ଏଇ ବିପରୀତ ଉକ୍ତିଟିରେ ବିଶ୍ୱାସ ରଖନ୍ତି ଯେଉଁମାନଙ୍କର ଆହୁରି ବିଜ୍ଞତାର ସହିତ ଭଲ ମନ୍ଦ ବିଚାର କରିବାର ସମାର୍ଥ୍ୟ ରହିବା ଉଚିତ । ବରହମ୍ପୁରଠାରେ ଶ୍ରୀନାଥ ପାଲ୍ ରାୟ ବାହାଦୁରଙ୍କର ପ୍ରକୃତରେ ଚମତ୍କାର ଭାଷଣ ଭିତରେ ଆମେ ଏଇ କଥାଟିକୁ ଲକ୍ଷ୍ୟ କରିଛୁ । ତାଙ୍କ ଅଭିଭାଷଣର ପ୍ରଥମ ଭାଗରେ ଶ୍ୱାନଧର୍ମୀ ବିନମ୍ର ଆନୁଗତ୍ୟର ସିଦ୍ଧାନ୍ତ ଆଉ ତା'ର ଅନ୍ତିମ ଭାଗରେ ପ୍ରଚଣ୍ଡ କ୍ରୋଧଦୀପ୍ତ ନିଜ ଦୃଢ଼ୋକ୍ତିମୂଳକ ଅର୍ଥନୈତିକ ସ୍ୱାବଲମ୍ବନଶୀଳତାର ସିଦ୍ଧାନ୍ତ, ଏ ଦୁଇଟି ଭିତରେ ଏକ ଆଶ୍ଚର୍ଯ୍ୟଜନକ ବିରୋଧ ରହିଛି । ''ରାଜନୈତିକ ଅଗ୍ରଗତିରୁ ଯାହାକିଛି ସୁବିଧା ମିଳୁନା କାହିଁକି ଶିଳ୍ପ ସମୃଦ୍ଧି ସାଥିରେ ଯୋଡ଼ି ହୋଇ ଯେଉଁ କଲ୍ୟାଣଗୁଡ଼ିକର ସୁଅ ଛୁଟେ ତା' ତୁଳନାରେ ଏହା କେଉଁ ନଗଣ୍ୟତା ଭିତରେ ଲୀନ ହୋଇଯାଏ''– ଏହା ହେଉଛି ଶ୍ରୀନାଥ ପାଲ୍ ରାୟଙ୍କର ବେଦବାକ୍ୟ । ଅପେକ୍ଷାକୃତ କମ୍ ଆନୁଗତ୍ୟ ପ୍ରକାଶ କରୁଥିବା ଅନେକ ବ୍ୟକ୍ତି ଏହି ଉକ୍ତି ସହିତ ସାମିଲ ହୋଇଛନ୍ତି ଯାହାଙ୍କ ବିଚାର ଅନୁସାରେ ଶିଳ୍ପଗତ ସମୃଦ୍ଧି ହେଉଛି ରାଜନୈତିକ ଅଗ୍ରଗତିର ପୂର୍ବାନୁବର୍ତ୍ତୀ ଆଉ କାରଣ ମଧ୍ୟ । ଏଇ ଚିନ୍ତାଧାରା ଅନୁଯାୟୀ ସ୍ୱାଧୀନତା ପାଇଁ ଆମେ ସଂଗ୍ରାମ କରିବା ପୂର୍ବରୁ ପ୍ରଥମେ ଧନଶାଳୀ ହେବା ଉଚିତ । ଏ ପ୍ରକାରର ଅଦ୍ଭୁତ ଭ୍ରାନ୍ତିକୁ ଇତିହାସ କେବେ ବି ସମର୍ଥନ କରିନି । ଗରିବ ଜାତିମାନେହିଁ ଅତ୍ୟନ୍ତ ଭାବର ଆବେଶରେ ମୁକ୍ତି ସହିତ ସଂଯୁକ୍ତ ହୋଇଯାଇଛନ୍ତି ଯେତେବେଳେ କି ଏମିତି ଅନେକ ଦୃଷ୍ଟାନ୍ତମାନ ରହିଛି ଯେ ଏକ ସମୃଦ୍ଧିଶାଳୀ ଦାସତ୍ୱର ବନ୍ଧନ ଅପେକ୍ଷା ଆଉ କୌଣସି ସ୍ଥିତି ଅକ୍ଳେଶରେ ଜାତୀୟ ବିଲୟ ଓ ଅବକ୍ଷୟ ଅଭିମୁଖେ ବାଟ କଢ଼େଇ ନିଏ ନାହିଁ । ଆମେମାନେ ବିଶେଷତଃ ବ୍ରିଟିଶ ଶାସନ ପାଖରେ କୃତଜ୍ଞତାର ପ୍ରକାଶ କରୁଛୁ ଯେ ଆମକୁ ରାଜନୈତିକ ମୁକ୍ତି ବିନିମୟରେ ସେ ଶିଳ୍ପ ସମୃଦ୍ଧି ଦେଇନି ଯାହା କି ରୋମବାସୀକୁ ମିଳିଥିଲା । କାରଣ ସେ କ୍ଷେତ୍ରରେ ଗଲ (Gaul) ଆଉ ବ୍ରିଟେନର ପୁରାତନ ଜାତିମାନଙ୍କ ପରି ଆମର ଦଶା ହୋଇଥା'ନ୍ତା ଯେଉଁମାନେ ସଭ୍ୟତା ଓ ସମୃଦ୍ଧିକୁ କ୍ରୟ କରିବା ସଙ୍ଗେ ସଙ୍ଗେ ତା' ସହିତ ସେମାନଙ୍କର ସ୍ୱାଧୀନ ମଣିଷପଣିଆଁକୁ ହରାଇବସି ଗଥ୍(Goth) ଆଉ ସାକ୍ସନ୍ (Saxon)ଙ୍କ କବଳରେ ପଡ଼ିଗଲେ ଏବଂ ଏକ ସୁଦୀର୍ଘ ଗୋଲାମି ଫାନ୍ଦରେ ଧରାଦେଲେ ଯେଉଁଥିରୁ ମୁକୁଳିବା ପାଇଁ ସେମାନଙ୍କୁ ଏକ ହଜାର ବର୍ଷ ଲାଗିଗଲା । ପ୍ରକୃତରେ ଆମେ ଅର୍ଥନୈତିକ ସ୍ୱାଧୀନତା ପାଇଁ ଅବିରତ ସଂଗ୍ରାମ କରିବା ଉଚିତ କାରଣ ଆମକୁ ଯେଉଁ ଏକଚ୍ଛତ୍ରବାଦ ଶାସନ କରୁଛି ସେଇଟା ହେଲା ଅଧାଅଧି ବେପାରୀ, ଅଧାଅଧି ସାମରିକ ଆଉ ନିମ୍ନଭାଗସ୍ଥ ଅଧାବେପାରୀ ଉପରେ ମରଣାନ୍ତକ ଆଘାତ ହେଲେ ଆମେ ଯଥେଷ୍ଟ ପରିମାଣରେ ଅକର୍ମଣ୍ୟ କରିଦେଇପାରିବା ଉପରିଭାଗସ୍ଥ ବେପାରୀ ଗୋଷ୍ଠୀଙ୍କୁ; ଆମକୁ ସମ୍ପୂର୍ଣ୍ଣ ପରାଧୀନତା ଭିତରେ ରଖିବା ପାଇଁ ଇଂଲଣ୍ଡ ପାଖରୁ ଯେଉଁ ପ୍ରରୋଚନା ମିଳୁଛି ଅନ୍ତତଃ ତା'ର ଅର୍ଦ୍ଧେକ ଭାଗ ଆମେ ହଟେଇ ଦେଇପାରିବା ।

(ବନ୍ଦେ ମାତରମ୍, ଏପ୍ରିଲ ୫, ୧୯୦୭)

## ବରହମ୍ପୁରରେ ଯେତିକି ରହିଲା ଉହ୍ୟ ଓ ଯେତିକି ହେଲା ସଂପାଦିତ :

ବରହମ୍ପୁର ସମ୍ମିଳନୀର କାର୍ଯ୍ୟ ଚାଲିଥିବା ସମୟରେ ଭିକ୍ଷାବୃତ୍ତିର ମନୋଭାବକୁ ବ୍ୟକ୍ତ କରିବା ପାଇଁ ସେମିତି ସୁଯୋଗ ଦିଆଯାଇନି ଆଉ ଯେତେଦୂର ସମ୍ଭବ ଏବର୍ଷଟି ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିଛି । ଗତବର୍ଷର ସମ୍ମିଳନୀ ସମ୍ପୂର୍ଣ୍ଣ ଅସାଧାରଣ ଥିଲା; ଆଉ ଉପଯୁକ୍ତ ବିଚାର ଓ ଦେଶାତ୍ମବୋଧ ଯୋଗୁଁ ଯେଉଁ ବିଜୟ ଟିକକ ହାତକୁ ଆସିଥିଲା ତାହା ସ୍ଥାୟୀ ହୋଇ ରହିବ କି ନାହିଁ ତା'ର କୌଣସି ଠିକ୍ ଠିକଣା ସେତେବେଳେ ନଥିଲା କାରଣ ଭିକ୍ଷୁକର ମନୋବୃତ୍ତି (Mendicant spirit) ସମ୍ମିଳନୀ ମଞ୍ଚ ଛାଡ଼ି ଚାଲିଯାଇଥିଲା କେମ୍ପଙ୍କ (Kemp's) ଲାଠିଗୁଡ଼ିକ ଆସିବା ପୂର୍ବରୁ ଆଉ ସ୍ୱାବଲମ୍ବନର ସିଦ୍ଧାନ୍ତକୁ ଅପୂର୍ବ ସାଫଲ୍ୟ ପୂର୍ଣ୍ଣମାତ୍ରାରେ ଉପଲବ୍ଧ ହୋଇଥିଲା ଉତ୍ତେଜନାର ଏପରି ଏକ ବାତାବରଣ ଭିତରେ ଯେ ବ୍ୟବସ୍ଥାପକ ପାର୍ଷଦ(Legislative councillor)ଙ୍କ ଶିଥିଳ ରକ୍ତ ଟକମକ ଫୁଟିବାରୁ ତାଙ୍କ ମୁଖରୁ ମଧ୍ୟ ରାଜଦ୍ରୋହାତ୍ମକ ଉକ୍ତି (Seditious utterance) ନିର୍ଗତ ହୋଇଥିଲା । ସମ୍ମିଳନୀ ଭଙ୍ଗ ହେବାର ମୁହୂର୍ତ୍ତରେ ଠିକ୍ ଭିକ୍ଷାବୃତ୍ତି ସ୍ୱୟଂ ପୁନରାଗମନ କରି ନିଜକୁ ଜାହିର କଲା ପୂର୍ବସୁରୀମାନଙ୍କ ନୀତିବାକ୍ୟର ପ୍ରତିପାଦନ କରି । ଅସ୍ତ୍ର ଉତ୍ତୋଳନ କରି (କିଂବା ଲାଠି ଚାଳନାର ନିୟମ ଦ୍ୱାରା) ମହାପ୍ରକୃତିକୁ ତଡ଼ିଦିଅ ତଥାପି ତାହା କ୍ଷିପ୍ରଗତିରେ ମାଡ଼ି ଆସିବ; କିନ୍ତୁ ସେଇଦିନଠାରୁ ବଙ୍ଗଳାରେ ଜାତୀୟ ଭାବପ୍ରବଣତା ଅନେକ ପରିମାଣରେ ବୃଦ୍ଧି ପାଇଛି; ଆଉ ଯଦିବା ନରମପନ୍ଥୀଙ୍କର ଗୋଟିଏ କେନ୍ଦ୍ରରେ

ସମ୍ମିଳନୀଟି ଅନୁଷ୍ଠିତ ହୋଇଥିଲା, ପଶ୍ଚିମବଙ୍ଗଳାର ଏକ ଶାନ୍ତିପୂର୍ଣ୍ଣ ନିସ୍ତବ୍ଧ ବାତାବରଣ ମଧ୍ୟରେ ଆବେଦନ, ଭିକ୍ଷାବୃତ୍ତିର ନିର୍ଦ୍ଦିଷ୍ଟ ଭାବଧାରା ପାଇଁ ସେଠି ସୁଯୋଗ ଦିଆଯାଉନଥିଲା । ପ୍ରକୃତରେ ଦେଖିବାକୁ ଗଲେ ସମ୍ମିଳନୀରେ ଏମିତି କିଛି ଲକ୍ଷଣ ବିଶେଷ ପ୍ରକାଶ ପାଇଥିଲା ଯାହାକୁ ଆମେ ସମର୍ଥନ କଲାପରି ଦୃଷ୍ଟିରେ ଦେଖିପାରିବୁ ନାହିଁ । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ କିଂବା କୌଣସି ନିଭୃତ ସ୍ଥାନରେ ହେଉ ଯେଉଁଠି ଯେଉଁଠି ଅନ୍ତତଃ ଦୁଇ କିଂବା ତିନୋଟି ସନ୍ତାନ ଏକାଠି ହେଉଥିଲେ ସେଠି ମାତୃଭୂମିର କାତର ଆହ୍ୱାନକୁ ନେଇ ଚୋଳି ଧରିବାର ଅଧିକାରକୁ ସମୁଦାୟ ପ୍ରତିନିଧି ସଂଗଠନ ଦ୍ୱାରା ଜାହିର ହେଉଥିଲା ପୁଲିସର ଲାଠି ଚାଳନା ସତ୍ତ୍ୱେ । ଏବର୍ଷ ସେଇ ଅଧିକାର ଟିକକ ସମର୍ପି ଦିଆଗଲା କାରଣ ବାବୁ ବୈକୁଣ୍ଠନାଥ ସେନ୍ ଏକ ବିଦେଶୀ ହାକିମଙ୍କ ପାଖରେ ତାଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାକୁ ଆଣି ସମର୍ପଣ କରି ଶପଥ ନେଇଥିଲେ ଯେ ଏଣିକି ଆଉ କେବେବି ଶାନ୍ତିଭଙ୍ଗ ହେବ ନାହିଁ । ଯେହେତୁ ଏଇ ଶପଥଟି ସକଳ ପ୍ରତିନିଧିମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା ଆମ୍ଭେମାନେ ସେଥିପାଇଁ ନିଶ୍ଚୟ ଭାବିନେବା ଯେ ରାସ୍ତାରେ ରାସ୍ତାରେ ବନ୍ଦେ ମାତରଂର ଧ୍ୱନିକୁ ସମଗ୍ର ବଙ୍ଗଳା ଶାନ୍ତିଭଙ୍ଗ ବୋଲି ଗ୍ରହଣ କରିନେଇଛି । ଏଇଠିହିଁ ହାକିମତନ୍ତ୍ରର ଗୋଟିଏ ବିଜୟ ହୋଇଛି । ଆଉ ତେବେବି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଲଜ୍ଜାବୋଧ କରି ନଥିଲେ ତାଙ୍କ ଭାଷାର ଆଡ଼ମ୍ବରପୂର୍ଣ୍ଣ ଆଳଙ୍କାରିକ ଉକ୍ତିଗୁଡ଼ିକ ଭିତରେ ଅଭିନନ୍ଦନ ମାନ ଖଞ୍ଜିଦେବାକୁ ଆମ ବିଜୟୋଲ୍ଲାସ ଆଉ ବିଜୟର ଅଲିଭା ଦାଗଗୁଡ଼ିକ ପାଇଁ; ବାବୁ ବୈକୁଣ୍ଠନାଥଙ୍କ ନିଜସ୍ୱ ତଥା ବ୍ୟକ୍ତିଗତ ମାନପତ୍ରକୁ ଭାରସାମ୍ୟ ରକ୍ଷାକରିବା ପାଇଁ ପ୍ରସ୍ତୁତ ରଖାଗଲା ବଙ୍ଗଳାର ନିର୍ବାଚିତ ପ୍ରତିନିଧିମାନଙ୍କୁ ସର୍ବସାଧାରଣ ଦେଇଥିବା ସମ୍ମାନ ବିରୋଧରେ ଆଉ ଶେଷୋକ୍ତ ବ୍ୟକ୍ତିମାନେହିଁ ଆସି ଭାରସାମ୍ୟ ରକ୍ଷାକାରୀ ଦଣ୍ଡଟିକୁ ପଦାଘାତ କଲେ । କୁହାଯିବ ଯେ ଆବାହକ (Host) ହିସାବରେ ବାବୁ ବୈକୁଣ୍ଠନାଥଙ୍କର ଏଭଳି ସମ୍ମାନଜନକ ସ୍ଥିତି ଥିଲା ଯାହା ପ୍ରତିନିଧିମାନଙ୍କୁ ତାଙ୍କ ସହିତ ଏକ ସାଲିସ ହେଲାପରି ସେମିତି କିଛି କାର୍ଯ୍ୟ କରିବାକୁ ବାଧା ଦେଇଥିଲା । ପ୍ରତିନିଧି ହିସାବରେ ଆସିଥିବା ଜଣ ଜଣ କରି ବ୍ୟକ୍ତିମାନଙ୍କ ସହିତ ତାଙ୍କ ସମ୍ପର୍କ ଯାହା ହୋଇଥାଉ ପଛେ ବାବୁ ବୈକୁଣ୍ଠନାଥ ସମ୍ମିଳନୀର ଆବାହକ ରୂପେ ଆସି ଠିଆ ହୋଇଥିଲେ ବୋଲି ଆମେ ଅସ୍ୱୀକାର କରୁଛୁ । ଯେକୌଣସି ପ୍ରକାରେ ବଙ୍ଗଳାର ଲୋକ ପ୍ରତିନିଧିମାନେ ବରହମ୍ପୁରକୁ ଯାଇଥିଲେ ଉତ୍ତମ ଭୋଜନ କରିବା ଉଦ୍ଦେଶ୍ୟରେ ନୁହେଁ ଆଉ ଦୟାପୂର୍ବକ ସାମାଜିକ ସୌଜନ୍ୟତା ରକ୍ଷାକରି ପରସ୍ପର ଭିତରେ ଭାବ ବିନିମୟ ପାଇଁ ନୁହେଁ, ସେମାନେ ଯାଇଥିଲେ ନିଷ୍କପଟ ଭାବ ନେଇ, ଦେଶ ପାଇଁ ସେମାନଙ୍କର କାର୍ଯ୍ୟ କରିବାକୁ । ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି ସାହସ ଆଉ ଗୌରବ ସହିତ ତାଳମେଳ ରଖୁ ନଥିବା ଗୋଟିଏ ମାର୍ଗ ଗ୍ରହଣ କରିବା ସକାଶେ ସମଗ୍ର ଦେଶକୁ ଆଣି ଶପଥ କରେଇବା ପାଇଁ ଜଣେ ବ୍ୟକ୍ତିର ଅଧିକାର ଅଛି ବୋଲି ଆମେ ମାନିବାକୁ ପ୍ରସ୍ତୁତ ନୁହଁ । କିନ୍ତୁ ନେତାମାନେ ଖୁବ୍ ତତ୍ପରତା ସହିତ ବରିସାଲ୍ ଘଟଣାର ପୁନରାବୃତ୍ତିକୁ ଏଡ଼ିବାକୁ ଯାଇ ଏକ ଖାସ୍ ସଫେଇ (Good excuse) ଦେଇଛନ୍ତି ଏ ଯୁକ୍ତିଟିକୁ ଗ୍ରହଣ କରିନେବା ପାଇଁ ବୋଲି ମନେହୁଏ । ''କାରଣ ଏହିପରି ଆଉ ଗୋଟିଏ ରଣକ୍ଷେତ୍ର ପାଇଁ ସେମାନଙ୍କର ଶଙ୍କାଥିଲା ମୃତ୍ୟୁ ଅପେକ୍ଷା ଭୟଙ୍କର'' । ଘଟଣାଟିରୁ ଦେଖାଯାଉଛି ଯେ ମେରୁଦଣ୍ଡ ବିହୀନ ହୋଇ ବରାବର ରହିବା ଯୋଗୁଁ ଆମମାନଙ୍କ ରାଜନୀତି ଏବେ ବି ଏକ ଅଭିଶାପ ହୋଇପଡ଼ିଛି । ଅନ୍ୟ ଯେକୌଣସି ଦେଶରେ ପ୍ରତିନିଧିମାନେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାକୁ ଯାଇ ଗୋଟିଏ ସମ୍ମିଳନୀରେ ଯଦି ଆକ୍ରମଣର ଶିକାର ହୋଇଥା'ନ୍ତେ ତା'ହେଲେ ସେମାନଙ୍କ ଅଧିକାରକୁ ଜାହିର କରିବା ପାଇଁ ସେଇ ଅସଲ ଘଟଣାଟିକୁ ଏକ ଅନିବାର୍ଯ୍ୟ କାରଣ ସ୍ୱରୂପ ଉପସ୍ଥାପିତ କରାଯାଇଥାଆନ୍ତା ପରକୁ ପର ପ୍ରତିଟି ସମ୍ମିଳନୀରେ, ତାହା ଗୃହୀତ ହେଲା ପର୍ଯ୍ୟନ୍ତ । ସେହିଭଳି ଦୃଢ଼ତା ପ୍ରଦର୍ଶନ ନକଲା ପର୍ଯ୍ୟନ୍ତ ସବୁ ଦୃଷ୍ଟିରୁ ସମସ୍ତଙ୍କ ମଙ୍ଗଳ ପାଇଁ ଆମେ ସତ୍ୟାଗ୍ରହର ଚିନ୍ତାଧାରାକୁ ପରିହାର କରିପାରୁ ।

ପ୍ରସ୍ତାବଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ତତ୍ତ୍ୱତଃ ଅଦରକାରୀ ବୋଲି ମନେ ହୁଏ ଆଉ ଅନ୍ୟ ପ୍ରସ୍ତାବଗୁଡ଼ିକରେ ଶବ୍ଦ ସଂଯୋଜନାର ପୃଷ୍ଠଭୂମି ନାହିଁ । ବିଚାର ବିଭାଗ (Judiciary) ଆଉ କାର୍ଯ୍ୟନିର୍ବାହୀ (Executive) ଏ ଦୁଇଗୋଟି ବିଭାଗକୁ ପୃଥକ୍ କରିବାର ସଂସ୍କାରମୂଳକ କାର୍ଯ୍ୟକ୍ରମରେ ଆମର ବିଶ୍ୱାସ ନାହିଁ । ଯେଉଁ କ୍ଷତିକାରକ ସମସ୍ୟାର ଏହା ସମ୍ମୁଖୀନ ହେବାପାଇଁ ଚିନ୍ତା କରିଛି ତାହା ସତରେ ନିରାକରଣ ହେବ ବୋଲି ଆମେ ଭାବିପାରୁନୁ । ଯେତେଦିନ ଧରି କାର୍ଯ୍ୟନିର୍ବାହୀ ଓ ବିଚାର ବିଭାଗ ଉଭୟେ ସେଇ ଦାୟିତ୍ୱହୀନ ଆଉ ସ୍ୱେଚ୍ଛାଚାରୀ ଶାସକ ଅଧୀନରେ ବେତନ ଭୋକ୍ତା ହୋଇ ରହିଥିବେ ସେମାନେ

ସେଇଭଳି ଭାବର ପ୍ରେରଣାରେ ଅଧିକାଂଶ କ୍ଷେତ୍ରରେ ଏକମନ ହୋଇ କାର୍ଯ୍ୟ କରିବେ; କେବଳ କେତୋଟି ବ୍ୟକ୍ତିଗତ କ୍ଷେତ୍ରରେ ଯାହା ଅବ୍ୟାହତ ମିଳିବ । ଆହୁରି ସେତକ ସୁବିଧା ମିଳିବ ବୋଲି ଆମେ ନିଶ୍ଚିତ ହୋଇପାରିବାନି । ବର୍ତ୍ତମାନ ପାଇଁ ଦୁଇଟି କାର୍ଯ୍ୟକୁ ଯଦି ଅଲଗା କରିଦିଆଯାଏ ତା'ହେଲେ ଅମଲାତନ୍ତ୍ର ପକ୍ଷରେ ବିଚାରବିଭାଗକୁ କଠୋର ନିୟନ୍ତ୍ରଣ ଭିତରେ ରଖିବାର ଆବଶ୍ୟକତା ଏକାନ୍ତ ଜରୁରୀ ହୋଇଉଠିବ ଆଉ ସକଳ କ୍ଷମତାକୁ ନିଜ ହାତରେ ରଖିଲେ କୌଣସି କଠିନ ଦାୟିତ୍ୱ ତୁଲେଇବା ସେମାନଙ୍କ ପାଇଁ କଷ୍ଟ ହେବ ନାହିଁ । ଅମଲାତାନ୍ତ୍ରିକ ଶାସକର ମତିଭ୍ରମ ବିରୋଧରେ "ନ୍ୟାୟ ଓ ମୁକ୍ତିର ଦୁର୍ଗରୂପେ ହାଇକୋର୍ଟ ସୁରକ୍ଷା ପ୍ରଦାନ କରିବା ଅନେକ ଦିନରୁ ବନ୍ଦ କରିସାରିଲାଣି ଆଉ ତଥାକଥିତ ସଂସ୍କାର ଦ୍ୱାରା ଦୁଇଟି ସେବା କ୍ଷେତ୍ରରେ ହୁଏତ ସଂଯୋଗ ଆହୁରି ନିବିଡ଼ ହେବ । ପୃଥକୀକରଣରେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଆହୁରି ଯେ ଖରାପ ଆଡ଼କୁ ଗତି କରିବ ଏହା ନିହାତି ସମ୍ଭବ । କେବଳ ଗୋଟିଏ ସଂସ୍କାରହିଁ ଆମମାନଙ୍କୁ କାର୍ଯ୍ୟନିର୍ବାହୀ (Executive)ର ଅତ୍ୟାଚାରରୁ ରକ୍ଷା କରିପାରିବ ଆଉ ସେ ସଂସ୍କାରର ଲକ୍ଷ୍ୟ ରହିବ ରାଷ୍ଟ୍ରର ଜନସାଧାରଣଙ୍କୁ ଉଭୟ କାର୍ଯ୍ୟନିର୍ବାହୀ ଓ ବିଚାର ବିଭାଗର ବେତନଦାତା ଓ ନିୟନ୍ତା ରୂପେ ଗଢ଼ି ତୋଳିବା । କୌଣସି ଦିଗରେ ତାଳିପକା କାର୍ଯ୍ୟରୁ କିଛିହେଲେ ଲାଭ ମିଳିବନି । ଦୃଷ୍ଟାନ୍ତସ୍ୱରୂପ ପଥ ଟିକସ (road Cess) ସମ୍ବନ୍ଧରେ ପାଟିତୁଣ୍ଡ କରିଲେ କି ଲାଭ ମିଳିବ ଯେତେବେଳେ ଆମେ ଭଲରକମ ଜାଣିଛୁ ଯେ ରାସ୍ତାଗୁଡ଼ିକ ପାଇଁ ଓ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ଉଦ୍ଦେଶ୍ୟରେ ନୁହଁ କିନ୍ତୁ ଏହା ଧାର୍ଯ୍ୟ ହୋଇଥିଲା ଚିରସ୍ଥାୟୀ ବନ୍ଦୋବସ୍ତ (Permanent settlement)କୁ ଧୋକ୍କା ଦେବା ସକାଶେ, ଏକ ପ୍ରବଞ୍ଚନାମୂଳକ ଉପାୟ ସ୍ୱରୂପ ? କେହି ହେଲେ ଅସ୍ୱୀକାର କରିପାରିବନି ଯେ ଯେଉଁ ଉଦ୍ଦେଶ୍ୟ ନେଇ ଏ କର ଧାର୍ଯ୍ୟ କରାଯାଇଥିଲା ତାହା ଯେଭଳି ଭାବେ ସାଧିତ ହେଉଛି ପ୍ରଶଂସା କରିବାର କଥା । ସାମରିକ ଓ ପ୍ରଶାସନିକ ଉଦ୍ଦେଶ୍ୟଗୁଡ଼ିକ ସାଧନ କରିବା ଆଉ ବିଦେଶୀ ବେପାରୀ ଓ ପୁଞ୍ଜିପତି ଦ୍ୱାରା ଶୋଷଣର ବଡ଼ ବଡ଼ ସୁଯୋଗମାନ ସୃଷ୍ଟି କରିବା ପାଇଁ ଯାହା ଆବଶ୍ୟକ ତା' ବ୍ୟତୀତ ଅମଲାତନ୍ତ୍ର ଯେ ଦେଶକୁ ଆଉ କେଉଁ ଦିଗରେ ଉନ୍ନତ କରି ରଖିବ ଇଏ ହେଉଛି ଏକ ଉଭଟ ଚିନ୍ତା । ସେଇ ରାଜସ୍ୱର ବ୍ୟୟ ହେଲେ ତାହା ଜନସାଧାରଣଙ୍କ ଚାହିଦା ଓ ସୁବିଧା ଦୃଷ୍ଟିରୁ କୌଣସି ନିର୍ଣ୍ଣାୟକ ଭୂମିକା ନୁହଁ କି କେବେ ବି ହୋଇପାରିବନି । ସେଇ କାରଣରୁ ୟୁରୋପୀୟମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ନିମିତ୍ତ ଆଉ ଏକ ଅପାରଗ ପ୍ରତିକ୍ରିୟାଶୀଳ ଓ ବର୍ବର ପ୍ରଶାସନର ପରିସ୍ଫୁଟ ଆପଣାର ବିଶ୍ୱାସଘାତକତାକୁ ଜନତା ଦୃଷ୍ଟିରୁ ଦୂରେଇ ରଖିବା ସକାଶେ ଯାହା ଦରକାର ତାକୁ ଅତିକ୍ରମ କରି ଆଉ କିଛି ପରିମଳ ବ୍ୟବସ୍ଥା ପ୍ରତି ଯେ ଧ୍ୟାନ ଦିଆଯିବ ଏକଥା ସେମାନଙ୍କଠାରୁ ଆଶା କରାଯାଇପାରିବ ନାହିଁ । ବାସ୍ତବିକ ଜନସ୍ୱାସ୍ଥ୍ୟର ନିରାପତ୍ତା ପ୍ରତି ଧ୍ୟାନ ଦେବାକୁ ଆଉ କ୍ଷିପ୍ର ଗତିରେ ଆମ ଜୀବନୀ ଶକ୍ତିର ଧ୍ୱଂସ ସାଧନ କରି ମୃତ୍ୟୁ ହାରର ଅଭିବୃଦ୍ଧି ସହିତ ଜନ୍ମର ହାରକୁ ହ୍ରାସ କରୁଥିବା ମହାମାରୀ ପ୍ଲେଗ୍‌ର ସଫଳ ମୁକାବିଲା କରିବାକୁ ଜନସାଧାରଣଙ୍କର ଯେଉଁ ପରିମାଣର ସହଯୋଗ ଲୋଡ଼ା ସେଥିପାଇଁ ସେମାନେ କିଛି ପଇସା ଖର୍ଚ୍ଚ କରିବାକୁ ଚାହିଁବେ ନାହିଁ ।

ଏଇସବୁ ଛୋଟ ଛୋଟ ତୁଚ୍ଛ ପ୍ରସଙ୍ଗକୁ ଛାଡ଼ି ଆଉ ଯାହା ନିକଟରେ ସମ୍ମିଳନୀର ଯାବତୀୟ ଭୁଲ୍ ଭଟକା ଅତି ନଗଣ୍ୟ ହୋଇପଡ଼ିଥିଲା ବେଶ୍ ସ୍ପଷ୍ଟରୂପେ ପ୍ରତିଫଳିତ ସେହିପରି ଏକ ବିଶେଷ ତ୍ରୁଟିକୁ ବାଦ୍‌ଦେଲେ ସମ୍ମିଳନୀର କାର୍ଯ୍ୟ ମୋଟାମୋଟି ସନ୍ତୋଷଜନକ ହୋଇଛି । ଭଲ ହେଲା, ଲୋକପ୍ରିୟ ସଂସ୍ଥା ଦ୍ୱାରା ସ୍ୱାସ୍ଥ୍ୟରକ୍ଷାର ପଦକ୍ଷେପଗୁଡ଼ିକ ହାତକୁ ନେବା ପାଇଁ ଏହା ମଞ୍ଜୁରୀ ଦେଇଛି । ଭଲ ହେଲା, ମଧ୍ୟସ୍ଥି ଅଦାଲତ (Arbitration court) ପ୍ରଶ୍ନକୁ ନେଇ ଏହା ମୁକାବିଲା କରିଛି ଆଉ ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ପରି ଜରୁରୀ ସମସ୍ୟା ସହିତ ଲଢ଼ିବା ସକାଶେ ପଦକ୍ଷେପମାନ ନେବା ପାଇଁ ଏହା ଅନୁମୋଦନ କରିଛି । କିନ୍ତୁ ପୂର୍ବବଙ୍ଗରେ ଦେଖା ଦେଇଥିବା ଅସ୍ଥିରତାର ସୃଷ୍ଟି ହୋଇଥିବା ପରିସ୍ଥିତିକୁ ହୃଦୟଙ୍ଗମ କରି ତା'ର ସମ୍ମୁଖୀନ ହେବାକୁ ନିହାତି ବ୍ୟର୍ଥ ହୋଇ ପଡ଼ିବାରୁ ସମ୍ମିଳନୀଟିରେ ସାହସ ଓ ରାଷ୍ଟ୍ରନୀତିଜ୍ଞତାର ଯେଉଁ ଅଭାବ ପରିଲକ୍ଷିତ ହେଲା ତାହା କେବେ ବି କ୍ଷମଣୀୟ ନୁହେଁ – ଆମେ ହେବାକୁ ଚାହୁଁଛୁ ଯେ ଏହାର ପଟାନ୍ତର ନଥିଲା । ପ୍ରସଙ୍ଗଟିର ଗୁରୁତ୍ୱ ରହିଥିବାରୁ ଆମେ ଏହାର ଆଲୋଚନା ପରେ ସ୍ୱତନ୍ତ୍ର ଭାବେ କରିବୁ ।

(ବନ୍ଦେ ମାତରମ୍, ଏପ୍ରିଲ ୬, ୧୯୦୭)

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

# ସମାନ ଆସ୍ପୃହା ଯେଉଁମାନଙ୍କର

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଶ୍ରୀଅରବିନ୍ଦଙ୍କର ସାଧନା ଓ ସିଦ୍ଧି ନିଜ ପାଇଁ ନୁହେଁ – ତାଙ୍କର ଅସ୍ତିତ୍ୱ ବି ନିଜ ସକାଶେ ନୁହେଁ – ତାହା ମାନବଜାତି ପାଇଁ । ମାନବଜାତି ବା ସମାଜ ଯେପରି ଏକ ନୂଆ ପଦବୀକୁ ଉନ୍ନୀତ ହୋଇପାରେ, ଅଥବା ଭଗବାନଙ୍କ ପାଇଁ, ଯାହା ଫଳରେ ଭଗବାନଙ୍କର ଏକ ନୂଆ ପ୍ରକାଶ ପାର୍ଥିବ ଲୀଳାରେ ଧରାଦିଏ ।

ସୁତରାଂ ଆମେ, ଯେଉଁମାନେ ଏ ପଥରେ ଚାଲିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଆମର ବି ବ୍ୟକ୍ତିଗତ ସାଧନା ଓ ସିଦ୍ଧି ସେଇ ସମବେତ ସାଧନା ଓ ଜଗତ-ବ୍ୟାପୀ ପ୍ରୟାସର ତଥା ସିଦ୍ଧିର ଅଙ୍ଗୀଭୂତ; କାହାର ଏକାନ୍ତ ପୃଥକ୍ ସାର୍ଥକତା ନାହିଁ । ପକ୍ଷାନ୍ତରରେ ପ୍ରାଚୀନ ଓ ପୂର୍ବତନ ପ୍ରାୟ ସମସ୍ତ ସାଧନାର ଧାରାହିଁ ଥିଲା ମୁଖ୍ୟତଃ ବ୍ୟକ୍ତିଗତ – ବ୍ୟକ୍ତିଗତ ମୁକ୍ତି ଓ ସିଦ୍ଧିହିଁ ଥିଲା ଆଧ୍ୟାତ୍ମିକ ମଣିଷର ବ୍ରତ ଓ ଲକ୍ଷ୍ୟ । ଆଧ୍ୟାତ୍ମିକ ନେତା ବା ମହାପୁରୁଷମାନଙ୍କର ପ୍ରୟାସ ଦେଖି ଯେପରି ବହୁ ସଂଖ୍ୟାରେ ବ୍ୟକ୍ତି ଉଦ୍ଧାର ହୁଅନ୍ତି, ଯେତେ ବେଶୀ ସମ୍ଭବ ଲୋକେ ପରିତ୍ରାଣ ଦିଗରେ ଆଗୁସାର ହୁଅନ୍ତି, ତାହାହିଁ ଥିଲା ସେମାନଙ୍କର ଲକ୍ଷ୍ୟ । ଏଇ ସମସ୍ତ ମୁକ୍ତ ଜୀବମାନଙ୍କୁ ନେଇ ଗୋଟାଏ ସମାଜ, ସଂଘ ବା ଗୋଷ୍ଠୀର କଳ୍ପନା କେଉଁଠି କେଉଁଠି କରାହୋଇଛି, ମାତ୍ର ତା'ର ସ୍ଥାନ କରି ଦିଆଯାଇଛି ଆଉ ଗୋଟାଏ ଭୁବନରେ ବା ଜଗତରେ କିଂବା ଯଦିବା ଏଇ ପୃଥିବୀ ଭିତରେ କେଉଁଠି, ତା'ହେଲେ ବି ସାଧାରଣ ସମାଜର ବହିର୍ଭୂତ ଆୟତନ ବା ପ୍ରତିଷ୍ଠାନ ହିସାବରେ ।

ତା' ସତ୍ତ୍ୱେ ସମଗ୍ର ଓ ଅଖଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ବସିଲେ ଦେଖୁ ଯେ ସମଗ୍ର ସାର୍ଥକତା ଓ କ୍ରମପରିଣତି ନିମନ୍ତେ ଏହାର ଦରକାର ଥିଲା, ଏବେ ବି ଯେ ନାହିଁ, ତାହା ନୁହେଁ । ବ୍ୟକ୍ତି ହେଉଛି, କହିବାକୁ ଯଦି ଯାଉ, ଆଜିକାଲିକାର ସାମରିକ ଭାଷାରେ ବର୍ଚ୍ଛାଫଳକ (spear-head) – ତା'ର ଅର୍ଥ ସମଗ୍ର ସେନାବାହିନୀର ଅଗ୍ରଗତି ନିମନ୍ତେ ଯେଉଁମାନେ ସମସ୍ତଙ୍କ ଆଗେ ଆଗେ ଚାଲନ୍ତି, ବର୍ଚ୍ଛାଫଳକ ପରି ଶତ୍ରୁବ୍ୟୂହ ଭେଦ କରି ବାଧାବିପତ୍ତିକୁ ବିଦୀର୍ଣ୍ଣ କରି, ପଥ ଉନ୍ମୁକ୍ତ, ପ୍ରସାରିତ କରିଚାଲନ୍ତି । ଆଧ୍ୟାତ୍ମିକ ଜଗତରେ ସିଦ୍ଧ ମହାପୁରୁଷମାନେ ବି ଠିକ୍ ଏଇ କାମ କରନ୍ତି – ଅଜ୍ଞାନର ବାଧାବିଘ୍ନର ଜଙ୍ଗଲକୁ କାଟି, ଊର୍ଦ୍ଧ୍ୱତର ଚେତନା ଭିତରେ ଉପରକୁ ଉଠିବା ପାଇଁ ରାସ୍ତା ତିଆରି କରନ୍ତି, ଶିଡ଼ି ବା ସୋପାନ ଗଢ଼ନ୍ତି, କାରଣ ପଛରେ ଯେଉଁମାନେ ଆସିବେ, ସେଇ ବୃହତ୍ତର ଲୋକସଂଘ ଯେପରି ସହଜରେ ଅନାୟାସରେ ଠିଆ ହୋଇପାରନ୍ତି, ଆଗେଇ ଯାଇପାରନ୍ତି । ସେଇ କାରଣରୁ ତ କୁହାଯାଇଛି 'ମହାଜନୋ ଯେନ ଗତଃ ସ ପନ୍ଥା', ମହାପୁରୁଷ ଯେଉଁଠି ଯେତେବେଳେ ଜନ୍ମ ହୋଇଛନ୍ତି, ସେମାନେ ସମଗ୍ର ମାନବ-ଚେତନାକୁହିଁ ଯେପରି ଟେକି ଧରିଛନ୍ତି – ଏବଂ ମାନବଜାତି ପକ୍ଷରେ ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବରେ ଊର୍ଦ୍ଧ୍ୱତର ଚେତନାରୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନାକୁ ସହଜ କରି ଦେଇଛନ୍ତି, ଏମିତିକି ଅବଶ୍ୟମ୍ଭାବୀ ମଧ୍ୟ କରି ଦେଇଛନ୍ତି ।

ଅତୀତରେ, ପୂର୍ବତନ ଯୁଗରେ, ଦେଶଦେଶାନ୍ତରରେ ମହାପୁରୁଷମାନଙ୍କର ବ୍ୟକ୍ତିଗତ ତପସ୍ୟା ଏବଂ ତା' ସହିତ ପୁଣି ତାହା ଯୋଗୁଁ ମଧ୍ୟ ପ୍ରକୃତିରେ କ୍ରମପରିଣତି ଘଟିଲା । ପୁନଶ୍ଚ ଏଇ କ୍ରମପରିଣତି ଫଳରେ ଏବେ ମାନବଜାତିର ଚେତନାରେ ତଥା ବହିର୍ଜୀବନଧାରାରେ ଗୋଟିଏ ମୌଳିକ ବା ଆମୂଳ ପରିବର୍ତ୍ତନର ସମ୍ଭାବନା ଦେଖାଦେଇଛି । ଏଇ ଶୁଭ ସନ୍ଧିକ୍ଷଣରେ ଓ ସନ୍ଧିସ୍ଥଳରେ ଆମେ ଯେଉଁମାନେ ଏକାଠି ମିଳିତ ହୋଇଛେ, ଆମକୁ ଦେଖିବାକୁ ହେବ, ବୁଝିବାକୁ ହେବ ଯେ ଆମର ବ୍ୟକ୍ତିଗତ ସାଧନାର ଭିତର ଦେଇ ସମବେତ ମାନବ-ଚେତନାରହିଁ ସାଧନା ହେଉଛି; ଆମ ସତ୍ତାକୁ ଆଶ୍ରୟ କରି, ସତ୍ତା ଉପରେ ଭରା ଦେଇ ସମଗ୍ରଭାବରେ ମାନବସତ୍ତା ଊର୍ଦ୍ଧ୍ୱତର ପଦବୀକୁ ଉଠିଯିବା ସକାଶେ ସଚେଷ୍ଟ ହେଉଛି । ଆମ୍ଭମାନଙ୍କର ସାଧନାର ବୃହତ୍ତର ଉଦ୍ଦେଶ୍ୟ ଏହି ଦିଗରେ, ଆମ୍ଭମାନଙ୍କର କର୍ତ୍ତବ୍ୟ ଓ ବ୍ରତ ମଧ୍ୟ ଏଇ ଅଭିମୁଖରେ ।

ଯୋଗସାଧନା ଫଳରେ ଆମର ଯଦି କିଛି ବ୍ୟକ୍ତିଗତ ଲାଭ ହୋଇଥାଏ ବା ସାର୍ଥକତା ଆସିଥାଏ, ତେବେ ବୁଝିବାକୁ ହେବ ତାହା ମାନବଜାତିର – ମାନବଜାତିର ସାମୂହିକ ସତ୍ତାର ଓ ସାମୂହିକ ଚେତନାର ସାଧାରଣ ସମ୍ପତ୍ତି ରୂପେ ମିଳିଛି ଏବଂ

ବ୍ୟକ୍ତିଗତ ଭାବରେ ଆମ୍ଭମାନଙ୍କର ଯାହା ଯେଉଁଠି ବ୍ୟର୍ଥତା ଓ ସ୍ଖଳନ ହୋଇଛି, ବୁଝିବାକୁ ହେବ ଯେ ସେଇଟି ମଧ୍ୟ ମାନବ-ପ୍ରକୃତିର ସାଧାରଣ ଦୁର୍ବଳତା; ଆମ୍ଭମାନଙ୍କର ବ୍ୟକ୍ତିଗତ ଆସ୍ପୃହା, ସଜ୍ଞାନତା ଓ ସାମର୍ଥ୍ୟର ଭିତର ଦେଇ ସେଇ ଦୁର୍ବଳତା ଆପଣାକୁ ସଂଶୋଧନ କରିବାକୁ, ସବଳତାରେ ରୂପାନ୍ତରିତ ହେବାକୁ ଇଚ୍ଛା କରୁଛି ଓ ଚେଷ୍ଟା କରୁଛି । ଭଗବାନଙ୍କ ଶକ୍ତି ଓ କରୁଣା ସାଧାରଣ ଭାବରେ ନିଶ୍ଚୟ ସର୍ବତ୍ର ରହିଛି ଓ କାମ କରି ଚାଲୁଛି, ତେବେ ଏଇଟି ତ ନିତ୍ୟନୈମିତ୍ତିକ ଗତି, ଯାହା ସବୁବେଳେ ରହିଛି । କିନ୍ତୁ ଏହାଛଡ଼ା ଆଉ ଏକ ଗତି ବି ଅଛି ଏବଂ ଆସି ଯୁକ୍ତ ହୋଇପାରେ – ଏକ ବିଶେଷ ଧରଣର ଓ ଦୃଢ଼ତର ଗତି ଯାହାକୁ ଆଶୁ ତଥା ଆତ୍ୟନ୍ତିକ ପରିବର୍ତ୍ତନର ବେଗ ବୋଲି କହିଲେ ଠିକ୍ ହେବ । ଏଥି ନିମନ୍ତେ ବ୍ୟକ୍ତି-ବିଶେଷଙ୍କର ଆବିର୍ଭାବ – ଯଥା ମହାପୁରୁଷ ଓ ଅବତାରଙ୍କ ଆଗମନ, ସିଦ୍ଧ ଓ ସାଧକମଣ୍ଡଳୀର ବିଦ୍ୟମାନ ରହିବା ଆବଶ୍ୟକ ହୋଇଥାଏ ।

ପ୍ରକୃତି ଭିତରେ କ୍ରମଗତି ହେତୁ ଯେମିତି ମାନବଜାତିର ଉଦ୍ଭବ ହୋଇଛି, ସେହିପରି ମାନବଜାତି ଭିତରେ, ତା'ର ସମବେତ ଚେତନା ମଧ୍ୟରେ ଏକ ସାମୂହିକ ପ୍ରୟାସ ଚାଲୁଅଛି, ଯାହାଫଳରେ ନୂଆ ଓ ଉଚ୍ଚସ୍ତରୀୟ ଏକ ପ୍ରଣାଳୀରେ ମନୁଷ୍ୟ ନିଜ ଜୀବନକୁ ଢାଳି ଦେଇପାରେ; ତେବେ ସେଇ ପ୍ରୟାସ ଅଜ୍ଞାନାବୃତ, ବିଘ୍ନବହୁଳ ଓ ମନ୍ଥର । ଏଇ ସର୍ବସାଧାରଣ ପରିବେଶ ମଧ୍ୟରେ ପୁଣି ସଜ୍ଞାନ-ବ୍ୟକ୍ତି ଗୋଷ୍ଠୀର, ସାଧକମଣ୍ଡଳୀର ଉଦ୍ଭବ ହୋଇଛି । ସୁତରାଂ ଏଇ ମଣ୍ଡଳୀ ବା ଗୋଷ୍ଠୀର ଅନ୍ତର୍ଗତ ବ୍ୟଷ୍ଟିର, ଅର୍ଥାତ୍ ପ୍ରତ୍ୟେକ ସାଧକର, ସାଧନା ଓ ପ୍ରୟାସର ଅସଲ ମୂଲ୍ୟ ଓ ସାର୍ଥକତା ସର୍ବମାନବ-ସାଧାରଣଙ୍କର ପ୍ରତିନିଧି ହିସାବରେ ।

ପ୍ରତ୍ୟେକଙ୍କର ଉଦ୍ୟମ ଅପର ବ୍ୟକ୍ତିର ଉଦ୍ୟମ ସହିତ ସଂଯୁକ୍ତ, ଏହି କାରଣରୁ ଆମେ ସମସ୍ତେ ଏକହିଁ ମାନବ ପ୍ରକୃତିର ଅଙ୍ଗୀଭୂତ ଏବଂ ତା' ଭିତରେ ଏକହିଁ ଊର୍ଦ୍ଧ୍ୱତନ ଶକ୍ତି କାମ କରି ଚାଲୁଛି । ତେଣୁ କେହି ଅତ୍ୟଧିକ ଦୂରକୁ ଆଗେଇ ଯାଇପାରେ ନାହିଁ, କିଂବା ଅତିରିକ୍ତ ପଛଆଡ଼େ ବି ପଡ଼ିଯାଇ ପାରେ ନାହିଁ । କେହି ଯଦି ଟିକିଏ ଆଗକୁ ଆଗେଇଯିବାକୁ ଚାହୁଁଥାଏ, ତେବେ ତା'ର ଗତି ହେବ ନିର୍ବାଣ ଦିଗରେ ଏବଂ କେହି ଯଦି ଖୁବ୍ ପଶ୍ଚାତରେ ପଡ଼ି ରହିବାକୁ ଭଲ ପାଉଥାଏ, ତା'ର ଗତି ହେବ ଆଉ ଏକପ୍ରକାର ନିର୍ବାଣ ଭିତରେ – ଯାହାକୁ ପ୍ରାକୃତ ଲୟ କହିଲେ ଚଳିବ – ନିର୍ବାଣର ସମ୍ପୂର୍ଣ୍ଣ ବିପରୀତ ଧରଣର ନିର୍ବାଣ । ଆମ୍ଭମାନଙ୍କ ସାଧନାରେ ଦୁଇଟି ପ୍ରଶସ୍ତ ଧାରାକୁ ଆମକୁ ଲକ୍ଷ୍ୟ କରିବାକୁ ହେବ । ପ୍ରଥମଟି ହେଉଛି, ଯେଉଁଠି ଆମର ଏକାନ୍ତ ମାନୁଷୀଭାବ ବ୍ୟକ୍ତିଗତ ଭାବରେ ଦେଖାଦେଉଛି, ସେଠାରେ ଆମକୁ ନିଜ ଭିତରେ ବହୁବିଧ ଦୁର୍ବଳତାକୁ ଆବିଷ୍କାର ଓ ସାକ୍ଷାତ୍‌କାର କରିବା, ସେଗୁଡ଼ିକ ଯେ ଖାଲି ପ୍ରକାରଭେଦ ଦୃଷ୍ଟିରୁ ବହୁବିଧ, ତାହା ନୁହେଁ, ସେଗୁଡ଼ିକର ମାତ୍ରା ବି ଚରମ; ଏସବୁ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ମାନବପ୍ରକୃତିର ଆମୂଳ, ଚରମ ପରିବର୍ତ୍ତନ ଯେତେବେଳେ ଆମର ଲକ୍ଷ୍ୟ, ସେତେବେଳେ ତା'ର ମୂଳସ୍ଥ ଆତ୍ୟନ୍ତିକ ସବୁ ଦୁର୍ବଳତାକୁ ଧରି ବାହାରକୁ ଟାଣି ଆଣିବା ଦରକାର, ଯଦ୍ୱାରା ସେଗୁଡ଼ିକର ଉଚ୍ଛେଦ ବା ପ୍ରତିକାର କରାଯାଇପାରିବ; ଯଦି ଆମେ ସେଗୁଡ଼ିକୁ ବାହାରକୁ ବାହାରିବାକୁ ଦେବା ନାହିଁ, ଲୁଚାଇ ରଖିବାକୁ ପ୍ରୟାସ କରିବା, ତେବେ ବଦଳିବାର ସମ୍ଭାବନା ଆସିବ କେମିତି ବା ସେଗୁଡ଼ିକୁ ବଦଳିବାକୁ ସୁଯୋଗ ମିଳିବ କେମିତି ? ତେଣୁ ଅପ୍ରତ୍ୟାଶିତ ଦୁର୍ବଳତାର ଆବିର୍ଭାବରେ ସାଧକ ଯେ ଆତଙ୍କିତ ହୋଇଉଠନ୍ତି, ସେହିପରି ହେବାର କୌଣସି କାରଣ ନାହିଁ – ଏଇଟି ହେଉଛି ଗୋଟାଏ ଦିଗର କଥା । ଅପର ଦିଗଟି ହେଉଛି – ତୁମ ଭିତରେ ଯେଉଁ ଅଙ୍ଗଟି ସବଳ, ସେଇ ଅଙ୍ଗ ସହିତ ସଂଯୋଗ ସ୍ଥାପନ କରିବାକୁ ହେବ, ତାକୁ ପରିପୁଷ୍ଟ କରିବାକୁ ହେବ । ଏଇ ସବଳ ବସ୍ତୁଟି ହେଉଛି ବ୍ୟକ୍ତି ଆଧାରରେ ତୁମର ଚୈତ୍ୟସତ୍ତା । ଯାହା ଅନ୍ତରତମ ଓ ଦିବ୍ୟ ଏବଂ ନିଶ୍ଚିତ ରୂପେ ତୁମର ଯଥାର୍ଥ ଭାଗବତ ସ୍ୱରୂପ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଖାଲି ସେତିକି ନୁହେଁ ଏହା ସଙ୍ଗେ ସଙ୍ଗେ ଯେଉଁ ଅନ୍ତର୍ଯାମୀ ଭଗବାନ୍ ଏବଂ ଯେଉଁ ଭାଗବତୀ ଶକ୍ତି ପଶ୍ଚାତରୁ ତଥା ତୁମ ସତ୍ତାର ଗଭୀରତମ ପ୍ରଦେଶରୁ ତୁମ ସ୍ୱରୂପଟିକୁ ଧାରଣ କରିଛନ୍ତି, ସମର୍ଥ ଓ ପ୍ରୋଜ୍ଜ୍ୱଳ କରି ଗଢ଼ିଛନ୍ତି, ତାହାଙ୍କ ସହିତ ସମ୍ବନ୍ଧ ରଖିବା ଓ ସମ୍ପୂର୍ଣ୍ଣ ଏକୀଭୂତ ହେବା ।

ଏବଂ ପରିଶେଷରେ ଏଇ ଆନ୍ତର ଦିବ୍ୟସତ୍ତା ଓ ଏଇ ନିଭୃତ ଭଗବାନ୍ ବାହାରେ ମୂର୍ତ୍ତ ହୋଇଛନ୍ତି ଯୁଗବିଭୂତି ବା ଜଗଦ୍‌ଗୁରୁ ରୂପରେ, ତାହା ବି ସେଇ ଚୈତ୍ୟସତ୍ତାଙ୍କର ଏକ ଦିବ୍ୟରୂପ । ପାର୍ଥିବ ଲୀଳା କ୍ଷେତ୍ରରେ ସାଧାରଣ ମାନବଚେତନା ଯେପରି ତୁମ ଭିତରେ, ମୋ ଭିତରେ ବ୍ୟକ୍ତିଗତ ଆକାର ନେଇ ସଶରୀରୀ ହୋଇଛନ୍ତି, ସେହିପରି ଅସୀମ ଅନନ୍ତ

ଭାଗବତ ଚେତନା ମଧ୍ୟ ସ୍ଥୂଳବ୍ୟକ୍ତି ମଧ୍ୟରେ ଦେହ ଧାରଣ କରିବାର ପ୍ରୟୋଜନ ଅଛି – ଏ ବିଷୟ ଆମେ ଅନ୍ୟତ୍ର ଆଲୋଚନା କରିଛୁ ।

ଗୋଟିଏ ଦିଗରେ ତୁମେ ଯେପରି ଅଜ୍ଞାନର ଆକାର, ଦୁର୍ବଳତାର ଭଣ୍ଡାର, ସେହିପରି ଅନ୍ୟ ଦିଗରେ ତୁମେ ଚିନ୍ମୟ ସର୍ବଶକ୍ତିମୟ ଭାଗବତ ଜୀବ । ମାନବ ଆଧାରରେ, ମଣିଷର ବ୍ୟଷ୍ଟି-ଚେତନାରେ ଏହି ଦୁଇଟି ପ୍ରାନ୍ତର ସଂଯୋଗ ହୋଇଛି, ସଂଗମ ଘଟିଛି, ଯାହାଫଳରେ ନିମ୍ନତମ ବା ପ୍ରାକୃତ ପ୍ରକୃତିଟି ପରିଶୁଦ୍ଧ ଓ ପରିବର୍ତ୍ତିତ ହେବ ଓ ଊର୍ଦ୍ଧ୍ୱତନ ପ୍ରାନ୍ତର ଅର୍ଥାତ୍ ଦିବ୍ୟପ୍ରକୃତିର ସାରୂପ୍ୟ ଓ ସାଧର୍ମ୍ୟ ଗୁଣକୁ ଲାଭ କରିବ । ପରିଣାମରେ ମାନବ ଉଦ୍ଧାର – ଭଗବାନଙ୍କ ଯନ୍ତ୍ର ଓ ଦେବତାର ବିଗ୍ରହ ହୋଇଉଠିବ । ଆଉ ଏ କାମ ମଧ୍ୟ ସମ୍ଭବ ହେବ, ଏକଥା ଆମେ ପ୍ରଥମରୁ କହିଛୁ – ବ୍ୟକ୍ତିଗତ ଆଧାର ଭିତରେ ବ୍ୟକ୍ତିଗତ ସଜ୍ଞାନ ପ୍ରୟାସ ଓ ସାଧନା ବଳରେ ଏବଂ ବ୍ୟକ୍ତି ଭାଗବତ ଶକ୍ତିର କେନ୍ଦ୍ର ଓ ଯନ୍ତ୍ର ହୋଇଯିବା ଫଳରେ ଏହା ସମ୍ଭବ ହେବ ।

ପ୍ରକୃତି ସ୍ତରରେ ସାଧାରଣ ଚେତନାରେ ଆମ୍ଭମାନଙ୍କର ବ୍ୟକ୍ତିତ୍ୱ ହେଉଛି ସାର୍ବଭୌମିକ ପ୍ରକୃତିର ଅଙ୍ଗ ଓ ଅଂଶ, ତାହାରହିଁ ଏକ ତରଙ୍ଗ ଓ ବୁଦ୍‌ବୁଦ । କେହି କାହାଠାରୁ ପୃଥକ୍ ନୁହେଁ, ପରସ୍ପର ମଧ୍ୟରେ କିଛି ପ୍ରାଚୀର ବା ବାଡ଼ବତା ନାହିଁ, ଅଛି ଗୋଟିଏ ସାର୍ବଭୌମିକ ମନ, ସାର୍ବଭୌମିକ ପ୍ରାଣ, ପୁଣି ରହିଛି ଏକ ସାର୍ବଭୌମିକ ଦେହାୟତନ । ଏକହିଁ ବୃହତ୍ ଧାରା ବହି ଚାଲିଛି ସର୍ବତ୍ର ସମସ୍ତଙ୍କ ଭିତର ଦେଇ । ଗୋଟିଏ ଧାରାର ଗୋଟିଏ ଅଂଶକୁ କାଟି ବା ବାଦ୍ ଦେଇ ଯେତେବେଳେ ଆମେ କହୁ ଏଇ ଗୋଟିକ ମୋର ଏକାନ୍ତ ଆପଣାର ବୃତ୍ତି, ସେତେବେଳେ ବୁଝିବାକୁ ହେବ ଯେ ତାହା ଖାଲି କହିବାର ଗୋଟିଏ ଢଙ୍ଗ, ଏପରିକି ଦେଖିବାର ଗୋଟିଏ ବାଗ – ଯାହାକୁ ଭୁଲ୍ କୁହାଯାଇପାରେ । କିନ୍ତୁ ଭାଗବତ ଚେତନାର କ୍ରମରେ ଯେତେବେଳେ ଊର୍ଦ୍ଧ୍ୱକୁ ଉଠୁ ବା ଉଠିବାକୁ ଚେଷ୍ଟା କରୁ, ସେତେବେଳେ ଆମେ ବୁଝିପାରୁ, ଦେଖିବାକୁ ପାଉ ସେହି ଏକହିଁ ସତ୍ୟ ସର୍ବତ୍ର ବିଦ୍ୟମାନ । ସବୁ ଲୋକଙ୍କ ଭିତରେ, ପୃଥକ୍ ଭାବରେ ହେଉ ବା ସମବେତ ଭାବରେ ହେଉ, ସେହି ଏକହିଁ ଭାଗବତୀ ଦିବ୍ୟଶକ୍ତି ରହିଅଛି – ପରାଶକ୍ତିର ଚେତନା, ତାହାର ତରଙ୍ଗରହିଁ ନାନା ରୂପାୟଣ ହୋଇଛି – 'ଦେହ ନାନାସ୍ତି କିଞ୍ଚନ', ଏଠାରେ ବି ପୃଥକ୍ ପୃଥକ୍ ବ୍ୟକ୍ତି ବା ବ୍ୟଷ୍ଟିସତ୍ତା ବୋଲି କିଛି ହେଲେ ନାହିଁ ବା ସେମାନଙ୍କର ପୃଥକ୍ ନିଜସ୍ୱ ମୂଲ୍ୟ ନାହିଁ କି ମର୍ଯ୍ୟାଦା ନାହିଁ । ପ୍ରତ୍ୟେକଙ୍କର ସାଧନା ଓ ସିଦ୍ଧି ଅନ୍ୟ ପ୍ରତ୍ୟେକଙ୍କର ସାଧନା ଓ ସିଦ୍ଧି ସହିତ ସଂଯୁକ୍ତ – ଏହାହିଁ ବିଶ୍ୱ ଯଜ୍ଞର ଧର୍ମ ।

ଆମ୍ଭମାନଙ୍କର ଏଇ ମହାବ୍ରତରେ ଏକ ଧରଣର ଚରମ ବିନମ୍ରତା ଓ ନୀତି ପ୍ରୟୋଜନ, ପୂର୍ଣ୍ଣ ନିରହଂକାର ଓ ଏକାନ୍ତ ଆମ୍ବିଲୋପ ମଧ୍ୟ ପ୍ରୟୋଜନ । ବ୍ୟକ୍ତିଗତ ଲାଭ ସକାଶେ, ତାହା ଯଦି ବି ଆଧାତ୍ମିକ ଲାଭ ହୋଇଥାଏ, ସେଦିଗକୁ ଚାହିଁ ଆମେ କିଛି କରୁନା, କିଛି କରିବାର ଉପାୟ ବି ଆମ ହାତରେ ନାହିଁ । ଆମେ ହେଉଛୁ ନାରାୟଣୀ ସେନା, ଆମକୁ ଚାଲିବାକୁ ହେବ ସମାନ ତାଳରେ, ସମାନ ବେଗରେ – ବ୍ୟକ୍ତିଗତ ବିଶେଷ ସିଦ୍ଧି ବା ପଦବୀ ବା ମର୍ଯ୍ୟାଦାର ସ୍ଥାନ ଏଠାରେ ନାହିଁ । ଆମ୍ଭମାନଙ୍କର ମନ୍ତ୍ର ହେଉଛି – 'ଯଥା ନିଯୁକ୍ତୋଽସ୍ମି ତଥା କରୋମି' । ବ୍ୟକ୍ତିଗତ ସାର୍ଥକତାର ସ୍ପୃହାକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ, ଆମକୁ ଏକ ସର୍ବବ୍ୟାପୀ ମହାସତ୍ୟ ମଧ୍ୟରେ ଅଙ୍ଗୀଭୂତ ହୋଇଯିବାକୁ ପଡ଼ିବ ।

(ମୂଳ ବଙ୍ଗଳା 'ସମାନୀ ବ ଆକୂତି' ରଚନାଟିର ଅନୁବାଦ)

ଅନୁବାଦ : କୃଷ୍ଣାଦେବୀ

ତୁମର ପ୍ରାଣିକ ସତ୍ତାର ଦରଜାରେ ବର୍ତ୍ତମାନଠାରୁ ଶ୍ରୀମାଙ୍କର ଏହି ବିଜ୍ଞପ୍ତିଟି ରଖିଦିଅ, ''ଏହା ପରଠାରୁ କେବେ ବି ଏଠାରେ କୌଣସି ମିଥ୍ୟା ପ୍ରବେଶ କରିପାରିବ ନାହିଁ'' ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ତଦାରଖ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କରିଦିଅ ।

– ଶ୍ରୀଅରବିନ୍ଦ

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୪ (ଖ)

# ଅଗ୍ନି : ତେଜୋମୟ କ୍ରତୁ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୭୭)

(ଋଷି - ଗୋତମୋ ରାହୂଗଣ । ଦେବତା : ଅଗ୍ନି ।)

## ଶ୍ରୀଅରବିନ୍ଦ

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ

(*ଗତ ସଂଖ୍ୟାର ଅବଶିଷ୍ଟାଂଶ*)

ତା'ହେଲେ, ଅଗ୍ନି ହେଉଛନ୍ତି ସେହି ଦେବ ଯିଏ ମର୍ତ୍ତ୍ୟଜନ ମଧ୍ୟରେ ସଚେତନ ହେବେ । ତାଙ୍କ ଉଦ୍ଦେଶ୍ୟରେ ଅନ୍ତଃପ୍ରେରିତ ବାକ୍ ବ୍ୟକ୍ତ କରିବାର ଅଛି, ଏହି ଦ୍ୱାରଯୁକ୍ତ ଆବସରେ ତଥା ଏହି ଯଜ୍ଞର ବେଦୀ-ଆସନ ଉପରେ ତାଙ୍କୁ ପ୍ରତିଷ୍ଠିତ କରିବାକୁ ଅଛି ।

''ଅଗ୍ନିଙ୍କୁ ଆମେ ହବିଃଦାନ କିପରି କରିବୁ ?'' ଏହା ହେଉଛି ଋଷିଙ୍କ ପ୍ରଶ୍ନ । ଯଜ୍ଞ ସମ୍ପର୍କୀୟ ଦାନ ନିମନ୍ତେ ଯେଉଁ **''ଦାଶେମା''** ଶବ୍ଦ ପ୍ରୟୋଗ କରାଯାଇଛି ତାହାର ଆକ୍ଷରିକ ଅର୍ଥ ହେଉଛି ବିତରଣ ବା ବଣ୍ଟନ; ବିବେଚନା ଅର୍ଥରେ ବ୍ୟବହୃତ ଏହି 'ଦଶ୍' ଧାତୁ ସହିତ ଏହାର ଗୂଢ଼ ସମ୍ବନ୍ଧ ରହିଛି । ତତ୍ତ୍ୱତଃ ଯଜ୍ଞ ହେଉଛି ଏକ ବ୍ୟବସ୍ଥା, ବିଭିନ୍ନ ବୈଶ୍ୱ ମହାଶକ୍ତିମାନଙ୍କ ମଧ୍ୟରେ ମାନବୀୟ କ୍ରିୟାକଳାପ ତଥା ଭୋଗ୍ୟ ବିଷୟଗୁଡ଼ିକୁ ବିତରଣ କରିଦେବା – ଏହି ବିଷୟଗୁଡ଼ିକ ବି ସେମାନଙ୍କ ରାଜ୍ୟର ଅନ୍ତର୍ଗତ ଅଟନ୍ତି । ସେହି କାରଣରୁ ଦେବଗଣଙ୍କ ଦ୍ୱାରା ସୁରକ୍ଷା ବିଷୟରେ ବେଦସୂକ୍ତଗୁଡ଼ିକ ପୁନଃ ପୁନଃ କହିଥା'ନ୍ତି । ନିଜ କାର୍ଯ୍ୟର ଯଥାର୍ଥ ବ୍ୟବସ୍ଥା ଓ ବିତରଣ କିପରି ହୋଇପାରିବ ଯାଜକ ନିକଟରେ ଏହା ଏକ ସମସ୍ୟା; କାରଣ ଯଜ୍ଞ ସର୍ବଦା ଯଥାର୍ଥ ନିୟମ ଏବଂ ଦିବ୍ୟ ବିଧାନ (ଯାହାକୁ **'ଋତୁ'** ବୋଲି କୁହାଯାଇଛି ଏବଂ ପରେ ଏହା ହୋଇଛି 'ବିଧି') ଅନୁସାରେ ହେବା ଉଚିତ । ଯଥାର୍ଥ ବ୍ୟବସ୍ଥା ପ୍ରତି ଆମର ଯେଉଁ ସଂକଳ୍ପ ତାହାହିଁ ହେଉଛି ମର୍ତ୍ତ୍ୟଜୀବ ମଧ୍ୟରେ ନିହିତ ପରମ ନିୟମ ତଥା ସତ୍ୟର ରାଜତ୍ୱ ନିମନ୍ତେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ।

ପ୍ରଦୀପକ ଯଥାର୍ଥ 'ବାକ୍'-ସୂତ୍ରରୁ ଆରମ୍ଭ ହୋଇଥିବା ଯଥାର୍ଥ ସମ୍ବନ୍ଧ ତଥା ଯଥାର୍ଥ ଉପଲବ୍ଧି ଉପରେ ଏହି ସମସ୍ୟାର ସମାଧାନ ନିର୍ଭର କରେ । ଏହି ବାକ୍ ହେଉଛି ଅନ୍ତଃପ୍ରେରିତ ଧିଷଣା, ଯାହା ବୃହତ୍-ଲୋକରୁ ଋଷିଙ୍କ ମଧ୍ୟକୁ ନିଃସୃତ ହୋଇ ଆସିଛି । ଏହି କାରଣରୁ ଋଷି ପର ପ୍ରଶ୍ନଟି କରିଛନ୍ତି – ''ଅଗ୍ନିଙ୍କ ପ୍ରତି କେଉଁ ଶବ୍ଦ ଉଚ୍ଚାରଣ କରାଯାଏ (**... କା ... ଉଚ୍ୟତେ**) ? ସ୍ତୁତି-ବଚନ କ'ଣ, ସିଦ୍ଧିକାରକ ବାକ୍ କ'ଣ ? ଏଥିରେ ଦୁଇଟି ସର୍ତ୍ତ ପୂରଣ କରିବାର ଅଛି । ସେହି ବାକ୍ (ଗୀଃ) ଅନ୍ୟ ଦିବ୍ୟଶକ୍ତିମାନଙ୍କ ଦ୍ୱାରା ଗୃହୀତ ହେବା ଉଚିତ, ଅର୍ଥାତ୍, ପ୍ରକୃତି ମଧ୍ୟରେ ଏହା କିଛି ସମ୍ଭାବ୍ୟତା ବ୍ୟକ୍ତ କରିପାରୁଥିବ ଅଥବା ଏହା ମଧ୍ୟକୁ ଉପଲବ୍ଧିର କୌଣସି ଆଲୋକ ପ୍ରବେଶ କରାଇ ପାରୁଥିବ, ଯାହା ଦ୍ୱାରା କି ସେହି ଦିବ୍ୟକର୍ମକର୍ତ୍ତାଗଣ ମାନବଜାତିର କୃତ୍ରିମ ଚେତନା ମଧ୍ୟରେ ଆବିର୍ଭୂତ ହେବାକୁ ଅନୁପ୍ରେରିତ ହେବେ ଏବଂ ଖୋଲାଖୋଲିଭାବେ ସେମାନଙ୍କର ସ୍ୱକୀୟ ନିର୍ଦ୍ଦିଷ୍ଟ କର୍ମକୁ ଅଙ୍ଗୀକାର କରିନେବେ । ଅନ୍ୟ ସର୍ତ୍ତଟି ହେଲା, ଏହି ବାକ୍ ଜ୍ୟୋତିର୍ମୟ ଶିଖାଧାରୀ ଏହି ଅଗ୍ନିଦେବଙ୍କର ଯେଉଁ ଦ୍ୱୈତ ସ୍ୱଭାବ ରହିଛି ତାହାର ପ୍ରଦୀପକ ହୋଇଥିବା ଦରକାର । 'ଭାମ'ର ଉଭୟ ଅର୍ଥ ରହିଛି – ଜ୍ଞାନଜ୍ୟୋତିଃ ଏବଂ କର୍ମର ଅଗ୍ନିଶିଖା । ଅଗ୍ନି ହେଉଛନ୍ତି 'ଜ୍ୟୋତିଃ' ତଥା 'ଶକ୍ତି' ।

ସେହି 'ବାକ୍' ଆସି ଯାଆନ୍ତି । **''ଯୋ ମର୍ତ୍ତ୍ୟେଷୁ ଅମୃତୋ ଋତାବା ।''** ବିଶେଷତଃ, ଅଗ୍ନି ହେଉଛନ୍ତି ମର୍ତ୍ତ୍ୟମାନଙ୍କ ମଧ୍ୟରେ ଅମୃତ । ଏ ସେହି ଅଗ୍ନିଦେବ ଯାହାଙ୍କ ମାଧ୍ୟମରେ ଅନନ୍ତଙ୍କର ଅନ୍ୟ ଭା-ସନ୍ତାନଗଣ ଭଗବାନଙ୍କର ଅଭିବ୍ୟକ୍ତି ତଥା ଆତ୍ମବିସ୍ତର (ଦେବବୀତି, ଦେବତାତି)କୁ କ୍ରିୟାନ୍ୱିତ କରିବାରେ ସମର୍ଥ ହୋଇଥା'ନ୍ତି, ଯାହା ହେଉଛି ଏକାଧାରରେ ବୈଶ୍ୱ ପ୍ରକ୍ରିୟାର ତଥା ମାନବୀୟ ଯଜ୍ଞର ଲକ୍ଷ୍ୟ । କାରଣ, ସେ ହେଉଛନ୍ତି ଦିବ୍ୟସଂକଳ୍ପ ଯିଏ ସକଳ ବସ୍ତୁରେ ସତତ ବିଦ୍ୟମାନ, ଯିଏ ସତତ ଭାଙ୍ଗୁଛନ୍ତି ଓ ଗଢ଼ୁଛନ୍ତି, ଯିଏ

ସତତ ରଚନା କରୁଛନ୍ତି ଓ ପରିପୂର୍ଣ୍ଣ କରିବାରେ ଲାଗିଛନ୍ତି, ଏହି ବିଶ୍ୱର ବହୁବିଧତାରେ ଭରା ପ୍ରଗତିକୁ ସେ ବଳ ପ୍ରଦାନ କରୁଛନ୍ତି । ଏ ହେଉଛନ୍ତି ସିଏ ଯିଏକି ସକଳ ମରଣ ଓ ପରିବର୍ତ୍ତନ ମଧ୍ୟରେ ଅବ୍ୟାହତଭାବେ ତିଷ୍ଠି ରହିଥାଆନ୍ତି । ଏହା ଶାଶ୍ୱତ ରୂପେ ତଥା ନିରବଚ୍ଛିନ୍ନଭାବେ ସତ୍ୟଯୁକ୍ତ ହୋଇ ବିଦ୍ୟମାନ । 'ପ୍ରକୃତି'ର ଅନ୍ତିମ ତମସା ମଧ୍ୟରେ ଏବଂ 'ଜଡ଼ଜଗତ'ର ନିମ୍ନତମ ନିର୍ବୋଧତା ମଧ୍ୟରେ ଏହି ଦିବ୍ୟ 'ସଂକଳ୍ପ'ହିଁ ଗୂଢ଼ ଜ୍ଞାନ ରୂପେ ବିଦ୍ୟମାନ ଏବଂ ଏହି ସମସ୍ତ ଅନ୍ଧ ଗତିବୃତ୍ତିକୁ ଏହା ବାଧ୍ୟ କରିଥାଏ ଦିବ୍ୟବିଧାନକୁ ପ୍ରାୟ ଯାନ୍ତ୍ରିକଭାବେ ମାନିବାକୁ ଏବଂ ସେମାନଙ୍କ ସ୍ୱଭାବର ସତ୍ୟକୁ ଆଧାର କରି ବଞ୍ଚିବାକୁ । ଏ ହେଉଛନ୍ତି ସିଏ, ଯିଏ ବୀଜର ଗୁଣ ଅନୁଯାୟୀ ବୃକ୍ଷକୁ ବଢ଼ାଇଥା'ନ୍ତି ଏବଂ ତାଙ୍କରି ଦ୍ୱାରା ପ୍ରତ୍ୟେକ କର୍ମ ସ୍ୱକୀୟ ଉଚିତ ଫଳଲାଭ କରିଥାଏ । ମନୁଷ୍ୟର ଅଜ୍ଞାନାନ୍ଧକାର – ଯଦିଓ ଏହା ଭୌତିକ ପ୍ରକୃତିର ଅନ୍ଧାରଠାରୁ କମ୍, ତଥାପି ବେଶ୍ ବଡ଼ – ତା' ମଧ୍ୟରେ ଏହା ହେଉଛି ଦିବ୍ୟ 'ସଂକଳ୍ପ' ଯାହା ଶାସନ କରେ ତଥା ମାର୍ଗ ଦେଖାଏ, ତା'ର ଅନ୍ଧତ୍ୱର ଏବଂ ପଥଚ୍ୟୁତିର ଉଦ୍ଦେଶ୍ୟ କ'ଣ ତାହାକୁ ତଥା ତା' ମଧ୍ୟରେ ହେଉଥିବା ବିଶ୍ୱଗତ ମିଥ୍ୟାର କ୍ରିୟା ମଧ୍ୟରୁ ବିଶ୍ୱଗତ 'ସତ୍ୟ'ର ଉତ୍ତରୋତ୍ତର ବିକାଶଶୀଳ ଅଭିବ୍ୟକ୍ତି କିପରି ଘଟୁଛି ତାହା ସେ ଜାଣିଥା'ନ୍ତି । ପ୍ରଭାସ୍ୱର ସକଳ ଦେବଙ୍କ ମଧ୍ୟରେ ଏହି ଏକମାତ୍ର ଦେବ ଯେ କି ଅଜ୍ଞାନ-ରାତ୍ରିର ଅନ୍ଧକାର ମଧ୍ୟରେ ପ୍ରଦୀପ୍ତଭାବେ ପୂର୍ଣ୍ଣ ଦୃଷ୍ଟିରେ ଜଳି ଉଠିଥା'ନ୍ତି ଯାହା ଦିବସର ପ୍ରଭାଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହାଙ୍କ ବ୍ୟତୀତ ଅନ୍ୟ ଦେବଗଣ ହେଉଛନ୍ତି ଉଷର୍ବୁଧ, ଉଷାର ଆଗମନ ସହିତ ପ୍ରବୋଧିତ ହୋଇଥା'ନ୍ତି ।

ସେହି କାରଣରୁ ସେ ହେଉଛନ୍ତି 'ହୋତା' (ଯଜ୍ଞରେ ଆହୁତି ଦାତା ବ୍ରାହ୍ମଣ), ଯଜ୍ଞ ନିମନ୍ତେ ସେ ବଳବତ୍ତମ ବା ଯୋଗ୍ୟତମ (**ଯଜିଷ୍ଠ**), ସେ ସର୍ବଶକ୍ତିଯୁକ୍ତ (**ଶବିଷ୍ଠ**), ଯେ ସର୍ବଦା 'ସତ୍ୟ'ର ବିଧାନକୁ ଅନୁସରଣ କରନ୍ତି (**ଋତାବା**) । ଆମେ ମନେରଖିବା ଯେ 'ହବ୍ୟ' ସର୍ବଦା 'କର୍ମ'ର ପ୍ରତୀକ ଏବଂ ମନର ବା ଦେହର ପ୍ରତ୍ୟେକ କର୍ମକୁ ବୁଝିବାକୁ ହେବ ଯେ ଆମର ସମୃଦ୍ଧିକୁ ଆମେ ବିଶ୍ୱସତ୍ତା ତଥା ବିଶ୍ୱ-ଇଚ୍ଛାଠାରେ ଅର୍ପଣ କରୁଛୁ । ଅଗ୍ନି, ଯିଏ ହେଉଛନ୍ତି ଦିବ୍ୟ 'କ୍ରତୁ', ଯିଏ ମାନବୀୟ କର୍ମଗତ ସଂକଳ୍ପର ପଶ୍ଚାତରେ ଦଣ୍ଡାୟମାନ । ସଜ୍ଞାନ ହବନ ଦ୍ୱାରା ସେ ସମ୍ମୁଖକୁ ଆସିଥା'ନ୍ତି; ସମ୍ମୁଖରେ ସଂସ୍ଥାପିତ ସେ ଜଣେ ବ୍ରାହ୍ମଣ (ପୁରୋ-ହିତ), ହବିଃର ପରିଚାଳନା କରନ୍ତି ଏବଂ ଏହାର ଫଳପ୍ରଦତାକୁ ନିଶ୍ଚିତ କରିଥା'ନ୍ତି ।

ଏହି ସ୍ୱୟଂ-ପରିଚାଳିତ 'ସତ୍ୟ' ଦ୍ୱାରା, ଏହି ବିଶ୍ୱରେ ନିର୍ଦ୍ଦୋଷ 'କ୍ରତୁ' ରୂପେ କର୍ମରତ ଜ୍ଞାନ ଦ୍ୱାରା ସେ ମର୍ତ୍ତ୍ୟମାନଙ୍କ ମଧ୍ୟରେ ଦେବତାମାନଙ୍କୁ ଗଢ଼ିଥା'ନ୍ତି (**ଦେବାନ୍ କୃଣୋତି**), ମୃତ୍ୟୁ-କବଳିତ ଏକ ଦେହ ମଧ୍ୟରେ ଅଗ୍ନିଦେବ ଦିବ୍ୟ ସମ୍ଭାବନାଗୁଡ଼ିକୁ ଅଭିବ୍ୟକ୍ତ କରିଥା'ନ୍ତି; ସେଗୁଡ଼ିକର ଫଳପ୍ରଦ ସାରୂପ୍ୟ ତଥା ପୂର୍ଣ୍ଣତା ଅଗ୍ନିଦେବହିଁ ଆଣିଥା'ନ୍ତି । ଆମ ମଧ୍ୟରେ 'ଅମର' ଗଣଙ୍କର ତେଜୋମୟ ରୂପଗୁଡ଼ିକୁ ସେ ଗଠନ କରିଥା'ନ୍ତି ।(ଏପର୍ଯ୍ୟନ୍ତ ୧ମ ମନ୍ତ୍ରର ଭାଷ୍ୟ)

ଏହି ବିଶ୍ୱଶକ୍ତି ରୂପେ ସେ ବିରୋଧୀ ମାନବୀୟ ଉପାଦାନ ଉପରେ ଏହି କର୍ମ କରୁଥା'ନ୍ତି, ଏପରିକି ଆମର ଅଜ୍ଞାନତା ହେତୁ ସ୍ୱର୍ଗ ଦିଗରେ ଆମର ପ୍ରବୃତ୍ତିକୁ ଆମେ ବିରୋଧ କରୁଥାଉ ତଥା ଆମର କର୍ମକୁ ଏକ ଅହଂପ୍ରଣୋଦିତ ଜୀବନ ଉଦ୍ଦେଶ୍ୟରେ ଅର୍ପଣ କରିବାରେ ଅଭ୍ୟସ୍ତ ହୋଇଥାଉ ଏବଂ ଏପର୍ଯ୍ୟନ୍ତ ଦିବ୍ୟ ସମର୍ପଣଟିଏ କରିପାରି ନାହୁଁ ଅଥବା ତାହା କରିବାର ନାହିଁ, ଏପରି ଅବସ୍ଥାରେ ମଧ୍ୟ ସେ ତାଙ୍କର କାର୍ଯ୍ୟ କରିଚାଲିଥା'ନ୍ତି । କିନ୍ତୁ ସ୍ୱୟଂ ଅଗ୍ନି ଆମ ମଧ୍ୟରେ ସେହି ଅନୁପାତରେ ରୂପ ଗ୍ରହଣ କରନ୍ତି ଠିକ୍ ଯେଉଁ ଅନୁପାତରେ ଆମେ ଅହଂକୁ ଦମନ କରି ପ୍ରତ୍ୟେକ କର୍ମରେ ବିଶ୍ୱାତ୍ମକ ଦିବ୍ୟସତ୍ତାଙ୍କ ନିକଟରେ ପ୍ରଣତ ହେବାକୁ ତଥା ଏହାର ଅତି କ୍ଷୁଦ୍ର ଗତିବିଧିରେ ବି ପରମ 'କ୍ରତୁ'ଙ୍କ ସେବା କରିବାକୁ ବାଧ୍ୟ କରୁ । ଏହି ଦିବ୍ୟକ୍ରତୁ ମାନବର ମନରେ ଉପସ୍ଥିତ ହୋଇ ତାହାକୁ ସଜ୍ଞାନ କରନ୍ତି ଏବଂ ଦିବ୍ୟଜ୍ଞାନ ଦ୍ୱାରା ତାହାକୁ ଭାସ୍ୱର କରନ୍ତି । ଏହି ଭାବେ କୁହାଯାଇ ପାରିବ ଯେ ମଣିଷ ନିଜର ଚେଷ୍ଟା ଦ୍ୱାରା ସେହି ମହାନ୍ ଦେବଗଣଙ୍କୁ ରୂପ ପ୍ରଦାନ କରୁଛି ।

ଏଠାରେ '**ଆ କୃଣ୍ୱଧ୍ୱମ୍**' ସଂସ୍କୃତ ବାକ୍ ପ୍ରଯୁକ୍ତ ହୋଇଛି । ଏହି 'ଆ' ଉପସର୍ଗଟି ଏହି ବିଚାର ସୂଚିତ କରେ ଯେ ବାହାରେ ଥିବା କିଛି ତତ୍ତ୍ୱକୁ ନିଜ ମଧ୍ୟକୁ ଟାଣି ନେଇ ଆସିବା ଏବଂ ତାହାକୁ ଆମ ନିଜ ଚେତନା ମଧ୍ୟରେ କ୍ରିୟାନ୍ୱିତ କରିବା ଅଥବା ରୂପଗଠନ କରିବା । 'ଆ-କୃ' ନିଜର ବିପରୀତାର୍ଥବୋଧକ 'ଆ-ଭୂ' ସହିତ ସମ୍ପର୍କିତ । ଅମରତ୍ୱର ସମ୍ପର୍କରେ ରହିବା ସହିତ ମର୍ତ୍ତ୍ୟର ନିକଟତର ହେବା ବେଳେ, ଏବଂ ଦେବତାର ଦିବ୍ୟ-ଆକୃତି ଯେତେବେଳେ ମାନବୀୟ ଆକୃତି ଉପରେ ଆସି ନିକ୍ଷିପ୍ତ ହୁଏ 'ଆ-ଭୂ' ତାହାକୁହିଁ

ବୁଝାଏ – ''ହେବା'', ପୂର୍ବକଥିତ ଭଳି, ମାନବ ମଧ୍ୟରେ ରୂପ ଗ୍ରହଣ କରିବା । ବିଶ୍ୱଗତ ଦିବ୍ୟଶକ୍ତିଗଣ ଏହି ବିଶ୍ୱ ମଧ୍ୟରେ କର୍ମ କରନ୍ତି ଏବଂ ଅସ୍ତିତ୍ୱ ବହନ କରିଥା'ନ୍ତି; ମଣିଷ ସେମାନଙ୍କୁ ନିଜ ମଧ୍ୟକୁ ନେଇ ଆସେ, ନିଜ ଚେତନା ମଧ୍ୟରେ ସେମାନଙ୍କର ଏକ ପ୍ରତିରୂପ ସୃଷ୍ଟି କରେ ଏବଂ ସେହି ପ୍ରତିରୂପରେ ପ୍ରାଣ ଓ କର୍ତ୍ତୃତ୍ୱ ପ୍ରତିଷ୍ଠା କରିଥାଏ, ଅଭିପ୍ରାୟ ଥାଏ ଯେ ପରମ ସତ୍ତା ତାଙ୍କ ସ୍ୱକୀୟ ଦିବ୍ୟରୂପ ତଥା ବିଶ୍ୱ-ଶକ୍ତିଗୁଡ଼ିକ ମଧ୍ୟରେ ସଜୀବ ହୋଇ ଉଠିଛନ୍ତି ।[୧]

ଏହିଭଳି, ଯେତେବେଳେ ମର୍ତ୍ତ୍ୟ (ମରଣଶୀଳ) ମଧ୍ୟରେ ଏହି ଅଗ୍ନିଦେବ ''ଗୃହପତି''[୨] (ତା' ନିବାସର ପ୍ରଭୁ) ସଦୃଶ ଉପସ୍ଥିତ ଓ ଜ୍ଞାନଗମ୍ୟ ସେତେବେଳେ ସେ ନିଜ ଦିବ୍ୟତ୍ୱର ପ୍ରକୃତ ସ୍ୱଭାବରେ ଆବିର୍ଭୂତ ହୁଅନ୍ତି । ଆମେ ଯେତେବେଳେ ଅନ୍ଧକାରରେ ଆଚ୍ଛନ୍ନ ହୋଇଯାଉ ଏବଂ 'ସତ୍ୟ' ଓ 'ଧର୍ମ'ର ବିପକ୍ଷରେ ବିଦ୍ରୋହ କରୁ ସେତେବେଳେ ଆମର ଅଗ୍ରଗତି ମନେ ହୁଏ ଅଜ୍ଞାନତାରୁ ଅଜ୍ଞାନତା ଦିଗରେ ଝୁଣ୍ଟି ପଡ଼ି ପଡ଼ି ଚାଲିଛି ଏବଂ ଦୁଃଖକଷ୍ଟ ତଥା ବାଧାବିଘ୍ନରେ ଭରି ଉଠିଛି । ସତ୍ୟରେ ନିରନ୍ତର ଆତ୍ମସମର୍ପଣ ଦ୍ୱାରା, ''**ନମୋଭିଃ**'' – ସମର୍ପଣଗୁଡ଼ିକ ଦ୍ୱାରା ଆମେ ଆମ ମଧ୍ୟରେ ସେହି ଦିବ୍ୟକ୍ରତୁର ପ୍ରତିରୂପ ନିର୍ମାଣ କରୁ, ଯାହା ହେଉଛି ବିପରୀତ ପକ୍ଷେ ଶାନ୍ତିରେ ପରିପୂର୍ଣ୍ଣ, କାରଣ ଏହା ସତ୍ୟ ଓ ଧର୍ମର ସୁରକ୍ଷିତ ବିଷୟ । ବିଶ୍ୱଗତ ପ୍ରଜ୍ଞାରେ ସମର୍ପଣ ଫଳରେ ସୃଷ୍ଟ ଆତ୍ମାର ସମତା[୩] ଆମକୁ ପରମ ଶାନ୍ତି ଓ ସ୍ଥିରତା ପ୍ରଦାନ କରିଥାଏ । ଏବଂ ସେହି ପ୍ରଜ୍ଞା ଯେହେତୁ 'ସତ୍ୟ'ର ଋଜୁମାର୍ଗଗୁଡ଼ିକରେ ଆମର ସକଳ ପଦକ୍ଷେପକୁ ନିର୍ଦ୍ଦେଶିତ କରୁଛି, ତେଣୁ ଆମେ ଏହାରି ଦ୍ୱାରା ସକଳ 'ଦୁରିତ' (ସ୍ଖଳନ)ର ଅତୀତ ଅବସ୍ଥାକୁ ଉତ୍ତୀର୍ଣ୍ଣ ହୋଇଯିବୁ ।

ଆହୁରି ମଧ୍ୟ, ଆମର ମାନବତ୍ୱ ମଧ୍ୟରେ ଅଗ୍ନି ଜ୍ଞାନଗମ୍ୟ ହେବା ସହିତ ଆମ ମଧ୍ୟରେ ଦେବଗଣଙ୍କର ସୃଷ୍ଟି ସାରୂପ୍ୟ ଅଭିବ୍ୟକ୍ତିରେ ପରିଣତ ହୋଇଥାଏ, ଏହା ଆଉ ପରଦାର ଅନ୍ତରାଳର ବିକାଶ ହୋଇ ରହେ ନାହିଁ, ଆମ ମଧ୍ୟରେ ହେଉଥିବା ଦେବତାର ଅଭିବୃଦ୍ଧି ବିଷୟରେ ସଚେତନ ହେବା ସହ ଆମର ଅନ୍ତରସ୍ଥ ସଂକଳ୍ପ ବୃଦ୍ଧିଲାଭ କରେ, ସେହି ପ୍ରକ୍ରିୟା ଦିଗରେ ଜାଗ୍ରତ୍ ହୋଇଉଠେ, ସେହି ବିକାଶର ଦିଗଗୁଡ଼ିକୁ ବି ଅନୁଭବ କରିପାରେ । ମାନବୀୟ କର୍ମ ବିଶ୍ୱାତ୍ମକ ଶକ୍ତିମାନଙ୍କ ଦିଗରେ ବୁଦ୍ଧିଗ୍ରାହ୍ୟଭାବେ ସଞ୍ଚାଳିତ ତଥା ନିୟୋଜିତ ହୋଇଯାଏ, ଏହା ଆଉ ଯାନ୍ତ୍ରିକ, ଅନିଚ୍ଛୁକ ବା ଅପୂର୍ଣ୍ଣ ହବିଃ ହୋଇ ରହେ ନାହିଁ; ଚିନ୍ତାଶୀଳ ତଥା ଅବେକ୍ଷକ ମନ ଯଜ୍ଞରେ ଅଂଶଗ୍ରହଣ କରେ ଏବଂ ଯଜ୍ଞ-ସଂକଳ୍ପର ତାହା ଏକ ଉପାୟରେ ପରିଣତ ହୁଏ । (ଏପର୍ଯ୍ୟନ୍ତ ୨ୟ ମନ୍ତ୍ରର ଭାଷ୍ୟ)

ଅଗ୍ନି, ଯାହାକୁ ଆମେ ସଂକଳ୍ପ ବୋଲି କହିଥାଉ, ସେ ହେଉଛନ୍ତି ସଚେତନ 'ସତ୍ତା'ର ଶକ୍ତି, ଯିଏ ମନ ଓ ଦେହର ସକଳ କ୍ରିୟାକଳାପର ପଶ୍ଚାତରେ ବେଶ୍ ପ୍ରଭାବଶାଳୀ । ଅଗ୍ନି ହେଉଛନ୍ତି ଆମ ମଧ୍ୟସ୍ଥ ବଳବାନ୍ 'ଦେବ' (**'ମର୍ଯଃ'** - ଶକ୍ତିମାନ୍ ପୁରୁଷ), ସମସ୍ତ ଆକ୍ରାମକ ଶକ୍ତି ବିରୋଧରେ ସେ ନିଜର ଶକ୍ତି ପ୍ରକାଶ କରିଥା'ନ୍ତି, ଆଳସ୍ୟକୁ ସେ ନିଷେଧ କରିଥା'ନ୍ତି, ହୃଦୟର ତଥା ଶକ୍ତିର ପ୍ରତ୍ୟେକ ବିଫଳତାକୁ ସେ ଦୂର କରିଥା'ନ୍ତି, ପୌରୁଷର ସକଳ ଅଭାବକୁ ସେ କାଢ଼ି ଫିଙ୍ଗି ଦିଅନ୍ତି । ସେ ହେଉଛନ୍ତି ଯୋଗସାଧକ (ସାଧୁ); ନିଜ କର୍ମଶାଳାରେ କାର୍ଯ୍ୟରତ ସେ ଜଣେ ଦିବ୍ୟକାରିଗର, ହାତୁଡ଼ିର ପ୍ରହାରରେ ସେ ଆମର ପୂର୍ଣ୍ଣତାକୁ ଗଢ଼ୁଛନ୍ତି । ଏହି ସୂକ୍ତରେ ତାଙ୍କୁ ପରମ ପୁରୁଷଙ୍କର ରଥୀ ବା ସାରଥି ହେବାକଥା କୁହାଯାଇଛି । ସେ ପରମ ପୁରୁଷ ତଥା '**ଅଦ୍ଭୁତ**' ଯିଏ ''ଅନ୍ୟର ଚେତନାକୁ'' (**ଅନ୍ୟସ୍ୟ ଚିତ୍ତିମ୍**)[୪] ସଞ୍ଚରିତ ହୋଇ ନିଜକୁ ପରିପୂର୍ଣ୍ଣ କରନ୍ତି, (ଏହି ସମାନ ଶବ୍ଦ, 'ଅଦ୍ଭୁତ'କୁ ଆମେ ଇନ୍ଦ୍ର ଓ ଅଗସ୍ତ୍ୟ ସମ୍ବାଦ ସୂକ୍ତରେ ଦେଖିଛୁ), ସାରଥି ନିଜ ହାତରେ ଘୋଡ଼ା ଲଗାମ ଧରି ରଥର ଗତିକୁ ନିୟନ୍ତ୍ରଣ କରିବା ଭଳି ସେ କାର୍ଯ୍ୟକଳାପର ନିୟନ୍ତ୍ରଣ କରନ୍ତି । ଏପରିକି 'ପ୍ରେମ' ଓ 'ଜ୍ୟୋତିଃ'ର ଦେବତା ମିତ୍ର ମଧ୍ୟ ସାରଥି । ଜ୍ଞାନଦୀପ୍ତ

---

୧. ହିନ୍ଦୁର ପ୍ରତିମାପୂଜାର ଏହା ହେଉଛି ପ୍ରକୃତ ତତ୍ତ୍ୱ ଏବଂ ଶାସ୍ତ୍ରୀୟ ବିଚାର, ଯାହାକି ମହାନ୍ ବୈଦିକ ପ୍ରତୀକମାନଙ୍କର ଭୌତିକ ତାତ୍ପର୍ଯ୍ୟକୁ ଏହିପରିଭାବେ ବହନ କରୁଥାଏ ।

୨. 'ଗୃହପତି'; ବା 'ବିଶ୍ପତି' – ଜୀବଗଣଙ୍କ ମଧ୍ୟରେ ପ୍ରଭୁ ବା ରାଜା ।

୩. ଗୀତୋକ୍ତ 'ସମତା' ।

୪. ଋଗ୍‌ବେଦ, ୧/୧୭୦/୧ ।

'ପ୍ରେମ' ଦିବ୍ୟକର୍ମଧାରାର ଲକ୍ଷ୍ୟ ସ୍ୱରୂପ ସଙ୍ଗତିକୁ ସମ୍ପନ୍ନ କରେ । କିନ୍ତୁ ଏଥିପାଇଁ ଦିବ୍ୟସଂକଳ୍ପ ଓ ଆଲୋକର ବେଦ ଏହି ଅଗ୍ନିଙ୍କର ଶକ୍ତି ମଧ୍ୟ ପ୍ରୟୋଜନ । ଶକ୍ତି ଓ ପ୍ରେମ ଏକୀଭୂତ ହେଲେ ଏବଂ ଉଭୟେ ଜ୍ଞାନାଲୋକରେ ଆଲୋକିତ ହେଲେ ଇହଲୋକସ୍ଥ ଈଶ୍ୱରଙ୍କ ଇଚ୍ଛା ପୂର୍ଣ୍ଣ କରିପାରିବେ ।

'ସଂକଳ୍ପ' ପ୍ରଥମ ଆବଶ୍ୟକ ବସ୍ତୁ, ଯଥାଯଥ ସ୍ୱରୂପ ପ୍ରଦାନ କରିବାରେ ଏହା ମୁଖ୍ୟ ଶକ୍ତି । ଏହି କାରଣରୁ ଯେତେବେଳେ ମର୍ତ୍ତ୍ୟଜାତି ସଚେତନଭାବେ ମହାନ୍ ଲକ୍ଷ୍ୟ ପ୍ରତି ମୁହେଁଇ ଆସେ ଏବଂ ଦ୍ୟୌ-ପୁତ୍ର-ଗଣଙ୍କ ଉଦ୍ଦେଶ୍ୟରେ ନିଜର ସମୃଦ୍ଧ ସାମର୍ଥ୍ୟଗୁଡ଼ିକୁ ହବନ କରିବା ମାଧ୍ୟମରେ ନିଜ ସତ୍ତାରେ ଭଗବାନଙ୍କୁ ରୂପଦେବାକୁ ପ୍ରାର୍ଥନା କରନ୍ତି, ସେତେବେଳେ ସେମାନେ ଏହି ପ୍ରଥମ ତଥା ପ୍ରମୁଖ ଅଗ୍ନିଦେବଙ୍କ ପ୍ରତି ଉପଲବ୍ଧିଶୀଳ ଚିନ୍ତାକୁ ଉତ୍ତୋଳିତ କରନ୍ତି ଏବଂ ସୃଜନଶୀଳ ବାକ୍‌କୁ ରୂପ ଦେଇଥା'ନ୍ତି । କାରଣ, ଯେଉଁମାନେ ଏହି କାର୍ଯ୍ୟଟିକୁ କରନ୍ତି ଓ ଏହି ଉଦ୍ୟମକୁ ସ୍ୱୀକାର କରନ୍ତି ସେଇମାନେ ହେଉଛନ୍ତି ଆର୍ଯ୍ୟ, – ଏହି କାର୍ଯ୍ୟଟି ହେଉଛି ସବୁଠୁ ବ୍ୟାପକ ଏବଂ ଏହି ଉଦ୍ୟମଟି ହେଉଛି ସବୁଠୁ ମହାନ୍, – ଏବଂ ଅଗ୍ନି ହେଉଛନ୍ତି ସେହି ଶକ୍ତି ଯିଏ ଦିବ୍ୟକର୍ମର ଯୋଜନାକୁ ଆଲିଙ୍ଗନ କରନ୍ତି ଏବଂ ସେହି କ୍ରିୟା ଦ୍ୱାରା ଉଦ୍ଦିଷ୍ଟ ଲକ୍ଷ୍ୟକୁ ପୂରଣ କରନ୍ତି । ଦିବ୍ୟ-ସଂକଳ୍ପରୂପୀ ଏହି ଅଗ୍ନି, ଯିଏ କଷ୍ଟକର ପ୍ରୟାସ ଓ ସଂଗ୍ରାମକୁ ସ୍ୱୀକାର କରନ୍ତି, କର୍ମ କରନ୍ତି ଓ ଜୟ କରନ୍ତି; ଯନ୍ତ୍ରଣା ସହନ୍ତି ଓ ବିଜୟୀ ହୁଅନ୍ତି, ତାଙ୍କ ବିନା ଜଣେ ଆର୍ଯ୍ୟ ହେବ କିପରି ? (ଏ ପର୍ଯ୍ୟନ୍ତ ୩ୟ ମନ୍ତ୍ରର ଭାଷ୍ୟ)

ଏଣୁ ଏହି ପ୍ରୟାସକୁ ନଷ୍ଟ କରିଦେବାକୁ ଲାଗିଥିବା ସକଳ ଶକ୍ତିକୁ ଏହି 'କ୍ରତୁ' ମୂଳୋତ୍ପାଟିତ କରନ୍ତି, ସକଳ ଦିବ୍ୟ ବଳୀୟାନ୍‌ମାନଙ୍କ ମଧ୍ୟରେ ବଳବତ୍ତମ (**ନୃଣାଂ ନୃତମଃ**) ଏହି ଦେବଙ୍କ ମଧ୍ୟରେ ପରମପୁରୁଷ ସ୍ୱୟଂ ରୂପାନ୍ୱିତ ହୋଇଛନ୍ତି, ତେଣୁ ଏହା ଅବଶ୍ୟମ୍ଭାବୀ ଯେ ଏହି ସକଳ ମାନବୀୟ ପାତ୍ରରେ ସେ ନିଜର ଉପସ୍ଥିତି ପ୍ରଦାନ କରିବାର କୃପା କରିବେ । ମନକୁ ଏହି ଶକ୍ତି ଯଜ୍ଞର ସାଧନ ରୂପେ ବ୍ୟବହାର କରିବ ଏବଂ ଏହାର ସେହି ଉପସ୍ଥିତି ଦ୍ୱାରା ଏହା ଅଭିବ୍ୟକ୍ତ କରିବ ସେହି ପ୍ରେରଣାଦାୟୀ ତଥା ଉପଲବ୍ଧିଶୀଳ 'ବାକ୍'ଗୁଡ଼ିକୁ, ଯାହା ଦେବତାମାନଙ୍କର ସଞ୍ଚରଣ ନିମନ୍ତେ ଏକ ରଥ ହୋଇଥାଏ, ଧ୍ୟାନଶୀଳ 'ଧୀ'କୁ ତାହା ସେହି ପ୍ରଦୀପକ ବୋଧଶକ୍ତି ପ୍ରଦାନ କରିବେ ଯାହା ଦିବ୍ୟଶକ୍ତିଗଣଙ୍କ ରୂପଗୁଡ଼ିକୁ ସ୍ୱାଗତ କରିବ – ସେମାନେ ଯେପରି ଆମର ଜାଗ୍ରତ୍ ଚେତନା ମଧ୍ୟରେ ନିଜ ନିଜର ବାହ୍ୟ ଆଲେଖ୍ୟ ପ୍ରଦାନ କରିପାରିବେ ।

ଏହାପରେ ଶକ୍ତିମାନ୍ ସେହି ଅନ୍ୟ ଦେବଗଣ – ଇନ୍ଦ୍ର ଓ ଅଶ୍ୱିନ, ଉଷା ଓ ସୂର୍ଯ୍ୟ, ବରୁଣ ଓ ମିତ୍ର ଏବଂ ଅର୍ଯ୍ୟମା – ଯେଉଁମାନେ କି ନିଜ ସହ ଉଚ୍ଚତର ଜୀବନର ପ୍ରଚୁର ସମ୍ପଦ ବହନ କରି ଆଣିଥା'ନ୍ତି – ସେମାନେ ମାନବ ମଧ୍ୟରେ ନିଜ ନିଜର ସେହି ସୃଜନଶୀଳ ବିସ୍ତାର ସହିତ ଉଜ୍ଜ୍ୱଳତମ ବଳକୁ ଧାରଣ କରିପାରନ୍ତି । ସେମାନେ ଆମ ମଧ୍ୟରେ ସେମାନଙ୍କ ପ୍ରାଚୁର୍ଯ୍ୟର ରଚନା କରନ୍ତୁ, ଆମ ସତ୍ତାର ଗୁପ୍ତ ଗୁହାରୁ ସେସବୁକୁ ସେମାନେ ବର୍ଷାଭଳି ବାହାରକୁ ଅଜାଡ଼ି ଦିଅନ୍ତୁ, ଯେପରି କି ଦିବସୋଜ୍ଜ୍ୱଳ କର୍ମବୀଥିଗୁଡ଼ିକରେ ସେଗୁଡ଼ିକର ଉପଯୋଗ ହୋଇପାରିବ, ଏବଂ ସେଗୁଡ଼ିକର ପ୍ରଚୋଦନା ମନୋମୟ ପୁରୁଷସ୍ଥ ଦିବ୍ୟସମ୍ଭାବନା ଯୁକ୍ତ ଚିନ୍ତାକୁ ସେମାନେ ଊର୍ଦ୍ଧ୍ୱଦିଗରେ ସେପର୍ଯ୍ୟନ୍ତ ଅଭୀପ୍ସୁ କରି ରଖୁ ଯେପର୍ଯ୍ୟନ୍ତ ତାହା ପରମଜ୍ୟୋତିଃରେ ରୂପାନ୍ତରିତ ହୋଇ ନ ଯାଇଛି ।

(ଏ ପର୍ଯ୍ୟନ୍ତ ୪ର୍ଥ ମନ୍ତ୍ରର ଭାଷ୍ୟ)

ସୂକ୍ତର ଅନ୍ତିମ ମନ୍ତ୍ର । ଋଷି ଗୋତମଙ୍କ ପବିତ୍ର ମନ୍ତ୍ରଗୁଡ଼ିକ ଦ୍ୱାରା ଦିବ୍ୟସଂକଳ୍ପରୂପୀ ଅଗ୍ନି ଏହିରୂପେ ପ୍ରେରଣାଦାୟୀ ବାକ୍ୟଗୁଡ଼ିକ ସହ ସ୍ତୁତ ହୋଇଛନ୍ତି । ଏଥିରେ ଋଷି ନିଜ ନାମ (ଗୋତମ) ଉଲ୍ଲେଖ କରିବା ସହ ନିଜର ବଂଶକୁ ଏକ ପ୍ରତୀକାତ୍ମକ ଶବ୍ଦ ମାଧ୍ୟମରେ ବ୍ୟକ୍ତ କରିଛନ୍ତି (ରାହୂଗଣ); ଏହି ନାମ ମଧ୍ୟରେ ଆମେ ବୈଦିକ 'ଗୋ' ଦେଖିବାକୁ ପାଉ, ଯାହାର ତାତ୍ପର୍ଯ୍ୟ 'ଜ୍ୟୋତିର୍ମୟ', ଏବଂ 'ଗୋତମ'ର ଅର୍ଥ 'ପୂର୍ଣ୍ଣତଃ ଜ୍ୟୋତିର୍ମୟ' । କାରଣ, ଯେଉଁମାନଙ୍କର ଜ୍ୟୋତିର୍ମୟ 'ଧୀ'-ପ୍ରାଚୁର୍ଯ୍ୟ ରହିଛି (ଅର୍ଥାତ୍, ଯେଉଁମାନେ ଗୋତମ ହୋଇଯାଇଛନ୍ତି) ସେମାନଙ୍କ ଦ୍ୱାରା ଦିବ୍ୟସତ୍ୟର ପ୍ରଭୁ ଏହି ଅଗ୍ନି ଏହି ଅବର ଦିବ୍ୟରଶ୍ମି ସ୍ୱରୂପ ଜଗତରେ ପୂର୍ଣ୍ଣରୂପେ ଗୃହୀତ ଓ ସ୍ତୁତ ହୋଇଥା'ନ୍ତି – 'ଗୋତମେଭିଃ ଋତାବା' । ଏବଂ ଯେଉଁମାନେ 'ବିପ୍ର' ଅର୍ଥାତ୍ ଯେଉଁମାନଙ୍କ ମନ ଶୁଦ୍ଧ, ସ୍ୱଚ୍ଛ ତଥା ଉନ୍ମୁକ୍ତ, ସେମାନଙ୍କଠାରେ ସେହି ମହାନ୍ ଜନ୍ମ (ଜାତ)ଗୁଡ଼ିକର ଯଥାର୍ଥ ଜ୍ଞାନ ଉନ୍ମେଷିତ ହୁଏ – ଏହି ଭୌତିକ ଜଗତର ପଶ୍ଚାତରେ ସେହି ଜନ୍ମଗୁଡ଼ିକ ଘଟିଥାଏ ଏବଂ ସେହି ଲୋକରୁ ଏହି ଲୋକ ଉଦ୍ଭୂତ ହେବା ସଙ୍ଗେ ଏହା ତାହାରି ସକଳ ବଳକୁ ଧାରଣ କରୁଛି, – **'ବିପ୍ରେଭିଃ ଜାତବେଦାଃ'** ।

ଅଗ୍ନି ହେଉଛନ୍ତି **'ଜାତବେଦାଃ'** – ଜନ୍ମ ଏବଂ ଜଗତଗୁଡ଼ିକର ଜ୍ଞାତା, **(ଚିକିତ୍ୱାନ୍)** । ସେ ପଞ୍ଚ ଲୋକକୁ[୫] ସମଗ୍ର ରୂପେ ଜାଣନ୍ତି ଏବଂ ନିଜ ଚେତନାରେ ସେ ଏହି ସୀମିତ ତଥା ଅନ୍ୟାଶ୍ରିତ ଭୌତିକ ସଙ୍ଗତି ମଧ୍ୟରେ ଆବଦ୍ଧ ନୁହନ୍ତି । ଉଚ୍ଚତମ ତ୍ରିଲୋକରେ[୬], ସେହି ରହସ୍ୟମୟୀ ଧେନୁର[୭] ପଦ୍ମାଠାରେ, ଚତୁଃଶୃଙ୍ଗଧାରୀ ସେହି 'ବୃଷଭ'ର[୮] ପ୍ରାଚୁର୍ଯ୍ୟମୟ ଲୋକରେ ତାଙ୍କର ପ୍ରବେଶ ରହିଛି । ସେହି ପ୍ରାଚୁର୍ଯ୍ୟ ମାଧ୍ୟମରେ ସେ ଆର୍ଯ୍ୟ ସାଧକ ମଧ୍ୟରେ ଜ୍ଞାନାଲୋକର ପୁଷ୍ଟିସାଧନ କରିବେ, ସେମାନଙ୍କର ଦିବ୍ୟପ୍ରତିଭାଗୁଡ଼ିକୁ ସେ ରଶ୍ମିମନ୍ତ କରିବେ । ତାଙ୍କର ସେହି ଜ୍ୟୋତିର୍ମୟ ଜ୍ଞାନର ପରିପୂର୍ଣ୍ଣତା ତଥା ସମୃଦ୍ଧି ଦ୍ୱାରା ସେ ଚିନ୍ତା ସହ ଚିନ୍ତାର, ବାକ୍ ସହିତ ବାକ୍ର ମିଳନ ଘଟାଇବା କାର୍ଯ୍ୟଟି ସେପର୍ଯ୍ୟନ୍ତ କରି ଚାଲିଥିବେ ଯେପର୍ଯ୍ୟନ୍ତ ମାନବୀୟ ବୁଦ୍ଧି ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଦିବ୍ୟପ୍ରଜ୍ଞାକୁ ଧାରଣ କରି ସେଇଥିରେ ପରିଣତ ହେବା ପାଇଁ ଯଥେଷ୍ଟ ସଙ୍ଗତିଯୁକ୍ତ ହୋଇଯାଇ ନାହିଁ ।

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ "*Agni, The Illumined Will*"ର ଓଡ଼ିଆ ଅନୁବାଦ ।]

ଅନୁବାଦ : ମଧୁସୂଦନ ମହାପାତ୍ର ✥

୫. ସେହି ଲୋକଗୁଡ଼ିକ ଯଥାକ୍ରମେ : ଜଡ଼, ପ୍ରାଣଶକ୍ତି, ମନ, ସତ୍ୟ ଓ ଆନନ୍ଦ, ଏମାନେ ବିଶେଷତଃ ଗୋଟିଏ ଗୋଟିଏ ବଳ । ଏମାନଙ୍କୁ କ୍ରମାନୁସାରେ ଏହି ନାମରେ ବୋଲାଯାଏ – ଭୂଃ, ଭୁବଃ, ସ୍ୱଃ, ମହଃ ଓ ଜନ ବା ମୟସ୍ ।

୬. ଦିବ୍ୟ-ଅସ୍ତିତ୍ୱ, ଚେତନା, ଆନନ୍ଦ, – ସଚ୍ଚିଦାନନ୍ଦ ।

୭. ଅଦିତି, ଅନନ୍ତ ଚେତନା, ଭୁବନଗୁଡ଼ିକର ଜନନୀ ।

୮. ଦିବ୍ୟପୁରୁଷ, ସଚ୍ଚିଦାନନ୍ଦ; ତାଙ୍କର ଚତୁଃଶୃଙ୍ଗ ହେଲେ – ସଚ୍ଚିଦାନନ୍ଦ ଓ ସତ୍ୟ ।

*(ପୃଷ୍ଠା ୧୪ର ଅବଶିଷ୍ଟାଂଶ)*

ଏବଂ ଯେତେବେଳେ ଏହି ଆନନ୍ଦ ଏହିଠାରେ, ଏହି ପୃଥିବୀରେ ପ୍ରତିଷ୍ଠିତ ହେବ, ସେତେବେଳେ ହେବ ଏହି ପୃଥିବୀର ଯଥାର୍ଥ ରୂପାନ୍ତର ଏବଂ ଦେଖା ଦେବ ଏକ ନୂତନ ଜୀବନ, ଏକ ନୂତନ ସୃଷ୍ଟି, ଏକ ନୂତନ ସିଦ୍ଧି । ଏହି ଆନନ୍ଦ ପ୍ରଥମେ ପ୍ରତିଷ୍ଠିତ ହେବ ଚେତନାରେ ଏବଂ ତା'ପରେ ହେବ ବସ୍ତୁଗତ, ବାସ୍ତବ ରୂପାନ୍ତର, ତା' ପୂର୍ବରୁ ନୁହେଁ ।

ସତ କହିବାକୁ ଗଲେ ବିରୋଧିଶକ୍ତି ଦ୍ୱାରାହିଁ ପୃଥିବୀକୁ ସମସ୍ତ ଦୁର୍ଭୋଗ ଓ ଯାତନା ଆସିଛି, ଏବଂ କେବଳ ଆନନ୍ଦହିଁ ତାହା ଉପରେ ବିଜୟ ହାସଲ କରିପାରେ, ଆଉ କେହି ନୁହେଁ, ଆନନ୍ଦହିଁ ତାହାକୁ ନିର୍ଦ୍ଦିଷ୍ଟ ଭାବରେ ଚୂଡ଼ାନ୍ତ ଭାବରେ ପରାଜିତ କରିପାରେ ।

(ଦୀର୍ଘ ନିରବତା)

ଦିବ୍ୟ-ଆନନ୍ଦହିଁ ସୃଷ୍ଟି କରିଛି ଏବଂ ଏହି ଦିବ୍ୟ-ଆନନ୍ଦହିଁ ସମ୍ପନ୍ନ କରିବ ।

(ନିରବତା)

ମନେରଖ ମନୁଷ୍ୟମାନେ ଯାହାକୁ ଆନନ୍ଦ କହନ୍ତି, ତାହା ଆନନ୍ଦର ଏକ ବ୍ୟଙ୍ଗରୂପ ମଧ୍ୟ ହେବାକୁ ଅଯୋଗ୍ୟ, ତାହା ସମ୍ପର୍କରେ ମୁଁ ଭାବେ ଯେ ତାହା ହେଉଛି ମଣିଷକୁ ପଥଭ୍ରଷ୍ଟ କରିବା ପାଇଁ ଏକ ଦୂରାବିଷ୍କାର : ସେହି ଆନନ୍ଦ ଆସେ ତଥାକଥିତ ସୁଖାନୁଭୂତିରୁ, ବିସ୍ମରଣରୁ ଓ ଉଦାସୀନତାରୁ ।

(ନିରବତା)

ମୁଁ ଏପରି ଆନନ୍ଦ କଥା କହୁଛି ଯାହା ପୂର୍ଣ୍ଣ ଶାନ୍ତି, ଛାୟାହୀନ ଆଲୋକ, ସୁସଙ୍ଗତି, ସାମଗ୍ରିକ ସୌନ୍ଦର୍ଯ୍ୟ ଏବଂ ଅପ୍ରତିହତ ଶକ୍ତି, ତାହାର ନିର୍ଯାସରେ, ତାହାର ସଂକଳ୍ପରେ ଏବଂ ତାହାର ଉପଲବ୍ଧି ଓ ସିଦ୍ଧିରେ, ତାହାହିଁ ସ୍ୱୟଂ ଭଗବତ୍ ଉପସ୍ଥିତି ।

(Bulletin, Aug. 2009, p. 17-21) ✥

# 'ସିଦ୍ଧି'ର ବିଡ଼ମ୍ବନା

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- **ଆଧ୍ୟାତ୍ମିକତା ସହ ସିଦ୍ଧିର ସମ୍ପର୍କ କେତେ ନିବିଡ଼ ?**
- **'ସିଦ୍ଧି' ଶୁଭ ନା ଅଶୁଭ ?**

**ପ୍ରଥମ ଆଗନ୍ତୁକ :** ମୁଁ କିନ୍ତୁ ଆଜ୍ଞା ନିଶ୍ଚିତ ଭାବରେ ଜାଣେ, ଜଣେ ମହାପୁରୁଷ ତାଙ୍କ ଅଲୌକିକ ଶକ୍ତି ବଳରେ ମୋର ସମ୍ପର୍କୀୟ ଭାଇର ଯକୃତ୍ ବ୍ୟାଧି ଭଲ କରିଦେଲେ । ସେମିତି ଶକ୍ତି କେହି କେହି ଆୟତ୍ତ କରିପାରନ୍ତି ନିଶ୍ଚୟ ! ଆପଣ କ'ଣ କହିବେ ?

**ଉତ୍ତର :** ନିଶ୍ଚୟ ପାରନ୍ତି ।

**ଦ୍ୱିତୀୟ ଆଗନ୍ତୁକ :** ସେମିତି ଶକ୍ତିବାନ୍ ଲୋକେ ସମାଜରେ ଯେତେ ଅଧିକ ରହିଲେ ଭଲ ହୁଅନ୍ତା ପରା ।

**ତୃତୀୟ ଆଗନ୍ତୁକ :** ବିଚରା ଡାକ୍ତର କବିରାଜଙ୍କ ବ୍ୟବସାୟ ବୁଡ଼ି ଯାଆନ୍ତା !

**ପ୍ରଥମ ଆଗନ୍ତୁକ :** ସେମାନେ ସେଭଳି ଅଲୌକିକ ଶକ୍ତି କିପରି ଭାବରେ ହାସଲ କରନ୍ତି ? ନା ସେମାନେ ମହାପୁରୁଷ ବୋଲି ସେମାନେ କରୁଣା କଲେ ସେମିତି ଅସମ୍ଭବ ସମ୍ଭବ ହୁଏ ?

**ଉତ୍ତର :** ମହାପୁରୁଷର ସଂଜ୍ଞା ଆପଣଙ୍କ ପାଇଁ କ'ଣ, ସେଭଳି ଅଲୌକିକ କାର୍ଯ୍ୟ କରିପାରୁଥିବା ବ୍ୟକ୍ତିମାନେ ମହାପୁରୁଷ କି ନୁହେଁ, ତାହା ଭିନ୍ନ ପ୍ରସଙ୍ଗ । ତେବେ କେହି କେହି ବ୍ୟକ୍ତି କିଛି ସିଦ୍ଧି ଅର୍ଜନ କରିଥା'ନ୍ତି – ଯାହା ଫଳରେ, ସିଦ୍ଧି-ଲବ୍ଧ ବିଭୂତି ପ୍ରୟୋଗ କରି ସେମାନେ ଜଣକର ବ୍ୟାଧି ଭଲ କରି ଦିଅନ୍ତି । ହଁ, ମୁଁ ଯଦି ଆପଣଙ୍କ ସହ ବାକ୍ୟାଳାପ କରିବା ପରିବର୍ତ୍ତେ ଏ ପ୍ରସଙ୍ଗରେ ନିବନ୍ଧଟିଏ ଲେଖୁଥା'ନ୍ତି, ତେବେ ବ୍ୟାଧି ଭଲ କରି ଦିଅନ୍ତି ଶବ୍ଦ ତିନୋଟିକୁ ଉଦ୍ଧୃତି ଭିତରେ ରଖନ୍ତି ।

**ଜଣେ ଆଗନ୍ତୁକ :** ଟିକିଏ ବୁଝାଇ କହନ୍ତୁ ଆଜ୍ଞା ।

**ଉତ୍ତର :** ରୋଗୀଟିଏ ବ୍ୟାଧିମୁକ୍ତ ହେବା ପଛରେ ବହୁ କାରଣ ଥାଇପାରେ – ତଥାକଥିତ ମହାପୁରୁଷଙ୍କ ଅଲୌକିକ ବିଭୂତି ବାହାରେ । ରୋଗୀର ପ୍ରାର୍ଥନା, ସେ ପୂର୍ବରୁ ପାଇଥିବା ଚିକିତ୍ସା, ଏପରିକି ଆମ କଳେବର-ନିହିତ ନିରାମୟ ଶକ୍ତି, ଏଥିରୁ ଯେକୌଣସି ଗୋଟିଏ ତା' କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଇପାରେ । ମହାପୁରୁଷଙ୍କ ଉପରେ ତା'ର ପରିପୂର୍ଣ୍ଣ ବିଶ୍ୱାସ ମଧ୍ୟ ସେ ଆରୋଗ୍ୟର ହେତୁ ହୋଇପାରେ – ମହାପୁରୁଷ ଜଣକ ସାଧାରଣ ପୁରୁଷଟିଏ ହୋଇଥିବା ସତ୍ତ୍ୱେ । ଶ୍ରୀମାଙ୍କର ଏକ ବାଣୀ ଆପଣ ଆମ ଆଶ୍ରମର ସେବାସଦନ (Nursing Home)ର ପ୍ରବେଶ ପଥରେ ପଢ଼ିବାକୁ ପାଇବେ : Ultimately it is faith that cures. ନାନାଦି ବହିଃ-ସହାୟତା ଉପରେ ନିର୍ଭର କରିବାର ସଂସ୍କାର ଆମ ଚେତନାରେ ଏଡ଼େ ଦୃଢ଼ୀଭୂତ ଯେ ଏ ବାଣୀ ସର୍ବାନ୍ତଃକରଣରେ ଗ୍ରହଣ କରିନେବା ସହଜ ନୁହେଁ ।

ସେ ଯାହାହେଉ, ଆପଣ ଯାହାଙ୍କୁ ମହାପୁରୁଷ ବୋଲି ନାମିତ କଲେ, ସେ ଭଦ୍ରଲୋକ ନିଜ ସିଦ୍ଧି ଆହରିତ ଶକ୍ତି ପ୍ରୟୋଗ କରିଥାଇ ପାରନ୍ତି ଆପଣଙ୍କ ସମ୍ପର୍କୀୟ ଭାଇଙ୍କ ଉପରେ । ଆଚ୍ଛା, ଆପଣଙ୍କ ଭାଇଙ୍କ ଅବସ୍ଥା ବର୍ତ୍ତମାନ କେମିତି ? ସେ ମହାପୁରୁଷଙ୍କ ଆଶୀର୍ବାଦରେ ସେ ନିରାମୟ ଜୀବନଯାପନ କରୁଛନ୍ତି ତ ? କେତେ ବର୍ଷ ହେଲାଣି ?

**ପ୍ରଥମ ଆଗନ୍ତୁକ :** ସେ ଅଲୌକିକଭାବେ ନିରାମୟ ହୋଇଥିଲା ପ୍ରାୟ କୋଡ଼ିଏ ବର୍ଷ ତଳେ । କେଇ ବର୍ଷ ପରେ ସେ ଆମକୁ ଛାଡ଼ି ଚାଲିଗଲା – କ୍ୟାନ୍‌ସର ଯୋଗୁଁ ।

**ଉତ୍ତର :** ମୋର ଏ ବକ୍ତବ୍ୟ ନିର୍ଭୁଲ ନହୋଇପାରେ । କିନ୍ତୁ ଯାହା ସମ୍ଭବ, ତାହା ହେଲା, ସେ ମହାପୁରୁଷ ତାଙ୍କ ସିଦ୍ଧି ଶକ୍ତି ବଳରେ ଆପଣଙ୍କ ଭାଇଙ୍କର ପ୍ରଥମ ବ୍ୟାଧିଟି ଅପସରାଇ ଦେଲେ । କିନ୍ତୁ ଭାଇଙ୍କ ନିୟତି ବଦଳାଇ ଦେବା ଭଳି ଶକ୍ତି ତାଙ୍କର ନଥିଲା । ସେ ନିୟତି ଆପଣଙ୍କ ଭାଇଙ୍କର କେତେକ ଅଭିଜ୍ଞତା ଅର୍ଜନ ନିମନ୍ତେ ଏକ ପରିସ୍ଥିତି ସୃଷ୍ଟି କରିଥିଲା । ମହାପୁରୁଷ ସେ ପରିସ୍ଥିତିରେ କିଛି ପରିବର୍ତ୍ତନ କରିଦେଲେ । ଅଭିଜ୍ଞତାତକ ଗୋଟାଏ ରୂପରେ ନ ଆସି ଅନ୍ୟ ରୂପରେ ଆସିଲା ।

**ଏକାଧିକ ଆଗନ୍ତୁକ :** ଏମିତି ବି ହୋଇପାରେ ! ନୂଆ କଥା ।

**ଉତ୍ତର :** ନୂଆ କଥା ? ନା । ଅତୀନ୍ଦ୍ରିୟ ଜଗତ୍

ସମ୍ପର୍କରେ ଆମର ପ୍ରାଥମିକ ଜ୍ଞାନ ଏସବୁ ସ୍ପଷ୍ଟ କରିଦିଏ । ନିୟତି ବଦଳାଇ ଦେଇ ପାରିବାର ଶକ୍ତି ସାଧାରଣ ସନ୍ଥ, ମହାପୁରୁଷ – ଏପରିକି ଯଦି ସେମାନେ ସଚ୍ଚା ସନ୍ଥ ଏବଂ ମହାପୁରୁଷ ହୋଇଥିବେ – ତଥାପି ମଧ୍ୟ ସେମାନଙ୍କର ନଥାଏ ?

**ଦ୍ୱିତୀୟ ଆଗନ୍ତୁକ :** କାହାରି ନଥାଏ ?

**ଉତ୍ତର :** କାହାରି ନଥିବ କାହିଁକି ? ନିଜ କର୍ମ ଯୋଗେ ଯିଏ ନିଜ ନିୟତିର ଗୋଟାଏ ରୂପ ନିର୍ଣ୍ଣୟ କରିଛି, ସେ ନିଶ୍ଚୟ ନିଜ କର୍ମ ଯୋଗେ ସେ ରୂପ ବଦଳାଇ ଦେଇପାରିବ ! ନିୟତି ଗୋଟାଏ ଅଟଳ ଅଭିଶାପ ନୁହେଁ । ନିଶ୍ଚେତନାରୁ ଚେତନାର ଆଲୋକ ପଥରେ ଚାଲିଛି ଆମ ସମସ୍ତଙ୍କ ଯାତ୍ରା; ଜ୍ଞାତ-ସାରରେ ହେଉ ବା ଅଜ୍ଞାତସାରରେ । ଆଳଙ୍କାରିକ ଭାଷାରେ ଯାହାକୁ ଯାତ୍ରାପଥ ବୋଲି କୁହାଯାଉଛି, ତାହା ଜୀବନର ଅଭିଜ୍ଞତା ସଞ୍ଚୟ । ନାନାଦି ଅଭିଜ୍ଞତା ଭିତର ଦେଇ ଆମେ ସତ୍ୟର ନିକଟତର ହେଉ, ଜୀବନର ପରମ ଲକ୍ଷ୍ୟ ସମ୍ପର୍କରେ ଅଧିକରୁ ଅଧିକ ମାତ୍ରାରେ ଅବହିତ ହେଉ । ଦୁଃଖ, କଷ୍ଟ, ବ୍ୟାଧି, ଯନ୍ତ୍ରଣା ମଧ୍ୟ ସେହି ଅଭିଜ୍ଞତାର ଏକ ଏକ ଉପାଦାନ । ସେ ସବୁକୁ ଠିକ୍ ଭାବରେ ଗ୍ରହଣ କରିପାରିଲେ, ସେ ସବୁର ଯନ୍ତ୍ରଣାଦାୟକ ଦିଗ ହ୍ରାସ ହୁଏ ।

ଆମ ନିଜ ଛଡ଼ା ଆମ ନିୟତି ବଦଳାଇ ଦେଇପାରେ ଏକମାତ୍ର ଦିବ୍ୟକୃପା । ଜଣେ ଅତ୍ୟନ୍ତ ମହତ୍, ଅଧ୍ୟାତ୍ମ ଉପଲବ୍ଧିବନ୍ତ ବ୍ୟକ୍ତିଙ୍କ ମାଧ୍ୟମରେ ସେ କୃପା ଆସିପାରେ । ଜଣେ ଗୋଟାଏ ଶାରୀରିକ ବା ମାନସିକ ଯନ୍ତ୍ରଣା ଭୋଗୁଛି । ଦିବ୍ୟକୃପା ସେ ଯନ୍ତ୍ରଣାକୁ ମନ୍ଦୀଭୂତ କରିଦେଇପାରେ କିଂବା ତାକୁ ଦୂର କରିଦେଇପାରେ । କିନ୍ତୁ ତାହା କରିବା ସଙ୍ଗେ ସଙ୍ଗେ ସେହି ଯନ୍ତ୍ରଣା ଲବ୍ଧ ଅଭିଜ୍ଞତା ଭିତରୁ ଜଣେ ଯେତିକି ପ୍ରଗତି ହାସଲ କରିବା ଥିଲା ତା'ର ଭବିତବ୍ୟ, ସେତକ ପ୍ରଗତି ମଧ୍ୟ ସେ ଉପଲବ୍ଧି କରିପାରେ । ଜଣେ ତଥାକଥିତ ମହାପୁରୁଷର ଚମତ୍କାର ବା Miracle ଓ ଦିବ୍ୟକୃପାର ହସ୍ତକ୍ଷେପ ଭିତରେ ଏହାହିଁ ପାର୍ଥକ୍ୟ ବୋଲି ମୋର ବିଶ୍ୱାସ ।

**ଦ୍ୱିତୀୟ ଏବଂ ତୃତୀୟ ଆଗନ୍ତୁକ :** ତଥାକଥିତ ମହାପୁରୁଷମାନେ ଯେଉଁ ଆଶୀର୍ବାଦ ଦିଅନ୍ତି, ସେସବୁ ତେବେ ମୂଲ୍ୟବାନ୍ ନୁହେଁ ବୁଝିବାକୁ ହେବ ।

**ଉତ୍ତର :** ଆପଣ ଯଦି ତାହାହିଁ ବୁଝିବେ, ତେବେ ଭୁଲ୍ ବୁଝିବେ । ମୁଁ ଆଶୀର୍ବାଦ କଥା କହୁ ନାହିଁ, କହୁଛି ସିଦ୍ଧି ପ୍ରୟୋଗ ଦ୍ୱାରା ତଡ଼ିତ୍ ବେଗରେ ଜଣକର ରୋଗ ବ୍ୟାଧି ନିରାମୟ ବା ସେହିଭଳି କୌଣସି ହବୁ କର୍ମ ବା Miracle ପ୍ରଦର୍ଶନ କଥା । ଆଶୀର୍ବାଦ ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ । ତେବେ ତାହା ଶୁଭେଚ୍ଛା ବା ସଦିଚ୍ଛାରହିଁ ଏକ ମହତ୍ତର ସଂସ୍କରଣ । ତଥାକଥିତ ମହାପୁରୁଷ କାହିଁକି, ଯେକୌଣସି ବ୍ୟକ୍ତିର ଶୁଭେଚ୍ଛା – ପ୍ରକୃତ ଶୁଭେଚ୍ଛା କଥା କହୁଛି – ସେ ଶୁଭେଚ୍ଛାର ମୂଲ୍ୟ ଅପରିସୀମ । ପ୍ରତ୍ୟେକ ମଣିଷର ଚେତନାରେ – ଯେତେ ଗଭୀରରେ ହେଉ ନା କାହିଁକି, ଯେତେ ଚପା ପଡ଼ି ରହିଥାଉନା କାହିଁକି – ପ୍ରତ୍ୟେକ ମଣିଷର ଚେତନାରେ ରହିଛି ଦିବ୍ୟ ଉପସ୍ଥିତି । ସଚ୍ଚା ଶୁଭେଚ୍ଛା, କୃତ୍ରିମ ଲୌକିକ ଶୁଭେଚ୍ଛା କଥା କହୁ ନାହିଁ – ସଚ୍ଚା ଶୁଭେଚ୍ଛା ସେହି ଉତ୍ସରୁ ଆସିଥାଏ । ଜଣେ ନିରିମାଖି, ମାମୁଲି, ନିର୍ବୋଧ ମଣିଷର ସଚ୍ଚା ଶୁଭେଚ୍ଛା ମଧ୍ୟ ମୂଲ୍ୟବାନ୍ । ତା'ର ଅଦୃଶ୍ୟ ପ୍ରଭାବ ରହିଥାଏ । ରୋଗବ୍ୟାଧି ପାଇଁ ହେଉ ବା ଯେକୌଣସି କାରଣରୁ ହେଉ, ଜଣେ ଅସୁବିଧା ଭୋଗ କରୁଥିଲେ ତା' ଉଦ୍ଦେଶ୍ୟରେ ଆପଣଙ୍କର ନିରବ ଶୁଭେଚ୍ଛାର ସ୍ପନ୍ଦନ ତା' ଅଜାଣତରେ ତାକୁ ଶାନ୍ତି ବା ଭରସା ବା ସାହସ ଦେଇପାରେ । ଭଗବତ୍ ନିବେଦିତ ଶୁଭେଚ୍ଛୁ ଆହୁରି ଅଧିକ ପ୍ରଭାବଶାଳୀ ।

**ଦ୍ୱିତୀୟ ଓ ତୃତୀୟ ଆଗନ୍ତୁକ :** କ୍ଷମା କରିବେ । ଆମେ ଟିକିଏ ଉପର ଠାଉରିଆଭାବେ ବୁଝୁଥିଲୁ । ଆଚ୍ଛା, ସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନେ ତ ପୁଣି ଆଧ୍ୟାତ୍ମିକ ଦିଗରୁ ମହତ୍ ହୋଇଥିବେ !

**ଉତ୍ତର :** ହୋଇଥାଇ ପାରନ୍ତି; ସେଇଟା ଭିନ୍ନ ପ୍ରସଙ୍ଗ । କିନ୍ତୁ ଆଧ୍ୟାତ୍ମିକ ଦିଗରୁ ବିକଶିତ ହେବା ନହେବା ସହ ସିଦ୍ଧି ଲାଭର ସମ୍ପର୍କ ନାହିଁ । କେତେକ ଅତୀନ୍ଦ୍ରିୟ ନିୟମ ଅନୁସରଣ କରି ଜଣେ କୌଣସି ଦିଗରେ ସିଦ୍ଧି ଲାଭ କରିପାରେ । ସେ ଦିଗରେ ସ୍ୱାମୀ ବିବେକାନନ୍ଦଙ୍କ ଅଭିଜ୍ଞତା ମୁଁ ପୂର୍ବରୁ ଲେଖିଛି ଏବଂ ସମ୍ଭବତଃ କୌଣସି ସମାବେଶରେ କହିଛି ମଧ୍ୟ ।

**ପ୍ରଥମ ଆଗନ୍ତୁକ :** ତେବେ ସିଦ୍ଧି ହାସଲ କରିବା ଭଲ ନା ଖରାପ ?

**ଉତ୍ତର :** କାହା ପାଇଁ ଭଲ ଖରାପ ପ୍ରଶ୍ନ ଉଠାଉଛନ୍ତି ? ଯିଏ ସିଦ୍ଧି ଅର୍ଜନ କରିବା ଦିଗରେ ଆବଶ୍ୟକ ସାଧନା କରେ, ସେ ନିଶ୍ଚୟ ତା' ନିଜ ପ୍ରେରଣା କୁହନ୍ତୁ, ଉଚ୍ଚାଭିଳାଷ କୁହନ୍ତୁ ତାହାରି ଦ୍ୱାରା ଅନୁପ୍ରାଣିତ ହୋଇ କରେ । ତା'ର ଉଦ୍ଦେଶ୍ୟ ଭଲ କିଂବା ମନ୍ଦ, ଅଥବା ଭଲ-ମନ୍ଦ ଭେଦରେ ଯାଉ ନଥିବା ତୁଚ୍ଛା କୌତୂହଳ, ସେକଥା ସେ ନିଜେହିଁ

କହିପାରିବ । ଏକଦା ଆମ ଦେଶରେ ଗାଁ ଗହଳରେ ଓଝା ବା ଗୁଣୀ ଭାବରେ ବିଦିତ ଏକ ପ୍ରକାର ସାଧକ ଥିଲେ । ସେମାନେ ଆୟତ୍ତ କରିଥିଲେ ସାପ-ବିଷ ହରଣ କରିବାର, ପ୍ରେତାବିଷ୍ଟକୁ ଅଶରୀରୀ କବଳରୁ ମୁକୁଳାଇବାର ବିଦ୍ୟା । କିନ୍ତୁ ସେମାନେ ଗୁରୁ ପରମ୍ପରା ଅନୁସରଣ କରି ନିଃସ୍ୱାର୍ଥ ଭାବରେ ପଲ୍ଲୀସମାଜକୁ ସେମାନଙ୍କ ସେବା ଦାନ କରୁଥିଲେ । ସେମାନେ ଆୟତ୍ତ କରିଥିବା ମନ୍ତ୍ର ଶକ୍ତି ଏକ ଜାତୀୟ ସିଦ୍ଧି । କିନ୍ତୁ ସାଧାରଣତଃ ସେ ସିଦ୍ଧି ଆୟତ୍ତ କରିବା ପଛରେ ନିରୀହ ଏବଂ ମହତ୍ ମନୋଭାବ ଥାଏ । ସେ ଶ୍ରେଣୀର ସାଧକମାନେ ଆଜି ଆଉ ନାହାନ୍ତି ।

**ପ୍ରଥମ ଆଗନ୍ତୁକ :** ମୁଁ ପ୍ରଥମେ ଯେଉଁ ମହାପୁରୁଷଙ୍କ କଥା କହିଲି ସିଏ ସତ୍ ଉଦ୍ଦେଶ୍ୟ ନା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସେଭଳି ସିଦ୍ଧି ଅର୍ଜନ କରିଥିଲେ ?

**ଉତ୍ତର :** ସେଭଳି ପ୍ରଶ୍ନ ଉପରେ ଚିନ୍ତା କରିବାର ଏବଂ ତା'ର ଉତ୍ତର ଖୋଜିବାର ଦାୟିତ୍ୱରୁ ମୋତେ ଅବ୍ୟାହତି ଦିଅନ୍ତୁ । ସେ ଦିଗରେ, ଅର୍ଥାତ୍ ଜଣେ ବ୍ୟକ୍ତିଗତ ସିଦ୍ଧ ସମ୍ପର୍କରେ ରାୟ ଦେବା ଭଳି, ଜ୍ଞାନ ମୋର ନାହିଁ । ବସ୍ତୁତଃ ମୋର ସେ ଦିଗରେ ଆଗ୍ରହ ନାହିଁ । ତେବେ ତତ୍ତ୍ୱ ଦୃଷ୍ଟିରୁ କହିପାରେ, ଆପଣଙ୍କର ସେ ସିଦ୍ଧ ଜଣକ ନିଜେ କୌଣସି ସତ୍ ବା ଅସତ୍ ଉଦ୍ଦେଶ୍ୟ ନେଇ ତାଙ୍କ ବିଦ୍ୟା ହାସଲ କରିପାରିଥା'ନ୍ତି କିଂବା ପ୍ରାଣଜଗତର କୌଣସି ସତ୍ତା ତାଙ୍କୁ ଆୟତ୍ତ କରିନେଇ ସେ ସିଦ୍ଧି ତାଙ୍କୁ ଦେଇ ଦେଇଥାଇପାରେ ।

ପ୍ରାଣ ଜଗତର ସେ ସତ୍ତାମାନଙ୍କର ଚରିତ୍ର ଆପଣ କୌଣସି କାର୍ଯ୍ୟ-କାରଣ ହେତୁବୋଧ ଦ୍ୱାରା ନିରୂପିତ କରିପାରିବେ ନାହିଁ । ସେମାନେ ବିଚିତ୍ର । ତାଙ୍କ ଭିତରେ ଏମିତି ସତ୍ତା ଅଛନ୍ତି ଯେଉଁମାନେ ଶୁଭଙ୍କର; ଏମିତି ମଧ୍ୟ ଅଛନ୍ତି ଯେଉଁମାନେ ମଣିଷକୁ ଦଗାଦେଇ, ଚମକାଇ, କଲବଲ କରି ଆମୋଦ ଅନୁଭବ କରିଥା'ନ୍ତି । ସାଧାରଣ ଭାବରେ ଏତିକି କୁହାଯାଇପାରେ, ଅତୀନ୍ଦ୍ରିୟ ଜଗତରୁ କିଛି ସିଦ୍ଧି ବା ହବୁ ବିଦ୍ୟା ହାସଲ କରିବାର ଉତ୍ସାହରୁ ବିରତ ରହିବା ବିବେକ ସମ୍ମତ କାମ । ଆପଣଙ୍କ ବେଳେ କଲେଜରେ ମାର୍ଲୋଙ୍କର ଡକ୍‌ଟର ଫଷ୍ଟାସ୍ (Dr. Faustus by Christopher Marlowe) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା କି ?

**ଏକାଧିକ ଆଗନ୍ତୁକ :** ହଁ, ହଁ । କିନ୍ତୁ ବିଷୟବସ୍ତୁ ମନେ ଅଛି କି ନାହିଁ ...

ଉତ୍ତର : ଯେଉଁ କିଂବଦନ୍ତି ଉପରେ ନାଟକଟି ପର୍ଯ୍ୟବସିତ, ସେଥିରେ ସତ୍ୟତା ଥିବା ସମ୍ଭବ । ବୁଦ୍ଧିମାନ୍ ତଥା ଅଧ୍ୟବସାୟୀ ଯୁବକ ଫଷ୍ଟାସ୍‌ର ଦୁର୍ବଳତା ହେଲା ସମସ୍ତଙ୍କୁ ପ୍ରଭାବିତ କରିବାର ଉଚ୍ଚାଭିଳାଷ । ସେଥିପାଇଁ ସେ ସଇତାନ ସହ ଦରଦସ୍ତୁର କରି ଅସାଧାରଣ ଚମତ୍କାର ବା Miracle ସାଧନର ଶକ୍ତି ପାଇଛି – ମୃତ୍ୟୁ ଅନ୍ତେ ଆପଣାର ଆତ୍ମାକୁ ସଇତାନର ସେବାରେ ଅର୍ପଣ କରିବାର ପ୍ରତିଶ୍ରୁତ ମୂଲ୍ୟ ବାବଦରେ । ଜୀବନରେ ବିପୁଳ ପ୍ରତିପତ୍ତି ଉପଭୋଗ କରିବା ଅନ୍ତେ ଯେତେବେଳେ ଶେଷ ସମୟ ଉପସ୍ଥିତ, ସେତେବେଳେ ବିଚରା କି ଡହଳ ବିକଳ ହେଉଛି ! ହୁଏତ ଭାବିଥିବ ନିଜର ବୁଦ୍ଧିଚାତୁର୍ଯ୍ୟ ପ୍ରୟୋଗ କରି ସଇତାନକୁ ଫାଙ୍କିଦେବ ! କିନ୍ତୁ ତାହା ସମ୍ଭବ ହେଲା ନାହିଁ ! ହାୟ, ସାରା ଜୀବନର ସମସ୍ତ ଗର୍ବ, ପ୍ରଭାବ, ଶକ୍ତି ବର୍ତ୍ତମାନ ବ୍ୟର୍ଥ ! ଆତ୍ମା ଅମର ବୋଲି ସିନା ସେ ଅନନ୍ତ କାଳ ନିର୍ଯାତନା ଭୋଗିବ ? ସେ ନିଜକୁ ପଚାରୁଛି :

Why Wert thou not a creature
Wanting soul ?
Or Why is this immortal that
thou hast ?

ତାଙ୍କ ଜୀବନାବସାନ ହେବ ଠିକ୍ ନିଶାର୍ଦ୍ଧରେ । ସେତେବେଳେ ସେ ଅନୁଭବ କରୁଛନ୍ତି – ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା କେତେ ମୂଲ୍ୟବାନ୍ ! କେଡ଼େ ଉନ୍ନତ ଭାବରେ ସେ ସମୟର ଉପଯୋଗ କରିପାରିଥା'ନ୍ତେ । ଆଉ ଘଣ୍ଟାଟିଏ ଅଛି । ସମୟ ସ୍ତବ୍ଧ ହୋଇ ଅଟକି ରହନ୍ତା କି ! ସେ ନିଜକୁ କହୁଛନ୍ତି ଆର୍ତ୍ତନାଦ କରି :

Ah Faustus,
Now hast thou but one bare hour to live,
And then thou must be damned perpetually.

ତା'ପରେ ସମୟର ଗତିଶୀଳତା ପାଇଁ ଦାୟୀ ଗ୍ରହନକ୍ଷତ୍ରକୁ ଉଦ୍ଦେଶ୍ୟ କରି ସେ କହୁଛନ୍ତି :

"Stand still, you ever-moving
spheres of heaven
That time may cease and
midnight never come !

ସବୁ କିନ୍ତୁ ବ୍ୟର୍ଥ ହେଲା !

**ଜଣେ ଆଗନ୍ତୁକ :** ସେ ଯୁଗରେ ମଧ୍ୟ ଏ ଜ୍ଞାନ ଥିଲା !!

**ଉତ୍ତର :** ଏସବୁ ମୌଳିକ ଜ୍ଞାନ ପୃଥିବୀର ଅପେକ୍ଷାକୃତ ସଭ୍ୟ ଦେଶମାନଙ୍କର ଐତିହ୍ୟରେ କାହିଁ କେଉଁ ପ୍ରାଚୀନ କାଳରୁ ରହିଛି । ଏହା ଉପରେ କେତେ କଳା, କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଲେଖା ହୋଇ ନାହିଁ ! ଧରନ୍ତୁ ଡବ୍ଲୁ ଡବ୍ଲୁ ଜାକୋବ୍‌ଙ୍କ Monkey's Paw; ମନେ ଅଛି ତ ।

**ଆଗନ୍ତୁକମାନେ :** ପଢ଼ି ନାହୁଁ; ମନେ ରହିବାର ସମ୍ଭାବନା କାହୁଁ ଆସିବ !

**ଉତ୍ତର :** ମୋର ମନେ ହେଲା ସେ ଗପଟି ମଧ୍ୟ ଆପଣମାନଙ୍କ ଅଧ୍ୟୟନ ସମସାମୟିକ କୌଣସି ଏକ ପାଠ୍ୟ-ପୁସ୍ତକର ଅନ୍ତର୍ଭୁକ୍ତ ଥିଲା । ନ ହୋଇଥାଇପାରେ । ଗଳ୍ପଟି ଏକ ବିରାଟ ଚେତାବନୀ । ପଟଭୂମି ଇଂଲଣ୍ଡର କୌଣସି ଏକ ସହର । ହୁଏତ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ । ଝଡ଼ ବର୍ଷା ଅଧ୍ୟୁଷିତ ଏକ ସନ୍ଧ୍ୟା । ଶ୍ରୀଯୁକ୍ତ ଓ ଶ୍ରୀମତୀ ହ୍ୱାଇଟ୍ ଏବଂ ସେ ଦମ୍ପତିଙ୍କ ଏକମାତ୍ର ଯୁବକ ସନ୍ତାନ ହାର୍ବାଟ ନିଆଁ କରେଇ ପାଖରେ ବସି ଉଷୁମ ହେଉଛନ୍ତି ଏବଂ ଖୁସିରେ ଗପସପ ହେଉଛନ୍ତି । ଆସି ପହଞ୍ଚିଗଲେ ସେ ପରିବାରର ଜଣେ ପୁରୁଣା ବନ୍ଧୁ ମୋରିସ୍ । ସେ ଭଦ୍ରଲୋକ ବହୁ ବର୍ଷ ଭାରତରେ ଥିଲେ – ଜଣେ ସାମରିକ କର୍ମଚାରୀ ଭାବରେ ।

ସେହି ଚାକିରୀ କାଳ ଭିତରେ ସେ ବହୁ ବିଚିତ୍ର ଅଭିଜ୍ଞତା ଅର୍ଜନ କରିଥିଲେ । ସେ ନିଜ ସାଥିରେ ଆଣିଥିଲେ ଗୋଟାଏ ଅଦ୍ଭୁତ ଚିଜ : ମାଙ୍କଡ଼ର ଶୁଖିଲା ପାପୁଲିଟାଏ । ସେ ଚିଜର 'ଗୁଣ' ହେଲା, ଯେକୌଣସି ତିନି ଜଣ ଲୋକଙ୍କର ତିନୋଟି ଲେଖାଏଁ ଇଚ୍ଛା – ପ୍ରତ୍ୟେକଙ୍କର – ତାହା ପୂରଣ କରିପାରିବ । ପ୍ରଥମ ଜଣକ ତା'ର ଉପଯୋଗ କରିଥିଲେ । କିନ୍ତୁ ତାଙ୍କର ଅଭିଜ୍ଞତା ଏମିତି ଭୟାବହ ହୋଇଥିଲା ଯେ ସେ ତାକୁ ମୋରିସ୍ ମହାଶୟଙ୍କୁ ଫେରାଇ ଦେବାକୁ ଡର ପାଇଲେ ନାହିଁ । ମୋରିସ୍ ମଧ୍ୟ ତା'ର ଉପଯୋଗ କରି ସାରିଥିଲେ ଏବଂ ଜଣାଯାଏ ତାଙ୍କ ଅଭିଜ୍ଞତା ମଧ୍ୟ ହୋଇଥିଲା ଅତ୍ୟନ୍ତ ତିକ୍ତ ।

ଗୃହସ୍ୱାମୀ ହ୍ୱାଇଟ୍ ସାହେବ ସେ ଚିଜ କଥା ଶୁଣିଥିଲେ ଏବଂ ସେ ଗୋଟିକ ଦେଖିବାକୁ କୌତୂହଳୀ ଥିଲେ ବୋଲି ମୋରିସ୍ ତାକୁ ନେଇ ଆସିଥିଲେ । ଜନବିରଳ ପରିବେଶରେ ଅବସ୍ଥିତ ସେ ଦୁଇ ମହଲା କୋଠା ଭିତରେ, ସେହି ଝଡ଼ ରାତିରେ ଅତିଥି ଜଣକ ସେ ଚିଜଟି ବାହାର କରି ଦେଖାଇଲେ । ତୃତୀୟ ବ୍ୟକ୍ତିଟିଏ ସେ ଚିଜରୁ ନିଜର ଯେକୌଣସି ତିନୋଟି ଇଚ୍ଛା ପୂରଣ କରାଇ ଦେବାର ସୁଯୋଗ ତଦବଧି ରହିଥିଲା । କିନ୍ତୁ ମୋରିସ୍ ଆଉ କେହି ସେ ଚିଜ ବ୍ୟବହାର ନକରନ୍ତୁ ବୋଲି ଚାହୁଁଥିଲେ । ଅତଏବ ସେ ଗୋଟିକ ଦେଖାଇ ସାରି ସେ ତାହା ଭସ୍ମୀଭୂତ କରିଦେବା ମାନସରେ ଚୁଲି ଭିତରକୁ ନିକ୍ଷେପ କଲେ । କିନ୍ତୁ ହ୍ୱାଇଟ୍ ସାହେବ ତତ୍‌କ୍ଷଣାତ୍ ତାକୁ ଉଦ୍ଧାର କରି ନିଜ ପାଖରେ ରଖିଲେ ।

ମୋରିସ୍ କିନ୍ତୁ ତାଙ୍କୁ ସତର୍କ କରିଦେଲେ : ତୁମେ ତୁମର ତିନୋଟିଯାକ ଇଚ୍ଛା ପୂରଣ କରିନେଇ ପାରିବ, କିନ୍ତୁ ପରେ ପସ୍ତେଇବ !

ନୈଶାହାର ଅନ୍ତେ ମୋରିସ୍ ବିଦାୟ ନେଲେ । ହ୍ୱାଇଟ୍ ଦମ୍ପତି ଓ ପୁଅ ହାର୍ବାଟ୍ ସେ ଚିଜର ସେମିତି ଅପୂର୍ବ କରାମତିରେ ବିଶ୍ୱାସ କରୁ ନଥିଲେ । କିନ୍ତୁ କୌତୂହଳ ଥିଲା । ସେମାନେ ରହୁଥିବା ଘରଟି ବାବଦରେ ଦୁଇଶହ ପାଉଣ୍ଡ୍ ଅର୍ଥ ବ୍ୟାଙ୍କ୍ ବା ଘର ନିର୍ମାତାକୁ ଦେଇ ପାରିଲେ ଘରଟି ସେମାନଙ୍କର ହୋଇଯିବ । ହ୍ୱାଇଟ୍ ସାହେବ ଚିଜଟିକୁ ନିଜ ସାମନାରେ ଧରି ରଖି ସେତକ ମୁଦ୍ରା ପାଇବାର ବାସନା ପ୍ରକଟ କଲେ । ମନେହେଲା ସେ ଅସ୍ୱସ୍ତିକର ପାପୁଲିଟି ଯେମିତି ଥରେ ଥରି ଉଠିଲା ।

ରାତି ବିତିଗଲା । ସକାଳେ ପୁଅ ହାର୍ବାଟ୍ ଯଥାରୀତି କାରଖାନାକୁ କାମ କରିବାକୁ ଗଲା । ଅପରାହ୍ଣରେ ଆସି ଦମ୍ପତିଙ୍କୁ ଦେଖା କଲେ ସେ କାରଖାନା କର୍ତ୍ତୃପକ୍ଷଙ୍କ ଜଣେ ପ୍ରତିନିଧି । ସେ ଦୁଃଖର ସହ ଜଣାଇଲେ, ଏକ ଯାନ୍ତ୍ରିକ ଦୁର୍ଘଟଣାରେ ହାର୍ବାଟ୍‌ଙ୍କର ମୃତ୍ୟୁ ହୋଇଯାଇଛି । ଯଦିଓ କମ୍ପାନୀ ସେଥିପାଇଁ ଦାୟୀ ନୁହେଁ । ତଥାପି ସାନ୍ତ୍ୱନା ନିମନ୍ତେ ସେମାନେ ହ୍ୱାଇଟ୍ ଦମ୍ପତିଙ୍କୁ ଦୁଇଶହ ପାଉଣ୍ଡ୍ ପ୍ରଦାନ କରିଛନ୍ତି ।

ଆଉଥରେ ସମବେଦନା ଜଣାଇ, ସେତକ ଅନୁଦାନ ରଖି ଦେଇ ଆଗନ୍ତୁକ ଚାଲିଗଲେ ।

ବୃଦ୍ଧ ଦମ୍ପତିଙ୍କ ଅବସ୍ଥା ଅନୁମେୟ । ପରଦିନ ଯଥାବିଧି ନିକଟବର୍ତ୍ତୀ ଗିର୍ଜା ପ୍ରାଙ୍ଗଣରେ ହାର୍ବାଟ୍‌ଙ୍କ ମର ଶରୀର ସମାଧିସ୍ଥ ହେଲା ।

ସେଦିନ ରାତିରେ ଚିତ୍କାର କରି କହିଲେ ଶ୍ରୀମତୀ ହ୍ୱାଇଟ୍ : ସେ ପୁଅକୁ ଫେରି ପାଇବାକୁ ଚାହାନ୍ତି । ମାଙ୍କଡ଼ ପାପୁଲି ପାଖରୁ ତ ଆହୁରି ଦୁଇଟି କାମ୍ୟ ହାସଲ କରା-ଯାଇପାରେ !

ତାଙ୍କ ସ୍ୱାମୀ ଦେଖିଥିଲେ – କାରଖାନାର ଯନ୍ତ୍ର ଭିତରେ ପେଷି ହୋଇ ହାର୍ବାଟ୍‌ର ମୁହଁ କେମିତି ଭୟାବହ ଦିଶୁଥିଲା । ସେ ଚାହୁଁ ନଥିଲେ ସେ ଦେହ ନେଇ ପୁଅ ଫେରିଆସୁ ବା ତାଙ୍କ ସ୍ତ୍ରୀ ସେ ମୁହଁ ଦେଖନ୍ତୁ ! କିନ୍ତୁ ସ୍ତ୍ରୀଙ୍କ ପାଗଳ-ପ୍ରାୟ ଦାବିରେ ଅକର୍ତ୍ତବ୍ୟ ଭାବରେ ସେ ପୁନର୍ବାର 'ପାପୁଲି'ଟି ଧରି ପୁଅ ଫେରିଆସୁ ବୋଲି କହିଲେ । ପୁନର୍ବାର ପାପୁଲି ଥରି ଉଠିଲା ଓ ସେ ତାହା ଫୋପାଡ଼ି ଦେଲେ ।

କିଛି ସମୟ ଉତ୍ତାରୁ ସେ ନିଃଶବ୍ଦ ରାତିରେ ଶୁଭିଲା କାହାରି ପାଦ ଶବ୍ଦ । କେହି ଜଣେ ପାହାଚ ଚଢ଼ି ଆସୁଛି ! କବାଟରେ ପଡ଼ିଲା ଧକ୍କା । ପୁଅ ଆସିଗଲା ଜାଣି ମାଆ ଦୌଡ଼ିଗଲେ କବାଟ ପାଖକୁ । ସେ ଠିକ୍ କବାଟ ଖୋଲିବେ – ବୃଦ୍ଧ କୌଣସିମତେ ସେ ଅଭିଶପ୍ତ ଚିଜକୁ ତଳୁ ଗୋଟାଇ ନେଇ ପ୍ରକାଶ କଲେ ତାଙ୍କର ଶେଷ କାମନା : ହାର୍ବାଟ୍ ଯଥା ସ୍ଥାନକୁ ଫେରିଯାଉ !

କବାଟ ଖୋଲିଗଲା । ବୃଦ୍ଧ ମଧ ଯାଇ ତାଙ୍କ ସ୍ତ୍ରୀଙ୍କ ପାଖରେ ଛିଡ଼ା ହେଲେ । ଦୁହେଁ ବାହାରକୁ ଯାଇ ଏଣେ ତେଣେ ଅନାଇଲେ । ଇଂଲଣ୍ଡରେ ତ ରାତି ଆମ ଦେଶରେ ଯେମିତି ହୁଏ ସେମିତି ଅନ୍ଧାର ହୁଏ ନାହିଁ । ପରିବ୍ୟାପ୍ତ ଛାୟାଲୋକରେ ସେମାନେ ଦେଖିଲେ – ରାସ୍ତାଘାଟ ଶୂନ୍ୟ !

ଏମନ୍ତେ ହେଲା ତିନୋଟି ବାସନାର ପୂର୍ତ୍ତି ! ଧନ୍ୟବାଦ । ଏତିକିରେ ଥାଉ ।

**ଆଗନ୍ତୁକମାନେ :** ବହୁତ ବହୁତ ଧନ୍ୟବାଦ, ବହୁତ ବହୁତ । ✜

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଭାରତ ସମ୍ବନ୍ଧରେ : ଶ୍ରୀମା

## ମମତା ଦାଶ

ପଣ୍ଡିଚେରୀରେ ଯୋଗସାଧନା ଆରମ୍ଭ କରିବା ପୂର୍ବରୁ ଶ୍ରୀଅରବିନ୍ଦ ଭାରତର ଉନ୍ନତି ପାଇଁ, ମୁକ୍ତି ପାଇଁ, ସ୍ୱାଧୀନତା ପାଇଁ ପ୍ରଗାଢ଼ ତପସ୍ୟା ଓ କର୍ମ ଆରମ୍ଭ କରିଥିଲେ । ଇଂଲଣ୍ଡରେ ସେ ପଢୁଥିବା ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ଭାରତକୁ ଫେରିଆସିବା ସମୟରେ ତାଙ୍କୁ ମାତ୍ର ଏକୋଇଶ ବର୍ଷ ହୋଇଥିଲା । ଏକୋଇଶରୁ ତିରିଶ ବର୍ଷ ମଧ୍ୟରେ ସେ ଯୋଗସାଧନା ଆରମ୍ଭ କଲେ । ନିଜର ଚେତନାର ଖିଅକୁ ଅନୁସରଣ କରି ସେ ମାନସିକ, ପ୍ରାଣିକ ତଥା ଚୈତ୍ୟ ସିଦ୍ଧି ଲାଭ କରିଥିଲେ । ସେ ଥିଲେ ଜଣେ ବିପ୍ଳବୀ, ଯୋଗୀ – ଭାରତର ସମସ୍ୟାକୁ ଯୋଗ ଦ୍ୱାରା ସମାଧାନ କରିବାହିଁ ଏକମାତ୍ର ପନ୍ଥା ବୋଲି ସେ ଜାଣିଥିଲେ । ବ୍ରିଟିଶ ସରକାରଙ୍କ ପାଇଁ ସେ ଜଣେ ବିପଜ୍ଜନକ ବିପ୍ଳବୀ ଥିଲେ ଏବଂ ଏକ ବୋମା ବିସ୍ଫୋରଣ ମକଦ୍ଦମାର ମିଥ୍ୟା ଅଭିଯୋଗରେ ସେ ଆଲିପୁର ଜେଲରେ ବର୍ଷେ କାଳ ରହିଥିଲେ । ଏହାପରଠାରୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବରେ ସେ ସମ୍ପୃକ୍ତ ନହୋଇ ପଣ୍ଡିଚେରୀକୁ ଆସି ପ୍ରଗାଢ଼ତର ଯୋଗ-ସାଧନା ଆରମ୍ଭ କଲେ । ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା – ଏହା ଏକ ପ୍ରତୀକଧର୍ମୀ ଯୋଗାଯୋଗ ଥିଲା ।

ଶ୍ରୀଅରବିନ୍ଦ ଭାରତକୁ ତୀବ୍ର ଭାବରେ ଭଲ ପାଉଥିଲେ, ତାହାର ଦୁର୍ବଳତା, ସୀମାବଦ୍ଧତାକୁ ପ୍ରତ୍ୟକ୍ଷ କରିଥିଲେ, ତାହାର ମହିମା ଓ ସମ୍ଭାବନାକୁ ମଧ୍ୟ ଅତ୍ୟନ୍ତ ଗଭୀର ଭାବରେ ଚିହ୍ନିଥିଲେ । ଭାରତକୁ ତାହାର ନିଜ ସ୍ୱରୂପରେ ଜାଗ୍ରତ୍ କରିବା ପାଇଁ ସେ ଯଥାର୍ଥ ପନ୍ଥା ମଧ୍ୟ ଦେଖାଇଥିଲେ । ଆମେ ସେସମ୍ପର୍କରେ ବେଶ୍ ଅବଗତ । କିନ୍ତୁ, ଶ୍ରୀମା'ଙ୍କର ଭାରତ ସମ୍ବନ୍ଧରେ ଯାହା ଧାରଣା ଥିଲା, ଭାରତ ପ୍ରତି ତାଙ୍କର ଯେଉଁ ଦିବ୍ୟଦୃଷ୍ଟି-ସମ୍ପନ୍ନ ପ୍ରତିଶ୍ରୁତି ରହିଥିଲା – ଏସମ୍ବନ୍ଧରେ ସେ ପିଲାମାନଙ୍କ ସହିତ କଥାବାର୍ତ୍ତା କଲାବେଳେ, ବିଭିନ୍ନ ସାଧକମାନଙ୍କ ସହିତ ପତ୍ରାଳାପ ସମୟରେ, ଏପରିକି ସତ୍‌ପ୍ରେମଙ୍କ ସହିତ ବାର୍ତ୍ତାଳାପରେ (ଏଜେଣ୍ଡାରେ) ତାହା ଅବତାରଣା କରିଛନ୍ତି । ବର୍ତ୍ତମାନ ସମଗ୍ର ବିଶ୍ୱ ଏକ ମହାସଂକଟ ମଧ୍ୟଦେଇ ଗତି କରୁଛି । ଭାରତରେ ମଧ୍ୟ ବିରାଟ ସମସ୍ୟାସବୁ ଦେଖାଦେଉଛି – ଆଭ୍ୟନ୍ତରୀଣ ତଥା ବାହ୍ୟ ଦେଶମାନଙ୍କଠାରୁ । ସେସବୁ ଆମକୁ ବିବ୍ରତ ଓ ହତଚକିତ କରୁଛି । ଏହି ସମୟରେ ଶ୍ରୀମାଶ୍ରୀଅରବିନ୍ଦ ଭାରତ ନିମିତ୍ତ ଯେଉଁ ପନ୍ଥା ନିର୍ଦ୍ଦେଶ କରିଥିଲେ ତାହାର ଯଥାର୍ଥତା ରହିଛି ।

ସେଇ ଉଦ୍ଦେଶ୍ୟରେ ଶ୍ରୀମା'ଙ୍କର ଭାରତ ସମ୍ବନ୍ଧରେ କେତେକ ବିରଳ ଅଭିବ୍ୟକ୍ତିକୁ ନିମ୍ନରେ ଉପସ୍ଥାପିତ କରାଯାଉଛି ।

ଏକଦା ଶ୍ରୀମା'ଙ୍କୁ ପ୍ରଶ୍ନ କରାହୋଇଥିଲା, ''ଭାରତ କ'ଣ ?''

ଉତ୍ତରରେ ଶ୍ରୀମା କହିଥିଲେ, ''ଭାରତ କେବଳ ଏକ ମାଟି, ନଦନଦୀ କିଂବା ପର୍ବତମାଳା ନୁହେଁ, ଏହି ଦେଶର ଅଧିବାସୀମାନଙ୍କର ଏକ ସାମୂହିକ ନାମ ମଧ୍ୟ ନୁହେଁ । ଭାରତ ଏକ ଜୀବନ୍ତ ସତ୍ତା, କହିବାକୁ ଗଲେ 'ଶିବ'ଙ୍କ ଭଳି ଜୀବନ୍ତ । ସବୁ ଦେଶମାନଙ୍କର ନିଜସ୍ୱ ଆତ୍ମା ରହିଥାଏ ଏବଂ ଯଦି ତୁମେ ରାଜନୈତିକ ଭାବରେ କିଛି ପରିବର୍ତ୍ତନ କରିଦିଅ, ତାହା ଅବାସ୍ତବ ହେବ ।'' (୧୯୩୮)

*

୧୯୬୪ ମସିହାର ସାଧାରଣତନ୍ତ୍ର ଦିବସ ସଂଖ୍ୟା ପାଇଁ 'Illustrated Weekly of India'ନାମକ ପତ୍ରିକାର ସମ୍ପାଦକ ମା'ଙ୍କ ନିକଟକୁ କେତେଗୁଡ଼ିଏ ପ୍ରଶ୍ନ ପଠାଇଥିଲେ । ଯାହା ଏହି ଶୀର୍ଷକରେ ପ୍ରକାଶିତ ହୋଇଥିଲା, ''ଦେଶର ଅବସ୍ଥା – ଶ୍ରୀମା'ଙ୍କର ଉତ୍ତର ।''

*ପ୍ରଶ୍ନ : ଭାରତ ସମ୍ବନ୍ଧରେ ଆପଣଙ୍କର ଭବିଷ୍ୟଦୃଷ୍ଟି କ'ଣ ବୋଲି ଆପଣ ଯଦି ଗୋଟିଏ ବାକ୍ୟରେ ପ୍ରକାଶ କରିବେ, ତେବେ ଆପଣଙ୍କର ଉତ୍ତର କ'ଣ ହେବ ?*

ଶ୍ରୀମା : ଭାରତର ପ୍ରକୃତ ନିୟତି ହେଉଛି ବିଶ୍ୱଜଗତର ଗୁରୁ ହୋଇଉଠିବା ।

*ପ୍ରଶ୍ନ : ସେହିପରି, ଆଜିର ବାସ୍ତବ ପରିସ୍ଥିତି ସମ୍ପର୍କରେ ଆପଣଙ୍କ ମତବ୍ୟକ୍ତ କରିବାକୁ ହେଲେ, ଆପଣ ଗୋଟିଏ ବାକ୍ୟରେ କ'ଣ କହିବେ ?*

ଶ୍ରୀମା : ବର୍ତ୍ତମାନର ବାସ୍ତବତା ଏକ ବିରାଟ ମିଥ୍ୟାଚାର, ଯାହା ଶାଶ୍ୱତ ସତ୍ୟକୁ ଆବୃତ କରିରଖିଛି ।

*ପ୍ରଶ୍ନ : ଭବିଷ୍ୟ-ଦୃଷ୍ଟି ଓ ବାସ୍ତବ ପରିସ୍ଥିତି ମଧ୍ୟରେ ଯେଉଁ ତିନୋଟି ପ୍ରଧାନ ପ୍ରତିବନ୍ଧକ ରହିଛି ତାହା କ'ଣ ବୋଲି ଆପଣ ବିଚାରନ୍ତି ?*

ଶ୍ରୀମା : (୧) ଅଜ୍ଞତା, (୨) ଭୟ, (୩) ମିଥ୍ୟାଚାର ।

*ପ୍ରଶ୍ନ : ସ୍ୱାଧୀନତା ପରଠାରୁ ଭାରତର ସାମଗ୍ରିକ ପ୍ରଗତିରେ ଆପଣ ସନ୍ତୁଷ୍ଟ କି ? ('ହଁ' କି 'ନାହିଁ')*

ଶ୍ରୀମା : ନାହିଁ ।

*ପ୍ରଶ୍ନ : ବର୍ତ୍ତମାନ ସମୟରେ ଆମର ସବୁଠାରୁ ଚମକପ୍ରଦ ସଫଳତା କ'ଣ ? ଆପଣଙ୍କ ଦୃଷ୍ଟିରେ କାହିଁକି ତାହା ଗୁରୁତ୍ୱପୂର୍ଣ୍ଣ ?*

ଶ୍ରୀମା : ଦିବ୍ୟସତ୍ୟ ପ୍ରତି ଅଭୀପ୍ସାର ଜାଗରଣ, କାରଣ ସେହି ସତ୍ୟ ବ୍ୟତୀତ ପ୍ରକୃତ ସ୍ୱାଧୀନତାର ଅର୍ଥ ନାହିଁ ।

*ପ୍ରଶ୍ନ : ସେହିପରି, ଆମର ସବୁଠାରୁ ଅଧିକ ଦୁଃଖଦାୟକ ବିଫଳତା କ'ଣ ? କେଉଁ କାରଣରୁ ଆପଣ ଏହାକୁ ଦୁଃଖପୂର୍ଣ୍ଣ ବୋଲି ମନେ କରନ୍ତି ?*

ଶ୍ରୀମା : ନିଷ୍ଠା ବା ଆନ୍ତରିକତାର ଅଭାବ । କାରଣ ଆନ୍ତରିକତାର ଅଭାବହିଁ ଧ୍ୱଂସ ଅଭିମୁଖରେ ନେଇଯାଏ ।

*

(ଜଣେ ଶିଷ୍ୟ ନିକଟକୁ ମା'ଙ୍କର ପତ୍ର,
ଅକ୍‌ଟୋବର ୧୩,୧୯୬୫)

''ଭାରତ ଏପରି ଏକ ଆଧ୍ୟାତ୍ମିକ ପଥପ୍ରଦର୍ଶକ ହେବା ଉଚିତ ଯେ ଯାହା ଯାହା ଘଟୁଛି, ସେସମ୍ବନ୍ଧରେ ବୁଝାଇ ଦେଇପାରିବ ଏବଂ ଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ । କିନ୍ତୁ ଦୁର୍ଭାଗ୍ୟବଶତଃ ପାଶ୍ଚାତ୍ୟକୁ ଅନୁସରଣ କରିବାର ଅନ୍ଧ ଅଭିଳାଷ ହେତୁ ସେ ଜଡ଼ବାଦୀ ହୋଇଉଠିଛି ଏବଂ ତାହାର ଆତ୍ମାକୁ ଅବହେଳା କରୁଛି ।''

*

ଏକଦା ଶ୍ରୀମା ଭାରତର ରାଜନୀତି କ୍ଷେତ୍ରରେ ଉପଦେଷ୍ଟା ଭାବେ ଶାସକଦଳ ସହିତ ସମ୍ପୃକ୍ତ ଥିଲେ । ଅର୍ଥାତ୍ ସମସ୍ତେ ମା'ଙ୍କ ଉପରେ ବିଶ୍ୱାସ ରଖୁଥିଲେ ଓ ପଥ ପ୍ରଦର୍ଶନ ପାଇଁ ଅନୁରୋଧ କରୁଥିଲେ । ଲାଲବାହାଦୁର ଶାସ୍ତ୍ରୀ, ନେହେରୁ, ବିଶେଷ ଭାବରେ ଇନ୍ଦିରା ଗାନ୍ଧି ମା'ଙ୍କର ଉପଦେଶକୁ ସର୍ବଦା ଗୁରୁତ୍ୱ ଦେଉଥିଲେ । ଜୁନ୍ ୨୦ ତାରିଖ, ୧୯୬୭ ମସିହାରେ ଶିକ୍ଷା ମନ୍ତ୍ରଣାଳୟର କୌଣସି କମିଶନର୍‌ର ଜଣେ ଭିଜିଟିଂ ସଭ୍ୟଙ୍କ ନିକଟକୁ ମା' ଏକ ମନ୍ତବ୍ୟ ପଠାଇଥିଲେ, ଯାହାକୁ ସରକାରୀ କର୍ମଚାରୀଜଣକ ତାଙ୍କ ରିପୋର୍ଟର ପ୍ରଥମ ପୃଷ୍ଠାରେ ରଖିଥିଲେ । ତାହା ହେଉଛି : –

ଶ୍ରୀମା : ''ଭାରତ ସରକାରଙ୍କ ପାଇଁ ଗୋଟିଏ କଥା ଜାଣିବାକୁ ଅଛି : ଏହା ଭବିଷ୍ୟତ୍ ନିମିତ୍ତ ବଞ୍ଚିବାକୁ ଚାହେଁ ନା ବ୍ୟାକୁଳ ଭାବରେ ଅତୀତ ସହିତ ଲାଗି ରହିବାକୁ ଚାହେଁ ?''

ସେହିପରି ଅଗଷ୍ଟ ୧୯୬୭ ମସିହାରେ କାଶ୍ମୀରର ରାଜକୁମାର କରଣ ସିଂ ଦିଲ୍ଲୀରେ ପାର୍ଲିଆମେଣ୍ଟର ସବୁ ସଭ୍ୟ ଓ ସରକାରଙ୍କୁ ନେଇ ଗୋଟିଏ ବଡ଼ ସମାବେଶ କରିଥିଲେ, ସେମାନଙ୍କୁ ଏହା କହିବାକୁ ଯେ, ଗୋଟିଏହିଁ ନୀତି ରହିଛି, ଯାହା ଅନୁସରଣଯୋଗ୍ୟ, ତାହା ହେଉଛି ଶ୍ରୀଅରବିନ୍ଦଙ୍କର ନୀତି । ଏବଂ ସେ ମା'ଙ୍କଠାରୁ ଗୋଟିଏ ଟିପ୍‌ପଣୀ ଚାହିଁଥିଲେ । ମା' ନିମ୍ନଲିଖିତ ମନ୍ତବ୍ୟଟିକୁ ପଠାଇଥିଲେ ।

''ଆଧ୍ୟାତ୍ମିକ ଜ୍ଞାନ ଓ ଆଲୋକର ଭୂମି, ହେ ଭାରତ ବର୍ଷ ! ବିଶ୍ୱ ମଧ୍ୟରେ ତୁମର ପ୍ରକୃତ ଲକ୍ଷ୍ୟ ଦିଗରେ ଜାଗ୍ରତ୍ ହୁଅ, ଏକତା ଓ ସଙ୍ଗତିର ପଥ ନିର୍ଦ୍ଦେଶ କର ।''

ମା' ଏ ସମ୍ବନ୍ଧରେ ସତ୍‌ପ୍ରେମଙ୍କୁ କହିଥିଲେ, ''ମୁଁ ଜାଣି ଜାଣି 'ଶାନ୍ତି' ଶବ୍ଦଟି ବ୍ୟବହାର କଲି ନାହିଁ : ମୁଁ କହିଲି 'ସଙ୍ଗତି' । ମୁଁ 'ଶାନ୍ତି' କହିବାକୁ ଚାହେଁ ନାହିଁ, କାରଣ ସେମାନଙ୍କ ପାଇଁ 'ଶାନ୍ତି'ର ଅର୍ଥ ହେଉଛି ଅନ୍ୟ ଦେଶମାନଙ୍କୁ ଯୁଦ୍ଧ ନ କରିବାକୁ କହିବା । ତେଣୁ ମୁଁ ସେହି ଶବ୍ଦଟିକୁ ବ୍ୟବହାର କରିବାକୁ ଚାହିଁ ନାହିଁ ।'' (ଅଗଷ୍ଟ ୧୨, ୧୯୬୭)

*

ରାଷ୍ଟ୍ରପତି ଭି. ଭି. ଗିରି ତାଙ୍କର ନିର୍ବାଚନ ପରେ ମା'ଙ୍କୁ ଦର୍ଶନ କରିଥିଲେ । ମା' ତାଙ୍କୁ ନିମ୍ନଲିଖିତ ବାର୍ତ୍ତା ଦେଇଥିଲେ :

'' ଆସନ୍ତୁ, ଭାରତର ମହାନତା ନିମିତ୍ତ କର୍ମ କରିବା ।''

(ସେପ୍‌ଟେମ୍ବର ୧୪, ୧୯୬୯)

*

ସେସମୟର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ମା'ଙ୍କୁ ଦର୍ଶନ କରିବାକୁ ଆସିଥିଲେ । ମା' ତାଙ୍କୁ ନିମ୍ନଲିଖିତ ବାର୍ତ୍ତା ଦେଇଥିଲେ ।

''ଭାରତ ଭବିଷ୍ୟତ୍ ପାଇଁ କର୍ମ କରୁ ଓ ନେତୃତ୍ୱ ନେଉ । ଏହିପରି ଭାବରେହିଁ ସେ ପୃଥିବୀରେ ତା'ର ଯଥାର୍ଥ ସ୍ଥାନକୁ ଫେରିପାରିବ ।'' (୬.୧୦.୧୯୬୪)

*

''ଦୀର୍ଘକାଳ ହେଲା ବିଭାଜନ ଓ ବିରୋଧ ମାଧମରେ ଶାସନ କରିବା ଅଭ୍ୟାସ ହୋଇଆସିଛି । ଏକତ୍ୱ, ପାରସ୍ପରିକ ବୁଝାମଣା ଓ ସହଯୋଗ ମଧ୍ୟରେ ଏବେ ଶାସନ କରିବାର ସମୟ ଆସିଛି ।''

*

''ସହଯୋଗୀ ବାଛିବା ନିମିତ୍ତ ଜଣେ ବ୍ୟକ୍ତିର ମୂଲ୍ୟହିଁ ତାହାର ଦଳଠାରୁ ଗୁରୁତ୍ୱପୂର୍ଣ୍ଣ ।''

*

''ଗୋଟିଏ ଦେଶର ମହାନତା ତା'ର କେବଳ ଗୋଟିଏ ରାଜନୈତିକ ଦଳର ବିଜୟ ଉପରେ ନିର୍ଭର କରେ ନାହିଁ, ସମସ୍ତ ଦଳର ଏକତ୍ୱ ଉପରେ ନିର୍ଭର କରେ ।''

*

ମା' ପୂର୍ଣ୍ଣଭାବରେ ଘୋଷଣା କରିଥିଲେ ଯେ, ଶ୍ରୀଅରବିନ୍ଦଙ୍କର ଦିବ୍ୟଦର୍ଶନ, ଅନୁଶୀଳନ ଓ ସମାଧାନକୁ କାର୍ଯ୍ୟକାରୀ କଲେହିଁ ଭାରତ ତାହାର ଯଥାର୍ଥ ସ୍ୱରୂପରେ ପ୍ରତିଷ୍ଠିତ ହୋଇପାରିବ ।

ମା' ଥରେ କଥାପ୍ରସଙ୍ଗରେ କହିଥିଲେ, ''ଦେଶ ଖଣ୍ଡ ଖଣ୍ଡ ହୋଇଯାଉଛି ବୋଲି ମନେହେଉଛି, ତେଣୁ ସେଠାରୁ (ଦିଲ୍ଲୀରୁ) ସେମାନେ ମୋତେ ପଚାରୁଛନ୍ତି, କ'ଣ କରିବାକୁ ହେବ । ମୁଁ ସେମାନଙ୍କୁ କହିଲି... ଦେଶ ପାଇଁ ଏକମାତ୍ର ମୁକ୍ତି ହେଉଛି, ଯେଉଁ ଏକମାତ୍ର ବସ୍ତୁ ଏହାକୁ ଏକତ୍ୱ ପ୍ରଦାନ କରିପାରିବ, ତାହା ହେଉଛି ଶ୍ରୀଅରବିନ୍ଦଙ୍କର ଆଦର୍ଶକୁ ଗ୍ରହଣ କରିନେବା – ତାଙ୍କର ଗୋଟିଏ ଯୋଜନା ରହିଥିଲା, ଦେଶ କିପରି ଭାବରେ ସଙ୍ଗଠିତ ହେବା ଉଚିତ, ତାହା ସେ ସ୍ପଷ୍ଟ ଭାବରେ ଦେଖିଥିଲେ ଓ ମୋତେ ତାହା କହିଥିଲେ । ଏହା ରହିଛି, ଜଣେ ଯଦି ଯଥାର୍ଥ ଭାବରେ ତାଙ୍କର ବହିସବୁ ପଢ଼େ, ତେବେ ସେ ଏହା ଦେଖିପାରିବ... ତେଣୁ ମୁଁ କହିଲି, ସମଗ୍ର ଦେଶ ପାଇଁ ଶ୍ରୀଅରବିନ୍ଦଙ୍କର ଚିନ୍ତାଧାରା ଓ ଇଚ୍ଛାକୁ ଜାଣିବା ଉଚିତ । ଏବଂ ତାଙ୍କର ଶତବାର୍ଷିକୀ (୧୯୭୨) ଏକ ଉତ୍କୃଷ୍ଟ ସୁଯୋଗ । ସେମାନେ ମୋତେ ପଚାରିଲେ, 'ବର୍ତ୍ତମାନର ଗୋଳମାଳରୁ ବାହାରିବାର ବାଟ କ'ଣ ?' ... ନ୍ୟାୟପରାୟଣ ବ୍ୟକ୍ତି ଖୋଜି ପାଇବାହିଁ କଷ୍ଟକର । ସେମାନେ ଶିକ୍ଷିତ ହେବା ଆବଶ୍ୟକ – ସେମାନେ ଏପରି ହୋଇପାରିବେ, ତା'ର ଧାରଣା ବି ସେମାନଙ୍କର ନାହିଁ !... ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, ଦେଶକୁ ସଙ୍ଗଠିତ କରିବାକୁ ଯାହା ଦରକାର, ସେମାନେ ସବୁକିଛି ସେଥିରୁ ପାଇବେ ଏବଂ ତାହାଠାରୁ ଶ୍ରେୟସ୍କର କଥା ମଧ୍ୟ ସେଥିରୁ ପାଇପାରିବେ; ମୁଁ ଯାହା କହିପାରିବି, ତାହାଠାରୁ ଅତ୍ୟଧିକ ଶ୍ରେୟସ୍କର । କାରଣ ସେ ମୋ'ଠାରୁ ଦେଶ ସମ୍ବନ୍ଧରେ ଅଧିକ ଭଲ ଭାବରେ ଜାଣିଥିଲେ, ଏହାର ମାନସିକ ଗଠନ ଓ ସବୁକିଛିକୁ ।'' (ମେ ୨୩, ୧୯୭୦)

*

ଏପ୍ରିଲ ୧୯, ୧୯୭୧ ମସିହାରେ ଜଣେ ଶିଷ୍ୟଙ୍କର ଭାରତର ଜାତୀୟ ଭାଷା ସମ୍ବନ୍ଧରେ ପ୍ରଶ୍ନଟିର ଉତ୍ତର ଦେବାକୁ ଯାଇ ମା' କହିଥିଲେ,

''ହିନ୍ଦୀ କେବଳ ସେହିମାନଙ୍କ ପାଇଁ ଭଲ, ଯେଉଁମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିବା ପ୍ରଦେଶମାନଙ୍କରେ ରହୁଛନ୍ତି । ସଂସ୍କୃତ ସମସ୍ତ ଭାରତୀୟମାନଙ୍କ ପାଇଁ ଭଲ ।''

''ସଂସ୍କୃତହିଁ ଭାରତର ଜାତୀୟ ଭାଷା ହେବା ଉଚିତ ।''

*

ଦୁଃଖର କଥା, ଏଯାଏଁ ଆମ ଦେଶରେ ସଂସ୍କୃତ ଭାଷାକୁ ଯଥାର୍ଥ ମୂଲ୍ୟ ଦିଆଯାଇ ନାହିଁ, ଜାତୀୟ ଭାଷା କରିବା ତ ଦୂରର କଥା ।

ଏହିପରି ମା' ଭାରତ ସମ୍ପର୍କରେ ଅନେକ କଥା କହିଛନ୍ତି । ସେହି ସମୟର ପ୍ରଧାନମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରୀ ଓ ପାର୍ଲିଆମେଣ୍ଟର ସଭ୍ୟମାନେ ଅନେକ ସମସ୍ୟା ସମ୍ବନ୍ଧରେ ମା'ଙ୍କ ସହିତ ଆଲୋଚନା କରୁଥିଲେ ଓ ଉପଦେଶ ଗ୍ରହଣ କରୁଥିଲେ । କିନ୍ତୁ ସେସବୁକୁ ପାଳନ କରିବାରେ ଜଣେ ମଧ୍ୟ ଶେଷ ପର୍ଯ୍ୟନ୍ତ ସଫଳ ହୋଇ ନଥିଲେ । ଏଯାଏଁ ମଧ୍ୟ ସେହି ଧାରାରେ ଦେଶକୁ ଚଳାଇ ନେବାର ସାମର୍ଥ୍ୟର ଅଭାବ ରହିଛି ।

ସେହି ସମୟରେ ଆମ ଦେଶର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ମା'ଙ୍କ ନିକଟକୁ ଗୋଟିଏ ଚିଠି ଲେଖିଥିଲେ ।

ଡିସେମ୍ବର ୨୯, ୧୯୭୧ ମସିହାରେ ମା' ଚିଠିଟିକୁ ସତ୍‌ପ୍ରେମଙ୍କୁ ଦେଖାଇ ଥିଲେ ।

''ପୂଜ୍ୟା ମା',

''ଏହି ସଂକଟାପନ୍ନ ପରିସ୍ଥିତିରେ ମୁଁ ସଦାବେଳେ ଆପଣଙ୍କ କଥା ଭାବୁଛି । ଆପଣଙ୍କର ସମର୍ଥନ ନିମିତ୍ତ ମୋର କୃତଜ୍ଞତା ଜଣାଇବାକୁ ଭାଷା ନାହିଁ । ଆପଣଙ୍କର ଆଶୀର୍ବାଦ ଶକ୍ତିର ଏକ ମହାନ୍ ଉତ୍ସ । ଆମର ବାଧାବିଘ୍ନ ଶେଷ ହୋଇ ନାହିଁ : (*ମା' ମୁଣ୍ଡ ହଲାଇଲେ*), ଆମେରିକା ସରକାରଙ୍କର ହିସାବ ଏତେ ବେଶୀ ଭୁଲ୍ ହୋଇଯିବାରୁ ସେମାନେ ବ୍ୟସ୍ତ ଅଛନ୍ତି । ଏବଂ ଆମକୁ ଅଧିକୃତ କରିବା ପାଇଁ ସେମାନେ ଶକ୍ତି ପ୍ରୟୋଗ କରିବେ ଓ ବିଶେଷତଃ ବାଂଲାଦେଶ ଓ ଆମ ଭିତରେ ବିଭାଜନ ସୃଷ୍ଟି କରିବେ ।

''ମୁଁ ଭାବୁଛି ଆମର ଦେଶ ପରିପକ୍ୱତା ଆଡ଼କୁ ଗୋଟିଏ ପାଦ ପକାଉଛି । ତଥାପି ଅନେକ ଲୋକ ଅଛନ୍ତି, ଯେଉଁମାନେ କେବଳ 'ଆଜି'କୁହିଁ ଦେଖନ୍ତି । ଯଦି ଭାରତ ମହାନ୍ ହେବାର କଥା, ତେବେ ଆମକୁ ଆମର ଲୋକମାନଙ୍କର ମନର ଗୁଣାତ୍ମକ ଦିଗଟିର ଉନ୍ନତି କରିବାକୁ ହେବ । ମୁଁ ଜାଣେ ଯେ, ଏହା ଆପଣଙ୍କର ଅଭିଳାଷ । ଅତି ନମ୍ର ଭାବରେ, ମୁଁ ଯେତିକି ପାରେ ତାହାହିଁ କରିବାକୁ ଚେଷ୍ଟା କରୁଛି ।

ସମ୍ମାନର ସହିତ,<br>
ଆପଣଙ୍କର ଆଜ୍ଞାଧୀନା<br>
ଇନ୍ଦିରା''

ମା'ଙ୍କର ଉତ୍ତର :

''ଇନ୍ଦିରାକୁ, ଆଶୀର୍ବାଦ ସହିତ ।

''ଭାରତ ତୁମର ନେତୃତ୍ୱ ପାଇଁ ଗୌରବାନ୍ୱିତ ହେବା ଉଚିତ । ପରମସତ୍ୟ ଆଡ଼କୁ ପଥ ଦେଖାଇବା ପାଇଁ ଭାରତ ପୃଥିବୀରେ ନିଜର ଯଥାର୍ଥ ସ୍ଥାନ ଲାଭ କରୁ ।

ପ୍ରେମର ସହିତ<br>
ମା''

କିନ୍ତୁ ଦୁର୍ଭାଗ୍ୟବଶତଃ ଇନ୍ଦିରା ଗାନ୍ଧିଙ୍କର ଶାସନର ଶେଷ ପର୍ଯ୍ୟାୟରେ, ମା'ଙ୍କର ମହାପ୍ରୟାଣ ପରେ, ଏସମସ୍ତ ଉପଦେଶକୁ କାର୍ଯ୍ୟକାରୀ କରିବାକୁ ସମ୍ପୂର୍ଣ୍ଣ ରୂପେ ଅସମର୍ଥ ହୋଇଉଠିଥିଲେ । ସେ ଭାରତ ସମ୍ବନ୍ଧରେ ଯଥାର୍ଥ ମନୋବୃତ୍ତିକୁ ଆଉ ବଜାୟ ରଖିପାରି ନଥିଲେ ।

ଆମେ, ଯେଉଁମାନେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ଭଲପାଉ ଓ ବିଶ୍ୱାସ କରୁ, ଭାରତକୁ ସେମାନେ ଦେଖିଥିବା ଦୃଷ୍ଟିରେ ଦେଖିପାରୁ ଏବଂ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଭାରତ ସମ୍ବନ୍ଧରେ କହିଥିବା ସମସ୍ତ କଥା ସମ୍ବନ୍ଧରେ ଗଭୀର ଭାବରେ ସଚେତନ ହେବା ଉଚିତ ଏବଂ କେବଳ ସୀମିତ ଭକ୍ତମାନଙ୍କ ମଝିରେ ନୁହେଁ, ଭାରତବାସୀଙ୍କ ହିତରେ, ସର୍ବସାଧାରଣଙ୍କ ଭିତରେ ଏହି ଚିନ୍ତାଧାରା ସମ୍ବନ୍ଧରେ ସଚେତନତା ଆଣିବାକୁ ଆମର ପ୍ରଚେଷ୍ଟାହିଁ ଶ୍ରୀଅରବିନ୍ଦଙ୍କୁ ତାଙ୍କର ଜନ୍ମଦିବସରେ ଓ ଭାରତକୁ ତାହାର ମୁକ୍ତିର ଦିବସରେ ହେବ ଆମର ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ।*

---

* ଏଠାରେ ଉପସ୍ଥାପିତ ସମସ୍ତ ତଥ୍ୟ ଓ ବାର୍ତ୍ତା, 'ମୀରା ଅଦିତି ସେଣ୍ଟର'ଙ୍କ ଦ୍ୱାରା ପ୍ରକାଶିତ 'India The Mother' ବହିରୁ ସଂଗୃହୀତ ଓ ଅନୂଦିତ ହୋଇଛି ।

ଶ୍ରୀଅରବିନ୍ଦ ତାଙ୍କର ମାତୃଭୂମିକୁ ଗଭୀର ଭାବରେ ଭଲ ପାଉଥିଲେ । ସେ ଚାହୁଁଥିଲେ ଯେ ତାହା ହୋଇଉଠୁ ବିରାଟ, ମହତ୍, ଶୁଦ୍ଧ, ପବିତ୍ର ଏବଂ ପୃଥିବୀରେ ନିଜର ମହାନ୍ ଭୂମିକା ଗ୍ରହଣ କରିବା ପାଇଁ ଯଥାର୍ଥ, ଯୋଗ୍ୟ ଏକ ଦେଶ । ସେ କେବେହେଲେ ଚାହୁଁ ନ ଥିଲେ ଏହି ଦେଶ ଅନ୍ଧ ସ୍ୱାର୍ଥପରତା ଓ ଅଜ୍ଞ କୁସଂସ୍କାରର ଏକ ଆବର୍ଜନାମୟ ପଙ୍କିଳ ସ୍ତର ଓ କର୍ଦ୍ଦମ ଭିତରେ ବୁଡ଼ିଯାଉ । ସେଇଥିପାଇଁ ତାଙ୍କ ଇଚ୍ଛା ସହ ପୂର୍ଣ୍ଣ ସହଯୋଗ କରି ଆମେ ସତ୍ୟ, ପ୍ରଗତି ଓ ମାନବ ଜାତିର ରୂପାନ୍ତରର ପତାକାକୁ ଉର୍ଦ୍ଧ୍ୱରେ ତୋଳି ଧରିବା ।

— ଶ୍ରୀମା

# ମାନବସମାଜର ବିଭିନ୍ନ ଧର୍ମ

## ହିନ୍ଦୁ ଧର୍ମ (୪)

**ଶ୍ରୀପତି ଦାସ**

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ''*Philosophy of Religion – An Approach to World Religion*'' ପୁସ୍ତକର ଅବଲମ୍ବନରେ ଲିଖିତ ।]
(*ଏପ୍ରିଲ ୨୦୧୬ ସଂଖ୍ୟାରେ ପ୍ରକାଶିତ ହେବା ପରେ*)

**ହିନ୍ଦୁ-ଦର୍ଶନର ପଦ୍ଧତି :**

ହିନ୍ଦୁ ଦାର୍ଶନିକଗଣ ଦର୍ଶନର ମୁଖ୍ୟ ଛ'ଟି ପଦ୍ଧତିର ବିକାଶ ଘଟାଇଥିଲେ । ସେଗୁଡ଼ିକ ହେଉଛି : ବୈଶେଷିକ, ନ୍ୟାୟ, ସାଂଖ୍ୟ, ଯୋଗ, ପୂର୍ବ ମୀମାଂସା ଓ ବେଦାନ୍ତ ।

**ବୈଶେଷିକ ଦର୍ଶନ :**

ଦାର୍ଶନିକ କଣାଦଙ୍କ ରଚିତ ବୈଶେଷିକ ଦର୍ଶନ ବିଶ୍ୱର ଭିତ୍ତି-ପ୍ରଦର୍ଶନ ସମ୍ବନ୍ଧେ କହେ ଯେ ଏହା ଅଣୁ ଓ ପରମାଣୁର ଏକ ସମାହାର । ଏହି ଅଣୁ ଓ ପରମାଣୁ ଭଗବତ୍ ସୃଷ୍ଟ ନୁହେଁ କିନ୍ତୁ ଭଗବାନଙ୍କ ସହ ଚିରକାଳ ଧରି ସଂପୃକ୍ତ । ଯେଉଁ ଶକ୍ତି ପରମାଣୁଗୁଡ଼ିକୁ ସଂଯୋଜିତ କରେ ତାହା ଭଗବତ୍ ଶକ୍ତି । ଏହି ଦାର୍ଶନିକ ପଦ୍ଧତି ଅନୁସାରେ ବାୟୁମଣ୍ଡଳ, କାଳ, ମହାକାଶ, ଆତ୍ମା ଓ ମନ ହେଉଛି ପ୍ରକୃତିର ଚିରନ୍ତନ ଉପାଦାନ । ପୁନର୍ଜନ୍ମ ଓ ଦୁଃଖ-କଷ୍ଟର ବନ୍ଧନରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଉଛି ଭଗବତ୍ ଶକ୍ତି ନିକଟରେ ଆତ୍ମ-ସମର୍ପଣ ।

**ନ୍ୟାୟ ଦର୍ଶନ :**

ଦାର୍ଶନିକ ଗୌତମଙ୍କ ପ୍ରଣୀତ ଦର୍ଶନ, ଶାସ୍ତ୍ର ହେଉଛି ନ୍ୟାୟ ଦର୍ଶନ । ଏହାର ଲକ୍ଷ୍ୟ ହେଉଛି ପ୍ରକୃତି, ଆତ୍ମା ଓ ଈଶ୍ୱରଙ୍କ ସମ୍ବନ୍ଧେ ଯଥାର୍ଥ ଜ୍ଞାନଲାଭ ଏବଂ ଚରମ ସ୍ୱାଧୀନତା ।

**ସାଂଖ୍ୟ ଦର୍ଶନ :**

ଦାର୍ଶନିକ କପିଳଙ୍କ ସାଂଖ୍ୟ ଦର୍ଶନ ଆତ୍ମା, ପୁରୁଷ ଓ ପ୍ରକୃତି ବା ଚିରନ୍ତନ ଶକ୍ତି ସମ୍ବନ୍ଧେ ଆଲୋଚନା କରେ । କପିଳ ଈଶ୍ୱରଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିଛନ୍ତି, କିନ୍ତୁ ବ୍ୟକ୍ତିଗତ ଆତ୍ମାର ଅସ୍ତିତ୍ୱକୁ ଚିରନ୍ତନ, ଅସୀମ ଓ ଶାଶ୍ୱତ ସତ୍ତାଭାବେ ସ୍ୱୀକାର କରିଛନ୍ତି । ବିବର୍ତ୍ତନର ସତ୍ତ୍ୱ, ରଜସ୍ ଓ ତମସ୍‌ର ଗୁଣ ସମ୍ବନ୍ଧେ ତାଙ୍କର ଦର୍ଶନ ବର୍ଣ୍ଣନା କରିଛି । ଏହାର ବିଶେଷ ଅବଦାନ ହେଉଛି – ଏହା ବନ୍ଧନ, ଦୁଃଖ-କଷ୍ଟ ଓ ପୁନର୍ଜନ୍ମରୁ ମୁକ୍ତି ପ୍ରଦାନ ଉପରେ ଗୁରୁତ୍ୱ ଦିଏ । ଏହା କହେ ଯେ ପରିଶେଷରେ କେବଳ ଜ୍ଞାନଦ୍ୱାରାହିଁ ମୁକ୍ତିଲାଭ ହୋଇଥାଏ ।

**ଯୋଗ-ଦର୍ଶନ :**

ଦାର୍ଶନିକ ପତଞ୍ଜଳିଙ୍କ ଯୋଗ ଦର୍ଶନରେ ମନୁଷ୍ୟ-ମନର ଉଚ୍ଚତର ମନସ୍ତତ୍ତ୍ୱ ଏବଂ ଏକାଗ୍ରତା, ଧ୍ୟାନ, ନିଃଶ୍ୱାସ-ପ୍ରଶ୍ୱାସର ବିଜ୍ଞାନ, ଇନ୍ଦ୍ରିୟ ବ୍ୟତୀତ ଭାବର ଆଦାନ-ପ୍ରଦାନ ଓ ଅନ୍ୟ ଚୈତ୍ୟଶକ୍ତି ସମ୍ବନ୍ଧେ ଆଲୋକ ପ୍ରଦାନ କରେ ଏବଂ ସମାଧିରେ ଉପନୀତ ହେବାର ପଥ ପ୍ରଦର୍ଶନ କରେ । ପତଞ୍ଜଳିଙ୍କ ଯୋଗ ପଦ୍ଧତି ସଦୃଶ ପୃଥିବୀରେ ଅନ୍ୟ କୌଣସି ଯୋଗ-ପଦ୍ଧତି ନାହିଁ ଯାହା ଏଭଳି ସମ୍ପୂର୍ଣ୍ଣ ହୋଇଥାଏ । ଈଶ୍ୱରଙ୍କ ପ୍ରତି ଭକ୍ତି-ପ୍ରଦର୍ଶନ ଓ ଚିତ୍ତବୃତ୍ତି-ନିରୋଧର ପଥ ଯାହା ମୋକ୍ଷଲାଭ କରିବାରେ ଏକାନ୍ତ ସହାୟକ, ତାହା ଉପରେ ଏହା ଗୁରୁତ୍ୱ ପ୍ରଦାନ କରେ ।

**ପୂର୍ବ ମୀମାଂସା :**

ଦାର୍ଶନିକ ଜୈମିନିଙ୍କର ପ୍ରବର୍ତ୍ତିତ ଏହି ଦର୍ଶନ ପରମ୍ପରାଗତ ମତର ସମର୍ଥନକାରୀ । ଏହା ବେଦର କର୍ମକାଣ୍ଡର ପୂଜା-ଆରାଧନା କରିବାର ବିଭିନ୍ନ ନିଷେଧାଜ୍ଞାକୁ ପରୀକ୍ଷା କରି ଦେଖେ । ଯଥାସମ୍ଭବ ସଂଯମ ଆଚରଣ ପୂର୍ବକ ଏହି ନିଷେଧାଜ୍ଞାକୁ ଅନୁସରଣ କରିବା ନିମିତ୍ତ ମନୁଷ୍ୟର ଉଚ୍ଚତମ କର୍ତ୍ତବ୍ୟକୁ ସମ୍ପାଦନ କରିବା ନିମିତ୍ତ ଏହା ନିର୍ଦ୍ଦେଶ କରେ । ଏହି ପଦ୍ଧତିକୁ ପୂଜା-ଆରାଧନା କରିବାର କର୍ମ

ବୋଲି କୁହାଯାଇପାରେ । ଏହା ଜ୍ଞାନର ନିର୍ଭରଯୋଗ୍ୟ ଉତ୍ସ ସମ୍ବନ୍ଧେ, ବାକ୍ୟ ଓ ଚିନ୍ତା ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧେ ବ୍ୟାଖ୍ୟାକରେ ।

**ବେଦାନ୍ତ ଦର୍ଶନ :**

ଏହାକୁ ସାଧାରଣଭାବେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ-ଦର୍ଶନ ବୋଲି କୁହାଯାଏ ଏବଂ ଏହା ବେଦ ଓ ଉପନିଷଦର ଅଧ୍ୟୟନ ମଧ୍ୟରେ ଆବଦ୍ଧ । ବେଦାନ୍ତର ଅର୍ଥ 'ଜ୍ଞାନର ଅନ୍ତ' ବା 'ବେଦର ଅନ୍ତ' । ଏହା ଆଧୁନିକ ଭାରତର ଅତି ଜନପ୍ରିୟ ଦର୍ଶନ । ଏହି ଅଦ୍ୱୈତବାଦୀ ଦର୍ଶନ ସକଳ ପ୍ରତ୍ୟକ୍ଷ ଜ୍ଞାନର, ଜ୍ଞାତବ୍ୟ ସକଳ ବସ୍ତୁର ଉର୍ଦ୍ଧ୍ୱକୁ ପରିଚାଳିତ କରେ ଏବଂ ଆମର ଆତ୍ମାକୁ ସେହି ଶାଶ୍ୱତ, ପରମ ସତ୍ତାଙ୍କ ଦିଗରେ ପରିଚାଳିତ କରେ ଯେଉଁଠାରେ ସକଳ ସମସ୍ୟାର ସମାଧାନ ଦେଖାଯାଏ ।

ଅଦ୍ୱୈତ ବେଦାନ୍ତ ଅନୁସାରେ କେବଳ ବ୍ରହ୍ମନ୍‌ହିଁ ସତ୍ୟ ଏବଂ ଏହି ଜଗତ୍ ଅସତ୍ୟ । ବ୍ରହ୍ମନ୍ ଏକ ହୋଇପାରନ୍ତି କିନ୍ତୁ ଏକାଧିକ ନୁହନ୍ତି । ଏକ ମଧ୍ୟରୁହିଁ ବହୁର ଆଗତ ହୋଇଛି ଏବଂ ବ୍ୟକ୍ତିଗତ ଆତ୍ମା ହେଉଛନ୍ତି ପରମ ବ୍ରହ୍ମନ୍ । ପରମ ବ୍ରହ୍ମନ୍‌ଙ୍କଠାରୁ ଏହି ଦୃଶ୍ୟମାନ ଜଗତର ଉଦ୍ଭବ ହୋଇଛି ଏବଂ ପରିଶେଷରେ ଏହା ପୁଣି ବ୍ରହ୍ମନ୍‌ଙ୍କ ମଧ୍ୟକୁ ଫେରିଯାଏ । ଏହି ଦୃଷ୍ଟିକୋଣ ବେଦାନ୍ତର ଅଦ୍ୱୈତ ଦର୍ଶନ ଦ୍ୱାରା ସ୍ୱୀକୃତ ।

ବେଦାନ୍ତର ଯେଉଁ ଦ୍ୱୈତବାଦ ଦାର୍ଶନିକ ରାମାନୁଜଙ୍କ ଦ୍ୱାରା ସ୍ୱୀକୃତ, ତଦନୁସାରେ ଜଗତ୍, ବ୍ରହ୍ମନ୍ ଏବଂ ଆତ୍ମାସକଳ ହେଉଛନ୍ତି ସତ୍ୟ । ଆମର ଅଜ୍ଞତାହିଁ ବନ୍ଧନ ଓ ଦୁଃଖକଷ୍ଟର କାରଣ । ଏହାକୁ ପ୍ରତ୍ୟାଖ୍ୟାନ କରାଯାଇପାରେ ଯଥାର୍ଥ ଜ୍ଞାନ ଦ୍ୱାରା ଯାହାକୁ କୁହାଯାଏ ବ୍ରହ୍ମଜ୍ଞାନ । ମୋକ୍ଷ ହେଉଛି ଆନନ୍ଦର ଏକ ଅବସ୍ଥା ଯେଉଁଠାରେ ଆତ୍ମା ନିଜକୁ ବ୍ରହ୍ମନ୍‌ଙ୍କ ସହ ଏକୀଭୂତ କରିପାରେ ।

**ଆଧୁନିକ ଯୁଗରେ ହିନ୍ଦୁ ଧର୍ମ :**

ଯଦିଓ ହିନ୍ଦୁଧର୍ମ ହେଉଛି ଭାରତର ସର୍ବାଧିକ ପୁରାତନ ଧର୍ମ, ଏହା ବିଭିନ୍ନ ପରିସ୍ଥିତିରେ ନିଜକୁ ସର୍ବଦା ନୂତନ କରି ଗଢ଼ି ତୋଳିଛି । ନିରନ୍ତର ଭାବରେ ହେଉଥିବା ଏହି ସଂସ୍କାର ଘଟିଥିଲା ଯେତେବେଳେ ହିନ୍ଦୁଧର୍ମ ବାହ୍ୟ ଓ ଆନ୍ତର ବିପଦର ସମ୍ମୁଖୀନ ହୋଇଥିଲା । ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଶ୍ରୀରାମକୃଷ୍ଣ ପରମହଂସ ଏବଂ ଅନ୍ୟ କେତେକ ଧର୍ମ-ସଂସ୍କାରକ ବିଭିନ୍ନ ସମୟରେ ହିନ୍ଦୁଧର୍ମରେ ନାନା ସଂସ୍କାର ଆଣିଥିଲେ । ଏଠାରେ ହିନ୍ଦୁଧର୍ମରେ ଘଟିଥିବା ନାନା ଧର୍ମମୂଳକ ଆନ୍ଦୋଳନ ଓ ସଂସ୍କାର ସମ୍ବନ୍ଧେ ଆଲୋଚନା ସକାଶେ ସଂକ୍ଷେପରେ ପ୍ରଚେଷ୍ଟା କରାଯାଇଛି ।

(କ୍ରମଶଃ)

ସବୁ ସମୟରେ ତୁମକୁ ସମସ୍ତ ସାହାଯ୍ୟ ଦିଆଯାଉଛି; କିନ୍ତୁ ତାହା ତୁମକୁ ଗ୍ରହଣ କରିବା ପାଇଁ ଶିଖିବାକୁ ହେବ ତୁମ ହୃଦୟର ନିରବତାରେ, ବାହ୍ୟ ଉପାୟଗୁଡ଼ିକର ମାଧ୍ୟମରେ ନୁହେଁ । ତୁମ ହୃଦୟର ନିରବତାରେହିଁ ଭଗବାନ୍ ତୁମ ସଙ୍ଗେ କଥା କହିବେ ଓ ତୁମର ପଥ ନିର୍ଦ୍ଦେଶ କରିବେ ଓ ତୁମର ଲକ୍ଷ୍ୟ ଦିଗରେ ତୁମକୁ ଆଗେଇ ନେବେ । କିନ୍ତୁ ସେଥିପାଇଁ ଭଗବତ୍ କୃପା ଓ ପ୍ରେମ ଉପରେ ତୁମର ପୂର୍ଣ୍ଣ ଓ ଅଖଣ୍ଡ ବିଶ୍ୱାସ ରହିବା ଆବଶ୍ୟକ ।

— ଶ୍ରୀମା

# ସେ ଚିର ଚିନ୍ମୟ...

## ଶ୍ରୀ ବିମଳ ପ୍ରସନ୍ନ ଦାସ

ମହାଯୋଗୀ ଶ୍ରୀଅରବିନ୍ଦ ଏକ ଯୁଗାନ୍ତକାରୀ ଚେତନା – ଏକ କ୍ରାନ୍ତିର ଦିଗନ୍ତ । ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ ସେ ଧରା ବକ୍ଷରେ ଆବିର୍ଭୂତ ହୋଇଥିଲେ – ୧୫ ଅଗଷ୍ଟ, ୨୦୧୬କୁ ୧୪୪ ବର୍ଷ ଅତିକ୍ରାନ୍ତ ହୋଇଗଲା । ଶ୍ରୀମାଙ୍କ ଉକ୍ତିରେ ଶ୍ରୀଅରବିନ୍ଦଙ୍କର ଜନ୍ମ ହେଉଛି ସ୍ୱୟଂ ଶାଶ୍ୱତଙ୍କ ଜନ୍ମ – "... the birth of the Eternal" । ଏକାଧାରାରେ ସେ ବିଶ୍ୱଗତ ଓ ବିଶ୍ୱାତୀତ । ସେ ସ୍ଥାନ, କାଳ, ପାତ୍ରର ଅଧୀନ ନୁହନ୍ତି । ଶ୍ରୀମା ଆହୁରି ସ୍ପଷ୍ଟ କରି କହିଛନ୍ତି, ''ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ତାଙ୍କର ଶିକ୍ଷା ଅସୀମ, ଅନନ୍ତ । ଅର୍ଥାତ୍ ଆମେ ତାଙ୍କୁ ଯାହା ଭାବୁ ସେ ଠିକ୍ ତାହା ନୁହନ୍ତି । ସେ ଚିର ଚିନ୍ମୟ – ଏକ ଅନନ୍ତ, ଅକଳ୍ପନୀୟ ଚେତନା ।''

ଭାରତୀୟ ଯୌଗିକ ପରମ୍ପରାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର, ସିଦ୍ଧ, ସାଧକ ତଥା ମହାପୁରୁଷମାନଙ୍କ ପ୍ରବାଦ ଓ ପ୍ରବଚନ ରହିଛି, ଶ୍ରୀଅରବିନ୍ଦ ଏଥିରେ ଆଉ ଏକ ସଂଯୋଜନ ନୁହନ୍ତି । ବିଶ୍ୱାସ ଓ ବାସ୍ତବତା, ଈଶ୍ୱର ଓ ସଂସାର ଭିତରେ ଯୁଗ ଯୁଗ ଧରି ରହିଆସିଥିବା ସଂଶୟ ଓ ସଂଘାତର ସେ ଜଣେ ସାର୍ଥକ ଓ ଶାଶ୍ୱତ ସଂଯୋଜକ । ତାଙ୍କ ଅନୁସୃତ ପୂର୍ଣ୍ଣଯୋଗର ଦୃଷ୍ଟି ଓ ଦିଗନ୍ତ ଦିବ୍ୟଜୀବନର ଜ୍ୟୋତିଃରେ ଉଦ୍ଭାସିତ । ତାଙ୍କୁ ଅଧ୍ୟୟନ କଲେ, ଆଲୋଚନା କଲେ; ଭକ୍ତି, ସମର୍ପଣ ଓ ଆନ୍ତରିକତାର ସହିତ ଅନୁଧ୍ୟାନ କଲେ ଆମେ ନିଶ୍ଚିତ ଆଶାୟୀ ଏବଂ ଆଶ୍ୱସ୍ତ ହେଉ ଯେ ଏ ସଭ୍ୟତା, ସଂସ୍କୃତିର ଦୀର୍ଘ ଯାତ୍ରାପଥ ହଠାତ୍ ଅଟକି ଯିବ ନାହିଁ କିଂବା ଲୋପ ପାଇବ ନାହିଁ । ଯଦ୍ୟପି ବିପର୍ଯ୍ୟୟ ଏ ଯୋଗର ଜୟଯାତ୍ରା ପଥରେ ଦେଖାଦିଏ, ତାହା କେବଳ ସୌଭାଗ୍ୟର ଗର୍ଭଯନ୍ତ୍ରଣା ମାତ୍ର । ଏହା ଆକାଂକ୍ଷିତ ନୂତନ ଜଗତକୁ ଜନ୍ମ ଦେବା ପାଇଁହିଁ ଉଦ୍ଦିଷ୍ଟ । କାରଣ ମହାଯୋଗୀଙ୍କ ପ୍ରତିଶ୍ରୁତି ହେଉଛି ଏ ସୃଷ୍ଟି ଚିରନ୍ତନ ଏବଂ ଭଗବାନ୍ ତା'ର ରକ୍ଷା କବଚ । ଏପରି ଏକ ବରାଭୟ ତାଙ୍କ ରାଶି ରାଶି ରଚନାବଳିରୁ ମିଳେ । ଏହି ଦିବ୍ୟପୁରୁଷଙ୍କ ଭିତରେ ପ୍ରବାହିତ ହୋଇଥିଲା ଏକ ଅନ୍ତର୍ଭେଦୀ ଏବଂ ବିଶ୍ୱମୁଖୀ ତଡ଼ିତ୍ ସ୍ରୋତ, ଯା'ର ବିଚ୍ଛୁରଣ ସଚରାଚର ଉପଲବ୍ଧି କରାଯାଇଛି । ଜାତିର ମୁକ୍ତି ସଂଗ୍ରାମରେ ଅନ୍ୟତମ ଉତ୍ସର୍ଗୀକୃତ ଯୋଦ୍ଧା ଭାବରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧି, ବିଶ୍ୱକବି ରବୀନ୍ଦ୍ରନାଥ – ଏ ତିନିଜଣ ମହାନ୍ ବ୍ୟକ୍ତିତ୍ୱ ଯେପରି ଏକଦା ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଭାରତ ବର୍ଷର ଆର୍ଯ୍ୟ ସଂସ୍କୃତିକୁ ପୁନଃ-ଉଦ୍ଦୀପିତ କରି ଯାଇଛନ୍ତି, ତା'ଠାରୁ ଆହୁରି ବ୍ୟାପକ ଓ ଗଭୀରଭାବେ ଶ୍ରୀଅରବିନ୍ଦ ଭାରତୀୟ ସଂସ୍କୃତି, ଚିନ୍ତା ଓ ଚେତନାକୁ ଏକ ସର୍ବକାଳୀନ ଏବଂ ସାର୍ବଜନୀନ ଆଭିମୁଖ୍ୟ ଦେବାରେ ଓ ତା'ର ରୂପାନ୍ତରିତ ସତ୍ତା ଉପସ୍ଥାପନାରେ ଅକଳଙ୍କ ସିଦ୍ଧି ଓ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ସମଗ୍ର ଜୀବନ ଓ ଜଗତର ଆପେକ୍ଷିକ ପରିଧିକୁ ଅତିକ୍ରମ କରି ଯେଉଁ ଯୁଗାନ୍ତକାରୀ ସମ୍ଭାବନାର ସୌରସେତୁ ନିର୍ମାଣ କରି ଯାଇଛନ୍ତି ତାହା ବିବର୍ତ୍ତନ ନିୟମରେ ସତ୍ୟ ଓ ଚିର ଭାସ୍ୱର ଆଲେଖ୍ୟ । ଦିବ୍ୟଜନନୀ ଯଥାର୍ଥରେ କହିଛନ୍ତି –

"... Sri Aurobindo represented a totality of comprehension and knowledge and power; and every one of his books is at once a symbol and a representation. Every one of his books contains symbolically, potentially, what is in him."

(CWM Vol - 8, p. 163) – The Mother

ଅର୍ଥାତ୍, ''ଶ୍ରୀଅରବିନ୍ଦ କୌଣସି କିଛିକୁ ବାଦ୍ ଦେଇ ନାହାନ୍ତି, ସେ ସବୁକିଛିକୁ ସମ୍ମିଳିତ ଓ ସମସ୍ତ ଦୃଷ୍ଟି କୋଣକୁ ସମନ୍ୱିତ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ବହିସବୁ ଏକ ପରିପୂର୍ଣ୍ଣ ବୋଧ, ପରିପୂର୍ଣ୍ଣ ଜ୍ଞାନ ଓ ପରିପୂର୍ଣ୍ଣ ଶକ୍ତିର ପ୍ରତିନିଧିତ୍ୱ କରିଛନ୍ତି । ସେଥିପାଇଁ ତାଙ୍କର ପ୍ରତ୍ୟେକଟି ବହି ଏକାଧାରରେ ଏକ ପ୍ରତୀକ ଓ ଏକ ପ୍ରତିନିଧିତ୍ୱ । ଶ୍ରୀଅରବିନ୍ଦଙ୍କର ପ୍ରତ୍ୟେକଟି ବହି ତାଙ୍କ ନିଜ ମଧ୍ୟରେ ଯାହା ରହିଛି ସେ ସବୁର ପ୍ରତୀକାତ୍ମକ ଭାବେ ତଥା ପ୍ରଚ୍ଛନ୍ନ ଭାବେ ଧାରଣ କରିଥା'ନ୍ତି ।''

ସେ ମହାନ୍ ଆତ୍ମା ଏକ ଅବର୍ଣ୍ଣନୀୟ ଅନୁପମ ଅନୁଭବ । ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ମା' ଆହୁରି କହିଛନ୍ତି :

"What Sri Aurobindo represents in the world's history is not a teaching, not even a revelation; it is a decisive action direct from the Supreme." (14 February 1961)

(CWM Vol - 13, p. 4) - The Mother

ଅର୍ଥାତ୍, ପୃଥିବୀ ଇତିହାସରେ ଶ୍ରୀଅରବିନ୍ଦ ଯାହା ପ୍ରତିନିଧିତ୍ୱ କରିଛନ୍ତି ତାହା ଏକ ଶିକ୍ଷା ବା ଏକ ପ୍ରତ୍ୟାଦେଶ ନୁହେଁ, ଏହା ପରମଙ୍କଠାରୁ ପ୍ରତ୍ୟକ୍ଷ ରୂପେ ନିସୃତ ଏକ ଚୂଡ଼ାନ୍ତ କ୍ରିୟା ।''

"Sri Aurobindo is an emanation of the Supreme who came on earth to announce the manifestation of a new race and a new world : the Supramental." (June 20, 1972)

(CWM Vol - 13, p. 19) - The Mother

ଅର୍ଥାତ୍ ''ଶ୍ରୀଅରବିନ୍ଦ ହେଉଛନ୍ତି ପରମଙ୍କର ଅବତାର, ସେ ଧରାପୃଷ୍ଠକୁ ଅବତରି ଆସିଥିଲେ ଏକ ନୂତନ ଜାତି, ଏକ ନୂତନ ଜଗତର : ଅତିମାନସ ଜାତି ଓ ଜଗତର ଅଭିବ୍ୟକ୍ତି ଘୋଷଣା କରିବା ନିମନ୍ତେ ।''

"Sri Aurobindo belongs to the future; he is the messenger of the future. He still shows us the way to follow in order to hasten the realisation of a glorious future fashioned by the Divine Will." (15 August 1971)

(CWM Vol - 13, p. 14) - The Mother

ଅର୍ଥାତ୍ ''ଶ୍ରୀଅରବିନ୍ଦ ଭବିଷ୍ୟତର; ସେ ହେଉଛନ୍ତି ଭବିଷ୍ୟତର ବାର୍ତ୍ତାବହ । ଭଗବାନଙ୍କ ସଂକଳ୍ପ ଦ୍ୱାରା ରୂପାୟିତ ଏକ ମହିମମୟ ଭବିଷ୍ୟତର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁ ପଥ ଅନୁସରଣ କରିବାକୁ ହେବ ଅଦ୍ୟାପି ସେ ଆମକୁ ସେହି ପଥ ଦେଖାଇ ଚାଲିଛନ୍ତି ।''

ଶ୍ରୀଅରବିନ୍ଦଙ୍କର ଜଣେ ଅନ୍ତରଙ୍ଗ ତଥା ପ୍ରଖ୍ୟାତ ଅନୁଗାମୀଙ୍କ ଉକ୍ତିର ମର୍ମାର୍ଥ ହେଉଛି ଅତୀତର ଆକଳନ ତଥା ଭବିଷ୍ୟତ୍ ଆଡ଼କୁ ଅଗ୍ରସର ହେବା ପାଇଁ ମାନବ ଇତିହାସରେ ଶ୍ରୀଅରବିନ୍ଦ ଏକ ଶାଶ୍ୱତ ସେତୁବନ୍ଧ । ୭୮ ବର୍ଷର ଜୀବନକାଳ ମଧ୍ୟରେ ସେ ବିଶ୍ୱ ମାନବତାକୁ ଦିବ୍ୟତ୍ୱର ସ୍ପର୍ଶ ଦେଇ ଯାଇଛନ୍ତି, ତାଙ୍କ ଯୋଗ ହେଉଛି ଜୀବନକୁ ଭଗବାନଙ୍କ ସହ ଯୋଡ଼ିବାର ଯୋଗ । ସେ କହିଛନ୍ତି ଏହା ହେଉଛି ସର୍ବକାଳୀନ ସାର୍ବଜନୀନ ଅଭିବ୍ୟକ୍ତିର କଥା । ତେଣୁ ଭଗବାନଙ୍କୁ ନେଇ ଯୁଗ ଯୁଗ ଧରି ଯେଉଁ ସବୁ ଦ୍ୱନ୍ଦ୍ୱ, ସଂଘର୍ଷ ଓ ସଂଶୟ ଚାଲି ଆସିଛି ତାହା ମୂଲ୍ୟହୀନ, ନିରର୍ଥକ । ଭଗବାନ୍ ହେଉଛନ୍ତି ସୃଷ୍ଟି ପ୍ରକ୍ରିୟାର ଏକ ସ୍ୱୟମ୍ଭୁ ଶକ୍ତି । ଏହା ବିଶ୍ୱ ପ୍ରକୃତିର ବୈଚିତ୍ର୍ୟ ମଧ୍ୟ ଦେଇ ନିରନ୍ତର ଆତ୍ମ ପ୍ରକାଶ କରୁଛି । ତରୁଠାରୁ ତୃଣ ପର୍ଯ୍ୟନ୍ତ, ଶୈଳ, ସମୁଦ୍ର, ଅରଣ୍ୟ, ପ୍ରାନ୍ତର ଆଦି ସକଳ ସତ୍ତାରେ ସେ ବିଦ୍ୟମାନ । ସେହିଁ ନିତ୍ୟ, ସତ୍ୟ ଓ ବିବର୍ତ୍ତମାନ । ମନୁଷ୍ୟ ହେଉଛି ସେହି ପ୍ରକ୍ରିୟାର ଏକ ସଚେତନ ସତ୍ତା, ଯିଏ ନିଜକୁ ଏ ସମସ୍ତ ଚେତନା ସହିତ ଏକାତ୍ମ କରିଦିଏ । ତା'ର ଆତ୍ମା ଅନ୍ୟ ସକଳ ପ୍ରାଣୀଙ୍କଠାରୁ ଉନ୍ନତ ଏବଂ ଏହି ଆତ୍ମାର ଅଭିନିବେଶରେ ସେ ନିଜକୁ ତାଙ୍କରି ଉପାସନାରେ ତଲ୍ଲୀନ କରିଦିଏ । ଏହା ଅନସ୍ୱୀକାର୍ଯ୍ୟ ଯେ ଜଡ଼ହିଁ ଜୀବନର ଆଧାର । ଜଡ଼ ମଧ୍ୟ ଦେଇ ଜୀବନର ସ୍ରୋତ ପ୍ରବାହିତ । ଏହି ଉକ୍ତି ମାଧ୍ୟମରେ ସେ ସ୍ପଷ୍ଟ ପ୍ରକାଶ କରିଛନ୍ତି ଜଡ଼ର ସ୍ଥିତିରେ ଭଗବାନଙ୍କ ସ୍ଥିତି ବିଦ୍ୟମାନ ।

ଏ ବିଶାଳ ବିଶ୍ୱବ୍ରହ୍ମାଣ୍ଡରେ ଆମର ପ୍ରିୟ ପୃଥିବୀ ହେଉଛି ଏକ ପରୀକ୍ଷାଗାର । ଏହାରି ମଧ୍ୟ ଦେଇ ଭଗବାନ୍ ତାଙ୍କର ନିତ୍ୟ ନୂତନ ଅଭିବ୍ୟକ୍ତିକୁ ସାବ୍ୟସ୍ତ କରୁଛନ୍ତି । ଶ୍ରୀଅରବିନ୍ଦ ବିବର୍ତ୍ତନକୁ ଭଗବାନଙ୍କ ପ୍ରତିରୂପ ଭାବରେ ଗ୍ରହଣ କରିଛନ୍ତି । ଏହା ବ୍ୟତିରେକେ କୌଣସି ଶକ୍ତି ନାହିଁ ଯେକି ସମସ୍ତ ଶକ୍ତିର ଅନ୍ତର୍ନିହିତ ଶୃଙ୍ଖଳାରେ କ୍ରିୟାରତ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ରୂପାନ୍ତର ଯୋଗ ବା ଅତିମାନସ ଯୋଗ ହେଉଛି ଭବିଷ୍ୟତ୍ ଜୀବନ ପାଇଁ ଯୋଗ । ଅର୍ଥାତ୍ ଯାହା ହେବ, ହେବାକୁ ବାଧ୍ୟ ତାହା ବିଶ୍ୱ ସୃଷ୍ଟି ବୈଚିତ୍ର୍ୟର ସମାହାର । ଏହି ପ୍ରକ୍ରିୟାରେ ସମସ୍ତ ସତ୍ତା ବିବର୍ତ୍ତିତ ହୋଇ ନିତ୍ୟ-ନୂତନ ରୂପ ଗ୍ରହଣ କରିବେ । ଏହା ଅନନ୍ତ କାଳକୁ ପରିବ୍ୟାପ୍ତ । ଗତି ତା'ର ଅଗ୍ରଗାମୀ । ଅଟକି ଯିବାର ଅବକାଶ ଅବାନ୍ତର । ଗତିଶୀଳତାହିଁ ତା'ର ପ୍ରକୃତି ଏବଂ ଏହା ଜୀବନକୁ କେତେବେଳେ ଦୃଶ୍ୟରେ ଓ କେତେବେଳେ ଅଦୃଶ୍ୟରେ ପରିଚାଳିତ କରୁଛି । ଚିନ୍ମୟ ଚେତନାର ଏହି ଅନନ୍ତ ଆହ୍ୱାନ ନିର୍ଦ୍ଦିଷ୍ଟ ପ୍ରାପ୍ତି ବା ସିଦ୍ଧିରେ ସୀମିତ ନୁହେଁ । ଭଗବାନ୍ ହେଉଛନ୍ତି ଏହିପରି ଏକ ଅଜେୟ ଶକ୍ତି ଯିଏ ଜଗତ୍ ଓ ଜୀବନକୁ ନୂତନତ୍ୱର ସନ୍ଦେଶ ଦେଇ ଆସିଛନ୍ତି ।

ଅଜସ୍ର ସମ୍ଭାବନାରେ ଏ ସୃଷ୍ଟି ପରିପୂର୍ଣ୍ଣ । ପ୍ରତିଦିନ

ଉଦିତ ସୂର୍ଯ୍ୟ ନୂତନତ୍ୱକୁ ଜନ୍ମ ଦିଏ । ଗଛରୁ ଗୋଟିଏ ପତ୍ର ଝଡ଼ି ଗଲେ ନୂଆପତ୍ର କଅଁଳି ଉଠେ । ଝଡ଼ ବେଳର ସମୁଦ୍ର ପୁଣି ହୁଏ ଶାନ୍ତ, ସ୍ଥିର ଓ ସୁନ୍ଦର । ପ୍ରତ୍ୟେକ ରାତ୍ରିର ସକାଳ ଏକ ଏକ ଅବିସମ୍ବାଦିତ ସତ୍ୟ । ସୁତରାଂ ଏହି ଶାଶ୍ୱତ ନିୟମରେ ଜନ୍ମ-ମୃତ୍ୟୁ ହେଉଛି ଜୀବନର ଗୋଟିଏ ଗୋଟିଏ ଅବସ୍ଥା । ଯାହାକୁ ସୃଷ୍ଟିକର୍ତ୍ତା ପ୍ରତିନିୟତ ଚିନ୍ମୟ ଦୀପ୍ତିରେ ସମସ୍ତ ସତ୍ତାକୁ ପୁନରୁଜ୍ଜୀବିତ କରି ଚାଲିଛନ୍ତି । ପୂର୍ଣ୍ଣତା ପ୍ରାପ୍ତି ବା ପରିପୂର୍ଣ୍ଣତା ଏହାର ଅନ୍ତିମ ଲକ୍ଷ୍ୟ ।

ମନୁଷ୍ୟ ସମାଜ ଏଥିରେ ଅଂଶଗ୍ରହଣ କରିବାର ଅର୍ଥ ତା'ର ଆଉ ଏକ ଉଚ୍ଚତର ସତ୍ତାର ପ୍ରକାଶ ପାଇଁ ପ୍ରେରଣା ଲାଭ କରିବା ଓ ପ୍ରସ୍ତୁତ ହେବା । ତା' ଭିତରେ ପ୍ରଚ୍ଛନ୍ନଭାବେ ଲୁକ୍କାୟିତ ହୋଇ ରହିଛି ଚିନ୍ମୟର ଏକ ଚିର ଭାସ୍ୱର କଣିକା, ଯାହା ତାକୁ ତା'ର ଅନ୍ୱେଷାର ଯାତ୍ରାପଥରେ ପ୍ରତ୍ୟୟ ଓ ପ୍ରମାଣ ଆଣି ଦେବ ଏବଂ ଶେଷରେ ସେ ହୋଇଯିବ ସ୍ୱୟଂ ସ୍ରଷ୍ଟାଙ୍କର ସହଯାତ୍ରୀ । ସେତିକିବେଳେ ମରଣମୁଖୀ, କ୍ଷଣଭଙ୍ଗୁର, ଅଳୀକ ଜୀବ ମଣିଷ ଆଉ ଅପୂର୍ଣ୍ଣତାର ଦୟନୀୟ ଅଭିବ୍ୟକ୍ତିଟିଏ ହୋଇ ନରହି ଦେବତାର ସିଂହାସନରେ ଅଭିଷିକ୍ତ ହୋଇଯିବ । ମହାଯୋଗୀଙ୍କ ଭାଷାରେ, "Here where one knows not even the step in front" (ସାବିତ୍ରୀ, ପୃଷ୍ଠା-୫) ମଣିଷ ଯୁଗ ଯୁଗ ଓ ଜନ୍ମ ଜନ୍ମାନ୍ତର ଧରି ଯାହା ଖୋଜିଛି ଅବଧି ପାଇ ନାହିଁ ଏବଂ ପାଇବା ନପାଇବା, ଆଶା ଓ ନିରାଶାର ଦ୍ୱନ୍ଦ୍ୱ ଭିତରେ ଛଟପଟ ହେଉଛି । ସେ ପ୍ରତ୍ୟକ୍ଷ କରିବ ତା'ର ନୂତନ ସୃଷ୍ଟି ଓ ନୂତନ ସ୍ୱରୂପ, ହିରଣ୍ୟଗର୍ଭର ଅନନ୍ତ ଗହ୍ୱର । ଭବିଷ୍ୟତର ରହସ୍ୟମୟ ଗମ୍ଭୀରା ତା' ପାଇଁ ଆଉ ଅସ୍ୱଷ୍ଟ ଓ ଅନିଶ୍ଚିତ ହୋଇ ରହିବ ନାହିଁ । ଭବିତବ୍ୟ ସ୍ୱଷ୍ଟ ହୋଇଉଠିବ ନୂତନ ବାଳାରୁଣର କନକ ରଶ୍ମିରେ । ଅଶାନ୍ତ, ଅଭିଶପ୍ତ ପୃଥିବୀ ଆନନ୍ଦ ଓ ଆଲୋକର ଅମୃତମୟ ଦୀପ୍ତିରେ ଉଦ୍ଭାସିତ ହୋଇ ଉଠିବ । ଏହି ନୂତନ ପୃଥିବୀ ଆଉ ପ୍ରତିଶ୍ରୁତିର କଥାବସ୍ତୁ ହୋଇ ରହିବ ନାହିଁ ।

ଶ୍ରୀଅରବିନ୍ଦଙ୍କ ସାଧନା ଓ ସଂଗ୍ରାମର ଏହାହିଁ ଯୁଗାନ୍ତକାରୀ ବାର୍ତ୍ତା । ସେ ''ଚିର ଚିନ୍ମୟ'', ନିତ୍ୟ ସ୍ମରଣୀୟ, ବନ୍ଦନୀୟ – ଅତିମାନସ ଅମ୍ଳାନ ଅବତାର । ✤

His Grace is always with those who want to progress and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ନିତ୍ୟ ବୃନ୍ଦାବନ

## (୨)

[ବୈଷ୍ଣବ ପରମ୍ପରାରେ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ ବୃନ୍ଦାବନ ଏକ ନିତ୍ୟଧାମ । ଚେତନାର ଉର୍ଦ୍ଧ୍ୱସ୍ତରରେ, ହୁଏତ ଆମ ପରିଭାଷାରେ ଅଧିମାନସ ସ୍ତରରେ, ଶ୍ରୀକୃଷ୍ଣଙ୍କର ଯେଉଁ ଦିବ୍ୟପ୍ରେମର ଲୀଳା ନିତ୍ୟ ନିରନ୍ତର ଚାଲିଛି, ସେସମ୍ପର୍କରେ ବୈକୁଣ୍ଠ ଓ ଗୋଲୋକ ପରି ବୃନ୍ଦାବନକୁ ମଧ୍ୟ ବୈଷ୍ଣବ ଗ୍ରନ୍ଥ ଓ ପୁରାଣମାନଙ୍କରେ ଏକ ଗୂଢ଼ ରହସ୍ୟମୟ ଲୀଳାସ୍ଥଳୀ ରୂପେ ବର୍ଣ୍ଣନା କରାଯାଇଛି । ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଜଣେ ସାଧକଙ୍କୁ ତାଙ୍କ ପତ୍ରରେ ଲେଖିଥିଲେ ଉର୍ଦ୍ଧ୍ୱତର ସୂକ୍ଷ୍ମ ଚେତନା ନେଇ ଆଜି ମଧ୍ୟ ଯଦି କେହି ସେହି ନିତ୍ୟ ବୃନ୍ଦାବନରେ ପ୍ରବେଶାଧିକାର ଲାଭ କରେ, ତେବେ ସେ ଶ୍ରୀକୃଷ୍ଣଙ୍କର ସେହି ଲୀଳା ପ୍ରତ୍ୟକ୍ଷ କରିପାରିବ ଓ ତାଙ୍କର ବଂଶୀଧ୍ୱନି ଶୁଣି ପାରିବ ।

ଏଠାରେ ମହାମହୋପାଧ୍ୟାୟ ଡକ୍ଟର ଗୋପୀନାଥ କବିରାଜ, ପଦ୍ମବିଭୂଷଣଙ୍କ ଲିଖିତ 'ଶ୍ରୀକୃଷ୍ଣ ପ୍ରସଙ୍ଗ' (ପ୍ରାଚୀ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ) ପୁସ୍ତକରୁ କିଛି ଅଂଶ ପ୍ରଦତ୍ତ ହେଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦ ମା'ଙ୍କର ଚାରିଶକ୍ତି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ବିଷୟରେ କହିବା ସହ ଶ୍ରୀକୃଷ୍ଣଙ୍କ ଚାରିଶକ୍ତି ବାସୁଦେବ, ବଳରାମ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ବିଷୟରେ ମଧ୍ୟ କହିଛନ୍ତି । ନିମ୍ନୋକ୍ତ ଆଲୋଚନାରେ ଶ୍ରୀକୃଷ୍ଣଙ୍କର ଏହି ଚାରିଶକ୍ତି ସମ୍ପର୍କରେ କିଛି ସୂଚନା ଦିଆଯାଇଛି । ଗତସଂଖ୍ୟା (ନବଜ୍ୟୋତି, ଏପ୍ରିଲ୍ ୨୦୧୬) ଦ୍ରଷ୍ଟବ୍ୟ – ସଂପାଦକ]

ଶ୍ରୀବୃନ୍ଦାବନର ଅନନ୍ତ ପ୍ରକାର ବିଭୂତି ମଧ୍ୟରୁ କେତେକ ପ୍ରକାଶମୟ ଓ ଅନ୍ୟ କେତେକ ପ୍ରକାଶମୟ ନୁହେଁ । ତାହା ଭିତରେ ବିଳାସମୟ, ସ୍ୱ-ଅଂଶମୟ ପ୍ରଭୃତି ନାନା ଭେଦ ରହିଛି । ପ୍ରକାଶମୟ ବିଭୂତିର ମଧ୍ୟ ପ୍ରକଟ ଓ ଅପ୍ରକଟ ଭେଦ ରହିଛି । ଗୋଲୋକ ନାମରେ ଯେଉଁ ମୂଳ ଶ୍ୱେତଦ୍ୱୀପଟିର କଥା କୁହାଯାଏ ତାହା ଶ୍ରୀବୃନ୍ଦାବନର ଅପ୍ରକଟ ପ୍ରକାଶମୟ ବୈଭବ । ଏହାର ପ୍ରକଟ ପ୍ରକାଶମୟ ବୈଭବ ପାର୍ଥିବ ବୃନ୍ଦାବନ ରୂପେ ସମୟ ସମୟରେ ଆବିର୍ଭୂତ ହୋଇଥାଏ ।

ମହାବୃନ୍ଦାବନର ମଧ୍ୟସ୍ଥଳରେ ଯେଉଁ ସହସ୍ରଦଳ କମଳ ଆକାରର ଭୂମି ଲକ୍ଷିତ ହୁଏ ତାହାର ନାମ ଗୋକୁଳ । ଗୋକୁଳର ଠିକ୍ ମଧ୍ୟସ୍ଥଳରେ ଅର୍ଥାତ୍ କମଳର କର୍ଣ୍ଣିକାରେ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କର ନିଜ ଧାମ ବିରାଜିତ । ମହାବୃନ୍ଦାବନ ଓ ଶ୍ୱେତଦ୍ୱୀପର ଅନ୍ତରାଳରେ ଅସଂଖ୍ୟ ଦିବ୍ୟଲୋକ ସମୁଦ୍ର ମଧ୍ୟସ୍ଥ ଦ୍ୱୀପପୁଞ୍ଜ ପରି ଶୋଭା ପାଉଥାଆନ୍ତି । ଏଗୁଡ଼ିକ ଦେଖିବାକୁ ପୃଥିବୀ ପରି, ଏବଂ ଏହି ସମସ୍ତ ଲୋକଗୁଡ଼ିକ ମଧ୍ୟରେ ଅନନ୍ତ ବୈଚିତ୍ର୍ୟ ରହିଛି । ପୃଥିବୀରେ ଯେପରି ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ମନୁଷ୍ୟ, ବିଭିନ୍ନ ପ୍ରକାର ସମାଜ, ବିଭିନ୍ନ ପ୍ରକାର ପ୍ରକୃତି ଓ ଭାବ ରହିଛି, ଏହି ସକଳ ଦିବ୍ୟଲୋକରେ ମଧ୍ୟ ସେହିପରି ଅନନ୍ତ ପ୍ରକାରର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଏହି ସକଳ ଯେ ଭାବମୟ ଓ ଭାବର ବୈଚିତ୍ର୍ୟ ଅନୁଯାୟୀ ରସାସ୍ୱାଦନ ସମ୍ପର୍କରେ ମଧ୍ୟ ନାନା ବିଚିତ୍ରତା ଦେଖାଯାଏ ତାହା କହିବା ବାହୁଲ୍ୟ ମାତ୍ର । ପ୍ରାଚୀନ ଗ୍ରୀକ୍ ସାହିତ୍ୟରେ 'Isle of Blessed' ନାମରେ ଯେଉଁ ଆନନ୍ଦମୟ ନିତ୍ୟ ବିରାଜମାନ ମୁକ୍ତ ପୁରୁଷମାନଙ୍କ ବାସସ୍ଥଳୀ ଦ୍ୱୀପର ଉଲ୍ଲେଖ ମିଳେ, ଏହି ଖଣ୍ଡ ଗୋଲୋକସବୁ ଅନେକଟା ସେହିପରି । ଆମ ଦେଶର ମଧ୍ୟଯୁଗୀୟ ସନ୍ଥଗଣଙ୍କ ସାହିତ୍ୟରେ ମଧ୍ୟ ଏହି ଧରଣର ଆନନ୍ଦମୟ ଦ୍ୱୀପମାଳାର ଉଲ୍ଲେଖ ଦେଖିବାକୁ ମିଳେ । ଗୋଲୋକ ଧାମର ମଧ୍ୟବିନ୍ଦୁରେ ଶ୍ରୀଭଗବାନଙ୍କର ମହାସିଂହାସନ ବିରାଜ କରୁଛି । ଏହି ସିଂହାସନ ଉପରେ ସମାସୀନ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହ ଦର୍ଶନ କରିବା ପାଇଁ ସିଂହାସନର ଚତୁର୍ଦ୍ଦିଗରେ ବିରାଜମାନ ଅସଂଖ୍ୟ ଦ୍ୱୀପବାସୀ ଅର୍ଥାତ୍ ଗୋଲୋକବାସୀ ଭକ୍ତଗଣ ଅନ୍ତର୍ମୁଖଭାବେ ଦୃଷ୍ଟି ପ୍ରସାରିତ ରଖିଥାଆନ୍ତି । ଏମାନେ ନିରନ୍ତର ପ୍ରେମମୟ ଦୃଷ୍ଟି ଦ୍ୱାରା ସ୍ୱୟଂ ଭଗବାନଙ୍କ ସ୍ୱରୂପର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ପାନ କରୁଥାଆନ୍ତି । ଏହି ଧାମରେ ଜରା, ମୃତ୍ୟୁ, ଶୋକ, ତାପ ଓ ବିରହ ଆଦି କିଛି ନାହିଁ । ଏହା ବୈକୁଣ୍ଠ ପରି ତ୍ରିଗୁଣର ଅତୀତ ଜ୍ୟୋତିର୍ମୟ, ନିତ୍ୟାନନ୍ଦମୟ ଅପ୍ରାକୃତ ଧାମ ।

ଏହି ଦିବ୍ୟଲୀଳାମୟ ପରମ ଧାମରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ନିତ୍ୟ ବିରାଜମାନ ।ଏହି ସ୍ଥାନରେ ଶ୍ରୀକୃଷ୍ଣହିଁ ଏକମାତ୍ର କାନ୍ତ ଏବଂ ଧାମବାସିଗଣ ସମସ୍ତେହିଁ ଲକ୍ଷ୍ମୀସ୍ୱରୂପା କାନ୍ତା । ବ୍ରହ୍ମଲୋକ ଯେପରି ବ୍ରହ୍ମ ନିର୍ଘୋଷରେ ଅର୍ଥାତ୍ ପ୍ରଣବର

ଝଙ୍କାରରେ ନିତ୍ୟ ମୁଖରିତ, ବୈକୁଣ୍ଠ ଧାମ ଯେପରି ମହାଶଙ୍ଖର ଧ୍ୱନିରେ ନିତ୍ୟ ଧ୍ୱନିମୟୀ, ସେହିପରି ଗୋଲୋକ ଧାମ ନିରନ୍ତର ଶ୍ରୀକୃଷ୍ଣଙ୍କ ବଂଶୀନାଦରେ ପ୍ରତିଧ୍ୱନିତ ହେଉଥାଏ । ସେଇଥି ପାଇଁ ଏହି ଧାମରେ ବଂଶୀଧ୍ୱନି ଧାମବାସୀ ଭକ୍ତବୃନ୍ଦଙ୍କ ନିକଟରେ ପ୍ରିୟ ସଖି ରୂପେ ପରିଚିତ । ସଖି ଯେପରି ଦୂତୀରୂପେ ପ୍ରେମିକକୁ ପ୍ରେମାସ୍ପଦର ସନ୍ଧାନ ଦିଏ ଠିକ୍ ସେହିପରି ମୁରଲୀ-ନିଃସ୍ୱନରୁହିଁ ଗୋଲୋକବାସୀ ଭକ୍ତଗଣ ଭଗବାନଙ୍କ ସନ୍ଧାନ ପାଇଥାଆନ୍ତି ଏବଂ ପ୍ରେମ-ଭକ୍ତିର ଉତ୍କର୍ଷ ଅନୁସାରେ ଏହି ବଂଶୀଧ୍ୱନିର ଅନୁସରଣ କରି ସ୍ୱୟଂ ଭଗବାନଙ୍କ ସାକ୍ଷାତ୍କାର ଲାଭ କରନ୍ତି । ସଙ୍ଗୀତ ଓ ନୃତ୍ୟ ଏଠାକାର ସହଜ ସମ୍ପଦ । ଏହି ଧାମରେ ସର୍ବଦା ଓ ସର୍ବତ୍ର ବିଭିନ୍ନ ରାଗରାଗିଣୀ ସେମାନଙ୍କ ଭାବାନୁସାରେ ଧ୍ୱନିତ ହେଉଥାଏ । ନାଟ୍ୟକଳା ଏଠାରେ ସ୍ୱାଭାବିକ ରୂପେହିଁ ସ୍ଫୁରିତ ହେଉଥାଏ । ଏଠାକାର ବୃକ୍ଷ ମାତ୍ରେହିଁ କଳ୍ପତରୁ, ତାହା ନିକଟରୁ ଯେତେବେଳେ ଯାହା ପ୍ରାର୍ଥନା କରାଯାଏ ତାହା ତତ୍କ୍ଷଣାତ୍ ପ୍ରାପ୍ତ ହୋଇଯାଏ । ଏଠାକାର ସମଗ୍ର ଭୂମିହିଁ ଚିନ୍ତାମଣି । ଏଠାରେ ଯାହା ଚିନ୍ତା କରାଯାଏ ତାହା ଅବିଳମ୍ବେ ଦିବ୍ୟ ଉଜ୍ଜ୍ୱଳ ରୂପେ ସ୍ଫୁରିତ ହୋଇଥାଏ । ଭାବ ମୂର୍ତ୍ତ ହୋଇ ଭାବନାର ସଙ୍ଗେ ସଙ୍ଗେ ଆତ୍ମପ୍ରକାଶ କରେ । ଏଠାକାର ଜଳ ମାତ୍ରେହିଁ ଅମୃତ । ଜଳର ଅମୃତ ରୂପ, ଜଳର ଅମୃତମୟ ସ୍ୱରୂପ ଏହିଠାରେହିଁ ଉପଲବ୍ଧି ହୁଏ । ଏଠାରେ ନିତ୍ୟବସନ୍ତ ବିରାଜମାନ । ଗ୍ରୀଷ୍ମର ଉତ୍କଟ ତାପ ଏବଂ ଶିଶିରର ତୀବ୍ର ହିମ ଉଭୟହିଁ ବସନ୍ତର ଅନୁଷ୍ଣ ଓ ଅଶୀତ ସ୍ପର୍ଶରୂପେ ଭକ୍ତଗଣଙ୍କର ଆନନ୍ଦ-ବର୍ଦ୍ଧନ କରିଥାଏ । ସୁତରାଂ ଏଠାରେ ଯେପରି ଏକଦିଗରେ ଜରା ଓ ମୃତ୍ୟୁ ରୂପ କାଳର ବିକାର ନାହିଁ, ସେହିପରି ଅନ୍ୟ ଦିଗରେ ବିଭିନ୍ନ ଋତୁ ରୂପରେ ଏହା ପରିଦୃଷ୍ଟ ହୁଏ ନାହିଁ । ଯେଉଁ ମହାଜ୍ୟୋତିଃରେ ଏହି ମହାଦ୍ୱୀପ ସର୍ବଦା ପ୍ରକାଶ ପାଇଥାଏ ତାହା ଚିଦାନନ୍ଦମୟ ସ୍ନିଗ୍ଧ ଜ୍ୟୋତିଃ, ହ୍ଲାଦିନୀ ଶକ୍ତିରୁ ନିର୍ଗତ ଜ୍ୟୋତ୍ସ୍ନାରାଶି, ଜ୍ଞାନର ପ୍ରଖର ଆଲୋକ ନୁହେଁ । ଏହି ସ୍ନିଗ୍ଧ ଜ୍ୟୋତିଃକୁହିଁ ରସରୂପରେ ଭକ୍ତଗଣ ଆସ୍ୱାଦନ କରି ଥାଆନ୍ତି । ସେଠାରେ ଗୋ ରୂପେ ଅର୍ଥାତ୍ କାମଧେନୁ ରୂପେ ଚିନ୍ମୟ କିରଣଧାରା ଅନବରତ ଅମୃତରୂପେ କ୍ଷୀର ବର୍ଷଣ କରୁଥାଏ । ଏହି ସ୍ଥାନରେ କାଳର ଗତି ଅବରୁଦ୍ଧ, କାଳ ଏଠାରେ ଅଚଳ । ଏଠାରେ କାଳର ଚାଞ୍ଚଲ୍ୟ ନ ଥିବାରୁ ବର୍ତ୍ତମାନ ରୂପରେ ଏକ ମହାକାଳହିଁ ନିତ୍ୟ ବିଦ୍ୟମାନ । ଗୋଟିଏ ବିଶୁଦ୍ଧ ବର୍ତ୍ତମାନ – ଏହାର ଗୋଟିଏ ଦିଗରେ ଅତୀତ ବା ଅନ୍ୟଦିଗରେ ଅନାଗତ ଭବିଷ୍ୟତ୍ ବୋଲି କିଛି ନାହିଁ । ଏହାହିଁ ଯୋଗୀମାନଙ୍କର ମହାକ୍ଷଣ – ଯାହା କଳ୍ପନାର ଊର୍ଦ୍ଧ୍ୱରେ, ମନୋମୟ ବିକଳ୍ପ ରାଜ୍ୟର ଊର୍ଦ୍ଧ୍ୱରେ ନିତ୍ୟ ସିଦ୍ଧ ଓ ସ୍ୱୟଂ ପ୍ରକାଶ ରୂପେ ବିଦ୍ୟମାନ । ଏଠାରେ ଏକମାତ୍ର ଚିଚ୍ଛକ୍ତିହିଁ ଚିତ୍ ସ୍ୱରୂପରେ ନିତ୍ୟ ଖେଳା କରନ୍ତି; ଏହି ଚିଚ୍ଛକ୍ତିର ଖେଳାହିଁ ଭଗବାନଙ୍କର ନିତ୍ୟ ବିହାର ।

ମହାଗୋଲୋକର ମଧ୍ୟସ୍ଥାନରେ ଶ୍ରୀକୃଷ୍ଣଙ୍କ ଅନ୍ତଃପୁର ଅବସ୍ଥିତ । ଅନ୍ତଃପୁରର ବହିର୍ଦେଶରେ ଅସଂଖ୍ୟ ସଭାଗୃହ ବିଦ୍ୟମାନ ରହିଛି । ଏହି ସକଳ ପୁରରୁ ମହାବୃନ୍ଦାବନ ଓ କେଳି-ବୃନ୍ଦାବନକୁ ଯାତାୟାତ ଉପଯୋଗୀ ବିଭିନ୍ନ ମାର୍ଗ ରହିଛି । କେଳିବୃନ୍ଦାବନ ଅନନ୍ତ କିନ୍ତୁ ସେଗୁଡ଼ିକର ସମଷ୍ଟୀଭୂତ ମହା-ବୃନ୍ଦାବନ ଏକ । ଯେଉଁ ସକଳ ପୁରୋଗାମୀ ମାର୍ଗ କଥା କୁହାଗଲା ତାହାର ପ୍ରତ୍ୟେକଟି ମାର୍ଗ କମଳର ଗୋଟିଏ ଗୋଟିଏ ଦଳସନ୍ଧିରେ ଆସି ଯୁକ୍ତ ହୋଇଥାଆନ୍ତି । ଶ୍ରୀକୃଷ୍ଣଙ୍କର ଗୋଷ୍ଠ ବା ଗୋଚାରଣ ଭୂମି ଏହି କମଳକୁ ଘେରି ଚାରିଦିଗରେ ବିସ୍ତୃତ ।...

## ବୃନ୍ଦାବନର କୁଞ୍ଜବନ

ମହାବୃନ୍ଦାବନ ମଧ୍ୟରେ କୁଞ୍ଜବହୁଳ କେଳିବନସକଳ ବିଦ୍ୟମାନ ରହିଛନ୍ତି । ଏହି ସକଳ ବନ ଅତ୍ୟନ୍ତ ଗୁପ୍ତ ଓ ଭଗବାନଙ୍କ ଭିନ୍ନ ଅନ୍ୟମାନଙ୍କ ଦୃଷ୍ଟିର ଅଗୋଚର । ଏପରିକି ଭଗବାନଙ୍କର ମହିଷୀବର୍ଗ ମଧ୍ୟ, ଏହି ସ୍ଥାନସବୁର ସନ୍ଧାନ ଜାଣନ୍ତି ନାହିଁ । ମହିଷୀବର୍ଗ ଲକ୍ଷ୍ମୀସ୍ୱରୂପା, ସେମାନଙ୍କ ଭକ୍ତିରେ ଐଶ୍ୱର୍ଯ୍ୟଭାବର ପ୍ରାଧାନ୍ୟ ରହିଛି । ତେଣୁ ସେମାନେ ଐଶ୍ୱର୍ଯ୍ୟମୟ ରାଜ-ପ୍ରାସାଦରେ ରହି ଐଶ୍ୱର୍ଯ୍ୟମୟ ଭଗବାନଙ୍କର ଉପାସନା କରନ୍ତି । ମାଧୁର୍ଯ୍ୟ ଲୀଳାର ନିକେତନ ସ୍ୱରୂପ ବନସ୍ଥଳୀର ସନ୍ଧାନ ସେମାନେ ଜାଣନ୍ତି ନାହିଁ । ବସ୍ତୁତଃ ଏହି ସକଳ କୁଞ୍ଜମୟ ବନରାଜି ଭଗବାନଙ୍କର ସେହି ସକଳ ପ୍ରେୟସୀବର୍ଗଙ୍କ ପାଇଁ ଅଭିପ୍ରେତ ଯେଉଁମାନେ ସମର୍ଥା ରତିରେ ଅଧିକାର ଲାଭ କରି, ତାହାର କ୍ରମବିକାଶ ପଥରେ ଭଗବାନଙ୍କ ସହ ମାଧୁର୍ଯ୍ୟମୟ ବିଳାସରେ ପ୍ରବୃତ୍ତ ହୋଇଛନ୍ତି । ଏହି ବିଳାସର ପୂର୍ଣ୍ଣ ପରିଣତି ମହାଭାବମୟୀ ଶ୍ରୀରାଧାଙ୍କ ଭିତରେ । ମହିଷୀଗଣ ସମଞ୍ଜସା ରତିର ପ୍ରତିମୂର୍ତ୍ତି ବୋଲି ଏହି ସକଳ କୁଞ୍ଜରେ ପ୍ରବେଶ କରିପାରନ୍ତି ନାହିଁ । ବନ ଭୂମିର ଖେଳା ଅତ୍ୟନ୍ତ ଗୁପ୍ତ ଓ ଗୋପନୀୟ । ପୌର୍ଣ୍ଣମାସୀ ରୂପିଣୀ ଯୋଗମାୟାଙ୍କ ଅନ୍ତରାଳରେ ଏହି ରହସ୍ୟଲୀଳା ବା ରସବିଳାସ ନିରନ୍ତର ସଂଘଟିତ ହୁଏ ।

ଗୋକୁଳ ପଦ୍ମର ଗୋଟିଏ ଗୋଟିଏ ପାଖୁଡ଼ାରେ ଯେଉଁ ସମସ୍ତ କେଳିବନ ରହିଛି, ତହିଁରେ ଭଗବାନଙ୍କର ସେହି ସକଳ ଭକ୍ତ ବାସ କରନ୍ତି ଯେଉଁମାନେ ସ୍ୱୟଂ କାନ୍ତା ଭାବରେ କାନ୍ତରୂପୀ ଭଗବାନଙ୍କର ରସମାର୍ଗରେ ଉପାସନା କରନ୍ତି । ଶ୍ରୀଭଗବାନ୍ ଆତ୍ମଲୀଳା ଉପଯୋଗୀ ଏକ ମହାପୀଠ ପୃଥକ୍ ଭାବରେ ଗୋଲୋକ ମଧ୍ୟରେହିଁ ପ୍ରକାଶିତ କରନ୍ତି । ଏହି ପୀଠହିଁ ସହସ୍ରଦଳ କମଳ ଆକାର ମାଥୁର ମଣ୍ଡଳ । ଏହାର ଅନ୍ତର୍ବର୍ତ୍ତୀ ବିଭାଗଟି ଗୋକୁଳ ନାମରେ ପ୍ରସିଦ୍ଧ । ଏହି ପୀଠହିଁ ଶ୍ରୀବୃନ୍ଦାବନ ତତ୍ତ୍ୱର ରହସ୍ୟ । ଏହା ଭକ୍ତମାନଙ୍କ ପାଇଁ ଅନାଦିକାଳରୁ ଭଗବାନଙ୍କ ଅନାଦି ଇଚ୍ଛାରେ ରଚିତ ହୋଇଛି । ଜ୍ଞାନୀ ବା କର୍ମୀ ଏଠାରେ ପ୍ରବେଶ ପଥ ପାଆନ୍ତି ନାହିଁ । ଏଠାରେ ପୁରୁଷ ଓ ନାରୀ ସମସ୍ତେ କିଶୋର ବୟସ୍କ । ସେମାନେ ସମସ୍ତେ ଭଗବାନଙ୍କର ସ୍ୱରୂପ ଶକ୍ତିରୁ ପ୍ରକଟିତ ହୋଇଥିବାରୁ ଭଗବାନଙ୍କରହିଁ ଅଂଶ । ସୁଖମୟ ବସନ୍ତ ଏଠାରେ ନିତ୍ୟ ବିରାଜମାନ । ବନଭୂମି ନିରନ୍ତର ସୁକଣ୍ଠ ବିହଙ୍ଗମକୁଳର କାକଳୀ ଦ୍ୱାରା ମୁଖରିତ । ମନ୍ଦ ମନ୍ଦ ସମୀରଣ ସହ ପଦ୍ମରେଣୁ ବିକୀର୍ଣ୍ଣ ହୋଇଥିବାରୁ ସମଗ୍ର ଯୋଗପୀଠଟି ନିରନ୍ତର ମାଧୁର୍ଯ୍ୟମୟ ପଦ୍ମଗନ୍ଧରେ ସୁରଭିତ । ଏଠାରେ ଶୋକ ଅଥବା ଦୁଃଖ, ଜରା ଅଥବା ମୃତ୍ୟୁ, କ୍ରୋଧ, ମାତ୍ସର୍ଯ୍ୟ ଅଥବା ଅହଂକାର କିଛି ନାହିଁ । ଏହା ଗୁଣାତୀତ ବୃନ୍ଦାଦେବୀଙ୍କ ଦ୍ୱାରା ସତତ ସଂରକ୍ଷିତ ଥାଏ । ବୃନ୍ଦାବନର ଏହି ପୀଠହିଁ ରାଧା-ଗୋବିନ୍ଦଙ୍କର ଲୀଳାଭୂମି । ଏହା ଗୁହ୍ୟଠାରୁ ମଧ୍ୟ ଗୁହ୍ୟତର ଏବଂ ବାହ୍ୟ ଓ ଆନ୍ତର ଭାବରେ ଗୋଲୋକରେ ନିତ୍ୟ ପ୍ରତିଷ୍ଠିତ ।

## ଷୋଡ଼ଶ ସଖୀ

ଏହି ମହାପୀଠରେ ଧ୍ୱଜାବିତାନ ମଣ୍ଡିତ ମାଣିକ୍ୟମୟ ମଣ୍ଡପ ଶୋଭା ପାଉଥାଏ, ଯାହାର କେନ୍ଦ୍ରସ୍ଥଳରେ ନାନା ରତ୍ନଖଚିତ ଅଷ୍ଟକୋଣ ଯୋଗପୀଠ ପ୍ରତିଷ୍ଠିତ । ଏହା ସହସ୍ରସ୍ତମ୍ଭ ଦ୍ୱାରା ବିଧୃତ ଏବଂ ଅସଂଖ୍ୟ ତୋରଣାବଳୀରେ ଶୋଭିତ । ଏହା ଉପରେ ମାଣିକ୍ୟମୟ ସିଂହାସନରେ ଅଷ୍ଟଦଳ କମଳ – ଯାହାର କର୍ଣ୍ଣିକାରେ ଓ କେଶର ରାଜିରେ ଶ୍ରୀଗୋବିନ୍ଦ ପ୍ରିୟତମ ଭକ୍ତମାନଙ୍କ ସଙ୍ଗେ ବିହାର କରନ୍ତି । ରାଧାଗୋବିନ୍ଦଙ୍କର ଯୁଗଳ ମୂର୍ତ୍ତି ଏହି କର୍ଣ୍ଣିକାର ଉପରେ ପରସ୍ପର ଜଡ଼ିତ ଭାବେ ଭୁବନ ମୋହନ ସୌନ୍ଦର୍ଯ୍ୟରେ ଦିଗ୍‌ଦିଗନ୍ତ ଆଲୋକିତ କରି ପ୍ରକାଶ ପାଉ ଥାଆନ୍ତି । ଏହି ଗୌରତେଜଃ ରାଧା ଓ ଶ୍ୟାମତେଜଃ ଶ୍ରୀକୃଷ୍ଣ । ଜଳରେ ମାଧୁର୍ଯ୍ୟ ପରି, ବାୟୁରେ ସ୍ପର୍ଶପରି, ଚନ୍ଦ୍ରରେ ଜ୍ୟୋତ୍ସ୍ନା ପରି, ଅଗ୍ନିରେ ଦାହିକାଶକ୍ତି ପରି – ଶ୍ରୀକୃଷ୍ଣ ସ୍ୱରୂପରେ ରାଧାରୂପ ସ୍ୱରୂପ ଶକ୍ତି ଅଭିନ୍ନ ରୂପେ ବିରାଜ କରନ୍ତି । ମେଘ କୋଳରେ ଯେପରି ସୌଦାମିନୀ ପ୍ରକାଶ ପାଏ – ଏହା ଠିକ୍ ସେହିପରି । କମଳର ଅଷ୍ଟଦଳରେ ଲଳିତାଦି ଅଷ୍ଟସଖୀ ନିଜ ନିଜର ସ୍ୱଭାବରେ ଅବସ୍ଥିତ । ପୂର୍ବରେ ବିଶାଖା, ପଶ୍ଚିମରେ ଲଳିତା, ଉତ୍ତରରେ ଶ୍ରୀମତୀ ଏବଂ ଦକ୍ଷିଣରେ ପଦ୍ମା । ଅଗ୍ନିକୋଣରେ ଶୈବ୍ୟା, ନୈର୍ଋତ କୋଣରେ ଭଦ୍ରା, ବାୟୁ କୋଣରେ ଶ୍ୟାମଳା ଓ ଈଶାନ କୋଣରେ ହରିପ୍ରିୟା । ଏହି ଅଷ୍ଟଶକ୍ତିଙ୍କ ପାର୍ଶ୍ୱଦେଶରେ ଆହୁରି ଆଠଟି ଶକ୍ତିର ପ୍ରକାଶ ହୋଇଥାଏ, ଯଥା – ଚନ୍ଦ୍ରାବଳୀ (ଚନ୍ଦ୍ରରେଖା), ବୃନ୍ଦା, ବଦନସୁନ୍ଦରୀ, ଶ୍ରୀପ୍ରିୟା, ମଧୁମତୀ, ଶଶିଲେଖା, କୁଞ୍ଜରୀ ଏବଂ ସୁମୁଖା । ଏହି ଷୋଡ଼ଶ ଶକ୍ତିହିଁ ପ୍ରଧାନ । ଏହି ସକଳ ଶକ୍ତିଙ୍କର ନାମ ଏବଂ ସନ୍ନିବେଶ ବହୁ ପ୍ରକାରରେ ହୋଇପାରେ । ଏହି ଯୋଗପୀଠରେ ଯେଉଁସବୁ ସଂଜ୍ଞା ସିଦ୍ଧ ସମାଜରେ ପ୍ରଚଳିତ ଅଛି – ତନ୍ମଧ୍ୟେ ଆନନ୍ଦ ମଣ୍ଡପ, ସାମ୍ରାଜ୍ୟ ମଣ୍ଡପ, ସୌଭାଗ୍ୟ ମଣ୍ଡପ, ଶୃଙ୍ଗାର ମଣ୍ଡପ, ସୁରତ ମଣ୍ଡପ, ଶ୍ରୀରତ୍ନ ମଣ୍ଡପ, ମହା ମାଧୁର୍ଯ୍ୟ ମଣ୍ଡପ ଓ ରାଧା ସୌଭାଗ୍ୟ ମଣ୍ଡପ – ଏହି ଆଠଟି ପ୍ରଧାନ । ଏହି ପୀଠରେ ରାଧାଗୋବିନ୍ଦଙ୍କର ଗୁହ୍ୟଲୀଳା, ଦିବ୍ୟ ଓ ଅଦିବ୍ୟ ସମଗ୍ର ଜଗତର ଦୃଷ୍ଟିର ଅଗୋଚରରେ ଅନୁଷ୍ଠିତ ହେଉଥାଏ । ଏହି ଲୀଳାର ଅବସାନରେ ରାଧା-ଗୋବିନ୍ଦ ଅଦ୍ୱୈୟ ଆତ୍ମସ୍ୱରୂପରେ ବିଶ୍ରାମ କରନ୍ତି । ସେତେବେଳେ ରାଧା ଅଥବା ଗୋବିନ୍ଦଙ୍କର କୌଣସି ବିଗ୍ରହ ପ୍ରତିଭାତ ହୁଏ ନାହିଁ । ଏକ ଅଖଣ୍ଡ ଓ ଆନନ୍ଦ ଚିନ୍ମୟ ରସର ସତ୍ତାରେ ବିଗ୍ରହଦ୍ୱୟ ଅସ୍ତମିତ ହୁଅନ୍ତି । ଏହି ଅଦ୍ୱୈୟ ରସଘନ ଭାବ ଆଶ୍ରୟ କରିହିଁ ମହା ଚୈତନ୍ୟର ଉନ୍ମେଷ ହୋଇଥାଏ ।...

ମହାବୃନ୍ଦାବନରେ ଯେଉଁ ସମସ୍ତ କ୍ରୀଡ଼ାବନ ରହିଛି, ସେଗୁଡ଼ିକର ପ୍ରତ୍ୟେକଟିରେ ନାନା ପ୍ରକାର କୁଞ୍ଜ ବିରାଜ କରୁଥାଆନ୍ତି । ଅନ୍ତରଙ୍ଗ ଭକ୍ତଗଣଙ୍କର ତୃପ୍ତି ପାଇଁ ଶ୍ରୀରାଧା-ଗୋବିନ୍ଦଙ୍କ କୁଞ୍ଜଲୀଳା ଏହି ସକଳ କୁଞ୍ଜରେ ଅନୁଷ୍ଠିତ ହୁଏ । ସକଳ କୁଞ୍ଜହିଁ ସ୍ୱତଃସିଦ୍ଧ ଅର୍ଥାତ୍ କୌଣସି ବିଶିଷ୍ଟ କୁଞ୍ଜର ଲୀଳାରେ ଅନ୍ୟ କୁଞ୍ଜ ସହିତ କୌଣସି ସମ୍ପର୍କ ନ ଥାଏ, ପୁଣି କୁଞ୍ଜସବୁର ପରସ୍ପରର ସମ୍ବନ୍ଧ ରୂପେ ମଧ୍ୟ ଭଗବତ୍ ଲୀଳା ହୋଇଥାଏ । ସେଇଥିପାଇଁ ଯଦିଓ ବାହ୍ୟ ଦୃଷ୍ଟିରେ ଗୋଟିଏ କୁଞ୍ଜ ସହ ଅନ୍ୟ ଏକ କୁଞ୍ଜର କୌଣସି ସମ୍ପର୍କ ନାହିଁ, ତଥାପି

ପ୍ରତି କୁଞ୍ଜ ସହ ପ୍ରତି କୁଞ୍ଜର ଗୁପ୍ତ ସମ୍ବନ୍ଧ ରହିଛି ଏବଂ ଅତ୍ୟନ୍ତ ଗୁପ୍ତ ସଂଚାରରେ ମାର୍ଗ ମଧ୍ୟ ରହିଛି । ଗୋଟିଏ ଗୋଟିଏ ବନ ଭାବାନୁଯାୟିନୀ ପ୍ରକୃତିର ଗୋଟିଏ ଗୋଟିଏ ପ୍ରତୀକ । ଭାବ ଅନନ୍ତ ବୋଲି କେଳି କାନନର ସଂଖ୍ୟା ବାସ୍ତବରେ ଅନନ୍ତ । ଯେପରି ପ୍ରକୃତି ମୂଳ ସ୍ୱରୂପରେ ଅଭିନ୍ନ ହେଲେ ମଧ୍ୟ ବିଳାସର ବୈଶିଷ୍ଟ୍ୟ ଅନୁସାରେ ତହିଁରେ ଆସ୍ୱାଦନର ବୈଚିତ୍ର୍ୟ ରହିଥାଏ, ସେହିପରି ବନ ଏକ ହେଲେ ମଧ୍ୟ ତହିଁରେ ବିଭିନ୍ନ କୁଞ୍ଜ ଅନ୍ତର୍ଗତ ହୋଇଥାଏ ଓ ଏକହିଁ ବନର ଅନ୍ତର୍ଗତ ବିଭିନ୍ନ କୁଞ୍ଜରେ ବିଭିନ୍ନ ପ୍ରକାର ମାଧୁର୍ଯ୍ୟ ରସର ଆସ୍ୱାଦନ ହୋଇଥାଏ ।

## ଶ୍ୟାମକୁଣ୍ଡ, ରାଧାକୁଣ୍ଡ, ଗୋବର୍ଦ୍ଧନ ଓ ଯମୁନା

ଶ୍ରୀବୃନ୍ଦାବନର ବର୍ଣ୍ଣନା ପ୍ରସଙ୍ଗରେ ଶ୍ୟାମକୁଣ୍ଡ, ରାଧାକୁଣ୍ଡ, ଗୋବର୍ଦ୍ଧନ ପର୍ବତ ଓ ଯମୁନା ସମ୍ପର୍କରେ ସଂକ୍ଷେପରେ କିଛି କହିବା ଆବଶ୍ୟକ । ଶ୍ୟାମକୁଣ୍ଡ ଓ ରାଧାକୁଣ୍ଡ ସ୍ୱରୂପତଃ ପରସ୍ପରଠାରୁ ପୃଥକ୍ ଭାବରେ ଅବସ୍ଥିତ ହେଲେ ମଧ୍ୟ ଉଭୟ ମଧ୍ୟରେ ସଂଯୋଗ ରହିଥାଏ । ପୂର୍ବରେ ଶ୍ୟାମକୁଣ୍ଡ ଓ ପଶ୍ଚିମରେ ରାଧାକୁଣ୍ଡ ଅବସ୍ଥିତ । ଉଭୟ କୁଣ୍ଡର ସଂଯୋଗ ସେତୁ ଏକ କୁଣ୍ଡରୁ ଅନ୍ୟ କୁଣ୍ଡକୁ ଜଳ ସଞ୍ଚାର କରିବା ପାଇଁ ବିଦ୍ୟମାନ ରହିଛି । ରାଧାକୁଣ୍ଡ ହେଉଛି ଚତୁଷ୍କୋଣ ବିଶିଷ୍ଟ ଏକ ସରୋବର ଯେଉଁଥିରେ ସ୍ୱଚ୍ଛ ଜଳରାଶି ନିରନ୍ତର ଶୋଭା ପାଉଥାଏ । ଏହାର ଚାରିଦିଗରେ ଚାରିଟି ଘାଟ ଏବଂ ମଣିମୟ ମନ୍ଦିର ସ୍ଥାପିତ । ପ୍ରତିଘାଟର ଦୁଇ ପାର୍ଶ୍ୱରେ ରତ୍ନମୟ କୁଟୀର । ଚାରିଦିଗର ଭୂମିରୁ ଜଳକୁ ଓହ୍ଲାଇବା ପାଇଁ ମଣିରତ୍ନମୟ ସୋପାନ-ଶ୍ରେଣୀ ସ୍ତରକୁ ସ୍ତର ବିନ୍ୟସ୍ତ ହୋଇରହିଛି । ରାଧାକୁଣ୍ଡର ଆଠଦିଗରେ ଆଠଟି କୁଞ୍ଜ ରହିଛି । ପୂର୍ବରେ କଦମ୍ବ କୁଞ୍ଜ, ପଶ୍ଚିମରେ ଆମ୍ରକୁଞ୍ଜ, ଦକ୍ଷିଣରେ ଚମ୍ପକ କୁଞ୍ଜ, ଉତ୍ତରରେ ଗୋକୁଳ କୁଞ୍ଜ । ସେହିପରି ଅଗ୍ନି, ନୈର୍ଋତ, ବାୟୁ ଓ ଈଶାନ କୋଣରେ ଚାରିଟି ପୃଥକ୍ ମାଧବୀ କୁଞ୍ଜ ଶୋଭା ପାଆନ୍ତି । ରାଧାକୁଣ୍ଡର ପୂର୍ବଦିଗରେ ଶ୍ୟାମକୁଣ୍ଡ – ସେତୁ ଦ୍ୱାରା ଉଭୟ କୁଣ୍ଡର ସଂଗମ । କୁଣ୍ଡର ଚତୁଃପାର୍ଶ୍ୱରେ, ପ୍ରତି କୁଞ୍ଜକୁ ବେଷ୍ଟନ କରି ପୁଷ୍ପବନ ରହିଛି । ଅସଂଖ୍ୟ ବର୍ଣ୍ଣ ଓ ନାନା ସୁଗନ୍ଧ ବିଶିଷ୍ଟ ସୁନ୍ଦର ପୁଷ୍ପ ସବୁସମୟରେ ପ୍ରସ୍ଫୁଟିତ ହେଉଥାଆନ୍ତି । ଛଅ ଋତୁର ପୁଷ୍ପ ଓ ଫଳ ଏକତ୍ର ଭାବରେ ସବୁ ସମୟରେ ଦେଖିବାକୁ ମିଳେ । ଏହି ସକଳ ବନ ଓ ଉପବନରେ ନାନା ଜାତିର ପକ୍ଷୀମାନେ ନିରନ୍ତର ଭଗବାନଙ୍କ ଗୁଣଗାନ କରୁଥାଆନ୍ତି । ଅସଂଖ୍ୟ ପ୍ରକାରର ଲତା ବିତାନ ମଧ୍ୟ ଶୋଭା ପାଉଥାଏ । କୁଣ୍ଡର ସଲିଳରେ ବିଭିନ୍ନ ବର୍ଣ୍ଣର ଅର୍ଥାତ୍ ଶ୍ୱେତ, ନୀଳ, ରକ୍ତ, ପୀତ ଆଦି ନାନା ବର୍ଣ୍ଣର ପଦ୍ମ ଫୁଟି ରହିଥାଆନ୍ତି । ହଂସ-ହଂସୀ, ଚକ୍ରବାକ-ଚକ୍ରବାକୀ, ଡାହୁକ-ଡାହୁକୀ ଆଦି ପକ୍ଷୀ କ୍ରୀଡ଼ା କରୁଥାଆନ୍ତି । ଉତ୍ତର ଦିଗର ଘାଟରେ ଅନଙ୍ଗ ମଞ୍ଜରୀଙ୍କ କୁଞ୍ଜ । ତାହା ନିକଟରେ ଲଳିତାଙ୍କ କୁଞ୍ଜ । ଏହି କୁଞ୍ଜଟିକୁ ରାଜ ପାଟଧାମ କୁଞ୍ଜ କୁହାଯାଏ ଓ ଏହି କୁଞ୍ଜରେ ମଧ୍ୟାହ୍ନ ସମୟରେ ରାଧାକୃଷ୍ଣ ବିଶ୍ରାମ କରନ୍ତି । ଏଠାରେ ସେବାର ଉପଯୋଗୀ ଯାବତୀୟ ଦ୍ରବ୍ୟ ସମ୍ଭାର ସର୍ବଦା ରହିଥାଏ । ଏହି କୁଞ୍ଜର ଅପର ନାମ ଯାହା ଭକ୍ତସମାଜରେ ବିଶେଷ ପ୍ରସିଦ୍ଧ – ଲଳିତା-ନନ୍ଦଦା କୁଞ୍ଜ । ଏହାର ବାହାରେ ଆଠଦିଗରେ ଆଠଟି କୁଞ୍ଜ । ଗୋଟିଏ ଗୋଟିଏ କୁଞ୍ଜର ବର୍ଣ୍ଣ ଗୋଟିଏ ଗୋଟିଏ ପ୍ରକାରର । ତେଣୁ ଆଠ ଦିଗରେ ନିରନ୍ତର ଆଠ ପ୍ରକାରର ବର୍ଣ୍ଣ ଖେଳା କରୁଥାଏ । ଯେଉଁ କୁଞ୍ଜରେ ଯେଉଁ ବର୍ଣ୍ଣ ପ୍ରତିଭାସିତ ହୁଏ, ସେଠାକାର ତରୁଲତା, ପଶୁପକ୍ଷୀ ସମସ୍ତେହିଁ ସେହି ବର୍ଣ୍ଣଧାରଣ କରନ୍ତି । ରାଧାକୃଷ୍ଣ ସେହି କୁଞ୍ଜରେ ପ୍ରବେଶ କରିବା ସମୟରେ ସେହି ବର୍ଣ୍ଣରେ ରଞ୍ଜିତ ହୋଇ ପ୍ରକାଶିତ ହୁଅନ୍ତି । ସିଦ୍ଧ ଭକ୍ତଗଣଙ୍କର ଦୃଷ୍ଟି ଅନୁସାରେ ଏହି ଅଷ୍ଟ କୁଞ୍ଜର ବିନ୍ୟାସ ଏହି ପ୍ରକାରର – ପୂର୍ବରେ ଚିତ୍ରାଙ୍କର କୁଞ୍ଜ, ପଶ୍ଚିମରେ ତୁଙ୍ଗବିଦ୍ୟାଙ୍କର କୁଞ୍ଜ, ଉତ୍ତରରେ ଲଳିତାଙ୍କ କୁଞ୍ଜ, ଦକ୍ଷିଣରେ ଚମ୍ପକଲତାଙ୍କର କୁଞ୍ଜ, ଅଗ୍ନିକୋଣରେ ଇନ୍ଦୁରେଖାଙ୍କର, ନୈର୍ଋତ କୋଣରେ ରଙ୍ଗଦେବୀଙ୍କର, ବାୟୁକୋଣରେ ସୁଦେବୀଙ୍କର ଏବଂ ଈଶାନ କୋଣରେ ବିଶାଖାଙ୍କର କୁଞ୍ଜ ଶୋଭା ପାଉଥାଏ । ଲଳିତା ଓ ବିଶାଖାଙ୍କୁ ବାଦ୍ ଦେଇ ଚିତ୍ରାଙ୍କର ଚିତ୍ରବର୍ଣ୍ଣ, ଇନ୍ଦୁରେଖାଙ୍କର ଶ୍ୱେତବର୍ଣ୍ଣ, ଚମ୍ପକଲତାଙ୍କର ପୀତ ବର୍ଣ୍ଣ, ରଙ୍ଗଦେବୀଙ୍କର ଶ୍ୟାମବର୍ଣ୍ଣ, ତୁଙ୍ଗବିଦ୍ୟାଙ୍କର ଲୋହିତ ବର୍ଣ୍ଣ ଓ ସୁଦେବୀଙ୍କର ହରିତ୍ ବର୍ଣ୍ଣ ।

ରାଧାକୁଣ୍ଡ ପରି ଶ୍ୟାମକୁଣ୍ଡର ମଧ୍ୟ ଆଠଟି ନର୍ମ ସଖାଙ୍କର ଆଠଟି କୁଞ୍ଜ ଅଛି । ଶ୍ୟାମକୁଣ୍ଡର ବାୟୁକୋଣର ଘାଟ ହେଉଛି ମାନସ ପାବନ ଘାଟ, ଏଠାରେ ସ୍ୱୟଂ ରାଧା ସ୍ନାନ କରନ୍ତି । ଉତ୍ତର ଦିଗର ଘାଟ ମଧୁର ଘାଟ, ଏଠାରେ ଲଳିତା ସ୍ନାନ କରନ୍ତି; ଈଶାନ କୋଣସ୍ଥିତ ଉଜ୍ଜ୍ୱଳ ଘାଟରେ ବିଶାଖା ସ୍ନାନ କରନ୍ତି । ଠିକ୍ ସେହିପରି ଅର୍ଜୁନ, ଗନ୍ଧର୍ବ, କୋକିଳ, ବିଦଗ୍ଧ, ସନନ୍ଦ ପ୍ରଭୃତି ସଖାଙ୍କର ଘାଟରେ ନିଜ ନିଜର

ସଖୀ ସ୍ନାନ କରନ୍ତି । ସଖା ଓ ସଖୀଙ୍କ ଭିତରେ ବନ୍ଧନସୂତ୍ର ଏଥିରୁ ବୁଝାଯାଏ ।

ଗୋବର୍ଦ୍ଧନ ପର୍ବତ ଅପ୍ରାକୃତ ଲୀଳାର ଏକ ବିଶେଷ କ୍ଷେତ୍ର । ଏହା ସହିତ ଏଥିରୁ ନିଃସୃତ ମାନସ ଗଙ୍ଗାର ସର୍ବଶେଷ ସମ୍ବନ୍ଧ ରହିଛି । ବୃନ୍ଦାବନ ତଳବାହିନୀ ଶ୍ରୀଯମୁନା ମଧ୍ୟ ବିଶେଷ ଉଲ୍ଲେଖଯୋଗ୍ୟ । ବିରଜା ଭେଦ ନ ହେଲେ ଯେପରି ବୈକୁଣ୍ଠ ଧାମରେ ପ୍ରବେଶ ହୋଇ ପାରିବ ନାହିଁ ସେହିପରି ଯମୁନା ଭେଦ ନ କରି ପାରିଲେ ସ୍ୱୟଂ ଭଗବାନଙ୍କ ଧାମରେ ପ୍ରବେଶ କରି ହେବ ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିରେ ଯମୁନା ସୁଷୁମ୍ନାର ଅନ୍ୟ ନାମ । ଏହା ବୃହତ୍ ବ୍ରହ୍ମସଂହିତାରେ ସ୍ପଷ୍ଟଭାବରେ ଉଲ୍ଲିଖିତ ହୋଇଛି । ସୁଷୁମ୍ନାକୁ ଆଶ୍ରୟ ନ କରି ଯେପରି ଯୋଗୀର ସଞ୍ଚାର ସମ୍ଭବ ନୁହେଁ ଠିକ୍ ସେହିପରି ଯମୁନାକୁ ଆଶ୍ରୟ ନ କଲେ ଭଗବାନଙ୍କ ନିତ୍ୟଲୀଳାର ସ୍ଥାନ ଆତ୍ମପ୍ରକାଶ କରେ ନାହିଁ । ଯମୁନା ସୂର୍ଯ୍ୟକନ୍ୟା ବୋଲି ପ୍ରସିଦ୍ଧ । କାଳାତ୍ମକ ଯମ ମଧ୍ୟ ସୂର୍ଯ୍ୟଙ୍କ ତନୟ । ସୁତରାଂ କାଳର ଅତୀତ ନିତ୍ୟଧାମ କାଳଶକ୍ତି ଯମୁନାର ପରପାରରେ ଅବସ୍ଥିତ — ଏହା ସ୍ୱାଭାବିକ । ❖

## ଶ୍ରୀଅରବିନ୍ଦଙ୍କ ନାମରେ ଥିବା 'ଶ୍ରୀ'

(ନଳିନୀକାନ୍ତ ଗୁପ୍ତ ଏହି ପତ୍ରଟିରେ ଦର୍ଶାଇଛନ୍ତି ଶ୍ରୀଅରବିନ୍ଦଙ୍କ ନାମରେ ରହିଥିବା 'ଶ୍ରୀ' କେବଳ ଏକ ପ୍ରଚଳିତ ଭାଷାର ପ୍ରୟୋଗ ନୁହେଁ; ଏହାର ଗଭୀରତର ତାତ୍ପର୍ଯ୍ୟ ରହିଛି ।)

ଛୋଟ ଭଉଣି,

ମା' ଙ୍କୁ ଲେଖିଥିବା ତୁମର ପତ୍ରଟି ସେ ମୋତେ ଦେଖାଇଛନ୍ତି, ଯେଉଁଥିରେ 'ଶ୍ରୀ' ଶବ୍ଦଟିର ସମସ୍ୟାକୁ ନେଇ ତୁମେ କିପରି ଅଡୁଆରେ ପଡ଼ିଛ ବୋଲି ଉଲ୍ଲେଖ କରିଛ । ଏବିଷୟରେ ମୋର ବିଚାର ଓ ଦୃଷ୍ଟିକୋଣ କ'ଣ, ତାହା ତୁମକୁ ଜଣାଇବା ପାଇଁ ମା' ଇଚ୍ଛା ପ୍ରକାଶ କରିଛନ୍ତି । ବେଶ୍, ତା'ହେଲେ ମୁଁ ସ୍ପଷ୍ଟ ଓ ସାଧାସିଧା ଭାବରେ ତାହା ବ୍ୟକ୍ତ କରୁଛି । ମୂଳ ନାମ 'ଅରବିନ୍ଦ' ପୂର୍ବରୁ ଯେଉଁ 'ଶ୍ରୀ' ରଖାଯାଇଛି ତାହା କେବଳ ଜଣେ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସୂଚିତ କରିବା ଅର୍ଥରେ କରାଯାଇଛି ବୋଲି ଭାବିଲେ ଭୁଲ୍ ହେବ । ଏଠାରେ, ଏହାର ଅର୍ଥ ମିଷ୍ଟର୍, ମସିଁଓ ବା ସାର୍ ଆଦି ନୁହେଁ । ଏହା ହେଉଛି ପୂରା ନାମଟିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶ୍ରୀଅରବିନ୍ଦ ଏକ ଅବିଭାଜିତ ଶବ୍ଦ ରୂପେ ଗଠିତ । ସ୍ୱୟଂ ଶ୍ରୀଅରବିନ୍ଦହିଁ ନିଜ ନାମରେ ଏହି ଚୂଡ଼ାନ୍ତ ରୂପ ଦେଇଥିଲେ । ଏବଂ ମୁଁ ତୁମକୁ କହିପାରେ ଯେ ତାଙ୍କ **ନାମର ଏହି ରୂପ ଭିତରେ ଏକ ମନ୍ତ୍ର ଶକ୍ତିର ପ୍ରଭାବ ଓ ଫଳ ରହିଛି ।**

ଅନ୍ୟାନ୍ୟ ଅନେକ ଭାରତୀୟ ବା ଇଉରୋପ-ଆମେରିକୀୟ ବର୍ଣ୍ଣମାଳା ଭଳି 'ଶ୍ରୀ'ର ଉଚ୍ଚାରଣ ଆଦୌ କଷ୍ଟକର ନୁହେଁ । ଏବଂ ମୁଁ ଭାବୁଛି, ଏହି ଆଳ ନେଇ ସାଧାରଣ ଇଉରୋପୀୟ ଓ ଆମେରିକାବାସୀମାନଙ୍କ ଚଳଣିର ସ୍ତରକୁ ଓହ୍ଲାଇ ଯିବାହିଁ ସେମାନଙ୍କୁ ପ୍ରବର୍ତ୍ତାଇବାର ସବୁଠୁ ଭଲ ବାଟ — ଏପରି ବିଚାର ସବୁସମୟରେ ସୁସ୍ଥ ମନୋଭାବ ନୁହେଁ । ମୋର ଭୟ ହୁଏ ଏହା ଏକ ବୃଥା ଭ୍ରମ ମାତ୍ର । ବରଂ ଉତ୍ତମ ହେବ ସେଠାକାର ଲୋକଙ୍କୁ ସାଧାରଣ ଏଭଳି ପ୍ରେରଣା ଦେଖାଇବା ଯାହା ଫଳରେ ସେମାନେ ଆହୁରି ଉପରକୁ ଉଠିଯାଇ ଯଥାର୍ଥ ସତ୍ୟଟିକୁ ତା'ର ନିଜ ସ୍ୱରୂପରେ ଧରିପାରିବା ପାଇଁ ସଚେଷ୍ଟ ହେବେ ।

ତୁମକୁ ଲିଖିତ ମୋର ଏହି ମୃଦୁ ଭର୍ତ୍ସନା ମିଶ୍ରିତ ପତ୍ରଟି ମା' ଦେଖିଛନ୍ତି ଓ ସଂପୂର୍ଣ୍ଣ ଅନୁମୋଦନ କରିଛନ୍ତି । ମୋର ଏହି ପତ୍ରରେ ସମ୍ଭବତଃ ଏକ ଅଯଥା ପାଣ୍ଡିତ୍ୟପୂର୍ଣ୍ଣ ସ୍ୱର ଥିବାର ତ୍ରୁଟି ମାର୍ଜନା କରିବ ।

(*Mother India* 2007, April, P. 273)

ତୁମର ଏକାନ୍ତ ସ୍ନେହାନୁଗତ
ବଡ଼ ଭାଇ
ନଳିନୀ କାନ୍ତ ଗୁପ୍ତ

**ଅନ୍ତରାଳ ଜଗତ୍**

# ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

''ମନର ଏପରି ଏକ ସ୍ତର ଅଛି ଯେଉଁଠି ସବୁକିଛିର ସ୍ମୃତି ସଂଚିତ ହୋଇ ରହିଥାଏ ଏବଂ ସର୍ବଦା ସେଗୁଡ଼ିକର ଅସ୍ତିତ୍ୱ ସେହିପରି ରହିଥାଏ । ପୃଥିବୀ-ଜୀବନର ସମସ୍ତ ମାନସିକ ଗତିବୃତ୍ତି ସେଠାରେ ସ୍ମୃତି ରୂପେ ତାଲିକାଭୁକ୍ତ ହୋଇ ରହିଥାଏ । ଯେଉଁମାନେ ସେଠାକୁ ଯିବାକୁ ସକ୍ଷମ ହୋଇଥାଆନ୍ତି ଏବଂ ସେଥିପାଇଁ ଆୟାସ ସ୍ୱୀକାର କରିବାକୁ ପ୍ରସ୍ତୁତ ଥାଆନ୍ତି, ସେମାନେ ଯେକୌଣସି ଜିନିଷ ଜାଣିବାକୁ ଚାହିଁଲେ, ସେଠାକୁ ଯାଇ ତାହାର ବିବରଣୀ ପାଇପାରନ୍ତି । କିନ୍ତୁ ଏହି ଅଞ୍ଚଳଟିକୁ ଅତିମାନସ ସ୍ତରଗୁଡ଼ିକ ସହ ସମାନ ବୋଲି ଭାବିବା ଠିକ୍ ନୁହେଁ । ତଥାପି ଏପରିକି ସେଠାରେ ପହଞ୍ଚିବାକୁ ହେଲେ ମଧ୍ୟ ତୁମକୁ ତୁମର ଦୈହିକ ଓ ଭୌତିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ପଡ଼ିବ, ତୁମର ସମସ୍ତ ସଂବେଦନ ବା ଇନ୍ଦ୍ରିୟାନୁଭୂତିଗୁଡ଼ିକୁ ଛାଡ଼ିଯିବାକୁ ପଡ଼ିବ ଓ ଯାହାକିଛି ସାଧାରଣ ମାନସିକ ଗତିବୃତ୍ତି ଥାଏ ସେଗୁଡ଼ିକୁ ବନ୍ଦ କରିଦେବାକୁ ହେବ, ପ୍ରାଣ-ସ୍ତରରୁ ବାହାରିଯିବାକୁ ହେବ ଏବଂ ଶରୀରର ଦାସତ୍ୱ ଭିତରୁ ମୁକୁଳିବାକୁ ପଡ଼ିବ । ତା'ହେଲେ କେବଳ ସେହି ଅଞ୍ଚଳରେ ପ୍ରବେଶ କରିବାକୁ ଓ ସବୁକିଛି ଦେଖି ପାରିବାକୁ ସକ୍ଷମ ହେବ । କିନ୍ତୁ ତୁମର ଯଦି ଏ ଦିଗରେ ଚେଷ୍ଟା କରିବା ପାଇଁ ଯଥେଷ୍ଟ ଆଗ୍ରହ ଥାଏ ତା'ହେଲେ ତୁମେ ସେଠାରେ ପହଞ୍ଚିପାରିବ ଏବଂ ପୃଥିବୀର ସ୍ମୃତିପଟରେ ଯାହାସବୁ ଲେଖାଅଛି, ତାହା ପଢ଼ିପାରିବ ।''

(ଶ୍ରୀମା'ଙ୍କ ସହ ପ୍ରଶ୍ନୋତ୍ତର, ୧୯୨୯)

*ପ୍ରଶ୍ନ : ଆପଣ କହିଛନ୍ତି ଯେ ଯେଉଁଠି ପୃଥିବୀ ଜୀବନର ସମସ୍ତ ମାନସିକ ଗତିବୃତ୍ତିଗୁଡ଼ିକ ଗଚ୍ଛିତ ହୋଇ ରହିଛି ସେଇ ସ୍ଥାନକୁ ଯିବାକୁ ହେଲେ ସ୍ଥୂଳ ଦୈହିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ହେବ... ଏବଂ ସାଧାରଣ ମନର କ୍ରିୟାକଳାପକୁ ବନ୍ଦ କରିଦେବାକୁ ପଡ଼ିବ । ଯଦି ମନର କ୍ରିୟାକଳାପଗୁଡ଼ିକୁ ବନ୍ଦ କରିଦିଆଯାଏ ତା'ହେଲେ କ'ଣ ଘଟିବ ? ଆମକୁ ସାରାଦିନ ତ କିଛି କାମ କରିବାକୁ ପଡ଼ିବ ।*

ଶ୍ରୀମା : ସାରାଦିନ ପାଇଁ ନୁହେଁ, କେବଳ ସେହି ସମୟତକ ମନର କ୍ରିୟାକଳାପ ବନ୍ଦ କରିବାକୁ ହେବ । ସ୍ଥାୟୀ ଭାବରେ ନୁହେଁ ।

*ପ୍ରଶ୍ନ : ମା, କିନ୍ତୁ ଜଣେ ଯଦି ଭୁଲିଯାଏ ? ଧରନ୍ତୁ ଦୁଇଟା ବେଳେ କିଛି କାମ କରିବାର ଅଛି, ସାଢେ ଦଶଟାରେ ଅନ୍ୟ କିଛି କାମ କରିବାର ଅଛି; ଯଦି ଜଣେ ତାହା ଭୁଲିଯାଏ...*

ଶ୍ରୀମା : ନା, ତୁମେ ଠିକ୍ ବୁଝିପାରୁ ନାହଁ । ସେହି ସ୍ଥାନକୁ ଯିବାକୁ ହେଲେ, ସେଠାକୁ ଯିବା ସମୟରେ ତୁମେ ତୁମର ମନକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ (ଏବଂ ବାକି ଯାହା ମୁଁ କହିଛି ତାହା ମଧ୍ୟ କରିବାକୁ ହେବ), କିନ୍ତୁ ଏହା କରିବାକୁ ହେବ, କେବଳ ସେଠାକୁ ଯିବା ପାଇଁ । ଉଦାହରଣ ସ୍ୱରୂପ, ତୁମେ ସ୍ଥିର କଲ ''ବର୍ତ୍ତମାନ, ମୁଁ ପୃଥିବୀ-ଇତିହାସର ଅମୁକ ଅମୁକ ଅଧ୍ୟାୟ ପଢ଼ିବାକୁ ଚାହେଁ ।'' ତା'ପରେ ତୁମେ ଏକ ଆରାମ ଚୌକିରେ ସ୍ୱଚ୍ଛନ୍ଦ ଭାବରେ ବସି ରହିଲ ଓ ଲୋକମାନଙ୍କୁ କହିଲ ତୁମର ଶାନ୍ତିଭଙ୍ଗ ନ କରିବାକୁ ଓ ତୁମେ ନିଜ ଭିତରେ ବୁଡ଼ିଗଲ ଏବଂ ତୁମର ମନକୁ ପୂରାପୂରି ନିରବ କରିଦେଲ ଓ ତୁମର ମାନସିକ ଦୂତ ବା ବାର୍ତ୍ତାବହକୁ ସେହି ସ୍ଥାନକୁ ପଠାଇଲ... ସେଠାରେ ତୁମକୁ ବାଟ ଦେଖାଇ ଠିକ୍ ବାଟରେ ଚାଳିତ କରିବା ଭଳି କେହି ଲୋକ ଥିଲେ ଖୁବ୍ ଭଲ, କାରଣ ନହେଲେ ତୁମେ ପୂରା ବାଟ ଭୁଲି ଅନ୍ୟ କେଉଁ ସ୍ଥାନକୁ ଚାଲିଯାଇପାର । ତା'ପରେ ତୁମେ ସେହି ସ୍ଥାନକୁ ଚାଲିଲ । ଏହା ଏକ ବିରାଟ ଲାଇବ୍ରେରି ପରି, ଯାହାର ଅନେକ, ଅନେକଗୁଡ଼ିଏ ଛୋଟ ପ୍ରକୋଷ୍ଠ ରହିଛି । ତା'ପରେ ତୁମେ ଯେଉଁ ବିଷୟଟି ସଂପର୍କରେ କିଛି ତଥ୍ୟ ଜାଣିବାକୁ ଚାହୁଁଥିଲ ତାହାରି ସମ୍ବନ୍ଧିତ ପ୍ରକୋଷ୍ଠଟିଏ ଦେଖିବାକୁ ପାଇବ । ତୁମେ ସେଠାରେ ଗୋଟିଏ ବୋତାମ ଚିପିବ ଏବଂ ପ୍ରକୋଷ୍ଠଟି ଖୋଲିଯିବ । ଏବଂ ତା'ଭିତରେ ତୁମେ ଦେଖିବ ଗୁଡ଼ା ହୋଇ ରହିଥିବା ଏକ ଲମ୍ବା ବିବରଣୀ, ଯାହାକି ଏକ ମାନସିକ ଗଠନର ବିବରଣୀ ଏବଂ ତାହା ତୁମ ଆଗରେ ଲମ୍ବା କାଗଜ ପରି ଖୋଲିଯିବ ଏବଂ ତାହା ତୁମେ ପଢ଼ିବାକୁ ପାଇବ । ତା'ପରେ ତୁମେ ଯାହା ଦେଖିଲ ବା ପଢ଼ିଲ, ତାହାକୁ ମନେ ମନେ ଟିପିରଖି ଚୁପ୍‌ଚାପ୍ ପୁଣି ଦେହ ଭିତରକୁ ଫେରି ଆସିଲ ଏକ ନୂତନ

ଜ୍ଞାନ ନେଇ । ଏବଂ ଯଦି ପାର ଯାହା ଦେଖିଲ ତାହାର ଏକ ସ୍ଥୂଳ ପ୍ରତିଲିପି ତିଆରି କରିପାର ଏବଂ ତା'ପରେ ଉଠି ପୂର୍ବପରି ତୁମର ଦୈନନ୍ଦିନ କାମ ଆରମ୍ଭ କରିଦେଇପାର... ଏଥିପାଇଁ ତୁମକୁ ଦଶମିନିଟ ସମୟ ଲାଗିପାରେ, ଘଣ୍ଟାଏ ବା ଅଧଘଣ୍ଟାଏ ଲାଗିପାରେ, ତାହା ନିର୍ଭର କରେ ତୁମର କ୍ଷମତା ଉପରେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା ଠିକ୍ ଭାବରେ ବାଟଟିକୁ ଜାଣିବା ଯେପରିକି ତୁମେ କିଛି ଭୁଲ୍ ନ କର ।

*ପ୍ରଶ୍ନ : ତା'ହେଲେ ବହି ପଢ଼ାପଢ଼ି ନ କରି ଆମେ ଏହି କାମଟିକୁ ନକରିବୁ କାହିଁକି ?*

ଶ୍ରୀମା : କାରଣ ଖୁବ୍ କମ୍ ସଂଖ୍ୟକ ଲୋକେ ଏହା କରିବା ପାଇଁ ସମର୍ଥ ଅଥଚ ଅନେକ ସଂଖ୍ୟକ ଲୋକେ ବହି ପଢ଼ି ପାରିବେ (ଅନେକେ ହୁଏତ ବହିକୁ ବୁଝିପାରନ୍ତି ନାହିଁ କିନ୍ତୁ ଅନେକେ ପଢ଼ି ପାରିବେ) କିନ୍ତୁ ବହିଠାରୁ ଏହି ଅନୁଭୂତିକୁ ବୁଝିବା ଆହୁରି ଅଧିକ କଷ୍ଟସାଧ୍ୟ ।

*ପ୍ରଶ୍ନ : ଯଦି ଖୁବ୍ କମ୍ ବୟସରୁ ଏହା ପିଲାମାନଙ୍କୁ ଶିକ୍ଷା ଦିଆଯାଏ ?*

ଶ୍ରୀମା : ଏହା ସମ୍ଭବପର ଯେ ଅଧିକ ସୁବିଧାଜନକ ଭାବରେ ଏହା ହୁଏତ ବହି ପଢ଼ିବାର ସ୍ଥାନ ନେଇପାରେ !

ପୃଥିବୀରେ ଯାହାକିଛି ଘଟିଯାଇଛି – ପୃଥିବୀ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ, ମନର ସମସ୍ତ ଗତିବୃତ୍ତିଗୁଡ଼ିକ ଠିକ୍ ସେହିପରି ଭାବରେ ଲିପିବଦ୍ଧ ହୋଇରହିଛି । ସୁତରାଂ ତୁମେ ଯେତେବେଳେ କୌଣସି ବିଷୟରେ କିଛି ସଠିକ୍ ବିବରଣୀ ଜାଣିବାକୁ ଚାହିଁବ, ତୁମକୁ ସେହି ସ୍ଥାନଟିରେ ପହଞ୍ଚିବାକୁ ହେବ, ତୁମେ ତୁମର ବାଟ ପାଇଯିବ । ଏହା ବେଶ୍ ଆଶ୍ଚର୍ଯ୍ୟକର ଏକ ସ୍ଥାନ; ଯେପରିକି ଛୋଟ ଛୋଟ କୋଠରି ନେଇ ଗଠିତ ଠିକ୍ ପାରା ଭାଡ଼ିର ଥାକ ପରି । ତେଣୁ ତୁମେ ସେହି ଥାକଗୁଡ଼ିକ ଅନୁସରଣ କରି କିଛି ଧରଣର... ଠିକ୍ କିପରି ବୁଝାଇବି ? ସେଇ ଧରଣର ଲାଇବ୍ରେରିମାନ ଅଛି; ସିନେମାରେ ନିୟୁୟର୍କର ଏକ ଲାଇବ୍ରେରିର ଛବି ଦେଖା ହୋଇଥିଲା । ଏହି ଥାକଗୁଡ଼ିକ ଅନେକଟା ସେଇଭଳି ସଜା ହୋଇଥାଏ । ସଜା ହେବାର ବ୍ୟବସ୍ଥା ମଧ୍ୟ ସେଇଭଳି । ସେଇଥିପାଇଁ ସେହି ଲାଇବ୍ରେରିର ଛବି ମୋ ଭିତରେ ଆଗ୍ରହ ସୃଷ୍ଟି କରିଥିଲା । ତେବେ ବହି ବଦଳରେ ପୂର୍ବୋକ୍ତ ସେହି ଥାକରେ ରହିଥାଏ ଛୋଟ ଛୋଟ ଚତୁଷ୍କୋଣ ପରି କିଛି । ସେଗୁଡ଼ିକ ସବୁ ବନ୍ଦ ହୋଇ ରହିଥାଏ । ତୁମେ ତାହାର ଗୋଟାଏ ବୋତାମ ଉପରେ ଆଙ୍ଗୁଠି ଚିପିଦେଲେ ତାହା ଖୋଲିଯିବ ଏବଂ ତା'ଭିତରୁ ଲମ୍ବା କାଗଜ ପରସ୍ତର ଏକ ମୋଡ଼ା ବାହାରି ଆସିବ, ତା'ପରେ ତୁମେ ତାହାକୁ ଖୋଲି ଫିଟାଇ ଦେଲେ ତୁମେ ଜାଣିବାକୁ ଚାହୁଁଥିବା ବିଷୟଟି ସମ୍ପର୍କରେ ଯାହା ଲେଖା ଅଛି ତାହା ପଢ଼ି ପାରିବ । ସେଠାରେ ଏହିପରି ଥାକ ଲକ୍ଷ ଲକ୍ଷ ସଂଖ୍ୟାରେ, ନିୟୁତ ନିୟୁତ ସଂଖ୍ୟାରେ ରହିଛି । ଏବଂ ସୌଭାଗ୍ୟବଶତଃ ମନକ୍ଷେତ୍ରରେ ତୁମେ ତଳକୁ ଯାଇପାର, ଉପରକୁ ଉଠିପାର, ଏକେବାରେ ଉପରକୁ ଉଠିଯାଇପାର, ସେଥିପାଇଁ ତୁମର କୌଣସି ଶିଡ଼ିର ଆବଶ୍ୟକତା ନାହିଁ ।

*ଶିଷ୍ୟ : ଏହା ପଢ଼ାଯାଏ କିପରି ? ଆମେ ଯେପରି ବହିଟିଏ ପଢୁ ?*

ଶ୍ରୀମା : ଏହା ଏକ ପ୍ରକାର ମାନସିକ ପ୍ରତ୍ୟକ୍ଷ । ଏହା ସେହିଭଳି କିଛି । ତୁମେ ଖୁବ୍ ଭଲ ଭାବରେ ସମସ୍ତ ବର୍ଣ୍ଣନା, ସମସ୍ତ ତଥ୍ୟ ବା ଖବର ସେଠାରୁ ପାଇପାରିବ (ତାହା ନିର୍ଭର କରେ ବିଷୟବସ୍ତୁଟି କ'ଣ, ତା'ଉପରେ) କେତେକ ସମୟରେ ଏଗୁଡ଼ିକ ଚିତ୍ର ଆକାରରେ ରହିଥାଏ, ଯେପରିକି ଏକ ଚିତ୍ର ରଖାଯାଇଛି । କେତେକ ସମୟରେ ଏହା ଗଳ୍ପ ଆକାରରେ ରହିଥାଏ, ଆଉ କେତେକ ସମୟରେ ଏହା କୌଣସି ପ୍ରଶ୍ନର ଉତ୍ତର ଆକାରରେ ରହିଥାଏ । କଳ୍ପନା କରାଯାଇ ପାରୁଥିବା ସମସ୍ତ ସମ୍ଭାବ୍ୟ ଜିନିଷ ଯାହା ମନରେ ଲିପିବଦ୍ଧ ହୋଇଥାଏ, ତାହା ସେଠାରେ ଥାଏ । ତୁମେ ସେଠାରେ ଅନେକ କିଛିର ସଂଶୋଧନ ମଧ୍ୟ ଦେଖିପାରିବ (ଠିକ୍ ସେଇଗୁଡ଼ିକର ସଂଶୋଧନ, ବହି ସବୁରେ ଯାହାର ଭୁଲ୍ ତଥ୍ୟ ଦିଆଯାଇଥାଏ) । ଏବଂ ତୁମକୁ କିଛି ଖୋଜି ବାହାର କରିବାକୁ ପଡ଼ିବ ନାହିଁ ବା ଶିଡ଼ିରେ ଚଢ଼ି ଉପରକୁ ଉଠିବାକୁ ପଡ଼ିବ ନାହିଁ । ତୁମକୁ ସହଜ ଭାବରେ କେବଳ ଏକ ଏକାଗ୍ର ମାନସିକ ଚେତନା ପଠାଇବାକୁ ହେବ, ତାହାହିଁ ଆଗକୁ ଯାଇ ସେହି ଜିନିଷଟିକୁ ସ୍ପର୍ଶ କରିବ । ତେବେ, ଯଦି ତୁମ ନିଜର ମାନସିକ କ୍ରିୟାକଳାପରୁ ନିଜକୁ ସଂପୂର୍ଣ୍ଣ ଅଲଗା କରି ଅନାସକ୍ତ ନରୁହ ତା'ହେଲେ ଏହି ଭୟ ଅଛି ଯେ ତୁମେ କେବଳ ତୁମ ନିଜ ମନରେ ଯାହା ଅଛି, ତାହାକୁହିଁ ଦେଖିବ । ଜିନିଷଗୁଡ଼ିକୁ ପ୍ରକୃତରେ ସେମାନଙ୍କ ନିଜ ସ୍ୱରୂପରେ ନଦେଖି ସମ୍ଭବତଃ ତୁମ ନିଜର ମସ୍ତିଷ୍କ ଭିତରେ ବିଚରଣ କରି ଚାଲିବ ଓ କେବଳ ସେଇଠାରେ ଯାହା ରହିଥାଏ, ସେହିଗୁଡ଼ିକୁହିଁ ଦେଖିବ – ଏହାହିଁ ବିପଦ । ତୁମକୁ ତୁମ ମସ୍ତିଷ୍କକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ, ସଂପୂର୍ଣ୍ଣ ଅନାସକ୍ତ ରହିବାକୁ ହେବ, ତୁମକୁ

(ଉଦାହରଣ ସ୍ୱରୂପ ତୁମେ ଯେତେବେଳେ କୌଣସି ସମସ୍ୟାର ସମାଧାନ ଖୋଜୁଥାଅ) ସେତେବେଳେ ଆଗରୁ ତୁମ ମସ୍ତିଷ୍କରେ ଏପରି କୌଣସି ସମାଧାନକୁ ସ୍ଥାନ ଦେବ ନାହିଁ, ଯାହାକି ତୁମକୁ ସଠିକ୍, ସର୍ବୋତ୍ତମ ଓ ସବୁଠୁ ଉପାଦେୟ ବୋଲି ମନେ ହେଉଥିବ । ଆଗରୁ ଏପରି କୌଣସି ସମାଧାନର ଚିନ୍ତାକୁ ମନରେ ସ୍ଥାନ ଦେବ ନାହିଁ । ତୁମକୁ ପୂରା ଏକ ଅଲେଖା ସାଦା କାଗଜ ପରି ହେବାକୁ ହେବ, ଯାହା ଉପରେ କିଛି ମଧ୍ୟ ଲେଖାଯାଇ ନାହିଁ । ସତ୍ୟ ଜାଣିବା ପାଇଁ ଏକ ଅତ୍ୟନ୍ତ ଆନ୍ତରିକ ଅଭୀପ୍ସା ରଖି, ଆଗରୁ ସେ ସମ୍ପର୍କରେ ଏହା ଏପରି ହେବ ବା ସେପରି ହେବ ବୋଲି ଚିନ୍ତା ନକରି ବା ଧରି ନନେଇ ତୁମକୁ ଆଗେଇବାକୁ ହେବ । ତା' ନହେଲେ ତୁମେ କେବଳ ନିଜର ମାନସିକ ଗଠନଗୁଡ଼ିକୁହିଁ ଦେଖିବ । ଏଥିପାଇଁ ସର୍ବପ୍ରଥମ ସର୍ତ୍ତଟି ହେଲା ଏହିସବୁ ଜିନିଷକୁ ନିରୀକ୍ଷଣ କଲାବେଳେ ତୁମର ମସ୍ତିଷ୍କ ଯେପରି ସଂପୂର୍ଣ୍ଣ ନିରବତା ରକ୍ଷା କରେ ।

ଏବଂ ଏ ସଂପର୍କରେ ଅଧିକ ନିଶ୍ଚିତ ହେବାକୁ ହେଲେ (ଏ କ୍ଷେତ୍ରରେ ତୁମର ପୂରା ତାଲିମ ଦରକାର, ଏକ ଅତି ଉତ୍ତମ ଶିକ୍ଷା ଦରକାର), କୌଣସି ଭାବରେ ବିକୃତ ବା ଅଙ୍ଗହାନି ନକରି ଗ୍ରହଣ କରୁଥିବା ଜ୍ଞାନକୁ ପରିଷ୍କାର ଭାବରେ ପରିବେଷଣ କରିବାକୁ ହେଲେ ସବୁଠୁ ଭଲ ବାଟ ହେଉଛି ସେଠାରେ ଯାହା ଦେଖିବ ବା ଯାହା ପଢ଼ିବ, (ଆମେ 'ପଢ଼ିବ' ବୋଲି କହୁଛୁ କିନ୍ତୁ ପ୍ରକୃତରେ ତାହା ତୁମେ ପ୍ରତ୍ୟକ୍ଷ କର) ତାହାକୁ ପ୍ରତ୍ୟକ୍ଷ କରିବା ସମୟରେହିଁ ଯାହା ପ୍ରତ୍ୟକ୍ଷ କର ଠିକ୍ ତାହାହିଁ କହିବା ଆବଶ୍ୟକ ଏବଂ ସେତେବେଳେ ଅନ୍ୟ ଜଣେ ତାହାକୁ ଲିପିବଦ୍ଧ କରିବା ଉଚିତ ।... ମୁଁ ପୁଣିଥରେ କହୁଛି ଯେ ତୁମେ ତୁମର ଆରାମ ଚେୟାରରେ ଚୁପ୍‌ଚାପ୍ ବସିଥିବ, ଆଦୌ ହଲଚଲ ନହୋଇ ପୂରା ସ୍ଥିର ଓ ନିରବ ରହିଥିବ ଏବଂ ମସ୍ତିଷ୍କରୁ ଏକ ଦୂତପରି କିଛିକୁ ପଠାଇବ । ସେତେବେଳେ ତୁମ ପାଖରେ ଆଉ ଜଣେ କାହାକୁ ବସାଇଥିବ ଏବଂ ଯେତେବେଳେ ତୁମେ ସେହି ସ୍ଥାନରେ ଯାଇ ପହଞ୍ଚିବ ଏବଂ ଦ୍ୱାର ଖୋଲି ସେହି ପାଣ୍ଡୁଲିପିକୁ (ବା ତାହାକୁ ଯେଉଁ ନାମ ଦିଅ) କାଢ଼ି ବାହାର କରିବ, ସେତେବେଳେ କେବଳ ଆଖିରେ ଦେଖିବା ପରିବର୍ତ୍ତେ, (କାରଣ ଆଖି ଖୋଲା ନଥାଏ) ତୁମେ ଯାହା ଦେଖୁଥାଅ ତାହାକୁ ବର୍ଣ୍ଣନା କରିବା ଆରମ୍ଭ କରିଦେବ । ବଡ଼ ପାଟିରେ କହିବାକୁ ଅଭ୍ୟାସ କରିବ ଏବଂ ସେଠାରେ ଯାହାକିଛି ଦେଖୁଥିବ ଏଠାରେ ତାହା କହିଚାଲୁଥିବ । ସେହି ସବୁ ବଡ଼ ବଡ଼ ହଲ୍ ଭିତର ଦେଇ ତୁମର ଯାତ୍ରା ସଂପର୍କରେ ଏବଂ ତୁମେ କିପରି ସେହି ସ୍ଥାନରେ ପହଞ୍ଚିଲ ଏବଂ ତୁମେ ଜାଣିବାକୁ ଚାହୁଁଥିବା ବିଷୟର ସଂକେତ ସ୍ୱରୂପ ସେଠାରେ କିପରି ଏକ ଛୋଟ ଦାଗ ବା ଚିହ୍ନ ଥିଲା ସେହି ସବୁ ବିଷୟରେ ଏକ ସଂକ୍ଷିପ୍ତ ବର୍ଣ୍ଣନା ଦେବ । ତା'ପରେ ତୁମେ ସେହି ଛୋଟ ଥାକ ପରି କିଛିକୁ ଖୋଲି ତା' ଭିତରେ ମୋଡ଼ା ହୋଇ ରହିଥିବା ଲମ୍ବ ଫର୍ଦ୍ଦକୁ କାଢ଼ି ପଢ଼ିବାକୁ ଆରମ୍ଭ କରିବ ଏବଂ ବଡ଼ ପାଟିରେ ତାହା ପଢ଼ି ଚାଲିବ । ଏବଂ ତୁମ ପାଖରେ ଯେଉଁ ବ୍ୟକ୍ତି ଜଣକ ବସିଥିବ ତୁମେ ପଢୁଥିବା ବିଷୟବସ୍ତୁକୁ ସେ ଲେଖି ଚାଲିଥିବ । ଏହି ଭାବରେ ତୁମେ ସେହି ସ୍ଥାନରୁ ଫେରିବା ବାଟରେ ବିଷୟଗୁଡ଼ିକ ଆଉ ପରିବର୍ତ୍ତନ ହୋଇଯିବାର ବିପଦ ନଥିବ । କାରଣ ତୁମ ସତ୍ତାର ସେହି ଅଂଶଟି ଯାହା ସେତେବେଳେ ସେଠାରେ ଥାଏ ତା' ପାଇଁ ଅନୁଭୂତିଟି ବେଶ୍ ସ୍ପଷ୍ଟ ସୁନିର୍ଦ୍ଦିଷ୍ଟ ହୋଇଥାଏ, କିନ୍ତୁ ତୁମେ ଯେତେବେଳେ ଆମର ଏହି ସ୍ଥୂଳ ଜଗତକୁ ଫେରି ଆସ, ସେହି ଅନୁଭୂତିରୁ ବରାବର କିଛି ଅଂଶ ହଜିଯାଏ, କିନ୍ତୁ ତୁମେ ଯଦି ଅନୁଭୂତିଟି ଘଟୁଥିବା ବେଳେହିଁ ସିଧା ତାହାକୁ କହିଚାଲ ତା'ହେଲେ ତହିଁରୁ କିଛି ବାଦ୍ ପଡ଼ିବ ନାହିଁ । ତେଣୁ ଏହି କାମଟି ଠିକ୍ ଭାବରେ କରିବାକୁ ହେଲେ ଅନେକଗୁଡ଼ିଏ ସର୍ତ୍ତ ପୂରଣ କରିବାକୁ ହେବ । ଲାଇବ୍ରେରିରୁ ବହିଟିଏ ନେଇ ପଢ଼ିଦେବା ପରି ଏହା ଏତେ ସହଜ କାମ ନୁହେଁ । ତାହା ସମସ୍ତେ କରିପାରିବେ । କିନ୍ତୁ ଏହି କାମଟିକୁ ଠିକ୍ ଭାବରେ ସଂପନ୍ନ କରିବା ଟିକିଏ ଅଧିକ କଷ୍ଟସାଧ୍ୟ ।

(M.C.W. Vol. V, Page 277-281)

ବିଶ୍ୱରେ ବିସ୍ମୟସବୁର କୌଣସି ଅନ୍ତ ନାହିଁ ।

ଆମେ ଯେତେ ଅଧିକ ଆମ କ୍ଷୁଦ୍ର ଅହଂର ସୀମାରୁ ମୁକ୍ତି ଲାଭ କରିବୁ, ଏହି ବିପୁଳ ବିସ୍ମୟସବୁ ସେତେ ଅଧିକ ଭାବରେ ଆମ ଆଗରେ ନିଜକୁ ଉଦ୍‌ଘାଟିତ କରିଦେବେ । – ଶ୍ରୀମା

ଶେଷ ପୃଷ୍ଠା :

# ଆତ୍ମାର ସ୍ୱରୂପ

ଯେ ପୃଥିବୀରେ ବାସ କରୁଛନ୍ତି, ଯେ ପୃଥିବୀର ଅଭ୍ୟନ୍ତରରେ ରହିଛନ୍ତି, ପୃଥିବୀ ଯାହାଙ୍କର ବିଷୟ ଜ୍ଞାତ ନୁହନ୍ତି, ପୃଥିବୀ ଯାହାଙ୍କର ଶରୀର, ଯେ ଅଭ୍ୟନ୍ତର ମଧରୁ ପୃଥିବୀକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ ସେହିଁ ଅମୃତ ।

ଯେ ଜଳରେ ବାସ କରୁଛନ୍ତି, ଯେ ଜଳର ଅଭ୍ୟନ୍ତରରେ ରହିଛନ୍ତି ଜଳ ଯାହାଙ୍କ ବିଷୟରେ ଜ୍ଞାତ ନୁହେଁ, ଜଳ ଯାହାଙ୍କର ଶରୀର, ଯେ ଜଳର ଅଭ୍ୟନ୍ତରରୁ ଜଳକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଅଗ୍ନିରେ ବାସ କରୁଛନ୍ତି, ଯେ ଅଗ୍ନିର ଅଭ୍ୟନ୍ତରରେ ରହିଛନ୍ତି, ଅଗ୍ନି ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଅଗ୍ନି ଯାହାଙ୍କର ଶରୀର, ଯେ ଅଗ୍ନିର ଅଭ୍ୟନ୍ତରରେ ରହି ଅଗ୍ନିକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅମୃତ ।

ଯେ ଅନ୍ତରୀକ୍ଷରେ ବାସ କରୁଛନ୍ତି, ଯେ ଅନ୍ତରୀକ୍ଷର ଅଭ୍ୟନ୍ତରରେ ରହି ଅନ୍ତରୀକ୍ଷକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ବାୟୁରେ ବାସ କରନ୍ତି, ଯେ ବାୟୁର ଅଭ୍ୟନ୍ତରରେ ରହିଛନ୍ତି, ବାୟୁ ଯାହାଙ୍କ ବିଷୟ ଜ୍ଞାତ ନୁହନ୍ତି, ବାୟୁ ଯାହାଙ୍କ ଶରୀର, ଯେ ବାୟୁର ଅଭ୍ୟନ୍ତରରେ ରହି ବାୟୁକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ ସେହିଁ ଅମୃତ ।

ଯେ ସ୍ୱର୍ଗରେ ବାସ କରନ୍ତି, ଯେ ସ୍ୱର୍ଗର ଅଭ୍ୟନ୍ତରରେ ରହିଛନ୍ତି, ସ୍ୱର୍ଗ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଯେ ସ୍ୱର୍ଗର ଅଭ୍ୟନ୍ତରରୁ ସ୍ୱର୍ଗକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଆଦିତ୍ୟରେ ବାସ କରୁଛନ୍ତି, ଯେ ଆଦିତ୍ୟଙ୍କ ଅଭ୍ୟନ୍ତରରେ ରହିଛନ୍ତି, ଆଦିତ୍ୟ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଆଦିତ୍ୟ ଯାହାଙ୍କର ଶରୀର, ଯେ ଆଦିତ୍ୟଙ୍କ ଅଭ୍ୟନ୍ତରରେ ରହି ଆଦିତ୍ୟଙ୍କୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଦିଗ ସମୂହରେ ବାସ କରୁଛନ୍ତି, ଯେ ଦିଗ ସମୂହର ଅଭ୍ୟନ୍ତରରେ ରହିଛନ୍ତି, ଦିଗ ସମୂହ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଦିଗ ସମୂହ ଯାହାଙ୍କର ଶରୀର, ଯେ ଦିଗ ସମୂହର ଅଭ୍ୟନ୍ତରରେ ରହି ଦିଗ ସମୂହକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଚନ୍ଦ୍ରରେ ଓ ନକ୍ଷତ୍ର ସମୂହରେ ବାସ କରୁଛନ୍ତି, ଚନ୍ଦ୍ର ଓ ନକ୍ଷତ୍ର ସମୂହ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଚନ୍ଦ୍ର ଓ ନକ୍ଷତ୍ର ସମୂହ ଯାହାଙ୍କ ଶରୀର, ଯେ ଚନ୍ଦ୍ର ଓ ନକ୍ଷତ୍ରର ଅଭ୍ୟନ୍ତରରେ ରହି ଚନ୍ଦ୍ର ଓ ନକ୍ଷତ୍ର ସମୂହଙ୍କୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଆକାଶରେ ବାସ କରୁଛନ୍ତି, ଯେ ଆକାଶର ଅଭ୍ୟନ୍ତରରେ ରହିଛନ୍ତି, ଆକାଶ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଆକାଶ ଯାହାଙ୍କର ଶରୀର, ଆକାଶର ଅଭ୍ୟନ୍ତରରେ ରହି ଯେ ଆକାଶକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଅନ୍ଧକାରରେ ବାସ କରୁଛନ୍ତି, ଯେ ଅନ୍ଧକାରର ଅଭ୍ୟନ୍ତରରେ ରହିଛନ୍ତି, ଅନ୍ଧକାର ଯାହାଙ୍କ ବିଷୟରେ ଜ୍ଞାତ ନୁହେଁ, ଅନ୍ଧକାର ଯାହାଙ୍କ ଶରୀର, ଯେ ଅନ୍ଧକାର ଭିତରେ ରହି ଅନ୍ଧକାରକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ତେଜରେ ବାସ କରୁଛନ୍ତି, ଯେ ତେଜର ଅଭ୍ୟନ୍ତରରେ ରହିଛନ୍ତି, ତେଜ ଯାହାଙ୍କ ବିଷୟରେ ଜ୍ଞାତ ନୁହେଁ, ତେଜ ଯାହାଙ୍କର ଶରୀର, ଯେ ତେଜର ଅଭ୍ୟନ୍ତରରୁ ତେଜକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଏହିସବୁ ଦ୍ୱାରା ବ୍ରହ୍ମର ଆଧିଭୌତିକ ସମ୍ବନ୍ଧ ଅର୍ଥାତ୍ ଦେବତାମାନଙ୍କ ସଙ୍ଗେ ତାଙ୍କର ଯାହା ସମ୍ବନ୍ଧ ତାହା କୁହାଗଲା । ବର୍ତ୍ତମାନ ବ୍ରହ୍ମଠାରୁ ସ୍ତମ୍ଭ ପର୍ଯ୍ୟନ୍ତ ଭୂତ ସମୂହ ସଙ୍ଗେ ତାଙ୍କର ଯାହା ସମ୍ପର୍କ ଅର୍ଥାତ୍ ଭୌତିକ ସମ୍ପର୍କ କଥା କହିବି ।

ଯେ ଭୂତ ସମୂହରେ ବାସ କରୁଛନ୍ତି, ଯେ ଭୂତ ସମୂହର ଅଭ୍ୟନ୍ତରରେ ରହିଛନ୍ତି, ଭୂତ ସମୂହ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ଭୂତ ସମୂହ ଯାହାଙ୍କର ଶରୀର, ଯେ ଭୂତ ସମୂହର ଅଭ୍ୟନ୍ତରରେ ରହି ଭୂତ ସମୂହକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ପ୍ରାଣରେ ବା ଜୀବାତ୍ମାରେ ବାସ କରୁଛନ୍ତି, ଯେ ପ୍ରାଣର ଅଭ୍ୟନ୍ତରରେ ରହିଛନ୍ତି, ପ୍ରାଣ ଯାହାଙ୍କ ବିଷୟରେ ଜ୍ଞାତ ନୁହନ୍ତି, ପ୍ରାଣ ଯାହାଙ୍କର ଶରୀର, ଯେ ପ୍ରାଣର ଅଭ୍ୟନ୍ତରରେ ରହି ପ୍ରାଣକୁ ନିୟମିତ କରୁଛନ୍ତି – ସେହିଁ ଆତ୍ମା, ସେହିଁ ଅନ୍ତର୍ଯାମୀ ସେହିଁ ଅମୃତ ।

ଯେ ବାକ୍ୟରେ ବାସ କରୁଛନ୍ତି, ଯେ ବାକ୍ୟର ଅଭ୍ୟନ୍ତରରେ ରହିଛନ୍ତି, ବାକ୍ୟ ଯାହାଙ୍କର ବିଷୟ ଜ୍ଞାତ ନୁହେଁ, ବାକ୍ୟ ଯାହାଙ୍କର ଶରୀର, ଯେ ବାକ୍ୟର ଅଭ୍ୟନ୍ତରରେ ରହି ବାକ୍ୟକୁ ନିୟମିତ କରୁଛନ୍ତି – ସେହିଁ ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଚକ୍ଷୁରେ ବାସ କରୁଛନ୍ତି, ଯେ ଚକ୍ଷୁର ଅଭ୍ୟନ୍ତରରେ ରହିଛନ୍ତି, ଚକ୍ଷୁ ଯାହାଙ୍କ ବିଷୟରେ ଜ୍ଞାତ ନୁହେଁ, ଚକ୍ଷୁ ଯାହାଙ୍କର ଶରୀର, ଯେ ଚକ୍ଷୁର ଅଭ୍ୟନ୍ତରରେ ରହି ଚକ୍ଷୁକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ କର୍ଣ୍ଣରେ ବାସ କରୁଛନ୍ତି, ଯେ କର୍ଣ୍ଣର ଅଭ୍ୟନ୍ତରରେ ରହିଛନ୍ତି, ଯେ କର୍ଣ୍ଣର ଅଭ୍ୟନ୍ତରରେ ରହି କର୍ଣ୍ଣକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ତୁମ ମନ ମଧ୍ୟରେ ବାସ କରୁଛନ୍ତି, ଯେ ମନର ଅଭ୍ୟନ୍ତରରେ ରହିଛନ୍ତି, ମନ ଯାହାଙ୍କ ବିଷୟରେ ଜ୍ଞାତ ନୁହେଁ, ମନ ଯାହାଙ୍କ ଶରୀର, ଯେ ମନ ମଧ୍ୟରେ ରହି ମନକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ତ୍ୱକ୍‌ରେ ବାସ କରୁଛନ୍ତି, ଯେ ତ୍ୱକ୍‌ର ଅଭ୍ୟନ୍ତରରେ ରହି ତ୍ୱକ୍‌କୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ଜ୍ଞାନରେ ବାସ କରୁଛନ୍ତି, ଯେ ଜ୍ଞାନର ଅଭ୍ୟନ୍ତରରେ ରହି ଜ୍ଞାନକୁ ନିୟମିତ କରୁଛନ୍ତି, ସେହିଁ ତୁମର ଆତ୍ମା – ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ଯେ ରେତରେ ଅର୍ଥାତ୍ ସ୍ତ୍ରୀ ଓ ପୁରୁଷର ରଜ ବୀର୍ଯ୍ୟରେ ବାସ କରୁଛନ୍ତି, ଯେ ରେତର ଅଭ୍ୟନ୍ତରରେ ରହି, ରେତକୁ ନିୟମିତ କରୁଛନ୍ତି – ସେହିଁ ତୁମର ଆତ୍ମା, ସେହିଁ ଅନ୍ତର୍ଯାମୀ, ସେହିଁ ଅମୃତ ।

ମୋର କଥା ଶୁଣି ସାହେବ ମୋ ଆଡ଼କୁ ଡବଡ଼ବ ଆଖିରେ ଏକ ଲୟରେ ଚାହିଁ ରହିଲେ, ତା'ପରେ କହିଲେ ଆପଣଙ୍କ ବକ୍ତବ୍ୟର ସାରକଥା ଏହି ଯେ ଏକମାତ୍ର ଆତ୍ମାହିଁ ଅନ୍ୟର ଦୃଷ୍ଟି ଅଗ୍ରାହ୍ୟ କରି ଦର୍ଶନ କରନ୍ତି, ଶ୍ରୁତିକୁ ଅଗ୍ରାହ୍ୟ କରି ଶ୍ରବଣ କରନ୍ତି, ମନକୁ ଅଗ୍ରାହ୍ୟ କରି ମନନ କରନ୍ତି, ଜ୍ଞାନକୁ ଅଗ୍ରାହ୍ୟ କରି ମଧ୍ୟ ଜାଣନ୍ତି । ତା'ହେଲେ ଆପଣଙ୍କ ମତ କ'ଣ ମନୁଷ୍ୟର ଦୃଷ୍ଟିରେ ଓ ମନର ପରିସର (range)ରେ ଯାହାକିଛିର ଛାୟା ପଡ଼େ, ସେ ସମସ୍ତ ଆତ୍ମାମୟ ? ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ବସ୍ତୁହିଁ ଆତ୍ମା ଦ୍ୱାରା ନିୟମିତ; ଜୀବାତ୍ମା ମାତ୍ରେହିଁ ତା'ର ଶରୀର ମାତ୍ର ? ଏବଂ ସେ ଜୀବାତ୍ମା ମାତ୍ରରହିଁ ନିୟନ୍ତା ? ତା'ର ଅପରିବର୍ତ୍ତନୀୟ ନିୟମରେ ସମଗ୍ର ବିଶ୍ୱ ପରିଚାଳିତ ହେଉଛି ? ସେ କେବଳ ସାକ୍ଷୀ ଓ ଦ୍ରଷ୍ଟାସ୍ୱରୂପ ହୋଇ ରହିଛନ୍ତି ?

ମୁଁ ସାହେବଙ୍କୁ ହାତଯୋଡ଼ କରି କହିଲି, ଯାଜ୍ଞବଲ୍କ୍ୟ କଥିତ ଏହି ସମସ୍ତ ଶ୍ରୁତିବାକ୍ୟ ଶୁଣି ଉଦ୍ଦାଳକ ଆରୁଣି ତାଙ୍କୁ ଆଉ କୌଣସି ପ୍ରଶ୍ନ ପଚାରି ନଥିଲେ । ବିନା ପ୍ରଶ୍ନରେ କ୍ଷାନ୍ତ ରହିଲେ । ଆପଣ ମଧ୍ୟ ଦୟା କରି କ୍ଷାନ୍ତ ହୁଅନ୍ତୁ । ରାତ୍ରି ଗୋଟାଏ ବାଜିଲାଣି ।

(''ତପୋଭୂମି ନର୍ମଦା''ରୁ ଗୃହୀତ ପୃଷ୍ଠା-୮୦-୮୪) ✤

ସବୁ ସମୟରେ ଭିତରର ଅଭୀପ୍ସା ଉପରେ ଜୋର୍ ଦିଅ; ତାହାହିଁ ହୃଦୟରେ ଗଭୀରତା ଓ ଦୃଢ଼ତା ଲାଭ କରୁ; ହୃଦୟର ପ୍ରେମ ଓ ଅଭୀପ୍ସାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମନ ଓ ପ୍ରାଣର ବାହ୍ୟ ବାଧାବିଘ୍ନସବୁ ଆପେ ଆପେ ଅପସରି ଯିବ ।

– ଶ୍ରୀଅରବିନ୍ଦ